# ଦ୍ୱିତୀୟ ଅଧ୍ୟାୟ

# ଅନୁପାଳନ ସମୀକ୍ଷା

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## 2.1 ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ ଦ୍ୱାରା ଔଷଧ ଏବଂ ଚିକିତ୍ସାରେ ବ୍ୟବହୃତ ସାମଗ୍ରୀ ଏବଂ ସରଞ୍ଜାମ ଗୁଡ଼ିକର ସଂଗ୍ରହଣ ଏବଂ ବଣ୍ଟନ

### 2.1.1 ଉପକ୍ରମ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କର ଏକ ସାଧୀନ ସଂଗ୍ରହଣ ସଂସ୍ଥା ଭାବରେ, କମ୍ପାନୀ ଅଧିନିୟମ 1956 ଅନୁଯାୟୀ, ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ (ଓଏସ୍ଏମ୍ସିଏଲ୍) ନଭେମ୍ବର 2013 ମସିହାରେ ସ୍ଥାପିତ ହୋଇଥିଲା । ସଠିକ୍, ସ୍ୱଚ୍ଛ ଏବଂ ପ୍ରତିଯୋଗିତାମୂଳକ ନିଲାମ ପ୍ରକ୍ରିୟା ଦ୍ୱାରା ଗୁଣାତ୍ମକ ଔଷଧ, ଶଲ୍ୟ ଚିକିତ୍ସାଗତ ସାମଗ୍ରୀ, ସରଞ୍ଜାମ, ସାଧନ, ଆସବାବପତ୍ର ଇତ୍ୟାଦିର ସମୟୋଚିତ ସଂଗ୍ରହଣ, ଓଏସ୍ଏମ୍ସିଏଲ୍ର ମୁଖ୍ୟ କାର୍ଯ୍ୟ ଅଟେ ।

ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କୁ ମାଗଣାରେ ସମସ୍ତ ଆବଶ୍ୟକୀୟ/ ଜରୁରୀ ଔଷଧ[1] ଗୁଡ଼ିକୁ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କର ଏକ ଅଗ୍ରଣୀ ଯୋଜନା 'ମାଗଣା ଔଷଧ ବିତରଣ (ନିରାମୟ) ଯୋଜନା' ନିମନ୍ତେ ଓଏସ୍ଏମ୍ସିଏଲ୍ ମୁଖ୍ୟ କାର୍ଯ୍ୟକାରୀ ଅନୁଷ୍ଠାନ (ଅପ୍ରେଲ 2015) ଅଟେ । ଯୋଜନାର ସଫଳ ରୂପାୟନ ପାଇଁ ଓଏସ୍ଏମ୍ସିଏଲ୍ କାର୍ଯ୍ୟ ଯଥା (i) ଗୁଣାତ୍ମକ ଔଷଧ ସରଞ୍ଜାମ, ଯନ୍ତ୍ରାଦି ଏବଂ ଆସବାବ ପତ୍ର (ଇଆଇଏଫ୍)ର ସମୟୋଚିତ ଗୁଣାତ୍ମକ ଆହରଣ, (ii) କେନ୍ଦ୍ରୀୟ ଅନ୍ଲାଇନ୍ ଦ୍ରବ୍ୟତାଲିକା ପରିଚାଳନା ପଦ୍ଧତି ମାଧ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ଆବଶ୍ୟକୀୟ ସାମଗ୍ରୀ ଗୁଡ଼ିକୁ ସୁଚାରୁ ରୂପରେ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରୀୟ ଔଷଧ ପଣ୍ୟାଗାର ଗୁଡ଼ିକର ସୁପରିଚାଳନା କରିବା; (iii) ରୋଗର ଲକ୍ଷଣ ଏବଂ ପ୍ରେସକ୍ରିପସନ୍ ପ୍ରଥାକୁ ଅନୁସରଣ କରି ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ଔଷଧ ବିତରଣ କାଉଣ୍ଟର (ଡିଡିସି) ମାନଙ୍କର ପର୍ଯ୍ୟବେକ୍ଷଣ ତଥା (iv) ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଚିକିତ୍ସା ଉପକରଣର ସଂଗ୍ରହଣ ଓ ରକ୍ଷଣାବେକ୍ଷଣ ପାଇଁ ଉତ୍ତରଦାୟୀ ଥିଲେ ।

ଅତ୍ୟାବଶ୍ୟକ ଔଷଧ ତାଲିକା (ଇଡିଏଲ୍) ଅନ୍ତର୍ଗତ ଔଷଧ ଓ ଚିକିତ୍ସାରେ ବ୍ୟବହୃତ ସାମଗ୍ରୀ ଗୁଡିକର ଯୋଗାଣ ପାଇଁ ଓଏସ୍ଏମ୍ସିଏଲ୍କୁ ଡ୍ରଗ ଥେରାପଟିକ୍ କମିଟି ମାନଙ୍କ (ଡିଟିସି)[2] ଜରିଆରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ଦ୍ୱାରା ଉପସ୍ଥାପନ କରିବା, ଆହରଣ ଓ ଯୋଗାଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ ଅଟେ । ଓଏସ୍ଏମ୍ସିଏଲ୍ ଓ ରାଜ୍ୟ ଔଷଧ ପରିଚାଳନା ୟୁନିଟ୍ (ଏସଡିଏମ୍ୟୁ) ଇନ୍ଡେଣ୍ଟ ଗୁଡିକୁ ସଂକଳିତ/ ବିଶ୍ଳେଷଣ କରନ୍ତି ଏବଂ ବାର୍ଷିକ ସଂଗ୍ରହଣ ଯୋଜନାର ଚିଠା ପ୍ରସ୍ତୁତ କରିଥାନ୍ତି । ଏଏପିକୁ ରାଜ୍ୟ ଔଷଧ ପରିଚାଳନା କମିଟି (ଏସଡିଏମ୍ସି) ଙ୍କ ପାଖରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥାଏ । ଏଏପି ଗୁଡ଼ିକ ଅନୁମୋଦିତ ହେବାପରେ, ଓଏସ୍ଏମ୍ସିଏଲ୍ ଅନୁମୋଦିତ ପରିମାଣର ଔଷଧ ଏବଂ ଚିକିତ୍ସାରେ ବ୍ୟବହୃତ ସାମଗ୍ରୀ ଗୁଡ଼ିକୁ ଚୁକ୍ତିଦର[3]

---

[1] ପ୍ରମାଣିତ ହୋଇଥିବା ଆରୋଗ୍ୟକାରୀ ଏବଂ ସୁରକ୍ଷିତ ହେବା ସହିତ ସର୍ବଦା ପର୍ଯ୍ୟାପ୍ତ ପରିମାଣର ଉପଲବ୍ଧ ବହୁସଂଖ୍ୟକ ଲୋକଙ୍କ ଆବଶ୍ୟକତା ମେଣ୍ଟାଉଥିବା ଔଷଧକୁ ଆବଶ୍ୟକୀୟ ଔଷଧ କୁହାଯାଏ

[2] ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଔଷଧ ଏବଂ ଚିକିତ୍ସାଳୟରେ ବ୍ୟବହୃତ ସାମଗ୍ରୀର ସଠିକ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ପ୍ରତି ଜିଲ୍ଲା, ବ୍ଲକ, ଭେଷଜ ମହାବିଦ୍ୟାଳୟ ଏବଂ ଅନ୍ୟାନ୍ୟ ବୃହତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଂସ୍ଥାପିତ କମିଟି ଗୁଡ଼ିକ

[3] ଏକ ବର୍ଷ ପର୍ଯ୍ୟନ୍ତ ବୈଧତା ଥିବା ଔଷଧ ଏବଂ ଚିକିତ୍ସାରେ ବ୍ୟବହୃତ ସାମଗ୍ରୀ ଗୁଡ଼ିକର ସଂଗ୍ରହଣ ନିଲାମ ଇସ୍ତାହାରର ବିଶ୍ଳେଷଣ କରିବା ପରେ ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ମୂଲ୍ୟକୁ ଚୁକ୍ତି ଦର କୁହାଯାଏ

ଅନୁସାରେ ପର୍ଯ୍ୟାୟକ୍ରମେ ସଂଗ୍ରହଣ କରିଥାଏ । ଇଆଇଏଫ୍ କ୍ଷେତ୍ରରେ ଓଏସ୍ଏମ୍ସିଏଲ୍ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କ ଇନଡେଣ୍ଟ/ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ସିଧାସଳଖ ସଂଗ୍ରହଣ ଓ ଯୋଗାଣ କରିଥାଏ । ସଂଗ୍ରହଣ, ବଣ୍ଟନ ଏବଂ ଔଷଧ ଓ ଚିକିତ୍ସାରେ ବ୍ୟବହୃତ ସାମଗ୍ରୀମାନଙ୍କ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ଯୋଗାଣ ପରିଚାଳନା ପଦ୍ଧତିକୁ ସ୍ୱୟଂଚାଳିତ କରିବା ପାଇଁ 1 ଅପ୍ରେଲ 2017 ଠାରୁ 1.42 କୋଟି ଟଙ୍କା ବ୍ୟୟରେ ରାଜ୍ୟ ଓଏସ୍ଏମ୍ସିଏଲ୍  ଇ-ନିରାମୟ ନାମକ ଏକ ସଫ୍ଟୱେୟାର ଆପ୍ଲିକେସନ୍ ତିଆରି/ କାର୍ଯ୍ୟକାରୀ କରିଥିଲେ । ଇ-ନିରାମୟ ଆପ୍ଲିକେସନ୍‌ର କାର୍ଯ୍ୟାନ୍ୱୟନ ପୂର୍ବରୁ, ଓଏସ୍ଏମ୍ସିଏଲ୍ ଅନଲାଇନ୍ ଯୋଗାଣ ପଦ୍ଧତିର ସୁପରିଚାଳନା ପାଇଁ ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡଭାନସ୍ କମ୍ପ୍ୟୁଟିଂ (ସିଡିଏସି)[4] ଦ୍ୱାରା ବିକଶିତ ଇ-ଔଷଧ ନାମକ ଅନ୍ୟ ଏକ ସଫ୍ଟୱେୟାର ଆପ୍ଲିକେସନ ବ୍ୟବହାର କରୁଥିଲେ । ନିଗମର ଆବଶ୍ୟକତାକୁ ପୂରଣ କରି ପାରୁନଥିବା ହେତୁ ଓଏସ୍ଏମ୍ସିଏଲ୍ ଏହି ବ୍ୟବସ୍ଥାକୁ 1 ଅପ୍ରେଲ 2017 ଠାରୁ ବନ୍ଦ କରି ଦେଇଥିଲେ । ଉପରୋକ୍ତ ଦାୟିତ୍ୱ ଗୁଡ଼ିକୁ ସୁଚାରୁ ରୂପରେ ନିର୍ବାହ କରିବା ପାଇଁ ଓଏସ୍ଏମ୍ସିଏଲ୍‌କୁ ଓଡ଼ିଶା ସାଧାରଣ ବିତ୍ତୀୟ ନିୟମ (ଓଜିଏଫ୍ଆର)ର ବ୍ୟବସ୍ଥା ଗୁଡ଼ିକ ସହିତ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ସମୟକ୍ରମେ ଜାରି କରାଯାଉଥିବା ମାର୍ଗଦର୍ଶିକା ଏବଂ ପ୍ରଣାଳୀକୁ ଅନୁସରଣ କରିବାର ଥିଲା ।

ଔଷଧ ଓ ଇଆଇଏଫ୍ ଗୁଡ଼ିକରୁ ସଂଗ୍ରହଣ ଓ ବଣ୍ଟନରେ ମିତବ୍ୟୟିତା ଓ ଦକ୍ଷତାକୁ ପରୀକ୍ଷା କରିବା ସହିତ ଗୁଣବତ୍ତା ନିୟନ୍ତ୍ରଣର ପର୍ଯ୍ୟାପ୍ତତା ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ 2016-19 ଅବଧିର ଅଡିଟ୍ କରାଯାଇଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଏଚ୍ ଆଣ୍ଡ ଏଫ୍‌ଡବ୍ଲୁ), ଓଏସ୍ଏମ୍ସିଏଲ୍, 30 ଟି ଜିଲ୍ଲା ମଧ୍ୟରୁ ସାତଟିର ଚିକିତ୍ସାଳୟ[5] ଏବଂ ରାଜ୍ୟର ତିନୋଟି ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ମଧ୍ୟରୁ ଗୋଟିଏ (ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ)ର ସମ୍ପର୍କିତ ନଥି ଗୁଡିକର ସମୀକ୍ଷା ଯାଞ୍ଚ ନମୁନା ଅନ୍ତର୍ଭୁକ୍ତ ହୋଇଥିଲା । ତିନୋଟି ରିସ୍କ ପାରାମିଟର ଯଥା, ଖର୍ଚ୍ଚ, ବାର୍ଷିକ ଇଣ୍ଡେଣ୍ଟ ପରିମାଣ ଓ ବହିର୍ବିଭାଗ (ଓପିଡି) ଓ ଅନ୍ତର୍ବିଭାଗରେ (ଆଇପିଡି) ପଞ୍ଜିକୃତ ରୋଗୀଙ୍କ ସଂଖ୍ୟାକୁ ବିଚାରକୁ ନେଇ ଷ୍ଟ୍ରାଟିଫାଏଡ ର୍‍ୟାଣ୍ଡମ୍ ସାମ୍ପଲିଙ୍ଗ୍ (ସଂସ୍ଥାପନ ବିନା) ପ୍ରଣାଳୀ ମାଧ୍ୟମରେ ଜିଲ୍ଲା ଗୁଡିକ ଚୟନ କରାଯାଇଥିଲା । ଏତଦ୍‌ବ୍ୟତୀତ, ମିଳିତ ବସ୍ତୁଗତ ନିରୀକ୍ଷଣ/ ଷ୍ଟକ୍ ଓ ରୋଗୀ ସର୍ବେକ୍ଷଣ କରାଯାଇଥିଲା । ଆବଶ୍ୟକ ସ୍ଥଳେ, ଫଟୋଗ୍ରାଫ ମଧ୍ୟ ନିଆଯାଇଥିଲା ।

ସମୀକ୍ଷା ଫଳାଫଳ ଗୁଡିକ ଉପଯୁକ୍ତ ଭାବରେ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଆଲୋଚିତ ହୋଇଛି ।

## ଅଡିଟ୍ ସିଦ୍ଧାନ୍ତ

### 2.1.2 ବାର୍ଷିକ ସଂଗ୍ରହଣ ଯୋଜନା ଚୂଡ଼ାନ୍ତ କରିବାରେ ବିଳମ୍ବ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜାରୀ କରାଯାଇଥିବା ମାର୍ଗଦର୍ଶିକା[6] (ମଇ 2015) ଅନୁଯାୟୀ ଓଏସ୍ଏମ୍ସିଏଲ୍ ଔଷଧ ଏବଂ ଚିକିତ୍ସା ସାମଗ୍ରୀ ଗୁଡ଼ିକର ବାର୍ଷିକ ସଂଗ୍ରହଣ ଯୋଜନା ପ୍ରସ୍ତୁତ କରି ସେମାନଙ୍କ ସମ୍ବନ୍ଧୀୟ ଡିଟିସି ମାଧ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କ ଠାରୁ ପ୍ରାପ୍ତ ସମସ୍ତ ବାର୍ଷିକ ଆବଶ୍ୟକତା ତାଲିକା ଗୁଡ଼ିକର ସଂକଳନ ଓ ବିଶ୍ଳେଷଣ କରିବା ଉଚିତ୍ । 15 ଡିସେମ୍ବର ସୁଦ୍ଧା ଓଏସ୍ଏମ୍ସିଏଲ୍ ଆଗାମୀ ବର୍ଷ ପାଇଁ ଥିବା ଚିଠା

---

4 ଭାରତ ସରକାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରାଳୟ ଅନ୍ତର୍ଗତ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଏକ ବୈଜ୍ଞାନିକ ସମିତି

5 ବୌଦ୍ଧ, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, ପୁରୀ, ରାୟଗଡ଼ା ଏବଂ ସୁନ୍ଦରଗଡ଼) (ଉଭୟ ଜିଲ୍ଲା ମୁଖ୍ୟାଳୟର ହସପିଟାଲ ଏବଂ ଡ୍ରଗ ପଣ୍ୟାଗାର ପାଇଁ) ଜିଲ୍ଲା ଗୁଡ଼ିକୁ ନମୁନା ଜିଲ୍ଲା ଭାବରେ ନିଆଯାଇଥିଲା । ରାଜ୍ୟର ସମସ୍ତ ଅଞ୍ଚଳ ଗୁଡ଼ିକୁ ସମାନୁପାତରେ ପ୍ରତିନିଧିତ୍ୱ କରିବା ପାଇଁ କୋରାପୁଟ ପ୍ରତି ବଦଳରେ ବଲାଙ୍ଗିର ଜିଲ୍ଲାକୁ ନେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ଅନୁରୋଧ କରିଥିଲେ । ତାଙ୍କ ଅନୁରୋଧ କ୍ରମେ, କୋରାପୁଟ ପ୍ରତିବଦଳରେ ବଲାଙ୍ଗିର ଜିଲ୍ଲାକୁ ଏକ ନମୁନା ଜିଲ୍ଲା ଭାବରେ ଗ୍ରହଣ କରାଯାଇଅଛି

6 ଔଷଧ ଚିକିତ୍ସା ସାମଗ୍ରୀର ସଂଗ୍ରହଣ ଯୋଜନା ଓ ପରିଚାଳନା ପାଇଁ ମାର୍ଗଦର୍ଶିକା

ବାର୍ଷିକ ସଂଗ୍ରହଣ ଯୋଜନାକୁ ରାଜ୍ୟ ଡ୍ରଗ ପରିଚାଳନା କମିଟି (ଏସଡିଏମସି)[7] ଙ୍କ ପାଖରେ ଉପସ୍ଥାପନ କରିବେ । ଜୁନ୍ 2017 ରେ ମାର୍ଗଦର୍ଶିକାର ପରିବର୍ତ୍ତନ କରାଯାଇଥିଲା ଏବଂ ସେହି ଅନୁସାରେ ଓଏସ୍‌ଏମ୍‌ସିଏଲ୍‌କୁ ସଂକଳିତ ବାର୍ଷିକ ଆବଶ୍ୟକତା ତାଲିମ ଏସଡିଏମ୍‌ୟୁଙ୍କ ସମ୍ମୁଖରେ 30 ନଭେମ୍ବର ସୁଦ୍ଧା ଉପସ୍ଥାପନ କରିବାର ଥିଲା । ଏସ୍‌ଡିଏମ୍‌ୟୁ ବାର୍ଷିକ ସଂଗ୍ରହଣ ଯୋଜନାକୁ ବିଶ୍ଳେଷଣ ଓ ପ୍ରସ୍ତୁତ କରି ଏସଡିଏମ୍‌ସିଙ୍କ ପାଖରେ ଅନୁମୋଦନ ପାଇଁ ଉପସ୍ଥାପନ କରିବେ । ସଂଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ 25 ଡିସେମ୍ବର ସୁଦ୍ଧା ଏପିପିକୁ ରାଜ୍ୟ ଚିକିତ୍ସା ନିଗମ ଲିମିଟେଡ୍‌ଙ୍କ ପାଖକୁ ପଠାଯିବ ।

ସମାନ ଭାବରେ, ରାଜ୍ୟ ସ୍ତରୀୟ ସଂରଜାମ ପରିଚାଳନା କମିଟି (ଏସ୍‌ଇଏମ୍‌ସି) ଦ୍ୱାରା ଇଆଇଏଫ୍ ପାଇଁ ବାର୍ଷିକ ସଂଗ୍ରହଣ ଯୋଜନା ଚୂଡ଼ାନ୍ତ କରିସାରି, 10 ଅଗଷ୍ଟ ସୁଦ୍ଧା ସଂଗ୍ରହଣ ପାଇଁ ଓଏସ୍‌ଏମ୍‌ସିଏଲ୍ ନିକଟକୁ ପଠାଇବେ ।

ଏହି ପରିପ୍ରେକ୍ଷୀରେ, ଏପିପି ଅନୁମୋଦନରେ ମାତ୍ରାଧିକ ବିଳମ୍ବ ସମୀକ୍ଷାରେ ଲକ୍ଷ୍ୟ କରାଯାଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି ।

- ***ଔଷଧ ଏବଂ ଚିକିତ୍ସା ସାମଗ୍ରୀ:*** ସଂକଳିତ ବାର୍ଷିକ ଇଣ୍ଡେଣ୍ଟ୍/ ଏପିପି 15 ଡିସେମ୍ବର ମଧ୍ୟରେ ଦାଖଲ କରିବାର ନିର୍ଦ୍ଧାରିତ ସମୟସୀମାକୁ ଉଲ୍ଲଂଘନ କରି, 2016-19 ଅବଧିରେ ଓଏସ୍‌ଏମ୍‌ସିଏଲ୍ / ଏସ୍‌ଡିଏମ୍‌ୟୁ ସେଗୁଡି ମାର୍ଚ୍ଚରୁ ମେ ମାସ ମଧ୍ୟରେ ପାଞ୍ଚ ମାସ[8] ପର୍ଯ୍ୟନ୍ତ ବିଳମ୍ବରେ ଏସ୍‌ଡିଏମ୍‌ସିଙ୍କ ନିକଟରେ ଦାଖଲ କରିଥିଲେ । ନିର୍ଦ୍ଧାରିତ ସମୟ ସୀମା ଅନୁସାରେ, ସଂକଳିତ ବାର୍ଷିକ ଆବଶ୍ୟକତା ସୂଚୀ/ ଚିଠା ବାର୍ଷିକ ସଂଗ୍ରହଣ ଯୋଜନ ପ୍ରତିବର୍ଷ ଡିସେମ୍ବର 15 ସୁଦ୍ଧା ପ୍ରସ୍ତୁତ ହୋଇଯିବା ଆବଶ୍ୟକ ଅଟେ । ରାଜ୍ୟ ଡ୍ରଗ ପରିଚାଳନା କମିଟି ମଧ୍ୟ ନିର୍ଦ୍ଧାରିତ ସମୟ 10 ଦିନ ପରିବର୍ତ୍ତେ ଦୁଇ ମାସରୁ ଅଧିକ ବିଳମ୍ବରେ ବାର୍ଷିକ ସଂଗ୍ରହଣ ଯୋଜନାକୁ ଅନୁମୋଦନ କରିଥିଲା । ତେଣୁ ସାମଗ୍ରିକ ଭାବରେ, ପାଞ୍ଚରୁ ସାତ ମାସ ବିଳମ୍ବରେ ବାର୍ଷିକ ସଂଗ୍ରହଣ ଯୋଜନା ଅନୁମୋଦନ ଲାଭ କରିଥିଲା ।

  ଆହୁରି ମଧ୍ୟ, ଇ-ନିରାମୟ ଆପ୍ଲିକେସନରେ ବ୍ୟବସ୍ଥା ଥିବା ସତ୍ତ୍ୱେ, ଏହା ମାଧ୍ୟମରେ ରାଜ୍ୟ/ ଜିଲ୍ଲାୱାରୀ ସଂକଳିତ ବାର୍ଷିକ ଚାହିଦାର ପୂର୍ବାନୁମାନ/ ପ୍ରସ୍ତୁତି କରାଯାଇ ନଥିଲା । ଏହା ପରିବର୍ତ୍ତେ, କେନ୍ଦ୍ରୀୟ କର୍ମକର୍ତ୍ତାମାନଙ୍କ ଠାରୁ ପ୍ରାପ୍ତ ଆବଶ୍ୟକତା/ ଇଣ୍ଡେଣ୍ଟ୍ ଗୁଡ଼ିକୁ ଏକତ୍ରୀତ କରି ଇ-ନିରାମୟ ବ୍ୟବସ୍ଥା ବାହାରେ ବାର୍ଷିକ ସଂଗ୍ରହଣ ଯୋଜନା ଗୁଡ଼ିକ ସାଧାରଣ ଭାବରେ ପ୍ରସ୍ତୁତ କରାଯାଇଥିଲା । ତେଣୁ, ବାର୍ଷିକ ସଂଗ୍ରହଣ ଯୋଜନାକୁ ଚୂଡ଼ାନ୍ତ କରିବାରେ ବିଳମ୍ବକୁ ପ୍ରତିହତ କରିବା ପାଇଁ ଇ-ନିରାମୟ ଆପ୍ଲିକେସନରେ ସଦୁପଯୋଗ କରାଯାଇ ନଥିଲା ।

- ***ସଂରଜାମ, ଯନ୍ତ୍ରାଂଶ ଏବଂ ଆସବାବ ପତ୍ର (ଇଆଇଏଫ୍):*** ଆଗାମୀ ବର୍ଷ ନିମନ୍ତେ ବାର୍ଷିକ ସଂଗ୍ରହଣ ଯୋଜନାକୁ ଚୂଡ଼ାନ୍ତ/ ଅନୁମୋଦନ କରିବାର ଧାର୍ଯ୍ୟ ସମୟ 10 ଅଗଷ୍ଟ ପରିବର୍ତ୍ତେ, ରାଜ୍ୟ ଡ୍ରଗ ପରିଚାଳନା ୟୁନିଟ୍/ ରାଜ୍ୟ ସରଞ୍ଜାମ ପରିଚାଳନା କମିଟି, 2016-19 ମଧ୍ୟରେ ଛଅ ମାସରୁ 17 ମାସ ବିଳମ୍ବରେ ବାର୍ଷିକ ସଂଗ୍ରହଣ ଯୋଜନା ଗୁଡ଼ିକୁ ଅନୁମୋଦନ କରିଥିଲେ ।

ବାର୍ଷିକ ସଂଗ୍ରହଣ ଯୋଜନା ଗୁଡ଼ିକ ଚୂଡ଼ାନ୍ତ କରିବାରେ ବିଳମ୍ବ ହେତୁ ସମସ୍ତ ସଂଗ୍ରହଣ ପ୍ରକ୍ରିୟା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ ଔଷଧ ଏବଂ ଚିକିତ୍ସାରେ ବ୍ୟବହୃତ ହେଉଥିବା ସାମଗ୍ରୀ ଯୋଗାଣରେ ମଧ୍ୟ ବିଳମ୍ବ ହୋଇଥିଲା ।

---

7 ଗଠନ: ଚେୟାରମ୍ୟାନ: କମିଶନର ତଥା ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ; ଆବାହାକ: ଯୁଗ୍ମ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା, ଏସ୍‌ଡିଏମ୍‌ୟୁ; ସଭ୍ୟମାନେ: ପରିଚାଳନା ନିର୍ଦ୍ଦେଶକ (ଜାତୀୟ ସ୍ୱାସ୍ଥ୍ୟ ମିଶନ); ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସେବା; ନିର୍ଦ୍ଦେଶକ, ଭେଷଜ ଶିକ୍ଷା ଏବଂ ଟ୍ରେନିଂ; ନିର୍ଦ୍ଦେଶକ, ପରିବାର କଲ୍ୟାଣ; ନିର୍ଦ୍ଦେଶକ, ଜନ ସ୍ୱାସ୍ଥ୍ୟ; ବିଭାଗୀୟ ପରାମର୍ଶଦାତା (ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ); ଆବଶ୍ୟକତା ଅନୁସାରେ ବିଶେଷ ଭାବରେ ନିମନ୍ତ୍ରିତ ମାନେ

8 ଚିଠା ବାର୍ଷିକ ସଂଗ୍ରହଣ ଯୋଜନାର ପ୍ରସ୍ତୁତ ତାରିଖ: 2016-17: 21 ମାର୍ଚ୍ଚ 2016; 2017-18: 31 ମାର୍ଚ୍ଚ 2017 ଓ 2018-19: 25 ମେ 2018

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ (ଅଗଷ୍ଟ 2020) କହିଥିଲେ ଯେ ଆବଶ୍ୟକତା ତାଲିକା ପ୍ରସ୍ତୁତ କରିଥିବା ଅଧିକାରୀ ମାନଙ୍କ ଠାରୁ ଅଯୌକ୍ତିକ ଆବଶ୍ୟକତା ତାଲିକା/ ତ୍ରୁଟିପୂର୍ଣ୍ଣ ଢାଞ୍ଚାରେ ପ୍ରସ୍ତୁତ ଆବଶ୍ୟକତା ତାଲିକା ମିଳିବା କାରଣରୁ, ବାର୍ଷିକ ସଂଗ୍ରହଣ ଯୋଜନା ଅନୁମୋଦନରେ ବିଳମ୍ବ ହୋଇଥିଲା । କିନ୍ତୁ ଏହା ସତ୍ୟ ଯେ, ଏହି ବିଳମ୍ବ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ ଅତ୍ୟାବଶ୍ୟକ ଔଷଧ ଏବଂ ସଂରଜାମ ଯୋଗାଣକୁ ପ୍ରଭାବିତ କରିଥିଲା । ଆହୁରି ମଧ୍ୟ, ସଠିକ୍ ଆବଶ୍ୟକତା ତାଲିକା ସୃଷ୍ଟି କରିବା ପାଇଁ, ଇ-ନିରାମୟ ଆପ୍ଲିକେସନକୁ ବ୍ୟବହାର କରାନଯିବା ହେତୁ, ବାର୍ଷିକ ସଂଗ୍ରହଣ ଯୋଜନାର ପ୍ରସ୍ତୁତି ଏବଂ ଅନୁମୋଦନରେ ବିଳମ୍ବ ହୋଇଥିଲା ।

### 2.1.3 ଔଷଧ ଓ ଚିକିତ୍ସା ସାମଗ୍ରୀର ଆବଶ୍ୟକତା ତାଲିକା ଓ ଯୋଗାଣ

ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କ ଠାରୁ ମିଳିଥିବା ମତାମତକୁ ଯଥୋଚିତ୍ ଭାବରେ ପରୀକ୍ଷଣ ଏବଂ ବିଶ୍ଳେଷଣ କରିବା ପରେ ଅନୁମୋଦିତ ବାର୍ଷିକ ସଂଗ୍ରହଣ ଯୋଜନା ଅନୁଯାୟୀ ରାଜ୍ୟ ଔଷଧ ନିଗମ ଲିମିଟେଡ୍ ଔଷଧ ଏବଂ ଚିକିତ୍ସା ସାମଗ୍ରୀ ଗୁଡ଼ିକର ସଂଗ୍ରହଣ କରିଥାଏ । ସଂଗ୍ରହଣ କରିବା ପରେ ଔଷଧ ଓ ଚିକିତ୍ସା ସାମଗ୍ରୀ ଗୁଡ଼ିକୁ ରୋଗୀମାନଙ୍କୁ ବିତରଣ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କୁ ଯୋଗାଇ ଦିଆଯାଇଥାଏ ।

ଇ-ନିରାମୟ ଡାଟାବେସ୍ ଏବଂ ଅଡିଟକୁ ଉପଲବ୍ଧ କରାଯାଇଥିବା ତଥ୍ୟ ଗୁଡ଼ିକର ବିଶ୍ଳେଷଣ ଦ୍ୱାରା ଏହା ଲକ୍ଷ୍ୟ କରାଯାଇଥିଲା ଯେ, 2016-19 ମଧ୍ୟରେ ସଂଗ୍ରହଣ ପାଇଁ 692.97 କୋଟି ୟୁନିଟ୍[9] ପରିମାଣର 524 ରୁ 596 ପ୍ରକାରର ଔଷଧ ଏବଂ ଚିକିତ୍ସା ସାମଗ୍ରୀକୁ ଏସ୍‌ଡିଏମ୍‌ସି ଅନୁମୋଦନ କରିଥିଲେ । ଏହି ଅନୁମୋଦିତ ପରିମାଣ ମଧ୍ୟରୁ, ଓଏସ୍‌ଏମ୍‌ସିଏଲ୍ ସେହି ସମୟ ମଧ୍ୟରେ କେବଳ 336.94 କୋଟି ୟୁନିଟ୍ (49 ପ୍ରତିଶତ) ର ଔଷଧ ଏବଂ ଚିକିତ୍ସା ସାମଗ୍ରୀ ସଂଗ୍ରହଣ କରିପାରିଥିଲା, ଯାହା ବିଷଦ ଭାବରେ ନିମ୍ନ ସାରଣୀରେ ଦର୍ଶାଯାଇଛି ।

**ସାରଣୀ 2.1.1: 2016-19 ମଧ୍ୟରେ ଅନୁମୋଦିତ ଏବଂ ସଂଗୃହିତ ଔଷଧ ଏବଂ ଚିକିତ୍ସା ସାମଗ୍ରୀ**

| ବର୍ଷ | ଅନୁମୋଦିତ ଔଷଧ ଏବଂ ଚିକିତ୍ସା ସାମଗ୍ରୀ | | | ସଂଗୃହୀତ ଔଷଧ ଓ ଚିକିତ୍ସା ସାମଗ୍ରୀ | | | ସଂଗୃହିତ ହୋଇନଥିବା ଔଷଧ ଏବଂ ଚିକିତ୍ସା ସାମଗ୍ରୀ | |
|---|---|---|---|---|---|---|---|---|
| | ସାମଗ୍ରୀ ସଂଖ୍ୟା | ୟୁନିଟ୍ (କୋଟିରେ) | ମୂଲ୍ୟ (କୋଟିରେ) | ସାମଗ୍ରୀ ସଂଖ୍ୟା (ପ୍ରତିଶତ) | ୟୁନିଟ୍ (କୋଟି) (ପ୍ରତିଶତ) | ମୂଲ୍ୟ (କୋଟି ଟଙ୍କାରେ) | ସାମଗ୍ରୀ ସଂଖ୍ୟା (ପ୍ରତିଶତ) | ୟୁନିଟ୍ (କୋଟିରେ) (ପ୍ରତିଶତ) |
| 2016-17 | 524 | 152.14 | 213.17 | 325 (62) | 75.75 (50) | 87.33 | 199 (38) | 76.39 (50) |
| 2017-18 | 576 | 202.50 | 426.32 | 372 (65) | 109.68 (54) | 148.08 | 204 (35) | 92.82 (46) |
| 2018-19 | 596 | 338.33 | 323.73 | 394 (66) | 151.51 (45) | 190.04 | 202 (34) | 186.82 (55) |
| ମୋଟ | **1,696** | **692.97** | **963.22** | **1,091 (64)** | **336.94 (49)** | **425.45** | **605 (36)** | **356.03 (51)** |

*(ଉତ୍ସ: ଓଏସ୍‌ଏମ୍‌ସିଏଲ୍‌ର ତଥ୍ୟ ଏବଂ ଇ-ନିରାମୟ ଡାଟାବେସ୍)*

[9] ଔଷଧ (ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି-ଫଙ୍ଗାଇ, ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ, ଡରମାଟୋଲୋଜିକାଲ ଇତ୍ୟାଦି) 411.78 କୋଟି ୟୁନିଟ୍ (697.26 କୋଟି ଟଙ୍କା) ଯୋଜନା ଅନ୍ତର୍ଗତ ଡ୍ରଗସ୍ (ଆଣ୍ଟି-ମ୍ୟାଲେରିଆ, ଆଣ୍ଟି-ଯକ୍ଷ୍ମା, କୁଷ୍ଠ, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ଇତ୍ୟାଦି) 256.07 କୋଟି ୟୁନିଟ୍ (80.59 କୋଟି ଟଙ୍କା), ଆଣ୍ଟି-କ୍ୟାନସର ଔଷଧ: 0.25 କୋଟି ୟୁନିଟ୍ (75.43 କୋଟି ଟଙ୍କା) ଶଲ୍ୟ ଚିକିତ୍ସା ସମ୍ବନ୍ଧୀୟ ସାମଗ୍ରୀ: 24.87 କୋଟି ୟୁନିଟ୍ (109.94 କୋଟି ଟଙ୍କା)

ଅଡିଟ୍ ଲକ୍ଷ୍ୟ କଲା ଯେ, 199 ରୁ 204 ଟି ଅତ୍ୟାବଶ୍ୟକ ଔଷଧ ଏବଂ ଚିକିତ୍ସା ସାମଗ୍ରୀ (356.03 କୋଟି ୟୁନିଟ୍) ଯେପରିକି ଆମ୍ପିସିଲିନ୍ ସୋଡ଼ିୟମ ଇନ୍‌ଜେକ୍‌ସନ୍ (500 ଏମ୍‌ଜି), ସେଫୋପେରାଜୋନ୍ ଓ ସଲ୍‌ବାକ୍‌ଟାମ୍ ଇନ୍‌ଜେକ୍‌ସନ୍ (500 ଏମ୍‌ଜି), ସେଫିପାଇମ୍ ଇନ୍‌ଜେକ୍‌ସନ୍ (1000 ଏମ୍‌ଜି) ଲାବେଟାଲୋଲ ଇନ୍‌ଜେକ୍‌ସନ୍ (20 ଏମ୍‌ଜି), ଫ୍ରୁସେମାଇଡ୍ ଟାବଲେଟ୍ (10 ଏମ୍‌ଜି) ଟାବଲେଟ୍ ଏବଂ ପ୍ରିମାକ୍ୱିନ୍ ଫସଫେଟ୍ (7.5 ଏମ୍‌ଜି) ଟାବଲେଟ୍ 2016-19 ମଧ୍ୟରେ ସଂଗ୍ରହଣ ପାଇଁ ଅନୁମୋଦିତ ହୋଇଥିବା ସତ୍ତ୍ୱେ, ଆଦୌ ସଂଗୃହୀତ ହୋଇନଥିଲା । ଫଳସ୍ୱରୂପ, ଆବଶ୍ୟକତା ତାଲିକାଭୁକ୍ତ ଥିବା ଏହି ଔଷଧଗୁଡିକ ଚିକିତ୍ସାଳୟମାନଙ୍କୁ ଯୋଗାଇ ଦିଆ ଯାଇପାରିନଥିଲା ।

ଆଠଟି ନମୁନା ସ୍ୱାସ୍ଥ୍ୟକେନ୍ଦ୍ରର ବିଶଦ ବିଶ୍ଳେଷଣରେ ଔଷଧ ଗୁଡିକର ଆବଶ୍ୟକତା ଓ ଯୋଗାଣ ମଧ୍ୟରେ କୌଣସି ଯୁକ୍ତିଯୁକ୍ତ ସମନ୍ୱୟ ଦେଖିବାକୁ ମିଳିନଥିଲା । ସେହି ଆଠଟି ୟୁନିଟ୍‌ରେ 2018-19 ମଧ୍ୟରେ ଇ-ନିରାମୟ ଡାଟାବେସ୍‌ର ବିଶ୍ଳେଷଣ କରିବାରେ ଦେଖାଯାଇଥିଲା ଯେ, 151 ରୁ 260 ପ୍ରକାରର ଔଷଧର କମ୍ ଯୋଗାଣ ହୋଇଥିବା ସ୍ଥଳେ 29 ରୁ 110 ପ୍ରକାର ଔଷଧ କ୍ଷେତ୍ରର ଆବଶ୍ୟକତା ଠାରୁ ଅଧିକ ଯୋଗାଣ କରାଯାଇଥିଲା, ଯାହା ନିମ୍ନ ସାରଣୀରେ ବିଶେଷ ଭାବେ ଦର୍ଶାଯାଇଛି:

**ସାରଣୀ 2.1.2: 2018-19 ମଧ୍ୟରେ ଔଷଧ ଗୁଡ଼ିକର କମ୍ ଏବଂ ଅଧିକ ଯୋଗାଣ (ପରିମାଣ ଲକ୍ଷ ୟୁନିଟରେ)**

| ଡିଏଚ୍‌ଏଚ୍/ଏସ୍‌ସିବି ଏମ୍‌ସିଏଚ୍ ର ନାମ | ସ୍ୱଳ୍ପ ଯୋଗାଣ ହୋଇଥିବା କ୍ଷେତ୍ର | | | ଅଧିକ ଯୋଗାଣ ହୋଇଥିବା କ୍ଷେତ୍ର | | |
|---|---|---|---|---|---|---|
| | ଔଷଧ ସଂଖ୍ୟା | ବରାଦ ପରିମାଣ | ଯୋଗାଣ ପରିମାଣ *(ସ୍ୱଳ୍ପ ଯୋଗାଣର ପ୍ରତିଶତ)* | ଔଷଧ ସଂଖ୍ୟା | ବରାଦ ପରିମାଣ | ଯୋଗାଣ ପରିମାଣ *(ଅଧିକ ଯୋଗାଣର ପ୍ରତିଶତ)* |
| ବଲାଙ୍ଗିର | 260 | 764.50 | 320.34 (58) | 29 | 121.97 | 237.71 (95) |
| ବୌଦ୍ଧ | 178 | 85.02 | 51.44 (39) | 86 | 30.07 | 86.54 (188) |
| କେଉଁଝର | 240 | 526.19 | 261.99 (50) | 38 | 96.55 | 261.52 (171) |
| ନବରଙ୍ଗପୁର | 198 | 301.34 | 169.86 (44) | 75 | 46.06 | 226.72 (392) |
| ପୁରୀ | 151 | 178.47 | 118.33 (34) | 110 | 210.47 | 467.60 (122) |
| ରାୟଗଡ଼ା | 221 | 188.43 | 103.66 (45) | 55 | 102.85 | 243.38 (137) |
| ସୁନ୍ଦରଗଡ଼ | 219 | 385.55 | 210.28 (45) | 54 | 89.12 | 251.69 (182) |
| ଏସ୍‌ସିବି ଏମ୍‌ସିଏଚ୍, କଟକ | 236 | 260.57 | 129.45 (50) | 54 | 53.03 | 74.80 (41) |

*(ଉତ୍ସ: ଇ-ନିରାମୟ ଡାଟାବେସ୍)*

ନମୁନା ଜିଲ୍ଲା ଗୁଡ଼ିକରେ ବରାଦି ତାଲିକା ଅନୁଯାୟୀ ଔଷଧ ପରିମାଣ ତୁଳନାରେ ଯୋଗାଣର ସ୍ୱଳ୍ପତା ପୁରୀ ଜିଲ୍ଲାରେ 60.14 ଲକ୍ଷ ୟୁନିଟ୍ (34 ପ୍ରତିଶତ)ରୁ ବଲାଙ୍ଗୀର ଜିଲ୍ଲାର 444.16 ଲକ୍ଷ ୟୁନିଟ୍ (58 ପ୍ରତିଶତ) ଥିଲା ଏବଂ ଉକ୍ତ ତାଲିକାରେ ଅନ୍ତର୍ଭୁକ୍ତ ଥିବା 45 ରୁ 78 ଟି ବରାଦି ଔଷଧର କୌଣସି ଯୋଗାଣ କରାଯାଇ ନଥିଲା । ଔଷଧଗୁଡ଼ିକର ଯୋଗାଣ ନହେବା ବା ସ୍ୱଳ୍ପ ଯୋଗାଣ ହେବା ହେତୁ, ଜିଲ୍ଲା ମୁଖ୍ୟାଳୟ ହସ୍‌ପିଟାଲ୍ (ଡିଏଚ୍‌ଏଚ୍)/ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲଙ୍କୁ ଔଷଧ ଗୁଡ଼ିକର ଷ୍ଟକ୍ ଶୂନ୍ୟ ହୋଇ ଯିବା ପରେ ଅଧିକ ଦାମରେ ସ୍ଥାନୀୟ କ୍ରୟ କରିବାକୁ ପଡ଼ିଥିଲା, ଯାହା ***ଅନୁଚ୍ଛେଦ 2.1.5*** ଓ ***2.1.7*** ରେ ଆଲୋଚିତ ହୋଇଛି ।

ଏହିପରି ଭାବରେ, ସ୍ଥାପିତ ହେବାର ପାଞ୍ଚ ବର୍ଷ ପରେ ମଧ୍ୟ (ଜୁନ୍ 2013) ଓଏସ୍‌ଏମ୍‌ସିଏଲ୍ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ବରାଦି ଔଷଧ ଯୋଗାଣର ଚାହିଦା ପୂରଣ କରିପାରନଥିଲେ । ବାର୍ଷିକ ସଂଗ୍ରହଣ ଯୋଜନା

(ଏପିପି) ଚୂଡ଼ାନ୍ତ କରିବାର ବିଳମ୍ବ, ଯୋଗାଣକାରୀଙ୍କ ଦ୍ୱାରା କ୍ରୟ ଆଦେଶ ଗୁଡ଼ିକର ନିର୍ବାହ ନକରିବା ଅଥବା ଆଂଶିକ ଭାବରେ ନିର୍ବାହ କରିବା, ସାମଗ୍ରୀ ଗୁଡ଼ିକ ପାଇଁ ଏକକ ବିଡ୍ କିମ୍ବା ଆଦୌ ବିଡ୍ ନମିଳିବା ହେତୁ ପୁନର୍ବାର ଟେଣ୍ଡର ଡାକିବା ଏବଂ ଆବଶ୍ୟକୀୟ ଔଷଧ ତାଲିକା (ଇଡିଏଲ୍)ର ସଠିକ୍ ସମୟରେ ସଂଶୋଧିତ ନ ହେବା ଇତ୍ୟାଦି ମୂଳ କାରଣ ଗୁଡ଼ିକ ହେତୁ ଔଷଧର ସ୍ୱଳ୍ପ ଯୋଗାଣ ହୋଇଥିଲା ବୋଲି ଅଡିଟ୍ ଲକ୍ଷ୍ୟ କରିଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କହିଥିଲେ ଯେ (ଅଗଷ୍ଟ 2020), ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧର ବ୍ୟବହାର ମାତ୍ରା ଅନୁଯାୟୀ ଓଏସ୍ଏମ୍ସିଏଲ୍ ଔଷଧ ଖରିଦ କରିଥିଲା ଏବଂ ଆବଶ୍ୟକତା ସୂଚୀ ଅନୁଯାୟୀ କ୍ୟାନସର୍ ରୋଗର ଔଷଧ ଗୁଡିକ ଆଧାରରେ ଔଷଧକ ଯୋଗାଣ କରାଯାଇଥିଲା । ବିଭାଗର ଏହି ଉତ୍ତର ଗ୍ରହଣୀୟ ହୋଇନଥିଲା କାରଣ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଆବଶ୍ୟକୀୟ ଔଷଧ ଗୁଡିକ ସରିଯାଇଥିବା ହେତୁ ଆବଶ୍ୟକତା ସୂଚୀ ଅନୁସାରେ ଔଷଧ ଗୁଡିକର ସ୍ୱଳ୍ପ କିମ୍ବା ଆଦୌ ଯୋଗାଣ ହୋଇପାରିନଥିଲା । ଫଳସ୍ୱରୂପ, ଇଣ୍ଡେଣ୍ଟ୍ କରୁଥିବା/ ଆବଶ୍ୟକତା ସୂଚୀ ପ୍ରଦାନ କରୁଥିବା ଅଧିକାରୀମାନଙ୍କୁ ଏହି ଔଷଧ ଗୁଡିକୁ ସ୍ଥାନୀୟ ବଜାରରୁ ଚଢ଼ା ଦରରେ ଖରିଦ କରିବାକୁ ପଡିଥିଲା ।

### 2.1.4 କ୍ରୟ-ଆଦେଶ ଗୁଡ଼ିକର ନିର୍ବାହ

ନିଲାମ ଚୂଡ଼ାନ୍ତ ହେବା ପରେ ରାଜ୍ୟ ଚିକିତ୍ସା ନିଗମ ଲି, 70 ଦିନର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପଣ୍ୟାଗାର ମାନଙ୍କରେ ଔଷଧ ଓ ଚିକିତ୍ସା ସାମଗ୍ରୀ ଗୁଡ଼ିକର ଯୋଗାଣ ପାଇଁ ସଫଳ ନିଲାମଧାରୀ ମାନଙ୍କୁ କ୍ରୟ ଆଦେଶ ପ୍ରଦାନ କରିଥାନ୍ତି ।

2016 ରୁ 2019 ମଧ୍ୟରେ ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲି 568.65 କୋଟି ଟଙ୍କାର ଔଷଧ ଓ ଚିକିତ୍ସା ସାମଗ୍ରୀର ଯୋଗାଣ ପାଇଁ 484 ଟି ଫାର୍ମକୁ 3,471 ଟି କ୍ରୟ ଆଦେଶ ପ୍ରଦାନ କରିଥିଲେ । ମଇ 2019 ସୁଦ୍ଧା କ୍ରୟ ଆଦେଶ ନିର୍ବାହର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଯାଇଛି:

**ସାରଣୀ 2.1.3: 2016-19 ମଧ୍ୟରେ କ୍ରୟ ଆଦେଶର ନିଷ୍ପାଦନ**

| ବର୍ଷ | ମୋଟ କ୍ରୟ ଆଦେଶର ସଂଖ୍ୟା | ଫାର୍ମର ସଂଖ୍ୟା | କ୍ରୟ ଆଦେଶର ମୋଟ ମୂଲ୍ୟ (କୋଟି ଟଙ୍କାରେ) | କ୍ରୟ ଆଦେଶର ସଂଖ୍ୟା | | |
|---|---|---|---|---|---|---|
| | | | | ପୂର୍ଣ୍ଣ ନିଷ୍ପାଦନ[10] (ପ୍ରତିଶତ) | ଆଂଶିକ ନିଷ୍ପାଦନ (ପ୍ରତିଶତ) | ଆଦୌ ନିଷ୍ପାଦନ ହୋଇନାହିଁ (ପ୍ରତିଶତ) |
| 2016-17 | 970 | 141 | 121.25 | 591 (61) | 285 (29) | 94 (10) |
| 2017-18 | 1,101 | 161 | 181.16 | 880 (80) | 173 (16) | 48 (4) |
| 2018-19 | 1,400 | 182 | 266.24 | 957 (68) | 333 (24) | 110 (8) |
| ମୋଟ | **3,471** | **484** | **568.65** | **2,428 (70 )** | **791 (23)** | **252 (7)** |

*(ଉତ୍ସ: ଓଏସ୍ଏମ୍ସିଏଲ୍ ର ତଥ୍ୟ)*

ଉପରୋକ୍ତ ସାରଣୀରୁ ପରିଲକ୍ଷିତ ହୁଏ ଯେ, କେବଳ 70 ପ୍ରତିଶତ କ୍ରୟ ଆଦେଶ ଗୁଡ଼ିକର ପୂର୍ଣ୍ଣ ନିର୍ବାହ ହୋଇଥିବା ବେଳେ 23 ପ୍ରତିଶତ କ୍ରୟ ଆଦେଶର ଆଂଶିକ ନିର୍ବାହ ହୋଇଛି । ଆହୁରି ମଧ୍ୟ, 51.34 କୋଟି ଟଙ୍କା ମୂଲ୍ୟର 186 ଟି ଔଷଧ (72.01 କୋଟି ୟୁନିଟ୍) ସେଫିଜାଇମ୍ ଟାବଲେଟ୍ (200 ମିଗ୍ରା), ଆଇସୋସୋରବାଇଡ୍ ଡାଇନାଇଟ୍ରେଟ ଟାବଲେଟ (5 ମିଗ୍ରା), ରାବେ ପ୍ରାଜୋଲ ଇନ୍ଜେକ୍ସନ,

[10] 99 ରୁ100 ପ୍ରତିଶତ ଯୋଗାଣ କରାଯାଇଥିଲା

କ୍ଲୋରୋଫେନିରା ମାଇନ୍ ମାଲିଏଟ ଟାବଲେଟ୍ (4 ମିଗ୍ରା) ଇତ୍ୟାଦିର ଯୋଗାଣ ପାଇଁ 109 ଟି ଫାର୍ମକୁ ପ୍ରଦାନ କରାଯାଇଥିବା 252 ଟି କ୍ରୟ ଆଦେଶ ଆଦୌ ନିର୍ବାହ କରାଯାଇନଥିଲା । ତେଣୁ କ୍ରୟ ଆଦେଶର ଆଦୌ ନିର୍ବାହ ନହେବା କିମ୍ବା ଆଂଶିକ ନିର୍ବାହ ହେବା କାରଣରୁ ହସ୍ପିଟାଲ ଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ଗୁଡ଼ିକ ଶେଷ ହୋଇଯାଇଥିଲା । ଚୁକ୍ତି ଅନୁଯାୟୀ କାର୍ଯ୍ୟ ସଂପାଦନ କରିନଥିବା ଯୋଗାଣକାରୀଙ୍କ ବିପକ୍ଷରେ ଓଏସ୍ଏମ୍ସିଏଲ୍ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ସେମାନଙ୍କୁ ଅନୁଚିତ୍ ଅନୁଗ୍ରହ ପ୍ରଦର୍ଶନ କରିଥିଲା, ଯାହା ନିମ୍ନରେ ଆଲୋଚିତ ହୋଇଛି ।

### *2.1.4.1 ଯୋଗାଣକାରୀଙ୍କୁ ଅନୁଚିତ ଅନୁଗ୍ରହ*

ଚୁକ୍ତିର ସର୍ତ୍ତ ଅନୁସାରେ ରାଜ୍ୟ ଚିକିତ୍ସା ନିଗମ ଲି ଆଦେଶ ଦିଆଯାଇଥିବା ପରିମାଣର ଯୋଗାଣ ନ କରିବା କିମ୍ବା ଆଂଶିକ ଯୋଗାଣ କରିଥିବା, ଚୁକ୍ତି ନିୟମ ଗୁଡ଼ିକର ନିଷ୍ପାଦନ ନ କରି ଥିବା ଖିଲାପକାରୀ ଯୋଗାଣକାରୀଙ୍କୁ କଳା ତାଲିକାଭୁକ୍ତ କରିବା ଅଥବା ସେମାନଙ୍କୁ ଅସ୍ୱୀକୃତ କରିବା ଆବଶ୍ୟକ । ଅଡିଟ୍ କିନ୍ତୁ ଲକ୍ଷ୍ୟ କରିଥିଲା ଯେ,

(i) 2016-19 ମଧ୍ୟରେ ***(ପରିଶିଷ୍ଟ 2.1.1)*** ପ୍ରଦାନ କରାଯାଇଥିବା 252 ଟି କ୍ରୟ ଆଦେଶ ମଧ୍ୟରୁ 30 ଟି କ୍ଷେତ୍ରରେ ଆଦୌ ଯୋଗାଣ ହୋଇନଥିଲେ ମଧ୍ୟ ରାଜ୍ୟ ଚିକିତ୍ସା ନିଗମ ଲି ଯୋଗାଣକାରୀ ମାନଙ୍କର 47.42 ଲକ୍ଷ ଟଙ୍କାର ନିଷ୍ପାଦନ ସିକ୍ୟୁରିଟିକୁ ଅସୁଲ କିମ୍ବା ଆହରଣ କରିନଥିଲେ । ଏପରିକି, ଓଏସ୍ଏମ୍ସିଏଲ୍ ଖିଲାପକାରୀ ଫାର୍ମମାନଙ୍କୁ ଅସ୍ୱୀକୃତ କରିବା/ କଳା ତାଲିକାଭୁକ୍ତ କରିବା / କ୍ରୟ ଆଦେଶ ରଦ୍ଦ କରିବା ପରି କୌଣସି ଅନ୍ୟାନ୍ୟ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

> 7.32 ଲକ୍ଷ ଟଙ୍କାର ଲେଭୋଫ୍ଲୋକ୍ସାସିନ୍ ଟାବଲେଟ୍ ଯୋଗାଣ ପାଇଁ, ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲି (ସଂଖ୍ୟା: ସିଆର 18,718 ତା-17 ଜୁଲାଇ 2018) ଗୋଟିଏ ଫାର୍ମକୁ ଏକ କ୍ରୟ ଆଦେଶ ପ୍ରଦାନ କରିଥିଲେ । 70 ଦିନର ନିର୍ଦ୍ଧାରିତ ସମୟ ମଧ୍ୟରେ ସେହି ଫାର୍ମ ଆଦେଶ ଅନୁପାଳନ କରିବାରେ ବିଫଳ ହୋଇଥିଲା । ଆଦେଶ ଅନୁପାଳନ ହୋଇନଥିବାରୁ ରାଜ୍ୟ ଚିକିତ୍ସା ନିଗମ ଲି ଉକ୍ତ ଫାର୍ମକୁ ଏକ କାରଣ ଦର୍ଶାଅ ନୋଟିସ୍ ଜାର (4 ଫେବୃଆରୀ 2019) କରିଥିଲେ । କଞ୍ଚାମାଲ ମିଳିବାରେ ଅସୁବିଧା ଏବଂ ଦରଦାମ ବୃଦ୍ଧି ହେତୁ ଆଦେଶର ସଂପାଦନ କରିପାରିନଥିଲା ବୋଲି ଉକ୍ତ ଫାର୍ମ ଯୁକ୍ତି ଉପସ୍ଥାପନା କରିଥିଲା (7 ଫେବୃଆରୀ 2019) । ରାଜ୍ୟ ଚିକିତ୍ସା ନିଗମ ଲି କିନ୍ତୁ ଚୁକ୍ତି ସର୍ତ୍ତରେ ନିର୍ଦ୍ଧାରିତ ଥିବା ସତ୍ତ୍ୱେ ଫାର୍ମର ନିଷ୍ପାଦନ ସିକୁରିଟି ରଦ୍ଦ କରିବା, ଫାର୍ମଟିକୁ ଅସ୍ୱୀକୃତ କରିବା କିମ୍ବା କଳା ତାଲିକା ଭୁକ୍ତ କରିବା ଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା ।

ପୁନଶ୍ଚ, ପୂର୍ବବର୍ଷଗୁଡ଼ିକରେ କୌଣସି ଯୋଗାଣକରି ନଥିବା 17 ଟି ଫାର୍ମକୁ ଓଏସ୍ଏମ୍ସିଏଲ୍ ଅନୁଚିତ୍ ଅନୁଗ୍ରହପୂର୍ବକ ପରବର୍ତ୍ତୀ ବର୍ଷ ଗୁଡ଼ିକରେ ***(ପରିଶିଷ୍ଟ 2.1.2)***, 55.45 କୋଟି ଟଙ୍କାର ଅତିରିକ୍ତ ଯୋଗାଣ ଆଦେଶ ପ୍ରଦାନ କରିଥିଲେ ।

(ii) ଚୁକ୍ତି ସର୍ତ୍ତ ଅନୁସାରେ ଯୋଗାଣ ସମୟରେ ଔଷଧ ଗୁଡ଼ିକରେ ପ୍ରସ୍ତୁତି ତାରିଖ ଠାରୁ ଅତି କମରେ ପଞ୍ଚଷଷ୍ଠାଂଶ (83 ପ୍ରତିଶତ) ବୈଧତା ସମୟ ରହିବା ଆବଶ୍ୟକ । ତେବେ, କଟକଣାମୁକ୍ତ ଜିନିଷ[11] କ୍ଷେତ୍ରରେ ଯୋଗାଣକାରୀ ଯଦି ବିନିଯୋଗ ବିନା ନଷ୍ଟ ହୋଇଥିବା ଷ୍ଟକ୍ ବଦଳରେ ନୂତନ ଷ୍ଟକ ଯୋଗାଇବା ପାଇଁ ସ୍ୱୀକାରୋକ୍ତି ପ୍ରଦାନ କରନ୍ତି, ତେବେ ଜୀବନ୍ତ ସମୟ ପଞ୍ଚଷଷ୍ଠାଂଶରୁ କମ ଥିଲେ ମଧ ଗ୍ରହଣ କରାଯାଇ ପାରେ ।

ଇ-ନିରାମୟ ଡାଟାବେସର ବିଶ୍ଳେଷଣରୁ ଜଣାଗଲା ଯେ ଫାର୍ମ ଗୁଡ଼ିକ ଯୋଗାଇଥିବା ପଞ୍ଚଷଷ୍ଠାଂଶରୁ କମ ବୈଧତା ସମୟ ଥିବା (41 ପ୍ରତିଶତରୁ 80 ପ୍ରତିଶତ) 357.14 ଲକ୍ଷ ୟୁନିଟ୍ ଔଷଧ (11 ଔଷଧ) ମଧ୍ୟରୁ 34.34 ଲକ୍ଷ ଟଙ୍କା ମୂଲ୍ୟର 10.12 ଲକ୍ଷ ୟୁନିଟ୍ର ଔଷଧ ବୈଧତା ସବମୟସୀମା ମଧ୍ୟରେ ବ୍ୟବହୃତ

---

[11] ଆମଦାନୀ କରାଯାଇଥିବା ସାମଗ୍ରୀ, ଆଦେଶ ଦିଆଯାଇଥିବା ଛୋଟ ମୋଟ ସାମଗ୍ରୀ ଏବଂ ପ୍ରତିଷେଧକ କ୍ଷେତ୍ରରେ ସେରମ, ଇମ୍ୟୁନୋ ଫ୍ଲୋ ବୁଲିନ୍‌ର ଉକ୍ତ ସମ୍ବନ୍ଧୀୟ ବସ୍ତୁ ଗୁଡ଼ିକ ଯେପରିକି ମନୁଷ୍ୟ କୋଆଗୁଲେସନ ଫ୍ୟାକ୍ଟର ଗୁଡିକ VII, VIII, IX, ଇତ୍ୟାଦି

ହୋଇପାରିନଥିଲା । ଚୁକ୍ତି ସର୍ତ୍ତରେ ଉଲ୍ଲେଖିଥିବା ସତ୍ତ୍ୱେ, ଯୋଗାଣକାରୀ ମାନେ ବୈଧତା ସମୟ ସମାପ୍ତ ହୋଇଯାଇଥିବା ଔଷଧଗୁଡ଼ିକର ପୁନଃସ୍ଥାପନ କରିନଥିଲେ । ଜୁନ୍ 2019 ସୁଦ୍ଧା, ସେହି ଔଷଧଗୁଡ଼ିକ 24 ଟି ପଣ୍ୟାଗାରରେ 11 ରୁ 384 ଦିନ ପର୍ଯ୍ୟନ୍ତ ପଡ଼ିରହିଥିଲା । ଯୋଗାଣକାରୀମାନେ ଅଙ୍ଗୀକାର କରିଥିବା ସତ୍ତ୍ୱେ ସେହି ବୈଧତା ସମୟ ସମାପ୍ତ ହୋଇଯାଇଥିବା ଔଷଧଗୁଡ଼ିକୁ ବଦଳେଇଦେବା ପାଇଁ, ରାଜ୍ୟ ଚିକିତ୍ସା ନିଗମ ଲି କୌଣସି ଚେଷ୍ଟା କରିନଥିଲେ କିମ୍ବା ଚୁକ୍ତି ସର୍ତ୍ତକୁ ଅନୁପାଳନ କରିନଥିବା ହେତୁ ସେହି ଯୋଗାଣକାରୀ ମାନଙ୍କ ପ୍ରଦତ୍ତ ନିଷ୍ପାଦନ ସିକ୍ୟୁରିଟି ଗୁଡ଼ିକୁ ମଧ୍ୟ ରଦ୍ଦ କରିନଥିଲେ । ତେଣୁ, ବୈଧତା ସମୟ ସମାପ୍ତ ହୋଇଯାଇଥିବା ଔଷଧ ଗୁଡ଼ିକୁ ଯୋଗାଣକାରୀ ମାନେ ବଦଳାଇ ନଥିବା ହେତୁ ରାଜ୍ୟ ରାଜକୋଷ ଉପରେ ତାର ପ୍ରଭାବ ପଡ଼ିଥିଲା ଓ ଏହା ଯୋଗାଣକାରୀମାନଙ୍କୁ ଅନୁଚିତ୍ ଅନୁଗ୍ରହ ପ୍ରଦର୍ଶନର କାର୍ଯ୍ୟଥିଲା ।

ତେଣୁ, ଔଷଧ ଏବଂ ଚିକିତ୍ସା ସାମଗ୍ରୀର ସଂଗ୍ରହଣ ଓ ଯୋଗାଣର ଯୋଗାଣକାରୀଙ୍କ ସହିତ ସ୍ୱାକ୍ଷରିତ ଚୁକ୍ତିର ସର୍ତ୍ତ ଗୁଡ଼ିକୁ ରାଜ୍ୟ ଚିକିତ୍ସା ନିଗମ ଲି ନିୟମନିଷ୍ଠ ଭାବରେ ପାଳନ କରିନଥିଲେ । ଆଦେଶ ଦିଆଯାଇଥିବା ଔଷଧଗୁଡ଼ିକର ସ୍ୱଳ୍ପ ଯୋଗାଣ କିମ୍ବା ଆଦୌ ଯୋଗାଣ ନ ହୋଇ ପାରିବା ହେତୁ ଓଏସ୍ଏମ୍ସିଏଲ୍ ଆବଶ୍ୟକ ତାଲିକା ପ୍ରଦାନକାରୀ ସଂସ୍ଥା ମାନଙ୍କର ଆବଶ୍ୟକତା ପୂରଣ କରିପାରି ନଥିଲେ, ଯାହାଫଳରେ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଅତ୍ୟାବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ ଔଷଧ ଗୁଡ଼ିକୁ ଉପଲବ୍ଧ ହୋଇ ନଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବ୍ୟକ୍ତ କରିଥିଲେ (ଅଗଷ୍ଟ 2020) ଯେ, ନଅଟି କ୍ରୟ ଆଦେଶ କ୍ଷେତ୍ରରେ 6.65 ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି[12], ଛଅଟି କ୍ରୟ ଆଦେଶରେ ଥିବା ଯୋଗାଣ ପ୍ରାପ୍ତ ହୋଇସାରିଛି ଏବଂ ତିନୋଟି କ୍ଷେତ୍ରରେ ଯୋଗାଣକାରୀ ଏକ ଏମ୍ଏସ୍ଏମ୍ଇ[13] ହୋଇଥିବାରୁ ପିଏସ୍ ଦାଖଲ କରାଯାଇପାରିନାହିଁ । ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଅବଶିଷ୍ଟ 12 ଟି କ୍ରୟ ଆଦେଶ କ୍ଷେତ୍ରରେ, ଚାରିଟି ଆଦେଶ ରଦ୍ଦ କରାଯାଇଛି, ପିଏସ୍ ରଦ୍ଦ ବିନା ଚାରିଟି ଫାର୍ମକୁ କଳାତାଲିକାଭୁକ୍ତ କରାଯାଇଛି ଏବଂ ଚାରିଟି କ୍ରୟ ଆଦେଶରେ ଫାର୍ମ ଗୁଡ଼ିକ ବିପକ୍ଷରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବୈଧତା ସରିଯାଇଥିବା ଔଷଧ ନ ବଦଳା ଯାଇଥିବା ପରିପ୍ରେକ୍ଷୀରେ ବିଭାଗ ପୁନଶ୍ଚ କହିଥିଲେ ଯେ, ବୈଧତା ସମାପ୍ତ ହୋଇଯାଇଥିବା ଔଷଧ ବାବଦରେ 14.09 ଲକ୍ଷ ଟଙ୍କା ଆଦାୟ କରାଯାଇଅଛି ।

ଏହା କିନ୍ତୁ ସତ୍ୟ ଯେ, ରାଜ୍ୟ ଚିକିତ୍ସା ନିଗମ ଲି ପିଏସ୍ ରଦ୍ଦ ବିନା ଆଠଟି କ୍ରୟ ଆଦେଶରେ ଯୋଗାଣକାରୀକୁ କଳାତାଲିକା ଭୁକ୍ତ କରିଥିଲେ ଅଥବା ରଦ୍ଦ କରିଦେଇଥିଲେ ଓ ଚାରିଟି କ୍ରୟ ଆଦେଶ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିନଥିଲେ । ପୁନଶ୍ଚ, ପୂର୍ବ ବର୍ଷ ମାନଙ୍କରେ ଆଦୌ ଯୋଗାଣ କରିନଥିବା 17 ଟି ଫାର୍ମକୁ ପରବର୍ତ୍ତୀ ବର୍ଷଗୁଡିକରେ 55.45 କୋଟି ଟଙ୍କା ମୂଲ୍ୟର ଯୋଗାଣ ଆଦେଶ ପ୍ରଦାନ କରି ଓଏସ୍ଏମ୍ସିଏଲ୍ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରିଥିଲେ ।

### 2.1.5 ଅତ୍ୟାବଶ୍ୟକୀୟ ଔଷଧ ଗୁଡ଼ିକ ଷ୍ଟକରୁ ସରିଯିବା

କୌଣସି ସାମଗ୍ରୀର ଅତ୍ୟଧିକ କିମ୍ବା ଅଭାବୀ ଷ୍ଟକ ନହେବା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସ୍ତରରେ[14] ନ୍ୟୁନତମ ଷ୍ଟକ୍ ବଜାୟ ରଖିବା ପାଇଁ ଓଡ଼ିଶାରାଜ୍ୟ ଚିକିତ୍ସା ନିଗମ ଲି ନିର୍ଦ୍ଧାରଣ କରିଥାନ୍ତି (ଜୁନ୍ 2016) ।

ଅଡିଟ୍ ଅବଲୋକନ କରିଥିଲେ ଯେ, ପଣ୍ୟାଗାର ଏବଂ ଔଷଧ ବିତରଣ କାଉଣ୍ଟର (ଡିଡିସି) ଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ଗୁଡ଼ିକର ନ୍ୟୁନତମ ଷ୍ଟକ୍ ବଜାୟ ରଖାଯାଉନାହିଁ । ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲି ଆବଶ୍ୟକତା ସୂଚୀରେ ଥିବା ଔଷଧଗୁଡ଼ିକର ସ୍ୱଳ୍ପ ଯୋଗାଣ ଅଥବା ଆଦୌ ଯୋଗାଣ ନକରି ପାରିବା ହେତୁ ଏହି ଭଳି ପରିସ୍ଥିତି ଉପୁଜିଥିଲା । ଔଷଧ ଅଭାବର ପୁନଃଭରଣ କରିବା ପାଇଁ ସ୍ଥାନୀୟ ଭାବରେ ଔଷଧ ସଂଗ୍ରହ ମଧ୍ୟ (ବଜେଟର 20 ପ୍ରତିଶତ) ପର୍ଯ୍ୟାପ୍ତ ସାବ୍ୟସ୍ତ ହୋଇପାରିନଥିଲା । ନିମ୍ନରେ ଦିଆଯାଇଥିବା

12 ଅଡିଟ୍ ଦ୍ୱାରା ଚିହ୍ନଟ ହେବା ପରେ ନଅଟି ସଂଗ୍ରହଣ ଆଦେଶ କ୍ଷେତ୍ରରେ 6.65 ଟଙ୍କା ଅସୁଲ କରାଯାଇଛି

13 କ୍ଷୁଦ୍ର, ଲଘୁ ଓ ମଧ୍ୟମ ଧରଣର ଉଦ୍ୟୋଗ

14 ଜିଲ୍ଲା ପଣ୍ୟାଗାର: ଚାରିମାସର ଷ୍ଟକ; ଡିଏଚ୍ଏଚ୍: ଏକ ମାସର ଷ୍ଟକ; ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏସ୍ସି)/ ସବ୍‌ଡିଭିଜନ ହସ୍ପିଟାଲ (ଏସ୍ଡିଏଚ୍): ଦୁଇ ମାସର ଷ୍ଟକ

ସାରଣୀରେ ନମୁନା ଯାଞ୍ଚ ହସ୍ପିଟାଲ ଗୁଡ଼ିକରେ ସରି ଯାଇଥିବା ଅତ୍ୟାବଶ୍ୟକୀୟ ଔଷଧ ଗୁଡ଼ିକର ସ୍ଥିତି ଦିଆଯାଇଅଛି ।

**ସାରଣୀ 2.1.4: 2017-19 ମଧ୍ୟରେ ନମୁନା ଯାଞ୍ଚ ହସ୍ପିଟାଲ ଗୁଡ଼ିକର ଅତ୍ୟାବଶ୍ୟକୀୟ ଔଷଧ ଗୁଡ଼ିକର ଅଲଭ୍ୟତା**

| ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ (ଡିଏଚ୍‌ଏଚ୍)/ ମେଡିକାଲ କଲେଜ ହସ୍ପିଟାଲ(ଏମସିଏଚ୍) | ଡିଏଚ୍‌ଏଚ୍/ଏମ୍‌ସିଏଚରେ ଶେଷ ହୋଇଯାଇଥିବା ଔଷଧ | | | | | |
|---|---|---|---|---|---|---|
| | 2017-18 | | | 2018-19 | | |
| | 1-3 ମାସ | 3-6 ମାସ | 6 ମାସରୁ ଅଧିକ | 1-3 ମାସ | 3-6 ମାସ | 6 ମାସରୁ ଅଧିକ |
| ବଲାଙ୍ଗିର | 37 | 29 | 27 | 40 | 32 | 33 |
| ବୌଦ୍ଧ | 20 | 18 | 9 | 7 | 15 | 6 |
| କଟକ | 26 | 17 | 17 | 20 | 21 | 17 |
| କେଉଁଝର | 10 | 3 | 4 | 7 | 10 | 5 |
| ନବରଙ୍ଗପୁର | 5 | 2 | 6 | 9 | 3 | 9 |
| ପୁରୀ | 24 | 13 | 16 | 21 | 9 | 41 |
| ରାୟଗଡା | 20 | 8 | 14 | 8 | 14 | 10 |
| ସୁନ୍ଦରଗଡ | 7 | 6 | 9 | 2 | 3 | 10 |

***(ଉତ୍ସ: ନମୁନା ଯାଞ୍ଚ ହସ୍ପିଟାଲ ଏବଂ ଡିଡବ୍ଲୁଏଚ୍ ଗୁଡ଼ିକର ରେକର୍ଡ)***

ଅଡିଟ୍ ଅବଲୋକନ କରିଥିଲା ଯେ, 2018-19 ମଧ୍ୟରେ ନମୁନା ଯାଞ୍ଚ ହସ୍ପିଟାଲ ଗୁଡ଼ିକରେ ସଙ୍କଟ ସମୟରେ ଆବଶ୍ୟକ ହେଉଥିବା ଔଷଧ ଗୁଡ଼ିକ ଯଥା ଆଜିଥ୍ରୋମାଇସିନ୍(500 ମିଗ୍ରା) ଟାବଲେଟ (ଆଣ୍ଟି ବ୍ୟାକ୍ଟିଆଲ ଔଷଧ), କ୍ଲୋରୋଫେନିରାମାଇନ୍ ମିଲେଟ୍ ଟାବଲେଟ (ଆଣ୍ଟି-ଆଲର୍ଜି ଔଷଧ), କ୍ଲୋପିଡୋଗରେଲ୍ ଟାବଲେଟ (ଆଣ୍ଟି-ହାଇପର ଟେନସିଭ୍ ଔଷଧ), ପେଣ୍ଟାଜୋସିନ୍ ଲାକ୍ଟେଟ୍ ଇଂଜେକ୍ସନ (ବିନ୍ଧା ଓ ଯନ୍ତ୍ରଣା ନିୟନ୍ତ୍ରଣ ଔଷଧ), ମେଟାଫରମିନ୍ ଏଚ୍‌ସିଏଲ୍ (500 ମିଗ୍ରା) ଟାବଲେଟ (ଆଣ୍ଟି ମଧୁମେହ ଔଷଧ) ଇତ୍ୟାଦି ଉପଲବ୍ଧ ନଥିଲା ।

ବର୍ହିରୋଗୀ ବିଭାଗର ହିତାଧିକାରୀ ସର୍ଭେ ସମୟରେ ଏହା ଲକ୍ଷ କରାଯାଇଥିଲା ଯେ, 555 ଟି ବିହିତ ଔଷଧ ମଧ୍ୟରୁ 141 ଟି ଔଷଧ ଯଥା- ପାଣ୍ଟୋପ୍ରାଜଲ 40 ମିଗ୍ରା ଟାବଲେଟ, ଭିଟାମିନ୍ ବି-କମ୍ପ୍ଲେକ୍ସ ଟାବଲେଟ, କାଲସିଅମ ସିରପ୍, ସେଫିକ୍ସାଇମ୍ ସିରପ୍, ଫେନୋବାରବିଟୋନ ସିରପ୍ ଆଦି ରୋଗୀମାନଙ୍କୁ ବଣ୍ଟନ କରାଯାଇନଥିଲା ।

ଆହୁରି ମଧ୍ୟ, ଇ-ନିରାମୟ ସିଷ୍ଟମ ମାଧ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ତାଙ୍କର ଦ୍ରବ୍ୟତାଲିକା ବଜାୟରଖିବା ଓ ମ୍ୟାନେଜମେଣ୍ଟ ସୂଚନା ସିଷ୍ଟମ (ଏମ୍‌ଆଇଏସ୍) ରିପୋର୍ଟ ଗୁଡ଼ିକର ସୃଷ୍ଟି କରିବା ଆବଶ୍ୟକ । ଅଡିଟ୍ ଅବଲୋକନ କରିଥିଲା ଯେ, ରୋଗୀଙ୍କୁ ଜିଲ୍ଲା ଡ୍ରଗ ସେଣ୍ଟର ଗୁଡ଼ିକ, , ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ଗୁଡ଼ିକୁ ଦିଆଯାଇଥିବା ଔଷଧ ଗୁଡ଼ିକର ତଥ୍ୟାବଳୀ ଡାଟାବେସ୍‌ରେ ଅନ୍ତର୍ଭୁକ୍ତ କରାଯାଇନଥିଲା । ସେଥିପାଇଁ ସିଷ୍ଟମ୍ କେବଳ ଔଷଧ ପଣ୍ୟାଗାର (ଡିଡବ୍ଲୁଏଚ୍) ସ୍ତରରେ ଷ୍ଟକ୍ ସ୍ଥିତି ବିଷୟରେ ଅବଗତ କରିପାରିଥିଲା । ମାତ୍ର ଡିଡିସି, ସିଏଚ୍‌ସି, ପିଏଚ୍‌ସି ସ୍ତରରେ ଷ୍ଟକ ବିଷୟରେ କୌଣସି ତଥ୍ୟ ପ୍ରଦାନ କରିପାରି ନଥିଲା । ତେଣୁ ସିଷ୍ଟମ ଦ୍ୱାରା ତିଆରି କରାଯାଇ ଥିବା ଷ୍ଟକ ସମ୍ବନ୍ଧୀୟ ତଥ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ଥିଲା । ଏହିପରି ପଦ୍ଧତି ଦ୍ୱାରା ହସ୍ପିଟାଲରେ ଅତ୍ୟାବଶ୍ୟକୀୟ ଔଷଧ ଗୁଡ଼ିକ ଷ୍ଟକରୁ ଶେଷ ହୋଇଯାଇଥିଲା ।

ଅଭାବୀ ଦ୍ରବ୍ୟ ତାଲିକା ପରିଚାଳନାର ଫଳସ୍ୱରୂପ ହସ୍ପିଟାଲ ଗୁଡ଼ିର ଷ୍ଟକରୁ ଅତ୍ୟାବଶ୍ୟକୀୟ ଔଷଧ ସରିଯାଇଥିଲା ।

ହସ୍ପିଟାଲ ଗୁଡ଼ିକରେ ଅତ୍ୟାବଶ୍ୟକୀୟ ଔଷଧ ତଥା ସଂକଟ ସମୟରେ ଆବଶ୍ୟକ ହେଉଥିବା ଔଷଧ ଗୁଡ଼ିକର ଅଭାବ ହେତୁ, ରୋଗୀମାନଙ୍କୁ ନିଜ ଖର୍ଚ୍ଚରେ ବାହାରୁ ବିହିତ ଔଷଧ ଗୁଡ଼ିକର ଯୋଗାଡ କରିବାକୁ ପଡ଼ିଥିଲା ।

ତେଣୁ, ଲୋକ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଗୁଡ଼ିକ ଆସୁଥିବା ରୋଗୀମାନଙ୍କୁ ମାଗଣାରେ ଆବଶ୍ୟକୀୟ ଔଷଧ ଯୋଗେଇଦେବା ପାଇଁ ରାଜ୍ୟ ସରକାରଙ୍କର ମାଗଣା ଔଷଧ ଆବଣ୍ଟନ ଯୋଜନା ଅନ୍ତର୍ଗତ ପ୍ରତିଶୃତିକୁ ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲି ବିଫଳ ହୋଇଥିଲେ ।

ଏଚ୍ ଆଣ୍ଡ ଏଫ୍‌ଡ୍ଲ୍ୟୁ ବିଭାଗ କହିଥିଲେ (ଅଗଷ୍ଟ 2020) ଯେ, ବିଗତ ବର୍ଷ ମାନଙ୍କରେ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡିକର ଆବଶ୍ୟକୀୟ ଔଷଧର ସ୍ଥିତି ଅଧିକ ଉନ୍ନତ ହୋଇ ଜୁଲାଇ 2020 ରେ ଆବଶ୍ୟକତାର 15.90 ପ୍ରତିଶତରେ ପହଞ୍ଚିଛି । କିନ୍ତୁ ଏହା ସତ୍ୟ ଯେ, ମାଗଣାରେ ବିହିତ ଆବଶ୍ୟକୀୟ ଔଷଧ ସବୁ ସର୍ବସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କୁ ଯୋଗାଇ ଦିଆଯାଇପାରି ନଥିଲା ।

## 2.1.6 ଷ୍ଟକ୍ ପରିଚାଳନାରେ ଦୁର୍ବଳତା ହେତୁ ଔଷଧ ଗୁଡ଼ିକର ବୈଧତା ସମାପ୍ତ ହୋଇଯିବା

ଔଷଧ ଏବଂ ଚିକିତ୍ସା ସାମଗ୍ରୀ ଗୁଡ଼ିକର ବଳକା ଓ ନିଅଣ୍ଟିଆ ଷ୍ଟକର ସୁପରିଚାଳନା ପାଇଁ ରାଜ୍ୟ ଚିକିତ୍ସା ନିଗମ ଲି ମୁଖ୍ୟତଃ ଉତ୍ତରଦାୟୀ ଅଟନ୍ତି । ଦ୍ରବ୍ୟ ତାଲିକାର ପ୍ରଭାବୀ ପରିଚାଳନା କରିବା ପାଇଁ କୌଣସି ସଂସ୍ଥାରୁ ବଳକା ଷ୍ଟକ୍ ପ୍ରତ୍ୟାହାର କରିବା ଏବଂ ଆନ୍ତଃସଂସ୍ଥା, ଆନ୍ତଃପଣ୍ୟାଗାର, ଆନ୍ତଃ-ଜିଲ୍ଲା ସ୍ଥାନାନ୍ତରଣ କରିବା ପାଇଁ ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲି ପ୍ରାଧିକୃତ ଅଟନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ଔଷଧର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଇ-ନିରାମୟ ଆପ୍ଲିକେସନ ଦ୍ୱାରା କେନ୍ଦ୍ରୀୟ ଭାବରେ ଔଷଧ ଗୁଡ଼ିକର ଷ୍ଟକର ସ୍ଥିତି ଏବଂ ଆବଣ୍ଟନର ମନିଟରିଂ କରିବା ପାଇଁ ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲି ଉତ୍ତରଦାୟୀ ଅଟନ୍ତି ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଅପ୍ରେଲ 2017 ରୁ ମଇ 2019 ମଧ୍ୟରେ 4.18 କୋଟି ଟଙ୍କା ମୂଲ୍ୟର 349 ପ୍ରକାରର ଔଷଧ (4.88 କୋଟି ୟୁନିଟ୍)ର ବୈଧତା ସମାପ୍ତ ହୋଇଯାଇଥିଲା । ସେହିସବୁ ବୈଧତା ସରିଯାଇଥିବା ଔଷଧ ଗୁଡ଼ିକ 39 ଟି ପଣ୍ୟାଗାରରେ ପଡ଼ିରହିଥିଲା । ଆଠଟି ନମୂନା ଯାଞ୍ଚ ଜିଲ୍ଲାରେ, ସାରଣୀରେ ବର୍ଣ୍ଣିତ ଅନୁସାରେ 1.42 କୋଟି ଟଙ୍କାର 12 ରୁ 127 ପ୍ରକାରର ବୈଧତା ସମାପ୍ତ ହୋଇଯାଇଥିବା ଔଷଧ ପଣ୍ୟାଗାର ଗୁଡ଼ିକରେ ପଡ଼ି ରହିଥିବା ଦେଖାଯାଇଥିଲା ।

**ସାରଣୀ 2.1.5 ମାର୍ଚ୍ଚ 2019 ରେ ବୈଧତା ସମାପ୍ତ ହୋଇଯାଇଥିବା ଔଷଧ ଗୁଡ଼ିକର ବିଷଦ ବିବରଣୀ**

| ଜିଲ୍ଲା ପଣ୍ୟାଗାରର ନାମ | ବୈଧତା ସରିଯାଇଥିବା ଔଷଧ ସଂଖ୍ୟା | ପରିମାଣ (ୟୁନିଟରେ) | ମୂଲ୍ୟ (ଟଙ୍କାରେ) |
|---|---|---|---|
| ବଲାଙ୍ଗିର | 12 | 24,185 | 91,581 |
| ବୌଦ୍ଧ | 29 | 23,139 | 56,386 |
| କେଉଁଝର | 38 | 1,05,856 | 12,91,103 |
| ନବରଙ୍ଗପୁର | 22 | 89,344 | 3,54,333 |
| ପୁରୀ | 62 | 3,38,823 | 8,46,485 |
| ରାୟଗଡା | 47 | 2,62,632 | 13,56,560 |
| ଏସ୍‌ସିବି ଏମ୍‌ସିଏଚ, କଟକ | 127 | 5,18,868 | 76,12,790 |
| ସୁନ୍ଦରଗଡ | 78 | 8,75,860 | 25,45,473 |
| ମୋଟ | **415** | **22,38,707** | **1,41,54,711** |

*(ଉତ୍ସ: ଡିଏଚ୍‌ଏଚ୍/ ଏମ୍‌ସିଏଚ୍‌ର ରେକର୍ଡ ଗୁଡ଼ିକ)*

ଇ-ନିରାମୟ ଆପ୍ଲିକେସନ ଦ୍ୱାରା ଷ୍ଟକ ଔଷଧଗୁଡ଼ିକର ସ୍ଥିତି, ବ୍ୟବହାର, ଆବଣ୍ଟନ, ଆବଶ୍ୟକ ତାଲିକା ପ୍ରସ୍ତୁତି ଇତ୍ୟାଦିର ରାଜ୍ୟ ଚିକିତ୍ସା ନିଗମ ଲି ଦ୍ୱାରା ପ୍ରଭାବୀ ରୂପରେ ମନିଟରିଂ ହୋଇନଥିଲା, ଫଳସ୍ୱରୂପ ସଂଗ୍ରହଣ ପରେ ଔଷଧ ଗୁଡ଼ିକ ବ୍ୟବହାର କରାନଯିବା, ଅଧିକା ଆବଶ୍ୟକ ସୂଚୀ ପ୍ରସ୍ତୁତି କରିବା, ଆବଶ୍ୟକତା ଠାରୁ ଅଧିକ ଯୋଗାଣ ଇତ୍ୟାଦି ଫଳରେ ଔଷଧ ଗୁଡ଼ିକର ବୈଧତା ସମାପ୍ତ ହୋଇଯାଇଥିଲା ।

କିଛି ଉଦାହରଣ ନିମ୍ନରେ ପ୍ରଦତ୍ତ କରାଗଲା:

- ଆଚାର୍ଯ୍ୟ ହରିହର ଆଞ୍ଚଳିକ କ୍ୟାନସର କେନ୍ଦ୍ର (ଏଏଚଆରସିସି) ର ଆବଶ୍ୟକତା ସୂଚୀ (2015-16) ଆଧାରରେ, ରାଜ୍ୟ ଚିକିତ୍ସା ନିଗମ 1.99 କୋଟି ଟଙ୍କାର 3,09,955 ୟୁନିଟର 22 ଟି କ୍ୟାନସର ଔଷଧ ଯୋଗାଇଥିଲେ (ଜୁଲାଇ 2015-ମଇ 2016) । ଆଚାର୍ଯ୍ୟ ହରିହର ଆଞ୍ଚଳିକ କ୍ୟାନସର କେନ୍ଦ୍ର ଏଏଚଆରସିସି) ବୈଧତା ଶେଷ ହେବାର ସମୟ ସୀମା ପୂର୍ବରୁ 0.81 କୋଟି ଟଙ୍କାର (41 ପ୍ରତିଶତ) ଔଷଧର 31,742 ୟୁନିଟ୍ ଔଷଧର ଉପଯୋଗ କରିବା ପାଇଁ ବିଫଳ ହୋଇଥିଲେ। ଏପରିକି ନଅଟି କ୍ଷେତ୍ରରେ[15], ସଂଗ୍ରହଣ ପରିମାଣର 51-90 ପ୍ରତିଶତ ଔଷଧର ବୈଧତା ସମାପ୍ତ ହୋଇଯାଇଥିଲା । ତେଣୁ ଏହା ସୂଚୀତ କରେ ଯେ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କ୍ୟାନସର କେନ୍ଦ୍ର ନିଜର ଆବଶ୍ୟକତା ଅନୁସାରେ ସୂଚୀ ପ୍ରଦାନ କରିନଥିଲେ ତଥା ରାଜ୍ୟ ଚିକିତ୍ସା ନିଗମ ଲି ମଧ୍ୟ ସରକାରଙ୍କର ଅର୍ଥନ ସରକ୍ଷା ପାଇଁ ଔଷଧ ବ୍ୟବହାରକୁ ସୁଚାରୁ ରୂପରେ ମନିଟର କରିନଥିଲେ ।

- 31 ଟି ଔଷଧ କ୍ଷେତ୍ରରେ ଆବଶ୍ୟକତା ସୂଚୀ ଅନୁସାରେ 3,92,390 ୟୁନିଟ୍ ପ୍ରତିବଦଳରେ, ରାଜ୍ୟ ଚିକିତ୍ସା ନିଗମ ଲି ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲକୁ 8,77,698 ୟୁନିଟ୍ର ଔଷଧ ଯୋଗାଇଥିଲେ, ଯାହାକି ଆବଶ୍ୟକତା ଠାରୁ 2.24 ଗୁଣ ଅଧିକା ଥିଲା । ଅତ୍ୟଧିକ ଯୋଗାଣ ହେତୁ, ଏସ୍ସିବିଏମ୍ସିଏଚ୍ ସଠିକ ସମୟରେ 56.59 ଲକ୍ଷ ଟଙ୍କାର 3,48,964 ୟୁନିଟ୍ର ଔଷଧ (40 ପ୍ରତିଶତ) ବିନିଯୋଗ ହୋଇଯାଇଥିଲା । ଏହା ଅଧୀନରେ 38.54 ଲକ୍ଷ ଟଙ୍କା ମୂଲ୍ୟ ସାତଟି ଔଷଧ ଥିଲା (72,003 ୟୁନିଟ୍) ଯାହା ପାଇଁ ଆବଶ୍ୟକତା ସୂଚୀ ପ୍ରଦାନ କରାଯାଇ ନଥିଲା ।

- 11,923 ୟୁନିଟ ପାଇଁ ଆବଶ୍ୟକତା ସୂଚୀ ଥିଲେ ମଧ୍ୟ ରାଜ୍ୟ ଚିକିତ୍ସା ନିଗମ ଲି, ରାୟଗଡ଼ା ଜିଲ୍ଲା ପଣ୍ୟାଗାର (ଡିଡବ୍ଲୁଏଚ) କୁ ଆଜିଥ୍ରୋମାଇସିନ୍ ସସ୍ପେନସନର 1,16,578 ୟୁନିଟ୍ ଯୋଗାଇଥିଲେ । ତନ୍ମଧ୍ୟରୁ, ବୈଧତା ସମାପ୍ତି ହେବା ପୂର୍ବରୁ ମାତ୍ର 12,477 ୟୁନିଟ ହିଁ ବିନିଯୋଗ ହୋଇପାରିଥିଲା (ଅଗଷ୍ଟ 2017) ଏବଂ 6.24 ଲକ୍ଷ ଟଙ୍କା ମୂଲ୍ୟର ଅବଶିଷ୍ଟ 1,04,101 (89 *ପ୍ରତିଶତ*) ୟୁନିଟ୍ ଔଷଧର ବୈଧତା ସମାପ୍ତ ହୋଇଯାଇଥିଲା । ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ ଏହି ବଳକା ଷ୍ଟକ୍ ସ୍ଥାନାନ୍ତରଣ କରିବା ପାଇଁ ଉଭୟ ରାଜ୍ୟ ଚିକିତ୍ସା ନିଗମ ଲି ଏବଂ ଜିଲ୍ଲା ପଣ୍ୟାଗାର କୌଣସି ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ, ଯେଉଁଠାରେ କି ଏହି ବଳକା ଔଷଧ ଗୁଡ଼ିକର ସୁବିନିଯୋଗ ହୋଇପାରିଥାନ୍ତା ।

- ରାଜ୍ୟ ଚିକିତ୍ସା ନିଗମ ଲି 0.89 ଲକ୍ଷ ଟଙ୍କାର 85,000 ସୋଡିୟମ ଭାପ୍ରୋଏଟ ଟାବଲେଟର ସଂଗ୍ରହଣ କରିଥିଲେ (ଜୁଲାଇ 2016) ଏବଂ ତାହାକୁ କେନ୍ଦ୍ରୀୟ ଔଷଧ ଷ୍ଟୋର, ଭୁବନେଶ୍ୱର (ସିଡିଏସ୍) ରେ ଗଚ୍ଛିତ ରଖିଥିଲେ । କୌଣସି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାନଯାଇ, ସେହି ଗଚ୍ଛିତ ଔଷଧ ସିଡିଏସରେ ସେହିପରି ପଡ଼ିରହିଥିଲା । ମଇ 2018 ରେ ଏହି ସମସ୍ତ ଗଚ୍ଛିତ ଔଷଧର ବୈଧତା ସମାପ୍ତ ହୋଇଯାଇଥିଲା । ବ୍ୟବହାର ନ ହୋଇ ଓ ଅନେକ ଦିନ ଷ୍ଟୋରରେ ପଡ଼ିରହିଥିବା ସତ୍ତ୍ୱେ, ସିଡିଏସ୍ ସେଗୁଡ଼ିର କୌଣସି ତଦନ୍ତ କରିନଥିଲେ ଏବଂ ଇ-ନିରାମୟ ସଫ୍ଟୱେୟାର ଦ୍ୱାରା ଔଷଧ ମାନଙ୍କର ସ୍ଥିତି ମନିଟରିଂ କରିନଥିଲେ ।

---

15 (i) କ୍ଲାଡ୍ରିବାଇନ୍ ଇଞ୍ଜେକ୍ସନ (ii) ଲେନାଲି ଡୋମାଇଡ୍ କ୍ୟାପସୁଲ (iii) ପେମେଟ୍ରେକ୍ସଡ୍ ଇଞ୍ଜେକ୍ସନ (iv) ପେମେଟ୍ରେକ୍ସଡ୍ ଇଞ୍ଜେକସନ (v) ଜୋଲେଡ୍ରୋନିକ୍ ଏସିଡ୍ ଆଇପି ଇନ୍ଜେକ୍ସନ (vi) ଭିନୋରେଲବାଇନ୍ ଇଞ୍ଜେକ୍ସନ୍ 50 ମିଗ୍ରା ଆଇପି (vii) ଭିନୋରେଲବାଇନ୍ ଇଞ୍ଜେକ୍ସନ୍ 10 ମିଗ୍ରା ଆଇପି (viii) ଲେନାଲିଡୋମାଇଡ୍ କ୍ୟାପସୁଲ (ix) ପେମେଟ୍ରେକ୍ସଡ ଇଞ୍ଜେକ୍ସନ୍ 100 ମିଗ୍ରା

- ***ବୈଧତା ସମାପ୍ତ ହୋଇଯାଇଥିବା ଔଷଧ ଗୁଡ଼ିକର ନିକାଶ କରାନଯିବା/ ଔଷଧର ମାନକ ଗୁଣବତ୍ତା ନଥିବା (ଏନ୍‌ଏସ୍‌କ୍ୟୁ):*** ସ୍ୱାସ୍ଥ୍ୟ କେନ୍ଦ୍ରର[16] ମୁଖ୍ୟ ମାନେ ବୈଧତା ସମାପ୍ତ ହୋଇଥିବା ଔଷଧ ଗୁଣବତ୍ତା ମାନ ନଥିବା (ଏନ୍‌ଏସକ୍ୟୁ) ଔଷଧ ଷ୍ଟକକୁ ସତ୍ୟାପନ କରି, ସେହିସବୁ ଔଷଧ ଗୁଡ଼ିକୁ ନଷ୍ଟ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ । ଅଡିଟ୍ ଲକ୍ଷ୍ୟ କରିଥିଲା ଯେ, ନମୁନା ଯାଞ୍ଚ ଜିଲ୍ଲା ଗୁଡ଼ିକରେ ବିପୁଳ ପରିମାଣର ନଷ୍ଟ, ବୈଧତା ସମାପ୍ତ ହୋଇଯାଇଥିବା ଏବଂ ଗୁଣବତ୍ତା ମାନକ ନଥିବା ଔଷଧଗୁଡ଼ି, ଯେପରିକି ଉପରେ ବର୍ଣ୍ଣିତ ହୋଇଛି, ଜିଲ୍ଲା ପଣ୍ୟାଗାରରେ ପଡ଼ିରହିଥିଲା । ତତ୍ ସମ୍ବନ୍ଧୀୟ ଅଧିକାରୀମାନେ ସେହି ବୈଧତା ସମାପ୍ତ ହୋଇଥିବା ଔଷଧ ଗୁଡ଼ିକୁ ଏବଂ ଏନ୍‌ଏସ୍‌କ୍ୟୁ ଔଷଧ ମାନଙ୍କୁ ନିକାଶ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ସେହିପରି ଗୁଣବତ୍ତା ନଥିବା/ ବୈଧତା ସମାପ୍ତ ହୋଇଯାଇଥିବା ଔଷଧ ଗୁଡ଼ିକ ଷ୍ଟକ୍‌ରେ ପଡ଼ିରହିବା ହେତୁ ଡିଡବ୍ଲୁଏଚ୍ ଗୁଡ଼ିକରେ ରହିଥିବା ସ୍ଥାନ ଯେ କେବଳ ଅବରୋଧ ହୋଇଥିଲା ତା ନୁହେଁ ବରଂ ପରବର୍ତ୍ତୀ ସମୟରେ ସେହି ଗୁଡ଼ିକର ଦୁରୁପଯୋଗ କିମ୍ବା ସ୍ଥାନାନ୍ତରଣ ହେବାର ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଥିଲା । ସ୍ଥାନାଭାବ ହେତୁ, ରାଜ୍ୟ ଚିକିତ୍ସା ନିଗମ ଲି 39,540 ସାନିଟାରି ନାପକିନ୍ (0.82 ଲକ୍ଷ ଟଙ୍କା), ସିଏଚ୍‌ସି, ବଡ଼ଗାଁର ଏକ ଭଙ୍ଗା କ୍ୱାର୍ଟରରେ ଗଚ୍ଛିତ ରଖିଥିଲା ଯାହାକି ଉଇମାନଙ୍କ ଦ୍ୱାରା ନଷ୍ଟ ହୋଇଯାଇଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କହିଥିଲେ (ଅଗଷ୍ଟ 2020) ଯେ ଯଦିଓ ଇ-ନିରାମୟ ଦ୍ୱାରା ଔଷଧ, ଚିକିତ୍ସା ସାମଗ୍ରୀର ବ୍ୟବହାରର ପ୍ରଣାଳୀ ମନିଟରିଂ କରାଯାଇଥାଏ କିନ୍ତୁ ଔଷଧ ଗୁଡ଼ିକର ବୈଧତା ସମୟ ମଧ୍ୟରେ ସେମାନଙ୍କର ଶତ ପ୍ରତିଶତ ବ୍ୟବହାର/ ବିନିଯୋଗ କରାଯାଇପାରିବା ସମ୍ଭବ ନୁହେଁ । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଉପରିସ୍ଥ ବର୍ଣ୍ଣିତ ଅନୁସାରେ, ଯେହେତୁ ଓଡ଼ିଶା ଚିକିତ୍ସା ନିଗମ ଲିମିଟେଡ୍ ନିଜର ଦ୍ରବ୍ୟ ତାଲିକା ପରିଚାଳନା ସିଷ୍ଟମ ପ୍ରଭାବୀ ରୂପରେ ମନିଟରିଂ କରିନଥିଲେ । ଆବଶ୍ୟକତା ଠାରୁ ବହୁତ ଅଧିକ ଔଷଧ ଯୋଗାଇ ଦିଆଯିବାରୁ, ସେଗୁଡ଼ିର ବୈଧତା ସମାପ୍ତ ହୋଇଯାଇଥିଲା ଏବଂ ଅନ୍ୟ କ୍ଷେତ୍ରରେ ମଧ୍ୟ ସମସ୍ତ ଷ୍ଟକ ଅବ୍ୟବହୃତ ହୋଇ ପଡ଼ିରହିଥିଲା ।

### 2.1.7 ଔଷଧ ଗୁଡ଼ିକର ସ୍ଥାନୀୟ କ୍ରୟ

ଏକ କେନ୍ଦ୍ରୀକୃତ ସଂଗ୍ରହଣ ସିଷ୍ଟମ ଅନ୍ତର୍ଗତ ରାଜ୍ୟରେ ତିଆରି ହୋଇଥିବା ବଜେଟର 80 ପ୍ରତିଶତ ରାଜ୍ୟ ଚିକିତ୍ସା ନିଗମ ଲିମିଟେଡ୍, ଔଷଧ ଏବଂ ଚିକିତ୍ସା ସାମଗ୍ରୀ ଗୁଡ଼ିକର ସଂଗ୍ରହଣ କରିଥାଏ । ଜରୁରୀ କାଳିନ ଆବଶ୍ୟକତା ପୂରଣ କରିବା ପାଇଁ ଡିଏଚ୍‌ଏଚ୍, ମେଡିକାଲ କଲେଜ ଓ ଅନ୍ୟାନ୍ୟ ବୃହତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ଦ୍ୱାରା ସ୍ଥାନୀୟ ସଂଗ୍ରହଣ କରାଯିବା ପାଇଁ ଔଷଧ ବଜେଟର 20 ପ୍ରତିଶତ ପର୍ଯ୍ୟନ୍ତ ବ୍ୟବସ୍ଥା ରଖାଯାଇଥାଏ । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଅନୁଦେଶ ଅନୁସାରେ (ଅକ୍ଟୋବର 2017), ଔଷଧ ଗୁଡ଼ିକର ସ୍ଥାନୀୟ ସଂଗ୍ରହଣ, ଏକକାଳୀନ ମାତ୍ର ଏକ ମାସର ଚାହିଦା ପୂରଣ ଦିଗରେ ସୀମିତ ରହିବା ଆବଶ୍ୟକ ତଥା ଅର୍ଥ ବିଭାଗ ଦ୍ୱାରା ସମୟ ସମୟରେ ଜାରି କରାଯାଉଥିବା ସଂଗ୍ରହଣ ମାର୍ଗଦର୍ଶିକାକୁ ମଧ ଅନୁସରଣ କରିବା ଆବଶ୍ୟକ ।

2016-19 ମଧ୍ୟରେ ରାଜ୍ୟ ଅନୁଦାନ 42.48 କୋଟି ଟଙ୍କା ଥିବା ବେଳେ, ନମୁନା ଯାଞ୍ଚ୍ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ 40.81 କୋଟି ଟଙ୍କାର ଔଷଧ ଓ ଚିକିତ୍ସା ସାମଗ୍ରୀର ସ୍ଥାନୀୟ ସଂଗ୍ରହଣ କରିଥିଲେ । ଜିଲ୍ଲାୱାରୀ ବଣ୍ଟନ ତଥା ବ୍ୟୟ ନିମ୍ନ ସାରଣୀରେ ଦର୍ଶାଯାଇଛି ।

**ସାରଣୀ 2.1.6: 2016-19 ମଧରେ ପାଣ୍ଠିର ଆବଣ୍ଟନ ଓ ବ୍ୟୟ**

| ଡିଏଚ୍‌ଏଚ୍/ ଏମ୍‌ସିଏଚର ନାମ | ଆବଣ୍ଟନ | ଖର୍ଚ୍ଚ | ସଞ୍ଚୟ | ବିନିଯୋଗ ହୋଇନଥିବାର ପ୍ରତିଶତ |
|---|---|---|---|---|
| | (ଲକ୍ଷ ଟଙ୍କାରେ) | | | |
| ବଲାଙ୍ଗିର | 475.80 | 436.72 | 39.08 | 8.21 |

[16] ଜିଲ୍ଲା ଚିକିତ୍ସା ଅଧିକାରୀ/ ମୁଖ୍ୟ ଚିକିତ୍ସା ଅଧିକାରୀ/ ମେଡିକାଲ କଲେଜ ଗୁଡ଼ିକର ସୁପରିଟେଣ୍ଡେଣ୍ଟ

| ଡିଏଚ୍‌ଏଚ୍/ ଏମ୍‌ସିଏଚର ନାମ | ଆବଣ୍ଟନ | ଖର୍ଚ୍ଚ | ସଞ୍ଚୟ | ବିନିଯୋଗ ହୋଇନଥିବାର ପ୍ରତିଶତ |
|---|---|---|---|---|
| | (ଲକ୍ଷ ଟଙ୍କାରେ) | | | |
| ବୌଦ୍ଧ | 112.33 | 49.54 | 62.79 | 55.90 |
| କେଉଁଝର | 374.28 | 361.43 | 12.85 | 3.43 |
| ନବରଙ୍ଗପୁର | 255.74 | 255.55 | 0.19 | 0.07 |
| ପୁରୀ | 524.09 | 476.84 | 47.25 | 9.02 |
| ରାୟଗଡା | 294.03 | 292.13 | 1.90 | 0.65 |
| ସୁନ୍ଦରଗଡ | 547.89 | 547.86 | 0.03 | 0.01 |
| କଟକ | 1,664.14 | 1,661.41 | 2.73 | 0.16 |
| ମୋଟ | **4,248.30** | **4,081.48** | **166.82** | **3.93** |

***(ଉତ୍ସ:ଡିଏଚ୍‌ଏଚର ରେକର୍ଡ)***

ଉପରୋକ୍ତ ସାରଣୀରୁ ଦେଖିବାକୁ ମିଳିଥିଲା କି ବଲାଙ୍ଗିର, ବୌଦ୍ଧ ଓ ପୁରୀ ଜିଲ୍ଲାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଲୋକ ସ୍ୱାସ୍ଥ୍ୟ ଅଫିସର/ ଅଧିକାରୀ (ସିଡିଏମ୍ ଓ ପିଏଚ୍‌ଓ) ତାଙ୍କର ଫଣ୍ଡ/ ପାଣ୍ଠିର ଏକ ବୃହତ ଅଂଶ ବ୍ୟୟ କରିନଥିଲେ ଏବଂ ***ଅନୁଚ୍ଛେଦ 2.1.5*** ରେ ବର୍ଣ୍ଣିତ ଅନୁଯାୟୀ ଡିଏଚଏଚରେ ଆବଶ୍ୟକୀୟ ଔଷଧ ଗୁଡ଼ିକର ଷ୍ଟକ ଆଉଟ୍ ହେବା ପରେ ମଧ ପାଣ୍ଠିର ଏକ ବିଶେଷ ଭାଗ ଅତିକ୍ରାନ୍ତ ହେବା ପାଇଁ ଛାଡ଼ିଦେଇଥିଲେ । ଏହାପାଇଁ କୌଣସି ଅଭିଲିଖିତ କାରଣ ଉପଲବ୍ଧ ନଥିଲେ ମଧ ହସ୍ପିଟାଲ ଗୁଡ଼ିକ ଦ୍ୱାରା ଷ୍ଟକ ସ୍ଥିତିର ଦୁର୍ବଳ ମନିଟରିଂ ହିଁ ଏପରି ପରିସ୍ଥିତି ପାଇଁ ଦାୟୀ ବୋଲି ଅଡିଟ୍ ମତପୋଷଣ କରିଥିଲେ । ପ୍ରଭାବୀ ମନିଟରିଂ ସିଷ୍ଟମର ଅଭାବ ହେତୁ, ସ୍ଥାନୀୟ ସଂଗ୍ରହଣ ପାଇଁ ପାଣ୍ଠି ରହିଥିବା ସତ୍ତ୍ୱେ, ଆବଶ୍ୟକୀୟ ଔଷଧ ଗୁଡ଼ିକର ସଂଗ୍ରହଣ ହୋଇପାରିନଥିଲା ।

ଅଡିଟ୍ ମଧ ଏହା ଲକ୍ଷ୍ୟ କରିଥିଲା ଯେ, କେତେକ ନମୁନା ଯାଞ୍ଚ ୟୁନିଟ ଗୁଡ଼ିକର ଔଷଧ ସଂଗ୍ରହଣରେ ଦରଦାମ୍‌ର କୌଣସି ସଂଗତି ନଥିଲା ଏବଂ ଡିଏଚ୍‌ଏଚ୍/ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ଭିନ୍ନ ଭିନ୍ନ ଦରରେ ଔଷଧ ଓ ଚିକିତ୍ସା ସାମଗ୍ରୀର ସଂଗ୍ରହଣ କରିଥିଲେ । ନିମ୍ନରେ ଦିଆଯାଇଥିବା ଚାର୍ଟରେ ନମୁନା ଯାଞ୍ଚ ହସ୍ପିଟାଲ ଗୁଡ଼ିକ ଦ୍ୱାରା ସ୍ଥାନୀୟ ସଂଗ୍ରହଣ କରାଯାଇଥିବା ଦୁଇଟି ଆବଶ୍ୟକୀୟ ଔଷଧର ସଂଗ୍ରହଣ ଦରର ଏକ ତୁଳନାତ୍ମକ ଚିତ୍ର ପ୍ରଦତ୍ତ ହୋଇଛି ।

**ଚାର୍ଟ: 2.1.1 ନମୁନା ଯାଞ୍ଚ ହସ୍‌ପିଟାଲ ଗୁଡ଼ିକରେ ସଂଗୃହୀତ ଔଷଧ ମୂଲ୍ୟର ତୁଳନାତ୍ମକ ଚିତ୍ର**




***(ଉତ୍ସ ଡିଏଚଏଚର ରେକର୍ଡ)***

ଉପରୋକ୍ତ ଚାର୍ଟରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ ଡିଏଚଏଚ, ସୁନ୍ଦରଗଡ଼ ସେଫିକସାଇମ ଟାବଲେଟକୁ

7.80 ଟଙ୍କା ଦରରେ ସଂଗ୍ରହଣ କରିଥିଲେ ଯାହାକି ରାଜ୍ୟ ଚିକିତ୍ସା ନିଗମ ଲିଃର ସଂଗ୍ରହଣ ମୂଲ୍ୟ ଠାରୁ (2.58 ଟଙ୍କା ଟାବଲେଟ ପ୍ରତି) 3.02 ଗୁଣ ରହିଥିଲା । ସେହିପରି, ଓଡ଼ିଶା ଚିକିତ୍ସା ନିଗମ ଲି ଦେଇଥିବା ଦାମ 5.46 ପରିବର୍ତ୍ତେ ଡିଏଚ୍‌ଏଚ୍ ରାୟଗଡ଼ା 2.88 ଗୁଣ ଦାମରେ ଆଜିଥ୍ରୋମାଇସିନ୍ ଟାବଲେଟ ଗୁଡ଼ିକ 15.75 ଟଙ୍କା ଦରରେ ସଂଗ୍ରହଣ କରିଥିଲେ । ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲିଃର ସଂଗ୍ରହଣ ଦର ସହିତ ସ୍ଥାନୀୟ ସଂଗ୍ରହଣ ଦରର ଅଡିଟ ଏକ ତୁଳନାତ୍ମକ ଅଧ୍ୟୟନ କରି ଦେଖିଥିଲା ଯେ, 2018-19 ମଧ୍ୟରେ ହସ୍ପିଟାଲ ଗୁଡ଼ିକ 2.24 କୋଟି ଟଙ୍କାର ଔଷଧ ଏବଂ ଚିକିତ୍ସା ସାମଗ୍ରୀ କ୍ରୟରେ 98.12 ଲକ୍ଷ ଟଙ୍କା (44 ପ୍ରତିଶତ)ର ଅତିରିକ୍ତ ବ୍ୟୟ କରିଥିଲେ ।

ସ୍ଥାନୀୟ ସଂଗ୍ରହଣ ହୋଇଥିବା ସମୟରେ ଅଡିଟ୍ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ଅସୁବିଧା ଗୁଡ଼ିକ ନିମ୍ନରେ ଦର୍ଶାଗଲା:

### *2.1.7.1 ବିନା ଟେଣ୍ଡରରେ ସଂଗ୍ରହଣ*

ଅର୍ଥ ବିଭାଗ ଦ୍ୱାରା ଜାରୀ କରାଯାଇଥିବା ସଂଗ୍ରହଣ ସାମଗ୍ରୀ ମାର୍ଗଦର୍ଶିକା (ଫେବୃଆରୀ 2012) ଅନୁଯାୟୀ 5.00 ଲକ୍ଷ ଟଙ୍କା ଏବଂ ତତୁର୍ଦ୍ଧ ମୂଲ୍ୟର ସାମଗ୍ରୀ ସଂଗ୍ରହଣ ପାଇଁ ବିଜ୍ଞାପନ ଦ୍ୱାରା ଟେଣ୍ଡର ଆମନ୍ତ୍ରଣ କରିବା ଆବଶ୍ୟକ । କିନ୍ତୁ ଔଷଧ ଏବଂ ଚିକିତ୍ସାସାମଗ୍ରୀ ଗୁଡ଼ିକ ସ୍ଥାନୀୟ ସଂଗ୍ରହଣ ପାଇଁ ପାଞ୍ଚଟି ନମୁନା ଯାଞ୍ଚହୋଇଥିବା ହସ୍ପିଟାଲ[17]ର ସୁପରିଟେଣ୍ଡେଣ୍ଟ/ ସିଡିଏମ୍ ଓ ପିଏଚ୍‌ଓ କୌଣସି ବାର୍ଷିକ ଟେଣ୍ଡର ପ୍ରଣାଳୀ ଅନୁସରଣ କରିନଥିଲେ । ସାନି ଟେଣ୍ଡର ଆମନ୍ତ୍ରଣ କରିବା ପ୍ରତିବଦଳରେ ହସ୍ପିଟାଲ କର୍ତ୍ତୃପକ୍ଷମାନେ ସ୍ଥାନୀୟ ଔଷଧ ଦୋକାନୀ ମାନଙ୍କ ଠାରୁ ମୂଲ୍ୟାଙ୍କ ଆମନ୍ତ୍ରଣ କରି ସେମାନଙ୍କ ଦ୍ୱାରା ପୂର୍ବବର୍ଷ ଗୁଡ଼ିକରେ ଅନୁମୋଦିତ ହୋଇଥିବା ମୂଲ୍ୟରେ ଔଷଧ ଗୁଡ଼ିକ ସଂଗ୍ରହଣ କରିଥିଲେ । ଟେଣ୍ଡରର ପ୍ରଚଳନ ନକରିବା କାରଣରୁ ପ୍ରତିଯୋଗିତା ମୂଳକ ଦରରେ ଔଷଧର ସଂଗ୍ରହଣ ହୋଇ ନପାରିବା ସହିତ ଅର୍ଥ ବିଭାଗ ଦ୍ୱାରା ଜାରୀ କରାଯାଇଥିବା ସଂଗ୍ରହଣ ବ୍ୟବସ୍ଥାର ନିୟମ ଗୁଡ଼ିକ ମଧ ଉଲ୍ଲଙ୍ଘନ କରାଯାଇଥିଲା ।

2016-19 (ଜାନୁଆରୀ 2019 ପର୍ଯ୍ୟନ୍ତ) ମଧ୍ୟରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ, କଟକର ସୁପରିଟେଣ୍ଡେଣ୍ଟ କୌଣସି ଟେଣ୍ଡର ପ୍ରଚଳନ ନକରି 2015-16 ରେ ସୂଚୀଭୁକ୍ତ ହୋଇଥିବା ସ୍ଥାନୀୟ ଔଷଧ ଦୋକାନ ଗୁଡ଼ିକର ମୂଲ୍ୟାଙ୍କନ ଆଧାରରେ ଔଷଧ ସଂଗ୍ରହଣ କରିଥିଲେ । ଟେଣ୍ଡର ଅନୁପାଳନ ପୂର୍ବକ (ଫେବୃଆରୀ 2019) ଶେଷରେ ଅନୁମୋଦିତ ହୋଇଥିବା ଦର ସଂଗୃହୀତ ଔଷଧର ଦର (2016-19) ସହିତ ଏକ ତୁଳନାତ୍ମକ ଅଧ୍ୟୟନ ଦର୍ଶାଇଥିଲା ଯେ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ 88.38 ଲକ୍ଷ ଟଙ୍କାର ପାଞ୍ଚଟି ଔଷଧ ସଂଗ୍ରହଣ କରିବା ବେଳେ 21.58 ଲକ୍ଷ ଟଙ୍କା (24 ପ୍ରତିଶତ)ର ଅତିରିକ୍ତ ବ୍ୟୟ କରିଥିଲା ।

ସେହିପରି ଭାବରେ 2017-18 ରେ ଡିଏଚ୍‌ଏଚ, କେଉଁଝରଙ୍କ ଦ୍ୱାରା କିଣାଯାଇଥିବା (ଟେଣ୍ଡର ବିହୀନ) 61 ଟି ସାମଗ୍ରୀର ସଂଗ୍ରହଣ ଦର ସହିତ 2018-19 ର ଅନୁମୋଦିତ ଟେଣ୍ଡର ଦର ତୁଳନା କଲେ ଜଣାପଡ଼େ ଯେ, ସିଡିଏମ୍‌ଓ ପିଏଚଓ 87.96 ଲକ୍ଷ ଟଙ୍କାର ଔଷଧ ସଂଗ୍ରହଣ କରିବା ସମୟରେ 40.25 ଲକ୍ଷ (46 ପ୍ରତିଶତ) ଟଙ୍କାର ଅଧିକ ବ୍ୟୟ କରିଥିଲେ । ଏହି ଅଧିକା ବ୍ୟୟ, ରାଜ୍ୟ ରାଜକୋଷ ପାଇଁ କ୍ଷତି ସାବ୍ୟସ୍ତ ହୋଇଥିଲା ତଥା ଯୋଗାଣକାରୀମାନଙ୍କୁ ଅନୁଚିତ୍ ଭାବରେ ଆର୍ଥିକ ଲାଭ ପ୍ରଦାନ କରିଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କହିଥିଲା (ଅଗଷ୍ଟ 2020) ଯେ ଟେଣ୍ଡର ପ୍ରଚଳନ ନକରି ଜରୁରୀ କାଳୀନ ପରିସ୍ଥିତିରେ ଅତି ସଂକଟାପନ୍ନ ରୋଗୀମାନଙ୍କ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ସମୟ ସମୟରେ

---

17 ଏସ୍‌ସିବି, ଏମ୍‌ସିଏଚ୍, କଟକ (2016-18), କେଉଁଝର (2016-18), ବଲାଙ୍ଗୀର (2016-18), ନବରଙ୍ଗପୁର (2016-17), ରାୟଗଡ଼ା (2016-17)

ଔଷଧ ସଂଗ୍ରହଣ କରିଥାନ୍ତି । ଏହା ମଧ୍ୟ ମତପୋଷଣ କରାଯାଇଥିଲା ଯେ ଯେହେତୁ ଉତ୍ପାଦନକାରୀ ମାନେ ଥୋକ ଯୋଗାଣ ପାଇଁ ପ୍ରତିଯୋଗିତାମୂଳକ ଦର ପ୍ରଦାନ କରିଥାନ୍ତି, ସ୍ଥାନୀୟ କ୍ରୟ ଓ ରାଜ୍ୟ ଚିକିତ୍ସା ନିଗମ ଲିଃ ର କ୍ରୟ ମୂଲ୍ୟ ମଧ୍ୟରେ ସବୁବେଳେ ବିଭିନ୍ନତା ରହିବା ସ୍ୱାଭାବିକ ଅଟେ । କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଓଡ଼ିଶା ଚିକିତ୍ସା ନିଗମ ଲିଃ ଙ୍କ ଦ୍ୱାରା ଆବଶ୍ୟକୀୟ ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଣ କରାଯାଇନଥିବାରୁ ସ୍ଥାନୀୟ ସଂଗ୍ରହଣ ପ୍ରଣାଳୀର ଆଶ୍ରୟ ନେବାକୁ ପଡ଼ିଥିଲା ।

### 2.1.7.2 ଆବଶ୍ୟକତା ଠାରୁ ଅଧିକ ସଂଗ୍ରହଣ

ଏକକାଳୀନ ଏକ ମାସର ହିଁ ଆବଶ୍ୟକତା ଅନୁସାରେ ସଂଗ୍ରହଣ କରିବା ପାଇଁ ସରକାରଙ୍କର ଅନୁଦେଶ ଥିବା ସତ୍ତ୍ୱେ, ଡିଏଚଏଚ୍/ଏସସିବି, ଏମ୍ସିଏଚ ବିପୁଳ ପରିମାଣର ଔଷଧ କ୍ରୟ କରିଥିଲେ । ଏକକାଳୀନ ବିପୁଳ ପରିମାଣରେ ଔଷଧ ସଂଗ୍ରହଣ କରିବା ଦ୍ୱାରା ବ୍ୟୟ ଭାର ଅତିରିକ୍ତ ବୃଦ୍ଧି ପାଇଥିବା ସହିତ ରାଜ୍ୟ ଚିକିତ୍ସା ନିଗମ ଲି ଙ୍କର ଔଷଧ ଯୋଗାଣଧାରାକୁ ମଧ୍ୟ ପ୍ରତିକୂଳ ଭାବରେ ପ୍ରଭାବିତ କରିଥିଲା । କିଛି ଦୃଷ୍ଟାନ୍ତ ନିମ୍ନରେ ପ୍ରସ୍ତୁତ କରାଗଲା:

- ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ, କଟକ, ଜୁଲାଇରୁ ନଭେମ୍ବର 2017 ମଧ୍ୟରେ 59.77 ଲକ୍ଷ ଟ୍ଙ୍କା ମୂଲ୍ୟର 4600 ଟେଟ ଗ୍ଲୋବ ଇଞ୍ଜେକ୍ସନ ଏବଂ 2018-19 ମଧ୍ୟରେ 11.3 ଲକ୍ଷ ଟଙ୍କାର ନୋରାଡ ଇଞ୍ଜେକ୍ସନର 35000 ଶିଶି ସଂଗ୍ରହଣ କରିଥିଲେ । ଏହି ସଂଗ୍ରହଣ ସୂଚୀଭୁକ୍ତ ଔଷଧ ଦୋକାନ ମାନଙ୍କ ଠାରୁ କରାଯାଇଥିଲା । କିନ୍ତୁ ଏହି ଔଷଧ ଦୁଇଟିର ଯଥାକ୍ରମେ ମାସିକ ବ୍ୟବହାର ମାତ୍ର 100 ରୁ 200 ଶିଶି ଓ 2000 ଶିଶି ରହିଥିଲା । ରାଜ୍ୟ ଚିକିତ୍ସା ନିଗମ ଲିଃର ଚୁକ୍ତିଗତ ଦର ତୁଳନାରେ ଆବଶ୍ୟକତା ଠାରୁ ବହୁ ଅଧିକ ଔଷଧ ସଂଗ୍ରହଣରେ ଏମସିଏଚ 14.75 ଲକ୍ଷ ଟଙ୍କାର ଅତିରିକ୍ତ ବ୍ୟୟଭାର ସୃଷ୍ଟି କରିଥିଲେ ।
- 2017-19 ମଧ୍ୟରେ ଏକକାଳୀନ ଏକ ମାସର ଔଷଧ ଆବଶ୍ୟକତାରୁ ଅଧିକ, 19.04 ଲକ୍ଷ ଟଙ୍କା ମୂଲ୍ୟର ଡିକ୍ଲୋଫେନାକ ଇଞ୍ଜେକ୍ସନ, ଫେନିଟାଇନ୍ ସୋଡିୟମ ଇଞ୍ଜେକ୍ସନ, ଆଟ୍ରୋପାଇନ ଇଞ୍ଜେକ୍ସନ ଇତ୍ୟାଦି ଔଷଧ ଓ ଚିକିତ୍ସା ସାମଗ୍ରୀ ଗୁଡ଼ିକ (5000 ୟୁନିଟରୁ 150000 ୟୁନିଟ ପର୍ଯ୍ୟନ୍ତ), ତିନି ରୁ 14 ମାସ ଭିତରେ ବ୍ୟବହାର କରାଯାଇପାରିଥିଲା । ସେହି ସମାନ ସମୟରେ, ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲି ସେହି ଔଷଧଗୁଡ଼ିକୁ ଜିଲ୍ଲା ପଣ୍ୟାଗାରମାନଙ୍କୁ ଯୋଗାଇଥିଲା ଯାହାକି ହସ୍ପିଟାଲ ଗୁଡ଼ିକର ଆବଶ୍ୟକତାକୁ ପୂରଣ କରିପାରିଥାନ୍ତା ।

## 2.1.8 ସଂଗ୍ରହଣ, ସଂସ୍ଥାପନ, ଏବଂ ସରଞ୍ଜାମ, ଯନ୍ତ୍ରାଦି ଓ ଆସବାବ ପତ୍ର (ଇଆଇଏଫ୍)ର ରକ୍ଷଣାବେକ୍ଷଣ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜାରୀ କରାଯାଇଥିବା ଉପଯୁକ୍ତ ସଂଗ୍ରହଣ ଯୋଜନା ଏବଂ ଇଆଇଏଫର ପରିଚାଳନା ମାର୍ଗଦର୍ଶିକା ଅନୁଯାୟୀ (ଡିସେମ୍ବର 2014), ରାଜ୍ୟ ଡ୍ରଗ ପରିଚାଳନା ୟୁନିଟ୍ (ଏସ୍ଡିଏମୟୁ), ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କ ଠାରୁ ପ୍ରାପ୍ତ ଆବଶ୍ୟକତା ସୂଚୀକୁ ସଂକଳିତ କରିଥାନ୍ତି ଏବଂ ବାର୍ଷିକ ସଂଗ୍ରହଣ ଯୋଜନା (ଏପିପି) କୁ ଚୂଡ଼ାନ୍ତ କରିବା ପାଇଁ ରାଜ୍ୟ ସ୍ତରୀୟ ସରଞ୍ଜାମ ପରିଚାଳନା କମିଟି (ଏସ୍ଇଏମ୍ସି)ଙ୍କ ସମ୍ମୁଖରେ ପ୍ରସ୍ତୁତ କରିଥାନ୍ତି । ବଜେଟର ସମ୍ବଳ ଓ ସଂସ୍ଥାର ସ୍ତର ଆଧାରରେ ଆବଶ୍ୟକୀୟ ପରିମାଣର ସାମଗ୍ରୀ ତୁଳନାରେ ପ୍ରକୃତରେ କେତେ ସାମଗ୍ରୀ ଆହରଣ କରାଯିବ, ସେହି ପରିମାଣ ଏସଇଏମସି ଚୂଡ଼ାନ୍ତ କରିଥାନ୍ତି । ବାର୍ଷିକ ସଂଗ୍ରହଣ ଯୋଜନା (ଏଏପି) ଚୂଡ଼ାନ୍ତ ହୋଇସାରିବା ପରେ ରାଜ୍ୟ ଚିକିତ୍ସା ନିଗମ ଲି ଇଆଇଏଫର ସଂଗ୍ରହଣର ପ୍ରାରମ୍ଭ କରିଥାନ୍ତି ।

ଅଡିଟ ଲକ୍ଷ୍ୟ କଲା ଯେ ନିମ୍ନରେ ଦିଆଯାଇଥିବା ସାରଣୀ ଅନୁସାରେ ଏସଇଏମଇ 1,39,182 ଇଆଇଏଫ୍ ସଂଗ୍ରହଣ ପାଇଁ ଅନୁମୋଦନ କରିଥିବା ବେଳେ ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲି ମାତ୍ର 60,234 ଇଆଇଏଫ୍

ସଂଗ୍ରହଣ କରି ପାରିଥିଲା ।

**ସାରଣୀ 2.1.7 2016-19 ମଧ୍ୟରେ ଇଆଇଏଫ୍‌ର ଅନୁମୋଦନ ଓ ସଂଗ୍ରହଣର ସ୍ଥିତି**

| ବର୍ଷ | ଇଆଇଏଫର ସଂଖ୍ୟା | | | ସଂଗୃହୀତ ଇଆଇଏଫର ମୂଲ୍ୟ କୋଟି ଟଙ୍କାରେ |
|---|---|---|---|---|
| | ଅନୁମୋଦିତ | ସଂଗ୍ରହଣ (ଅନୁମୋଦିତ ଇଆଇଏଫର ପ୍ରତିଶତ) | ସଂସ୍ଥାପିତ ଅନୁମୋଦିତ ଇଆଇଏଫର ପ୍ରତିଶତ) | |
| 2016-17 | 32,423 | 21,631 (67) | 20,158 (93) | 56.89 |
| 2017-18 | 41,759 | 3,283 (8) | 3,196 (97) | 58.00 |
| 2018-19 | 65,000 | 35,320 (54) | 25,159 (71) | 117.24 |
| ମୋଟ | **1,39,182** | **60,234 (43)** | **48,513 (81)** | **232.13** |

*(ଉତ୍ସ: ରାଜ୍ୟ ଚିକିତ୍ସା ନିଗମ ଲିଙ୍କ ପ୍ରଦତ୍ତ ତଥ୍ୟରୁ)*

2016-19 ମଧ୍ୟରେ, ଏସଇଏମସିଙ୍କ ଦ୍ୱାରା ଅନୁମୋଦିତ ଇଆଇଏଫର ମାତ୍ର 43 ପ୍ରତିଶତ, ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲିଃ ସଂଗ୍ରହଣ କରିପାରିଥିଲେ । ଏପରିକି ଜୁନ୍ 2019 ସୁଦ୍ଧା, 11721 ଟି (19 ପ୍ରତିଶତ) ସଂଗୃହୀତ ଇଆଇଏଫ୍‌ର ସଂସ୍ଥାପନ ହୋଇନଥିଲା ଏବଂ ସେଗୁଡ଼ିକ ବିଭିନ୍ନ ଆବଶ୍ୟକତା ସୂଚୀ ତିଆରି କରୁଥିବା ଏଜେନ୍ସି ମାନଙ୍କ ପାଖରେ ଅବ୍ୟବହୃତ ହୋଇପଡ଼ିରହିଥିଲା । ନମୁନା ଯାଞ୍ଚ ହସ୍ପିଟାଲ ଗୁଡ଼ିକରେ, 5.43 କୋଟି ଟଙ୍କା ମୂଲ୍ୟର 1089 ଟି ସରଞ୍ଜାମ (ଡିସେମ୍ବର 2016 ରୁ ସେପ୍ଟେମ୍ବର 2019 ମଧ୍ୟରେ ମିଳିଥିବା ମଧ୍ୟରୁ 78ଟି (7 ପ୍ରତିଶତ) ସରଞ୍ଜାମ[18] ଯେପରିକି ଭେଣ୍ଟିଲେଟର, ଡିଫାଇବ୍ରିଲେଟର, ଅପରେସନ ଥିଏଟର (ଓଟି), ମନିଟର, ବାୟୋ-ସେଫ୍‌ଟି କ୍ୟାବିନେଟ୍ ଇତ୍ୟାଦି ସଂସ୍ଥାପନ ନହୋଇ ମଧ୍ୟ ପଡ଼ିରହିଥିଲା । ଅଡିଟ୍ ମଧ୍ୟ ଯନ୍ତ୍ରାଂଶ/ ସରଞ୍ଜାମ ଗୁଡ଼ିକ ଅବ୍ୟବହୃତ ତଥା ଅକାମୀ ଅବସ୍ଥାରେ ପଡ଼ିରହିଥିବା ଲକ୍ଷ୍ୟ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ ଇଆଇଏଫ୍‌ର ଯୋଗାଣ ନହେବା କିମ୍ବା ବିଳମ୍ବରେ ଯୋଗାଣ ହେବା ପଛରେ ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଦ୍ୱାରା ବିଳମ୍ବରେ ସଂଗ୍ରହଣ, ବାର୍ଷିକ ସଂଗ୍ରହଣ ଯୋଜନା (ଏପିପି) ର ବିଳମ୍ବରେ ଅନୁମୋଦନ ଇତ୍ୟାଦିର ପ୍ରତ୍ୟେକ୍ଷ ସମ୍ବନ୍ଧ ରହିଅଛି । କିଛି ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା:

### *2.1.8.1 ରୋବୋଟିକ୍ ସର୍ଜରୀ ପାଇଁ ସରଞ୍ଜାମର ସଂରକ୍ଷଣ ନହେବା*

ଜଟିଳ ଏବଂ ଉନ୍ନତ ଶଲ୍ୟ ଚିକିତ୍ସା କାର୍ଯ୍ୟ ସଂଚାଳନ କରିବା ପାଇଁ ଶ୍ରୀରାମ ଚନ୍ଦ୍ର ଭଞ୍ଜ, ମେଡିକାଲ କଲେଜ ଓ ହସ୍ପିଟାଲ, କଟକ ଠାରେ ରୋବୋଟିକ୍ ସର୍ଜରୀ ପାଇଁ ଆବଶ୍ୟକୀୟ ବିନିର୍ଦ୍ଦେଶନ ଏବଂ ଇଆଇଏଫ୍‌ର ତାଲିକାକୁ ଏସଇଏମ୍‌ସି (ଅପ୍ରେଲ 2016) ଅନୁମୋଦନ କରିଥିଲେ । ଏହି ଉପରୋକ୍ତ ସରଞ୍ଜାମର ସଂଗ୍ରହଣ ପାଇଁ ଡାଇରେକ୍ଟର ମେଡିକାଲ ଶିକ୍ଷା ଓ ପ୍ରଶିକ୍ଷଣ (ଡିଏମ୍‌ଇଟି), ଓଡ଼ିଶା ଚିକିତ୍ସା ନିଗମ ଲିଃ କୁ 12 କୋଟି ଟଙ୍କା ପ୍ରଦାନ କରିଥିଲେ (ସେପ୍ଟେମ୍ବର 2016) । କିନ୍ତୁ ଅନୁମୋଦନର ତିନି ବର୍ଷ ପରେ ମଧ୍ୟ ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲିଃ ଏହାର ସଂଗ୍ରହଣ ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ତେଣୁ, ରୋବୋଟିକ୍ ସର୍ଜରୀ ସୁବିଧା ଉପଲବ୍ଧ ହୋଇନପାରିବାରୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଉନ୍ନତ ଧରଣର ରୋଗୀ ସେବା, ଶଲ୍ୟ ଚିକିତ୍ସା କୌଶଳ ଏବଂ ଶୈକ୍ଷିକମାନେ ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଥିଲେ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କହିଥିଲେ ଯେ (ଅଗଷ୍ଟ 2020), 10 ଡିସେମ୍ବର 2019 ରେ ଅଖିଳ ଭାରତୀୟ ଆୟୋବିଜ୍ଞାନ ସଂସ୍ଥା (ଏଆଇଆଇଏମ୍‌ଏସ୍) ର ୟୁରୋଲୋଜି ବିଭାଗର ଅନୁଷଦ ସଭ୍ୟ, ସ୍ନାତୋକତ୍ତର ମେଡିକାଲ/ ଚିକିତ୍ସା ଶିକ୍ଷା ଓ ଗବେଷଣା ସଂସ୍ଥା (ପିଜିଆଇଏମ୍‌ଇଆର) ଚଣ୍ଡିଗଡ଼ ଏବଂ ବ୍ୟବହାରକାରୀ ସଂସ୍ଥାମାନଙ୍କର ପ୍ରଫେସର ମାନଙ୍କୁ ନେଇ ଗଠିତ ପ୍ରାୟୋଗିକ କମିଟି ଦ୍ୱାରା ପ୍ରାୟୋଗିକ ମାନର ପରିବର୍ତ୍ତନ କରାଯାଇଥିଲା । ସରକାରଙ୍କର ଇ-ମାର୍କେଟ ପ୍ଲେସ (ଜିଇଏମ୍ ) ଦ୍ୱାରା ରୋବୋଟିକ୍

[18] ବଲାଙ୍ଗୀର: 38; ବୌଦ୍ଧ: 9; କେଉଁଝର: 16; କଟକ: 4; ପୁରୀ: 1; ନବରଙ୍ଗପୁର: 1; ରାୟଗଡ଼ା: 6; ସୁନ୍ଦରଗଡ଼: 3

ସର୍ଜରୀ ସରଞ୍ଜାମର ସଂଗ୍ରହଣ ନିମନ୍ତେ ବର୍ଗ ସୃଷ୍ଟି କରିବା ପାଇଁ ଅନୁରୋଧ କରାଯାଇଥିଲା । ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା । ସରଞ୍ଜାମର ବିନିର୍ଦ୍ଦେଶନ ଚୂଡ଼ାନ୍ତ କରିବା ପାଇଁ ସାଢ଼େ ତିନି ବର୍ଷ ଅତିକ୍ରାନ୍ତ ହେବା, ସମଗ୍ର ପ୍ରଣାଳୀରେ ନିଷ୍କ୍ରିୟତା ସ୍ଥିତିକୁ ଦର୍ଶାଇଥିଲା ।

### 2.1.8.2 ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତୋକତ୍ତର ଶିଶୁ ଚିକିତ୍ସା ସଂସ୍ଥାକୁ ସରଞ୍ଜାମ ଯୋଗାଣରେ ବିଳମ୍ବ (ଏସଭିପିପିଜିଆଇ)

2.98 କୋଟି ଟଙ୍କାରେ ଏସ୍‌ଭିପିପିଜିଆଇ ପାଇଁ 890 ଟି ଇଆଇଏଫ୍‌ର ସଂଗ୍ରହଣ ପାଇଁ ଏସ୍‌ଇଏମ୍‌ସି (2015-16 ଏବଂ 2016-17) ଅନୁମୋଦନ କରିଥିଲେ । ଯଦିଓ 2015-16 ରେ ଏହି ଅନୁମୋଦନ କରାଯାଇଥିଲା, ସେହି ଇଆଇଏଫ୍ ଯୋଗାଣ ପାଇଁ ରାଜ୍ୟ ଚିକିତ୍ସା ନିଗମ ଲି ତିନିବର୍ଷ ସମୟ ନେଇଥିଲେ । ଏହା ନିଗମଙ୍କର ପ୍ରକରଣ ପାଇଁ ଅନାଗ୍ରହକୁ ସୂଚିତ କରିଥିଲେ । ଆବଶ୍ୟକୀୟ ସରଞ୍ଜାମର ସମୟୋଚିତ ଯୋଗାଣ ହସ୍ପିଟାଲରେ ଉଚ୍ଚ ଗୁଣବତ୍ତା ଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସକ୍ଷମ ହୋଇପାରିଥାନ୍ତା ।

ଅଡିଟର ମନ୍ତବ୍ୟ ଉପରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କୌଣସି ନିର୍ଦ୍ଦିଷ୍ଟ ମତ ପୋଷଣ କରିନଥିଲେ ।

### 2.1.8.3 ଅକାମୀ ସରଞ୍ଜାମ

ନମୁନା ଯାଞ୍ଚ ହସ୍ପିଟାଲ ଗୁଡ଼ିକରେ 2 ମାସରୁ 36 ମାସ ପର୍ଯ୍ୟନ୍ତ 2.84 କୋଟି ଟଙ୍କା ମୂଲ୍ୟର 521 ଟି ସରଞ୍ଜାମରୁ 94 ଟି ସରଞ୍ଜାମ ଅକାମୀ/ ଅବ୍ୟବହୃତ ହୋଇ ପଡି ରହିଥିଲା । ପୁନଃ କାର୍ଯ୍ୟକ୍ଷମ କରିବା ନିମିତ୍ତ ସମ୍ବନ୍ଧୀୟ ଅଧିକାରୀ ମାନଙ୍କର ନିଷ୍କ୍ରିୟତା ବା ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ଅଭାବ ହେତୁ ସେହି ସରଞ୍ଜାମ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇନଥିଲା । ଉଚ୍ଚମାନଯୁକ୍ତ ଭେଣ୍ଟିଲେଟର (ନବରଙ୍ଗପୁର ଡିଏଚ୍‌ଏଚ୍), ଜୈବ ସୁରକ୍ଷିତ କ୍ୟାବିନେଟ୍ (ନବରଙ୍ଗପୁର ଡିଏଚ୍‌ଏଚ୍‌ରେ), ଅର୍ଦ୍ଧସ୍ୱୟଂଚାଳିତ ଆନାଲାଇଜର (ଡାବୁଗାଁ ଓ ପାପଡାହାଣ୍ଡି ସିଏଚ୍‌ସି) ଓ ଏଲିସା ମେସିନ୍ (ଗୁଣୁପୁର ଏସ୍‌ଡିଏଚ୍) ପାଇଁ ପ୍ରଶିକ୍ଷିତ ଚାଳକଙ୍କର ଅନୁପଲବ୍ଧତା ମଧ୍ୟ ଅଡିଟ୍ ଲକ୍ଷ୍ୟ କରିଥିଲେ । ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇନ୍‌ଡାଇରେକ୍ଟ ଅପଥାଲ୍‌ମୋସ୍କୋପ୍ ଚଳାଇବା ପାଇଁ ଚକ୍ଷୁ ବିଶେଷଜ୍ଞ ମଧ୍ୟ ନଥିଲେ । । ଫଳସ୍ୱରୂପ, ଏହି ଉପକରଣଗୁଡିକ ବ୍ୟବହାର କରାଯାଇପାରି ନଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ (ଅଗଷ୍ଟ 2020) କହିଥିଲେ ଯେ 2019-20 ରେ ବାୟୋ ମେଡିକାଲ ସରଞ୍ଜାମ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ ପାଇଁ ଟେଣ୍ଡର ଚୂଡ଼ାନ୍ତ ହୋଇସାରିଛି ଏବଂ ୱାରେଣ୍ଟି ସମୟ ପଶ୍ଚାତ୍ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କୁ ଯୋଗାଇଦିଆଯାଇଥିବା ଇଆଇଏଫ୍‌ର ରକ୍ଷଣାବେକ୍ଷଣ ପାଇଁ 1 ଜାନୁଆରୀ 2020 ରୁ କାର୍ଯ୍ୟକ୍ଷମ ହୋଇଛି । କିନ୍ତୁ ଅକାମୀ ଉପକରଣର ପୁନଃସ୍ଥାପନ/ ମହାମତି ପାଇଁ ନିଆ ଯାଇନଥିବା କାର୍ଯ୍ୟାନୁଷ୍ଠାନ ଏବଂ ୱାରେଣ୍ଟି ସମୟ ସୀମା ମଧ୍ୟରେ ଅକାମୀ ପଡ଼ିଥିବା ଇଆଇଏଫ୍‌ର ରକ୍ଷଣାବେକ୍ଷଣ ସମ୍ବନ୍ଧରେ ନୀରବ ରହିଥିଲା ।

### 2.1.8.4 ଯକୃତ ପ୍ରତିରୋପଣ ୟୁନିଟ୍ ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତିର ଅନୁପଯୋଗ

ଆବଶ୍ୟକ ଭିତ୍ତିଭୂମି ଯଥା ଅପରେସନ ଥିଏଟର (ଓଟି), ଇଣ୍ଟେନସିଭ୍ କେୟାର ୟୁନିଟ୍ (ଆଇସିୟୁ) ଏବଂ ଆନୁଷଙ୍ଗିକ ୱାର୍କ ଇତ୍ୟାଦିର ଅଭାବ ହେତୁ ଯକୃତ ପ୍ରତିରୋପଣ ୟୁନିଟ୍ ପାଇଁ ଏସ୍‌ସିବି ଏମ୍‌ସିଏଚ୍, କଟକକୁ ଯୋଗାଇ ଦିଆଯାଇଥିବା (ଜାନୁଆରୀ ରୁ ମାର୍ଚ୍ଚ 2015) 5.41 କୋଟି ଟଙ୍କା ମୂଲ୍ୟର ଯନ୍ତ୍ରାଂଶ ସଂସ୍ଥାପନ କରାଯାଇ ପାରିନଥିଲା । ମାର୍ଚ୍ଚ 2017 ବର୍ଷ ପାଇଁ ସିଏଜିଙ୍କ ଅଡିଟ୍ ରିପୋର୍ଟରେ ପ୍ରକାଶିତ ମନ୍ତବ୍ୟ ସତ୍ତ୍ୱେ ଏଲ୍‌ଟିୟୁ କାର୍ଯ୍ୟକ୍ଷମ ହୋଇପାରିନଥିଲା । ଏଲ୍‌ଟିୟୁର ଅଣ-କାର୍ଯ୍ୟକାରିତା ଯୋଗୁ 5.88 କୋଟି ଟଙ୍କାର ଯନ୍ତ୍ରାଂଶ (ସେପ୍ଟେମ୍ବର 2019) ଯେଉଁଥିରେ ଅନ୍ତର୍ଭୁକ୍ତ ଥିବା 46.27 କୋଟି ଟଙ୍କା ମୂଲ୍ୟର ଓଟି ଟେବୁଲ (ଅଗଷ୍ଟ 2018) ଅନ୍ତର୍ଭୁକ୍ତ, ନିରର୍ଥକ ହୋଇଗଲା । ଏହା ସୂଚାଇ ଦେଇଛି ଯେ ଆବଶ୍ୟକୀୟ ଭୂମି ସହିତ ଦରକାରୀ ଭୀତ୍ତିଭୂମିର ନିଶ୍ଚିତ କରାଯିବା ପୂର୍ବରୁ ଯନ୍ତ୍ରାଂଶର ବରାଦ/ ଯୋଗାଡ଼ କରାଯାଇଥିଲା ।

ଏଚ୍‌ଆଣ୍ଡଏଫ୍‌ଡବ୍ଲୁ ବିଭାଗ (ଅଗଷ୍ଟ 2020) ଦର୍ଶାଇଥିଲେ ଯେ ଏଲ୍‌ଟିୟୁ ସେବେଠାରୁ କାର୍ଯ୍ୟକ୍ଷମ ଥିଲା । ଏସ୍‌ସିବି ଏମ୍‌ସିଏଚ୍, କଟକ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ (ସେପ୍ଟେମ୍ବର 2020) ଏଲ୍‌ଟିୟୁ କାର୍ଯ୍ୟ କରୁନଥିବାରୁ ଏହାର ଉତ୍ତର ଗ୍ରହଣୀୟ ନୁହେଁ ।

ଏହିପରି ଓଏସ୍‌ଏମ୍‌ସିଏଲ୍ ବରାଦ ଅନୁଯାୟୀ ଇଆଇଏଫ୍ କ୍ରୟ ଏବଂ ଯୋଗାଣ କରିବାରେ ସକ୍ଷମ ହୋଇନଥିଲା । ଆବଶ୍ୟକତା ଓ ଉପଯୁକ୍ତ ସମୟ ଅନୁଯାୟୀ ଇଆଇଏଫ୍‌ର ଯୋଗାଣ/ ରକ୍ଷଣାବେକ୍ଷଣ/ ସ୍ଥାପନା ନ ହେବାରୁ ଡାକ୍ତରଖାନା ଗୁଡ଼ିକରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନରେ ବାଧା ସୃଷ୍ଟି ହୋଇଥିଲା । ଏହା ମଧ୍ୟ ଇଆଇଏଫ୍‌ର କ୍ରୟ ଏବଂ ଯୋଗାଣକାରୀ ସଂସ୍ଥା ଭାବରେ ଓଏସ୍‌ଏମ୍‌ସିଏଲ୍‌ର ଅପାରଗତାକୁ ସୂଚାଇଥିଲା ।

## 2.1.9 ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା

ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫ୍‌ଆର୍) ଅଧିନରେ ଥିବା ବ୍ୟବସ୍ଥା ସହିତ ସମୟ ସମୟରେ ଅର୍ଥ ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ପ୍ରକ୍ରିୟାଗୁଡ଼ିକୁ ଓଏସ୍‌ଏମ୍‌ସିଏଲ୍ ଅନୁସରଣ କରେ ।

ଅଡିଟ୍ ଅବଲୋକନ କରିଥିଲା ଯେ ଓଏସ୍‌ଏମ୍‌ସିଏଲ୍ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା, ଆର୍ଥିକ ଏବଂ ଦକ୍ଷତା ବଜାୟ ରଖିନଥିଲା, ଫଳସ୍ୱରୂପ ଯନ୍ତ୍ରାଂଶ ଗୁଡ଼ିକ ଆଂଶିକ/ ଅଣଯୋଗାଣ, ଯୋଗାଣକାରୀମାନଙ୍କ ପାଇଁ ଅଯଥା ସୁବିଧା ଇତ୍ୟାଦି ଦିଆଯାଇଥିଲା ଯାହା ନିମ୍ନଲିଖିତ ଅନୁଚ୍ଛେଦରେ ଆଲୋଚନା କରାଗଲା:

### *2.1.9.1 ଟେଣ୍ଡର ଚୂଡ଼ାନ୍ତ କରିବାରେ ଓଏସ୍‌ଏମ୍‌ସିଏଲର ଅଭାବନୀୟ ପନ୍ଥା ଅନୁସରଣ କରିବା ଦ୍ୱାରା ରକ୍ତ ଉପାଦାନ ପୃଥକୀକରଣ ୟୁନିଟ୍ ଗୁଡ଼ିକର କାର୍ଯ୍ୟକାରି ହୋଇନଥିବା ଏବଂ 4.47 କୋଟି ଟଙ୍କା ମୂଲ୍ୟର ଯନ୍ତ୍ରପାତି ନିଷ୍କ୍ରିୟ ହେବା*

ଷ୍ଟେଟ୍ ବ୍ଲଡ୍ ଟ୍ରାନ୍ସମିସନ କାଉନସିଲ୍ (ଏସ୍‌ବିଟିସି), ଓଡ଼ିଶା, ସାତଟି ଡିଏଚ୍‌ଏଚ୍‌ରେ[19] ବ୍ଲଡ୍ କମ୍ପୋନେଣ୍ଟ ସେପାରେସନ ୟୁନିଟ୍‌ମାନ (ବିସିଏସ୍‌ୟୁ) ପ୍ରତିଷ୍ଠା ପାଇଁ ସରଞ୍ଜାମ ଏବଂ ଯନ୍ତ୍ରପାତି କିଣିବାକୁ ଓଏସ୍‌ଏମ୍‌ସିଏଲ୍‌କୁ ଅନୁରୋଧ କରିଥିଲା (ଡିସେମ୍ବର 2015) । ଏହି ବିସିଏସ୍‌ୟୁ ଗୁଡ଼ିକ ପାଇଁ 12 ଟି ଉପକରଣ ଏବଂ ଯନ୍ତ୍ରପାତି[20] କ୍ରୟ ନିମିତ୍ତ, ଓଏସ୍‌ଏମ୍‌ସିଏଲ୍ ଟେଣ୍ଡର ଆହ୍ୱାନ (ଜାନୁଆରୀ 2016) କରିଥିଲା । ଟେଣ୍ଡର ମୂଲ୍ୟାଙ୍କନ କମିଟି (ଟିଇସି) 12 ଟି ଉପକରଣ କ୍ରୟକୁ ଅନୁମୋଦନ କରିଥିଲା ଏବଂ ଅଣ-ପ୍ରତିକ୍ରିୟାଶୀଳ/ ଏକକ ବିଡ୍ କାରଣରୁ ଅନ୍ୟ ସାତଟି ଉପକରଣ[21] ପାଇଁ ପୁନଃଟେଣ୍ଡର କରିବାକୁ ସୁପାରିଶ କରିଥିଲା । ପୁନଃ ଟେଣ୍ଡର କରିବା ପରେ (ମଇ 2016) ଟିଇସି ତିନୋଟି ଯନ୍ତ୍ରପାତିକୁ ଅନୁମୋଦନ କରିଥିଲେ ଏବଂ ମୂଲ୍ୟ ଯଥାର୍ଥତା ଅନୁଯାୟୀ ଦୁଇଟି ଉପକରଣ (ପ୍ଲାଜମା ଏକ୍ସପ୍ରେସର ଏବଂ ଷ୍ଟେରାଇଲ୍ କନେକ୍ଟିଙ୍ଗ୍ ଡିଭାଇସ୍)କୁ ଅନୁମୋଦନ ପାଇଁ ପ୍ରସ୍ତାବ ଦେଇଥିଲେ । ଟିଇସି ପୁଣି ଥରେ ଅନ୍ୟ ଦୁଇଟି ଉପକରଣ (ଡିଜିଟାଲ ପିଏଚ୍ ମିଟର ଏବଂ ବ୍ଲଡ ଟ୍ରାନ୍ସପୋର୍ଟ କୁଲ୍‌ଡ ଚେନ୍ ବକ୍ସ) ପୁନଃଟେଣ୍ଡର ପାଇଁ ପ୍ରସ୍ତାବ ଦେଇଥିଲେ ।

---

19 (i) ବାଲେଶ୍ୱର, (ii) ବାରିପଦା, (iii) କେଉଁଝର, (iv) କୋରାପୁଟ, (v) ବରଗଡ, (vi) ବଲାଙ୍ଗିର ଓ (vii) ରାଉରକେଲା

20 (i) ରେଫ୍ରିଜେରେଟେଡ୍ ସେଣ୍ଟ୍ରିଫୁଜ (ଫ୍ଲୋର ଷ୍ଟାଣ୍ଡିଂ ମଡେଲ) (ii) ପ୍ଲାଟେଲେଟ୍ ଏଜିଟେଟର କମ୍-ଇନକୁବେଟର (iii) ଡିପ୍ ଫ୍ରିଜର ($-80^0$ ସେଣ୍ଟିଗ୍ରେଡ) ଭର୍ଟିକାଲ (iv) ଡିପ୍ ଫ୍ରିଜର ($-40^0$ ସେଣ୍ଟିଗ୍ରେଡ) ଭର୍ଟିକାଲ) (v) ପ୍ଲାଜମା ଏକ୍ସପ୍ରେସର (vi) ପ୍ଲାଜମା ଥୋଇଙ୍ଗ୍ ବାଥ୍ (vii) ସେମି-ଅଟୋମେଟେଡ୍ କୋଆଗୁଲେସନ ଆନାଲାଇଜର (viii) ଲମିନାର ଏୟାର-ଫ୍ଲୋ-ବେଞ୍ଚ (ix) ଷ୍ଟେରାଇଲ୍ କନେକ୍ଟିଙ୍ଗ ଡିଭାଇସ୍ (x) ବ୍ଲଡ୍ ବ୍ୟାଙ୍କ୍ ରେଫ୍ରିଜରେଟର (xi) କ୍ରିଓବାଥ (xii) ପ୍ରୋଟେବୁଲ ଟ୍ୟୁବ୍ ସେଲର (xiii) ବ୍ଲଡ୍ କଲେକ୍ସନ ମନିଟର (xiv) ହରାଇଜେଣ୍ଟାଲ୍ ଅଟୋକ୍ଲେଭ୍ (xv) ଡିଜିଟାଲ ପିଏଚ୍ ମିଟର (xvi) ଡବଲ ପ୍ୟାନ ବାଲାନ୍ସ ଓ୍ୱେଇଂ ମେସିନ୍ (ଘଙ୍ଗସସ) ଟ୍ୟୁବ୍ ଷ୍ଟ୍ରିପର (xviii) ଟ୍ରାନ୍ସପୋର୍ଟ କୋଲ୍ଡ ଚେନ୍ ବକ୍ସ (xix) ଓ୍ୱାକରେନ୍ ରୁମ୍ (କୁଲର)

21 (i) ରେଫ୍ରିଜେରେଟେଡ୍ ସେଣ୍ଟ୍ରିଫୁଜ, (ii) ପ୍ଲାଟେଲେଟ୍ ଏଜିଟେଟର କମ୍-ଇନକୁବେଟର, (iii) କ୍ରିଓବାଥ, (iv) ପ୍ଲାଜମା ଏକ୍ସପ୍ରେସର, (v) ଷ୍ଟେରାଇଲ୍ କନେକ୍ଟିଙ୍ଗ ଡିଭାଇସ, (vi) ଡିଜିଟାଲ ପିଏଚ୍ ମିଟର ଏବଂ (vii) ବ୍ଲଡ୍ ଟ୍ରାନ୍ସପୋର୍ଟ କୋଲ୍ଡ ଚେନ୍ ବକ୍ସ

ମୂଲ୍ୟ ଯଥାର୍ଥତାରେ ପହଞ୍ଚିବା କିମ୍ବା ଟିଇସିର ସୁପାରିଶ ଅନୁଯାୟୀ ପୁନଃ ଟେଣ୍ଡର ପାଇଁ, ଓଏସ୍ଏମ୍ସିଏଲ୍ କୌଣସି ପଦକ୍ଷେପ ନେଇନଥିଲେ । ଉପରୋକ୍ତ ସୁପାରିଶର 25 ମାସ ପରେ, ଓଏସ୍ଏମ୍ସିଏଲ୍ ସାତଟି ବିସିଏସ୍ୟୁ ମାନଙ୍କ ପାଇଁ ପ୍ଲାଜମା ଏକ୍ସପ୍ରେସର,ଷ୍ଟେରାଇଲ୍ କନେକ୍ଟିଙ୍ଗ୍ ଡିଭାଇସ୍, ଡିଜିଟାଲ ପିଏଚ୍ ମିଟର ଇତ୍ୟାଦି ସହିତ ଅନେକ ଉପକରଣ କ୍ରୟ ପାଇଁ ଟେଣ୍ଡର ଆହ୍ୱାନ (ଫେବୃଆରୀ 2019) କରିଥିଲେ । ନିଲାମ ଅଙ୍କର ମୂଲ୍ୟ ନିର୍ଦ୍ଧାରଣ ପରେ, ତିନୋଟି ଉପକରଣ (ପ୍ଲାଲେଟ୍ ଆଜିଟେଟର, କ୍ରିଓବାଥ୍ ଏବଂ ଷ୍ଟେରାଇଲ୍ କନେକ୍ଟିଙ୍ଗ୍ ଡିଭାଇସ୍) ଯୋଗାଣ ପାଇଁ  ମନୋନୀତ ସଂସ୍ଥାଗୁଡ଼ିକ ସହିତ କ୍ରୟ ଅର୍ଡର ଗୁଡ଼ିକ (ନଭେମ୍ବର 2019) ରଖାଯାଇଥିଲା ଏବଂ ଡିସେମ୍ବର 2019 ସୁଦ୍ଧା ଅନ୍ୟାନ୍ୟ ଉପକରଣ[22] ଗୁଡ଼ିକର କ୍ରୟ ପ୍ରକ୍ରିୟା ଶେଷ ହୋଇପାରିନଥିଲା ।

ଏହିପରି ବିସିଏସ୍ୟୁ ଗୁଡ଼ିକର କାର୍ଯ୍ୟ ପାଇଁ ଆବଶ୍ୟକ ଥିବା ଏହି ଉପକରଣ ଯୋଗାଣ ନହେବା ହେତୁ, ଓଏସ୍ଏମ୍ସିଏଲ୍ ଦ୍ୱାରା 4.47 କୋଟି ଟଙ୍କା ମୂଲ୍ୟର ଉପକରଣ କ୍ରୟ ଏବଂ ବିସିଏସ୍ୟୁ ଗୁଡ଼ିକ ପାଇଁ ଡିଏଚ୍ଏଚ୍ କୁ ଯୋଗାଣ (ଜୁନ୍ 2016 ରୁ ଜୁନ୍ 2018) ନିଷ୍କ୍ରିୟ ରହିଥିଲା (ଡିସେମ୍ବର 2019), ଅଧିକନ୍ତୁ, ଡିଏଚ୍ଏଚ୍ ଗୁଡ଼ିକରେ ପଡ଼ିଥିବା ଚାରୋଟି ଯନ୍ତ୍ରାଂଶର[23] ୱାରେଣ୍ଟି ଅବଧି ଅଗଷ୍ଟରୁ ଅକ୍ଟୋବର 2019 ମଧ୍ୟରେ, ବ୍ୟବହାର ବିନା ଶେଷ ହୋଇସାରିଥିଲା ।

ଏଫ୍ ଆଣ୍ଡ ଡବ୍ଲୁଏଫ୍ ବିଭାଗ (ଅଗଷ୍ଟ 2020) କହିଥିଲେ ଯେ ଓଏସ୍ଏମ୍ସିଏଲ୍ ସାତଟି ବିସିଏସ୍ୟୁ ପାଇଁ 6.52 କୋଟି ଟଙ୍କା ମୂଲ୍ୟର ଉପକରଣ କ୍ରୟ କରିଥିଲେ ଏବଂ ସରକାରୀ ଇ-ମାର୍କେଟ ପ୍ଲେସ୍ (ଜିଇଏମ୍) ପୋର୍ଟାଲରେ ପ୍ଲାଜମା ଏକ୍ସପ୍ରେସର ପାଇଁ ଚୁକ୍ତିନାମା ଜାରି କରାଯାଇଥିଲା (ଡିସେମ୍ବର 2019) । ଏହାସହ ଏହା ମଧ୍ୟ କୁହାଯାଇଥିଲା ଯେ ଡିଜିଟାଲ ପିଏଚ୍ ମିଟର ଏବଂ ବ୍ଲଡ୍ ଟ୍ରାନ୍ସପୋର୍ଟ କୋର୍ଡ ଚେନ୍ ବକ୍ସ ଭଳି ଉପକରଣ ଗୁଡ଼ିକ ଅନୁଷ୍ଠାନ ସ୍ତରରେ କ୍ରୟ କରାଯାଉଥିଲା । ପ୍ରକୃତ କଥା ହେଉଛି ଯେ ବରାଦି ଯନ୍ତ୍ରପାତି ଗୁଡ଼ିକର ଯୋଗାଣରେ ବହୁ ବିଳମ୍ବକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ।

### *2.1.9.2 ମେଡିକାଲ କଲେଜ ଏବଂ ଡିଏଚ୍ଏଚ୍ ପାଇଁ ଦାନ୍ତ ଉପକରଣ କିଣିବାରେ ଅସ୍ୱାଭାବିକ ବିଳମ୍ବ*

ଏସ୍ସିବି ଏମ୍ସିଏଚ୍ (ଡେଣ୍ଟାଲ କଲେଜ) ଏବଂ ଏହାର ପରିଧିସ୍ଥ ସ୍ୱାସ୍ଥ୍ୟ ପ୍ରତିଷ୍ଠାନମାନଙ୍କ ପାଇଁ ଦନ୍ତ ଉପକରଣ କ୍ରୟ ଓ ଯୋଗାଣ ନିମିତ୍ତ, ରାଜ୍ୟ ସ୍ତରୀୟ ଉପକରଣ ପରିଚାଳନା କମିଟି (ଏସ୍ଇଏମ୍ସି) 11.42 କୋଟି ଟଙ୍କା ଅନୁମୋଦନ କରିଥିଲେ (13 ଅଗଷ୍ଟ 2015 ରୁ 20 ଅପ୍ରେଲ 2020) । ଓଏସ୍ଏମ୍ସିଏଲ୍ ଏହିପରି 44 ଟି ଉପକରଣ କ୍ରୟ ନିମିତ୍ତ ଟେଣ୍ଡର ଆହ୍ୱାନ କରିଥିଲେ (ଅକ୍ଟୋବର  2016) । ବିଡ୍ ଗୁଡ଼ିକର ବୈଷୟିକ ମୂଲ୍ୟାଙ୍କନ ପରେ (ମାର୍ଚ୍ଚ 2017), ଟିଇସି ସାତଟି ଉପକରଣର[24] ମୂଲ୍ୟ ବିଡ୍ ଖୋଲିବାକୁ ସ୍ଥିର କଲା ଯେଉଁଥିପାଇଁ ଏକାଧିକ ବିଡ୍ ଗ୍ରହଣ କରାଯାଇଥିଲା ଏବଂ ଅନ୍ୟ ଉପକରଣ (37) ପାଇଁ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ସୁପାରିଶ କରିଥିଲେ, ଯେଉଁଠାରେ କେବଳ ଗୋଟିଏ କିମ୍ବା କୌଣସି ବିଡ୍ ଦାଖଲ ହୋଇନଥିଲା । ଟିଇସି ଆର୍ଥିକ ବିଡର ମୂଲ୍ୟାଙ୍କନ (7 ଅକ୍ଟୋବର 2017) କରିଥିଲେ ଏବଂ ଏହି ସାତଟି ଜିନିଷ କିଣିବା ପାଇଁ ଏଲ୍-1 ବିଡରଙ୍କୁ ସୁପାରିଶ କରାଯାଇଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣରେ ଦେଖାଗଲା ଯେ ଟିଇସି ର ସୁପାରିଶ ପରେ ମଧ୍ୟ ଓଏସ୍ଏମ୍ସିଏଲ୍ ଏହି 37 ଟି

---

22 ପ୍ଲାଜମା ଏକ୍ସପ୍ରେସର, ଡିଜିଟାଲ ପିଏଚ୍ ମିଟର ଏବଂ କୋଲ୍ଡ ଚେନ୍ ବକ୍ସ

23 (i) ଲାମିନାର ଏୟାର ଫ୍ଲୋ ବେଞ୍ଚ, (ii) ବ୍ଲଡ୍ କଲେକ୍ସନ ମନିଟର, (iii) ପ୍ଲାଜମା ଥଇଙ୍ଗ୍ ବାଥ୍ ଏବଂ (iv) ସେମି ଅଟୋମେଟେଡ୍ କୋଆଗୁଲେସନ୍ ଆନାଲାଇଜର

24 (i) ମିଲିଂ ମେସିନ୍ ସହିତ ଅପଟିକାଲ ସ୍କାନର, (ii) କୋନ ବିମ୍ କମ୍ପ୍ୟୁଟରାଇଜଡ୍ ଟୋମୋଗ୍ରାଫି ମେସିନ୍, (iii) ଡେଣ୍ଟାଲ ଇନଷ୍ଟ୍ରୁମେଣ୍ଟ ସେଟ୍, (iv) ଡେଣ୍ଟାଲ ଲାବ ମାଇକ୍ରୋମିଟର ସହିତ ହ୍ୟାଣ୍ଡ ପିସେସ୍, (v) ଟେବୁଲ ଟପ୍ ଫ୍ରମ୍ ଲୋଡିଙ୍ଗ୍ ଅଟୋକ୍ଲେଭ୍, (vi) ଲେଜର ଫର ସଫ୍ଟ ଟିସୁ ଏବଂ (vii) ଅଲଟ୍ରାସୋନିକ୍ ସ୍କାଲର

ଉପକରଣ ପାଇଁ ପୁନଃ ଟେଣ୍ଡର କରିବାକୁ ପଦକ୍ଷେପ ନେଇନଥିଲେ । କ୍ରୟ ପାଇଁ ସୁପାରିଶ କରାଯାଇଥିବା ସାତୋଟି ଉପକରଣ କ୍ଷେତ୍ରରେ ମଧ୍ୟ ଓଏସ୍ଏମ୍ସିଏଲ୍ ଟେଣ୍ଡର ମୂଲ୍ୟର ଛଅ ମାସ ବୈଧତା ଅବଧି[25] (28 ଅକ୍ଟୋବର 2017) ମଧ୍ୟରେ ଆବଶ୍ୟକ ଅନୁମୋଦନ ପାଇବା ଏବଂ କ୍ରୟ ଅର୍ଡର ରଖିବା ପାଇଁ ଠିକ୍ ସମୟରେ ପଦକ୍ଷେପ ନେଇନଥିଲେ । ଅନୁମୋଦନ ପାଇଁ ଟିଇସିର କ୍ରୟ ସୁପାରିଶ ଗୁଡ଼ିକ ମୂଲ୍ୟାୟନ ହେବା ବେଳକୁ ଟେଣ୍ଡରର ବୈଧତା ଅବଧି ପ୍ରାୟ ଶେଷ ହୋଇ ଯାଇଥିଲା । ଫଳସ୍ୱରୁପ, ଓଏସ୍ଏମ୍ସିଏଲ୍କୁ ସମସ୍ତ 44 ଉପକରଣ ପାଇଁ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ପଡ଼ିଥିଲା ।

ଟିଇସି ଦ୍ୱାରା କ୍ରୟ ପାଇଁ ଅନୁମୋଦିତ ସାତଟି ଉପକରଣ ସହିତ ସମସ୍ତ ଦନ୍ତ ଉପକରଣ ପାଇଁ ପୁନଃ-ଟେଣ୍ଡର ପ୍ରକ୍ରିୟା କେବଳ ଡିସେମ୍ବର 2018 ରେ ଆରମ୍ଭ ହୋଇଥିଲା । ଟେକ୍ନିକାଲ୍ ବିଡ୍ ଫେବୃଆରୀ 2019 ରେ ଖୋଲାଯାଇଥିଲା ଏବଂ ଜୁନ୍ 2019 ପର୍ଯ୍ୟନ୍ତ ମୂଲ୍ୟାଙ୍କନ କରାଯାଇନଥିଲା । ତେବେ, 44 ଟି ଉପକରଣ ମଧ୍ୟରୁ ଦୁଇଟି ଉପକରଣ (ଡେଣ୍ଟାଲ ଚେୟାର ଏବଂ ଡେଣ୍ଟାଲ ଏକ୍ସରେ ମେସିନ) ରେଟ୍ ଚୁକ୍ତିନାମା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସଂଗ୍ରହଣ କରି ପ୍ରତିଷ୍ଠାନ ଗୁଡ଼ିକୁ ଯୋଗାଇ ଦିଆଯାଇଥିଲା ।

ତେଣୁ, ଡେଣ୍ଟାଲ କାଉନସିଲ୍ ଅଫ୍ ଇଣ୍ଡିଆ (ଡିସିଆଇ) ଅନୁଯାୟୀ ଦାନ୍ତ ଉପକରଣ କ୍ରୟ ତଥା ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମାନଙ୍କୁ ଜରୁରୀ ଜିନିଷ ଗୁଡ଼ିକ ଯୋଗାଣ କରିବାରେ ଓଏସ୍ଏମ୍ସିଏଲ୍ ଠିକ୍ ସମୟରେ ପଦକ୍ଷେପ ନେବାରେ ଉଦାସୀନ ଥିଲା । ଫଳସ୍ୱରୂପ, ମାନବ ସମ୍ବଳ ଏବଂ ପାଣ୍ଠିର ଉପଲବ୍ଧତା ସତ୍ତ୍ୱେ ରୋଗୀ ମାନଙ୍କର ଗୁଣାତ୍ମକ ଚିକିତ୍ସା ପାଇଁ ଆବଶ୍ୟକ ଦାନ୍ତ ଉପକରଣ ବିନା ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଡାକ୍ତରମାନଙ୍କୁ କାର୍ଯ୍ୟ କରିବାକୁ ପଡ଼ିଥିଲା ।

ଏଚ୍ ଆଣ୍ଡ ଏଫ୍ଡବ୍ଲୁ ବିଭାଗ ଦର୍ଶାଇଥିଲେ (ଅଗଷ୍ଟ 2020) ଯେ ଦ୍ରବ୍ୟ ଏବଂ ସେବା କର (ଜିଏସ୍ଟି) ପ୍ରବର୍ତ୍ତନ ହେତୁ ଟେଣ୍ଡର ଚୂଡାନ୍ତ ହୋଇପାରିଲା ନାହିଁ । ଏହା ମଧ୍ୟ କୁହାଯାଇଥିଲା ଯେ ଟେଣ୍ଡର ଚୂଡ଼ାନ୍ତ ହେବା ପରେ ଓଏସ୍ଏମ୍ସିଏଲ୍ ନଅଟି ଉପକରଣ ପାଇଁ କ୍ରୟ ଆଦେଶ ଜାରି କରିଥିଲେ । ପ୍ରକୃତ କଥା ହେଉଛି ଯେ ଉପକରଣର ଟେଣ୍ଡର ମୂଲ୍ୟ, ମୂଲ୍ୟଯୁକ୍ତ କର (ଭାଟ୍), ବିକ୍ରୟ କର/ ପ୍ରବେଶ କର ଠାରୁ ସ୍ୱତନ୍ତ୍ର ତେଣୁ କରି ଜିଏସ୍ଟି ପ୍ରବର୍ତ୍ତନ ଟେଣ୍ଡରକୁ ଅବୈଧ କରିପାରିବ ନାହିଁ ।

### *2.1.9.3 ଭର୍ଚୁଆଲ ଆନାଟୋମି ଡିସେକ୍ସନ୍ ଟେବୁଲ୍ କ୍ରୟ*

କ୍ରୟ ନିର୍ଦ୍ଦେଶାବଳୀ ଅନୁଯାୟୀ, ପର୍ଯ୍ୟାପ୍ତ ସଂଖ୍ୟକ ବିଡରଙ୍କୁ ଆକର୍ଷିତ କରିବା ପାଇଁ କ୍ରୟ କରିବାକୁ ଥିବା ଦ୍ରବ୍ୟର ବିଶେଷତା ବ୍ୟାପକ ହେବା ଉଚିତ୍ । ମାନକ ନିର୍ଦ୍ଦିଷ୍ଟକରଣ ବ୍ୟବହାର କରିବାକୁ ମଧ୍ୟ ପ୍ରୟାସ କରାଯିବା ଉଚିତ୍ ଯାହା ଶିଳ୍ପ ପାଇଁ ବ୍ୟାପକ ଭାବରେ ଜଣାଶୁଣା ହୋଇଥିବ ।

ଭିଆଇଏମ୍ଏସ୍ଏଆର୍[26], ବୁର୍ଲା ପାଇଁ ଗୋଟିଏ ଭର୍ଚୁଆଲ ଆନାଟୋମି ଡିସେକ୍ସନ୍ ଟେବୁଲ (ଭିଏଡିଟି) କିଣିବା ପାଇଁ ଟେଣ୍ଡର ଆହ୍ୱାନ କରିବା ବେଳେ ଓଏସ୍ଏମ୍ସିଏଲ୍ ଦୁଇଟି ବିଶେଷ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରିଥିଲା (ଷ୍ଟାଇଲସ୍ ସହିତ ରିଅଲଟାଇମ୍ 6 ଆକ୍ସିସ୍ ନାଭିଗେସନ ଏବଂ ଜୀବନ୍ତ ବ୍ୟକ୍ତିଙ୍କ ସହ କାମ କରିବା) ଯାହା କେବଳ ଗୋଟିଏ ନିର୍ମାଣ ସଂସ୍ଥା ଅର୍ଥାତ୍ ଆନାଟୋମେଜ୍, ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ସହିତ ଉପଲବ୍ଧ ଥିଲା । ପ୍ରିବିଡ୍ ବୈଠକରେ ଏହି ନିର୍ଦ୍ଦିଷ୍ଟତାର ଉଚ୍ଛେଦ/ ସଂଶୋଧନ କରିବାକୁ ଆଶାୟୀ ବିଡରଙ୍କ ଅନୁରୋଧ ସତ୍ତ୍ୱେ ଓଏସ୍ଏମ୍ସିଏଲ୍ ଏହାର ନିଷ୍ପତ୍ତି ଉପରେ ପୁନର୍ବିଚାର କରିନଥିଲା । ଫଳସ୍ୱରୂପ, ଟେଣ୍ଡରରେ ଅଂଶ ଗ୍ରହଣ ପାଇଁ ଅଧିକ ବିଡରଙ୍କୁ ଆକର୍ଷିତ କରିପାରିଲା ନାହିଁ ଏବଂ ଉକ୍ତ ଉପକରଣ ପାଇଁ କେବଳ ଜଣେ

[25] ବିଡ୍ ମୂଲ୍ୟ, ଖୋଲିବା ତାରିଖ ଠାରୁ ଛଅ ମାସ

[26] ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ

ବିଡର[27] ଯୋଗ୍ୟତା ଅର୍ଜନ କଲେ । ଇଣ୍ଡେଣ୍ଟ ସମୟରେ ଭିଆଇଏମ୍ଏସ୍ଏଆର୍, ବୁର୍ଲା ଦ୍ୱାରା ପ୍ରଦତ୍ତ 1.20 କୋଟି ଟଙ୍କାର ଆନୁମାନିକ ମୂଲ୍ୟ ସ୍ଥଳେ ଓଏସ୍ଏମ୍ସିଏଲ୍ ଏହି ଉପକରଣକୁ 2.34 କୋଟି ଟଙ୍କାରେ କ୍ରୟ କରିଥିଲେ ।

ଏହା ସତ୍ତ୍ୱେ, ଆଉ ନଅଟି ଟେବୁଲ୍ କ୍ରୟ ନିମିତ୍ତ ଓଏସ୍ଏମ୍ସିଏଲ୍ ଏହାର ପରବର୍ତ୍ତୀ ଟେଣ୍ଡର ଆହ୍ୱାନ (ମାର୍ଚ୍ଚ 2019) ବେଳେ, ଆଶାୟୀ ବିତରକଙ୍କ ଅନୁରୋଧ ତଥା ଅଧିକ ବିତରକଙ୍କୁ ସୁଯୋଗ ପ୍ରଦାନ ନିମନ୍ତେ ଉକ୍ତ ନିର୍ଦ୍ଦିଷ୍ଟତାକୁ ଉଚ୍ଛେଦ/ ସଂଶୋଧନ କରିଥିଲା । ତେବେ ପ୍ରଶାସନିକ କାରଣରୁ ଏହି ଟେଣ୍ଡର ବାତିଲ୍ କରାଯାଇଥିଲା । ପରବର୍ତ୍ତୀ ଟେଣ୍ଡରରେ ଏହି ବୈଶିଷ୍ଟ୍ୟ ଗୁଡ଼ିକର ଉଚ୍ଛେଦ ସୂଚାଇ ଦେଇଥିଲା ଯେ ଏହି ନିର୍ଦ୍ଦିଷ୍ଟତା ଗୁଡ଼ିକ ଜରୁରୀ/ ବାଧତାମୂଳକ ନୁହେଁ ।

ଏଚ୍ ଆଣ୍ଡ ଏଫ୍ଡବ୍ଲୁ ବିଭାଗ କହିଥିଲେ (ଅଗଷ୍ଟ 2020) ଯେ ବୈଷୟିକ କମିଟି ଦ୍ୱାରା ଚୂଡ଼ାନ୍ତ ହୋଇଥିବା ବୈଷୟିକ ନିର୍ଦ୍ଦିଷ୍ଟତା ଅନୁଯାୟୀ ଟେଣ୍ଡର ଆହ୍ୱାନ ହୋଇଥିଲା । ପ୍ରକୃତ କଥା ହେଲା ଯେ ପୂର୍ବ ଟେଣ୍ଡରରେ ଉକ୍ତ ବୈଶିଷ୍ଟ୍ୟଗୁଡ଼ିକ ଅନ୍ତର୍ଭୁକ୍ତ କରି, ଓଏସ୍ଏମ୍ସିଏଲ୍ ଏକ ଉତ୍କୃଷ୍ଟ ପ୍ରତିଯୋଗିତାମୂଳକ ମୂଲ୍ୟ ଆବିଷ୍କାର କରିପାରିଲା ନାହିଁ ଏବଂ ନିର୍ଦ୍ଦିଷ୍ଟ ଉତ୍ପାଦକ/ ଯୋଗାଣକାରୀଙ୍କ ପସନ୍ଦ କ୍ଷେତ୍ରକୁ ସଂକୀର୍ଣ୍ଣ କରିଥିଲା ।

### *2.1.9.4 ଖୁସି ଯୋଜନାର ଅଧିକ ମୂଲ୍ୟରେ ସାନିଟାରୀ ନାପକିନ୍ କ୍ରୟ*

ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା 17.26 ଲକ୍ଷ କିଶୋରୀ ବାଳିକା ମାନଙ୍କ ପାଇଁ ମାସିକ ଋତୁସ୍ରାବ ସ୍ୱଚ୍ଛତା ଯୋଜନା 'ଖୁସି' ଅଧିନରେ ସାନିଟାରୀ ନାପକିନ୍ ବଣ୍ଟନ କରିବାକୁ ଓଡ଼ିଶା ସରକାର (ଜାନୁଆରୀ 2018) ନିଷ୍ପତ୍ତି ନେଇଥିଲେ । ଓଏସ୍ଏମ୍ସିଏଲ୍, କ୍ରୟ ନିର୍ଦ୍ଦେଶାବଳୀ ଅନୁଯାୟୀ ସାନିଟାରୀ ନାପକିନର କ୍ରୟ ଓ ଯୋଗାଣ କରିବାର ଥିଲା ।

ଓଏସ୍ଏମ୍ସିଏଲ୍ ରାଜ୍ୟର ଇ-ଟେଣ୍ଡର ପୋର୍ଟାଲ୍ ମାଧ୍ୟମରେ ଏବଂ ଏହାର ୱେବ୍ସାଇଟ୍ ମାଧ୍ୟମରେ ଉତ୍ପାଦନ/ ଆମଦାନୀକାରୀଙ୍କ ଠାରୁ କୋଟେସନ୍ ଆମନ୍ତ୍ରଣ କରିଥିଲେ (ଜାନୁଆରୀ 2018) । ଉପରୋକ୍ତ ଟେଣ୍ଡର ଆଧାରରେ ପାଞ୍ଚ ଜଣ ବିଡର[28] ସେମାନଙ୍କ ବିଡ୍ ଦାଖଲ କରିଥିଲେ । ଟେଣ୍ଡର ମୂଲ୍ୟାଙ୍କନ କମିଟି (ଟିଇସି) (23 ଜୁଲାଇ 2018) ବୈଷୟିକ ବିଡ୍‌କୁ ଯାଞ୍ଚ କରିଥିଲେ ଏବଂ ବିଡରେ ଆବଶ୍ୟକ ଦଲିଲ୍ ଅଭାବ ହେତୁ ତିନୋଟି ବିଡ୍‌କୁ ପ୍ରତ୍ୟାଖ୍ୟାନ କରିଥିଲେ । ଟିଇସି (13 ଅଗଷ୍ଟ 2018) ଅବଶିଷ୍ଟ ଦୁଇଟି ବୈଷୟିକ ଯୋଗ୍ୟ ବିଡରଙ୍କ[29] ମୂଲ୍ୟ ବିଡ୍ ମୂଲ୍ୟାଙ୍କନ କରିଥିଲେ ଏବଂ ସର୍ବନିମ୍ନ ବିଡର (ଏଲ୍-1) ଦ୍ୱାରା ଉଦ୍ଧୃତ ମୂଲ୍ୟ ୟୁନିଟ୍ ପିଛା 2.97 ଟଙ୍କା (ଟିକସକୁ ବାଦ୍ ଦେଇ) ଦେଖିବାକୁ ପାଇଥିଲେ । ଟିଇସି ଆହୁରି ମଧ୍ୟ ଅବଲୋକନ କରିଥିଲେ ଯେ ଉକ୍ତ ଏଲ୍-1 ବିଡର ଅନ୍ୟ ଏକ ଯୋଜନା ଆର୍‌କେଏସ୍‌ୱାଇ[30] ଅନ୍ତର୍ଗତ, ସାନିଟାରି ନାପକିନ୍ ଯୋଗାଣ ପାଇଁ ୟୁନିଟ୍ ପିଛା 1.74 ଟଙ୍କା (ଟିକସକୁ ବାଦ୍ ଦେଇ) ଅନୁମୋଦିତ (ମଇ 2018) ହୋଇଥିଲା । ଯେହେତୁ ମୂଲ୍ୟ ଅଧିକ ଥିବାର ପ୍ରତୀୟମାନ ହେଲା ତେଣୁ ଯୋଗାଣକାରୀଙ୍କ ଦ୍ୱାରା ଦିଆଯାଇଥିବା ମୂଲ୍ୟର ଯଥାର୍ଥତା କମିଟି ଗ୍ରହଣ କରି ନଥିଲା ଏବଂ ଓଏସ୍ଏମ୍ସିଏଲ୍ ଦ୍ୱାରା ଟେଣ୍ଡର ବାତିଲ୍ କରାଯାଇଥିଲା (ସେପ୍ଟେମ୍ବର 2018) ।

---

27 ମେସର୍ସ ମା ଭେରିଜ ସଲ୍ୟୁସନ (ମେସର୍ସ ଆନାଟୋମେଜ୍, ୟୁଏସ୍ଏ ପାଇଁ)

28 ମେସର୍ସ ସଂଯୋଗ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍, ନାନ୍‌ଗ୍ଲୋଇ, ଦିଲ୍ଲୀ (ii) ମେସର୍ସ ଏଚ୍ଏଲ୍ଏଲ୍ ଲାଇଫ୍‌କେୟାର ଲିମିଟେଡ୍ କୋଲକତା (iii) ମେସର୍ସ ଶେଖାନୀ ଇଣ୍ଡଷ୍ଟ୍ରୀଜ୍ ପ୍ରାଇଭେଟ ଲିମିଟେଡ, ଅହମଦାବାଦ (iv) ମେସର୍ସ ବୈଦ୍ୟ ଆଣ୍ଡ ଇନଫ୍ରାଷ୍ଟ୍ରକଚର୍ ପ୍ରାଇଭେଟ ଲିମିଟେଡ ଏବଂ (v) ମେସର୍ସ ଓମ୍ ଶାନ୍ତି ଟ୍ରେଡରସ୍ , ନବରଙ୍ଗପୁର

29 ମେସର୍ସ ଏଚ୍ଏଲ୍ଏଲ୍ ଲାଇଫକେୟାର ଲିମିଟେଡ୍ କୋଲକତା ଏବଂ (ii) ମେସର୍ସ ଶେଖାନି ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ, ଅହମଦାବାଦ

30 ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ଓଏସ୍ଏମ୍ସିଏଲ୍ ଉକ୍ତ ଦ୍ରବ୍ୟ ପାଇଁ ପୁନଃ ଟେଣ୍ଡର (ସେପ୍ଟେମ୍ବର 2018) ପ୍ରକ୍ରିୟାକୁ ଯାଇଥିଲେ ଏବଂ ମୂଲ୍ୟ ବିଡର ମୂଲ୍ୟାଙ୍କନ ପରେ, ଟିଇସି ସାନିଟାରୀ ନାପକିନ୍ ପାଇଁ ଗୋଟିଏ ଫାର୍ମ[31] ଦ୍ୱାରା ଦର୍ଶାଯାଇଥିବା ମୂଲ୍ୟାଙ୍କୁ ଏଲ୍-1 ବିଡର ଭାବରେ ଗ୍ରହଣ କରି ଖଣ୍ଡ ପ୍ରତି 2.30 ଟଙ୍କାରେ ଅନୁମୋଦନ କରିଥିଲେ । ସେହି ଅନୁଯାୟୀ, ସାନିଟାରୀ ନାପକିନ୍ ଯୋଗାଣ ପାଇଁ ଫାର୍ମ ସହିତ କ୍ରୟ ଆଦେଶ ରଖାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ:

- ଏଲ୍-1 ଫାର୍ମକୁ ଚୟନ କରିବା ବେଳେ ଓଏସ୍ଏମ୍ସିଏଲ୍ ଆର୍କେଏସ୍କେ ଅଧିନରେ କିଣାଯାଇଥିବା ନାପକିନ୍ ମୂଲ୍ୟକୁ ପ୍ରଥମ ଟେଣ୍ଡର ପରି ବିଚାର କରିନଥିଲା, ଯଦିଓ ଖୁସି ଅଧୀନରେ ଥିବା ସମାନ ନାପକିନ୍ ମୂଲ୍ୟ (2.30 ଟଙ୍କା ଖଣ୍ଡ ପ୍ରତି) ଆର୍କେଏସ୍କେ (1.74 ଟଙ୍କା) ଠାରୁ 32 ପ୍ରତିଶତ ଅଧିକ ଥିଲା । ଉଭୟ ଯୋଜନା ଯଥା ଆର୍କେଏସ୍ୱାଇ ଏବଂ ଖୁସି ପାଇଁ ନାପକିନର ବୈଷୟିକ ନିର୍ଦ୍ଦିଷ୍ଟତା ସମାନ ଥିଲା । ଖୁସି ପାଇଁ ଘର ପର୍ଯ୍ୟନ୍ତ ବିତରଣ ପଏଣ୍ଟ[32] 319 ଥିଲା ଯାହାକି ଆର୍କେଏସ୍କେ କ୍ଷେତ୍ରରେ 39 ଥିଲା । ଓଏସ୍ଏମ୍ସିଏଲ୍ ଦ୍ୱାରା ଦାଖଲ ହୋଇଥିବା ଆକଳନ ଅନୁଯାୟୀ ଜିଲ୍ଲା ଗୋଦାମରୁ ପେରିଫେରି ଡାକ୍ତରଖାନାମାନଙ୍କୁ ପରିବହନ ମୂଲ୍ୟ ନାପକିନ୍ ପିଛା ମାତ୍ର 0.15 ଟଙ୍କା ଥିଲା । ଅଧିକନ୍ତୁ, ମନୋନୀତ ସଂସ୍ଥା ମଇ 2018 ରେ ଆର୍କେଏସ୍କେ ଅଧିନରେ 1.74 ଟଙ୍କାରେ ସମାନ ସାନିଟାରୀ ନାପକିନ୍ ଯୋଗାଇବାକୁ ରାଜି ହୋଇଥିଲା ଏବଂ ଖୁସି ଯୋଜନା ପାଇଁ ପୁନଃ ଟେଣ୍ଡରରେ ସମାନ ନାପକିନ୍ ପାଇଁ 2.30 ଟଙ୍କାକୁ ଉଦ୍ଧୃତ (ନଭେମ୍ବର 2018) କରିଥିଲା । ତେଣୁ, କମିଟି ମୂଲ୍ୟ ଯଥାର୍ଥତା ଆହ୍ୱାନ କରିବା ସହିତ ଏବଂ ସେହି ଅନୁଯାୟୀ ମୂଲ୍ୟ ବୁଝାମଣା କରିବା ଉଚିତ୍ ଥିଲା ।

- 2017-18 ଏବଂ 2018-19 ମଧ୍ୟରେ ଫାର୍ମଗୁଡ଼ିକ ଅନ୍ୟ ରାଜ୍ୟରେ ମେଡିକାଲ କର୍ପୋରସନ୍ ମାନଙ୍କୁ ନାପକିନ୍ ଯୋଗାଇ ଦେଇଥିବା ମୂଲ୍ୟ, ଓଏସ୍ଏମ୍ସିଏଲ୍ ଅନୁମୋଦିତ ମୂଲ୍ୟ ଠାରୁ ବହୁତ କମ୍ ଥିଲା । ସଂସ୍ଥା/ ଯୋଗାଣକାରୀଙ୍କ ଦ୍ୱାରା ଅନ୍ୟାନ୍ୟ ଏଜେନ୍ସି/ କର୍ପୋରେସନ ମାନଙ୍କୁ ଯୋଗାଯାଇଥିବା ସାନିଟାରୀ ନାପକିନ୍‌ର ପ୍ରଭେଦ ୟୁନିଟ୍ ପିଛା 0.79 ଟଙ୍କାରୁ 0.52 ଟଙ୍କା ମଧ୍ୟରେ ରହିଥିଲା ଯାହାର ଆର୍ଥିକ ପ୍ରଭାବ 29.46 କୋଟି ଟଙ୍କାରୁ 19.39 କୋଟି ଟଙ୍କା ମଧ୍ୟରେ ରହିଥିଲା, ନିମ୍ନ ସାରଣୀରେ ବିସ୍ତୃତ ଭାବରେ ଦର୍ଶାଗଲା

**ସାରଣୀ 2.1.8: ବିଭିନ୍ନ ଯୋଗାଣକାରୀଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସାନିଟାରୀ ନାପ୍‌କିନ୍‌ର ତୁଳନାତ୍ମକ ମୂଲ୍ୟର ବିବରଣୀ**

| ସାନିଟାରୀ ନାପକିନ୍ ଯୋଗାଇଥିବା ସଂସ୍ଥାର ନାମ | ମାଲଗ୍ରହୀତାଙ୍କ ନାମ | କେଉଁ ମୂଲ୍ୟରେ ଯୋଗାଇ ଦିଆଯାଇଛି (ଟଙ୍କାରେ) | କ୍ରୟ ବର୍ଷ | ଖୁସି ପାଇଁ ଓଏସ୍ଏମ୍ସିଏଲ୍ ମୂଲ୍ୟ (2018-19) (ଟଙ୍କାରେ) | ୟୁନିଟ୍ ପିଛା ପ୍ରଭେଦାତ୍ମକ ମୂଲ୍ୟ (ଟଙ୍କାରେ) | ସ୍ତମ୍ଭ 3 ମୂଲ୍ୟ ତୁଳନାରେ ରାଜକୋଷକୁ ଆର୍ଥିକ ପ୍ରଭାବ[33] (କୋଟି ଟଙ୍କାରେ) |
|---|---|---|---|---|---|---|
| 1 | 2 | 3 | 4 | 5 | 5 | 6 |
| ମେସର୍ସ ଶ୍ରୀ ରାଧେ ହାଇଜିନିକ ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡ, ପୁନେ | ତାମିଲନାଡୁ ମେଡିକାଲ ସର୍ଭିସେସ୍ କର୍ପୋରେସନ ଲିମିଟେଡ | 1.57 | 2017-18 | 2.30 | 0.73 | 27.22 |
| | | 1.78 | 2018-19 | 2.30 | 0.52 | 19.39 |

[31] ମେସର୍ସ ରାଧେ ହାଇଜିନ୍ ପ୍ରଡକ୍ଟସ୍ ଲିମିଟେଡ୍, ପୁନେ

[32] ବ୍ଲକ ସ୍ତରରେ ଥିବା ଗୋଦାମ/ ଷ୍ଟୋର ଗୁଡ଼ିକ ଯେଉଁଠାରେ ଯୋଗାଣକାରୀ ଜିନିଷ ବିତରଣ କରିବାକୁ ଯାଉଥିଲେ ।

[33] ଛାତ୍ରୀ ସଂଖ୍ୟା (17,26,551) 54 ନାପକିନ୍ ପ୍ରତି କ୍ୱାଟର ହିସବରେ ପ୍ରତି ବର୍ଷ (4 କ୍ୱାର୍ଟର) ଉପରେ ଆଧାର କରି କ୍ଷତି ଗଣନା କରାଯାଇଛି

| ସାନିଟାରୀ ନାପକିନ୍ ଯୋଗାଇଥିବା ସଂସ୍ଥାର ନାମ | ମାଲଗ୍ରହୀତାଙ୍କ ନାମ | କେଉଁ ମୂଲ୍ୟରେ ଯୋଗାଇ ଦିଆଯାଇଛି (ଟଙ୍କାରେ) | କ୍ରୟ ବର୍ଷ | ଖୁସି ପାଇଁ ଓଏସ୍ଏମ୍ସିଏଲ୍ ମୂଲ୍ୟ (2018-19) (ଟଙ୍କାରେ) | ୟୁନିଟ୍ ପିଛା ପ୍ରଭେଦାତ୍ମକ ମୂଲ୍ୟ (ଟଙ୍କାରେ) | ସ୍ତମ୍ଭ 3 ମୂଲ୍ୟ ତୁଳନାରେ ରାଜକୋଷକୁ ଆର୍ଥିକ ପ୍ରଭାବ[33] (କୋଟି ଟଙ୍କାରେ) |
|---|---|---|---|---|---|---|
| ମେସର୍ସ ଶେଖାନି ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ, ଅହମଦାବାଦ | ରାଜସ୍ଥାନ ମେଡିକାଲ କର୍ପୋରେସନ ଲିମିଟେଡ | 1.62 | 2017-18 | 2.30 | 0.68 | 25.36 |
| ମେସର୍ସ ବୈଦ୍ୟ ଭି ଆଣ୍ଡ ଆଇ ଇନ୍ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ | ଡିଜି, ମେଡିକାଲ ହେଲ୍ଥ ଆଣ୍ଡ ଫାମିଲି ୱେଲଫେୟାର, ଉତ୍ତରାଖଣ୍ଡ | 1.51 | 2017-18 | 2.30 | 0.79 | 29.46 |
| | | 1.51 | 2018-19 | | | |
| ଏଚଏଲଏଲ ଲାଇଫକେୟାର ଲିମିଟେଡ, ବିଜୟନଗର | ତାମିଲନାଡୁ ମେଡିକାଲ ସର୍ଭିସେସ୍ କର୍ପୋରେସନ ଲିମିଟେଡ | 1.78 | 2018-19 | 2.30 | 0.52 | 19.39 |

*(ଉତ୍ସ: ଓଏସ୍ଏମ୍ସିଏଲ୍ ନଥିପତ୍ର)*

ଏଲ୍-1 ମୂଲ୍ୟ ଅନୁମୋଦନ କରିବା ବେଳେ ଉପରୋକ୍ତ ଦିଗକୁ ବିଚାର କରାଯାଇନଥିଲା:

- ଏଥିସହ ବଜେଟ ଯୋଗାଣ ପାଇଁ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି (ଇଏଫ୍ସି) ଦ୍ୱାରା ଓଡ଼ିଶା ସରକାରଙ୍କ ନିକଟରେ ଦାଖଲ ହୋଇଥିବା ଆନୁମାନିକ ମୂଲ୍ୟ ୟୁନିଟ୍ ପିଛା ମାତ୍ର 2.08 ଟଙ୍କା (ଅଗଷ୍ଟ 2018) ଉପସ୍ଥାପନ ହୋଇଥିଲା । ଜିଲ୍ଲା ଗୋଦାମରୁ ପେରିଫେରୀ ଡାକ୍ତରଖାନାକୁ ପରିବହନ ଅନୁମୋଦିତ ମୂଲ୍ୟ ଗୋଟିଏ ନାପକିନ୍ ପ୍ରତି କେବଳ 0.15 ଟଙ୍କା ବୋଲି ଇଏଫ୍ସି ଦ୍ୱାରା ଦର୍ଶାଯାଇଥିଲା । ମୂଲ୍ୟ ଅନୁମୋଦନ ବେଳେ ଏହାକୁ ବିଚାର କରାଯାଇନଥିଲା ।

- ଖୁସି ଅଧୀନରେ ସାନିଟାରୀ ନାପକିନ୍ ଯୋଗାଣ ପାଇଁ ଆର୍ଥିକ ମୂଲ୍ୟ ବର୍ଷକୁ 85.78 କୋଟି ଟଙ୍କା[34] (ଆନୁମାନିକ) ହେବ ବୋଲି ଆକଳନ କରାଯାଇଥିଲା । ଆର୍କେଏସ୍କେ ଅଧୀନରେ ଥିବା ମୂଲ୍ୟ ତୁଳନାରେ ଏହା ବାର୍ଷିକ 15.29 କୋଟି ଟଙ୍କା[35] ଅତିରିକ୍ତ ଖର୍ଚ୍ଚ ହେବାର ଥିଲା । ଆର୍ଥିକ ବିଡର ମୂଲ୍ୟାଙ୍କନ କରିବା ବେଳେ ଏହି ଦିଗଟି ଗ୍ରହଣ କରାଯାଇନଥିଲା ।

ଉପରୋକ୍ତ ପର୍ଯ୍ୟବେକ୍ଷଣ ଗୁଡ଼ିକ ସୂଚାଇ ଦେଇଛି ଯେ ଖୁସି କାର୍ଯ୍ୟକ୍ରମ ଅଧୀନରେ ସରକାରୀ ଅର୍ଥର ସର୍ବୋତ୍ତମ ମୂଲ୍ୟ ପାଇଁ ସାନିଟାରୀ ନାପକିନର ମୂଲ୍ୟ ଚୂଡ଼ାନ୍ତ କରିବାରେ ଓଏସ୍ଏମ୍ସିଏଲ୍ ଆର୍ଥିକ ବିଜ୍ଞତାର ସମସ୍ତ ଉପାୟ ଅନ୍ୱେଷଣ କରିନଥିଲା । ଉପରୋକ୍ତ ବିଶ୍ଳେଷଣ କରାଯାଇଥିବା ସମସ୍ତ ପାରାମିଟର ଆଧାରରେ ପ୍ରତି ନାପକିନର ମୂଲ୍ୟ 2.30 ଟଙ୍କା ଯାହା ଅଧିକ ଥିଲା । ଏହି ଆକାଉଣ୍ଟରେ ଅତିରିକ୍ତ ଖର୍ଚ୍ଚ ହେଉଛି ରାଜ୍ୟ ରାଜକୋଷ ପାଇଁ କ୍ଷତି ଏବଂ ଯୋଗାଣକାରୀଙ୍କୁ ଅଯଥା ଅନୁଗ୍ରହ ପ୍ରଦାନ ।

ଏଚ ଆଣ୍ଡ ଏଫ୍ଡବ୍ଲୁ ବିଭାଗ କହିଲେ (ଅଗଷ୍ଟ 2020) ଯେ ଅଗ୍ରହଣୀୟ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍, ଅତିରିକ୍ତ ପରିବହନ ଖର୍ଚ୍ଚ ଏବଂ ଅତିରିକ୍ତ ପ୍ୟାକେଜିଂ ଦର ବିଚାର କରି ଏହି ମୂଲ୍ୟ ଗ୍ରହଣ କରାଯାଇଛି । ପ୍ରକୃତ କଥା

[34] 17,26,551 ବାଳିକା x 54 ନାପକିନ୍ (କ୍ୱାର୍ଟର ପ୍ରତି) x 4 କ୍ୱାର୍ଟର୍ସ (1 ବର୍ଷ ) x 2.30 ଟଙ୍କା (ଅନୁମୋଦିତ ମୂଲ୍ୟ )

[35] 17,26,551 ବାଳିକା x 54 ନାପକିନ୍ (କ୍ୱାର୍ଟର ପ୍ରତି) x 4 କ୍ୱାର୍ଟରସ୍ (1 ବର୍ଷ) x 0.41 (ପ୍ରଭେଦାତ୍ମକ ମୂଲ୍ୟ) ପ୍ରଭେଦାତ୍ମକ ମୂଲ୍ୟ 0.41 (2.30-(1.74+0.15)

ହେଲା ଯେ, ଗ୍ରହଣୀୟ ମୂଲ୍ୟ ଅଯୌକ୍ତିକ ଭାବେ ଅଧିକ ଥିଲା ଏବଂ ଓଏସ୍ଏମ୍ସିଏଲ୍ ସରକାରୀ ଅର୍ଥ ସଂଚୟ ପାଇଁ ପ୍ରସ୍ତାବିତ ମୂଲ୍ୟ ହ୍ରାସ ନିମନ୍ତେ ବୁଝାମଣା କରିନଥିଲା । ଅନୁମୋଦିତ ମୂଲ୍ୟର ଅଯୌକ୍ତିକତା ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ମଧ ଓଏସ୍ଏମ୍ସିଏଲ୍ ଫାର୍ମ ସହିତ କ୍ରୟ ଅର୍ଡର ଜାରି ରଖିଥିଲା ।

### *2.1.9.5 'ସୁନେତ୍ର' ଯୋଜନା ଅଧିନରେ ଚଷମା କ୍ରୟ କରିବାରେ ଫାର୍ମକୁ ଅନୁଚିତ୍ ଫାଇଦା ପ୍ରଦାନ*

ସୁନେତ୍ର ଯୋଜନା ଅଧିନରେ ଚଷମା କ୍ରୟ ପାଇଁ ଓଏସ୍ଏମ୍ସିଏଲ୍ ଟେଣ୍ଡର ଆହ୍ୱାନ କରିଥିଲା ଏବଂ ଟେଣ୍ଡର ମୂଲ୍ୟାଙ୍କନ (ନଭେମ୍ବର 2018) ପରେ ଏଲ୍-1 ବିଡରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବନିମ୍ନ ବିଡ୍ ମୂଲ୍ୟ 224 ଟଙ୍କାକୁ ଗ୍ରହଣ କରିଥିଲା ।

ଫାର୍ମର ଖୁଚୁରା ଆଉଟଲେଟ୍[36] ଥିବା ଦର୍ଶାଇ ଏଲ୍-1 ବିଡରଙ୍କ ବିରୋଧରେ ଅଭିଯୋଗ ପାଇବା ପରେ ଓଏସ୍ଏମ୍ସିଏଲ୍ ଟେଣ୍ଡର ସର୍ତ୍ତ ଉଲ୍ଲଙ୍ଘନ ଯୋଗୁଁ ଉକ୍ତ ବିଡରଙ୍କୁ ଅଯୋଗ୍ୟ ଘୋଷଣା କରିଥିଲା (ଡିସେମ୍ବର 2018) । ଓଏସ୍ଏମ୍ସିଏଲ୍ ତାପରେ, ଦ୍ୱିତୀୟ ସର୍ବନିମ୍ନ ବିଡରଙ୍କ ସହ ବୁଝାମଣା କଲା ଯିଏକି ୟୁନିଟ୍ ପିଛା 284 ଟଙ୍କା ଉଦ୍ଧୃତ କରିଥିଲା ଏବଂ ମୂଲ୍ୟ ବୁଝାମଣା ପରେ 275 ଟଙ୍କାକୁ ଗ୍ରହଣ କରିଥିଲା । ଏଲ୍-1 ମୂଲ୍ୟ (224 ଟଙ୍କା) ଠାରୁ 23 ପ୍ରତିଶତ ଅଧିକ ଥିଲା । ଏଲ୍-2 ଦର (224 ଟଙ୍କା) ଠାରୁ ଏହି ବୁଝାମଣା ଦର 23 ପ୍ରତିଶତ ଅଧିକ ଥିଲା । ଏଲ୍-2 ର ଫାର୍ମ ମଧ ଚଷମା ୟୁନିଟ୍ ପିଛା 200 ଟଙ୍କାରେ ତାମିଲନାଡୁ ମେଡିକାଲ ସର୍ଭିସ୍ କର୍ପୋରେସନକୁ ଯୋଗାଇଥିଲା (ଫେବୃଆରୀ 2018) । ଏହିପରି ଭାବରେ ବୁଝାମଣା ହୋଇଥିବା ମୂଲ୍ୟ ପ୍ରଚଳିତ ମୂଲ୍ୟଠାରୁ ବହୁତ ଅଧିକ ଥିଲା ।

ତେଣୁ, ବୁଝାମଣା ହୋଇଥିବା ମୂଲ୍ୟ ଗ୍ରହଣ କରିବା ଆର୍ଥିକ ଦୃଷ୍ଟିରୁ ବିଜ୍ଞତା ଓ ମିତବ୍ୟୟିତା ନଥିଲା କାରଣ ସୁନେତ୍ର ଯୋଜନା ଅଧିନରେ ଏହି କ୍ରୟ ପାଇଁ ରାଜ୍ୟ ରାଜକୋଷରୁ 51 ଲକ୍ଷ ଟଙ୍କା ଅତିରିକ୍ତ ବ୍ୟୟବରାଦ[37] ହୋଇଥିଲା । ଅକ୍ଟୋବର 2019 ସୁଦ୍ଧା, 19788 ଚଷମା ଯୋଗାଣ ପାଇଁ ଫାର୍ମ ସହିତ କ୍ରୟ ଅର୍ଡର ରଖାଯାଇଥିଲା ଏବଂ ଏହି ଫାର୍ମକୁ 13.52 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିଲା ।

ଏଚ୍ ଆଣ୍ଡ ଡବ୍ଲୁ ବିଭାଗ (ଅଗଷ୍ଟ 2020) କହିଛି ଯେ ଯେହେତୁ ଏଲ୍-1 ବିଡରଙ୍କୁ ବୈଷୟିକ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା, ସେହି ବିଡରଙ୍କ ମୂଲ୍ୟକୁ ଏଲ୍-1 ମୂଲ୍ୟ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ । ଉତ୍ତରଟି ଗ୍ରହଣ ଯୋଗ୍ୟ ନଥିଲା, ଯେହେତୁ ବିଡ୍ ମୂଲ୍ୟାଙ୍କନ ପରେ, ଓଏସ୍ଏମ୍ସିଏଲ୍ ଅବଗତ ଥିଲେ ଯେ ଏଲ୍-2 ବିଡରଙ୍କ ଦ୍ୱାରା ଉଦ୍ଧୃତ ମୂଲ୍ୟ (284 ଟଙ୍କା) ଯୁକ୍ତିଯୁକ୍ତ ନୁହେଁ କାରଣ ଉକ୍ତ ଯୋଗାଣକାରୀ ତାମିଲନାଡୁ ମେଡିକାଲ ସର୍ଭିସ୍ କର୍ପୋରେସନ୍‌କୁ ମଧ 200 ଟଙ୍କାରେ ଚଷମା ଯୋଗାଉଥିଲେ ।

## 2.1.10 ଗୁଣବତ୍ତା ନିଶ୍ଚିତତା କୌଶଳ

ଓଏସ୍ଏମ୍ସିଏଲ୍ ବିଭିନ୍ନ ଗୋଦାମରୁ ସମସ୍ତ ଔଷଧର ନମୁନା[38] ସଂଗ୍ରହ କରିଥାଏ ଏବଂ ସେ ସବୁର ଗୁଣାତ୍ମକ ପରୀକ୍ଷଣ ପାଇଁ ଜାତୀୟ ସ୍ୱୀକୃତି ବୋର୍ଡ ଲାବୋରାଟୋରୀ (ଏନ୍ଏବିଏଲ୍)[39] / ସରକାରୀ ଲାବୋରାଟେରୀକୁ ପଠାଏ । ଗୁଣାତ୍ମକ ମାନଦଣ୍ଡ ପରୀକ୍ଷା ରିପୋର୍ଟ ପାଇବା ପରେ ଔଷଧ ବଣ୍ଟନ କରାଯାଇଥାଏ । ସୂଚୀଭୁକ୍ତ ଔଷଧ ପରୀକ୍ଷଣ ଲାବୋରୋଟୋରୀ ସହିତ ଚୁକ୍ତିନାମା ଅନୁଯାୟୀ ଟାବଲେଟ୍, କ୍ୟାପ୍ସୁଲ, ପେସାରୀ, ମଲମ, ପାଉଡର ଏବଂ ତରଳ ମୌଖିକ ପ୍ରସ୍ତୁତି କ୍ଷେତ୍ରରେ ନମୁନା ଗ୍ରହଣର 15 ଦିନ ମଧରେ ଏବଂ ଅନ୍ୟ ସମସ୍ତ

---

36 ଟେଣ୍ଡର ସର୍ତ୍ତ ଅନୁଯାୟୀ, ବିଡରଙ୍କ କୌଣସି ଖୁଚୁରା ଆଉଟଲେଟ୍ ରହିବା ଉଚିତ୍ ନୁହେଁ

37 1,00,000 ୟୁନିଟ ଚଷମା x 51 ଟଙ୍କା (275 ଟଙ୍କା -224 ଟଙ୍କା)

38 ଲୋକାଲ ଆନାସ୍ଥେସିକ୍, ଆଣ୍ଟି ମ୍ୟାଲେରିଆ ଔଷଧ, ଇଂଜେକ୍ସନ ହ୍ୟୁମାନ୍ ସଲ୍ୟୁବଲ ଇନସୁଲିନ୍, ସ୍ନେକ ଭେନମ୍ ଆଣ୍ଟିସେରମ ଇଂଜେକ୍ସନ ଇତ୍ୟାଦି ଛାଡ଼ ବର୍ଗ ବ୍ୟତୀତ

39 ପରୀକ୍ଷା ଏବଂ କାଲିବ୍ରେସନ୍ ଲାବୋରେଟୋରୀ ପାଇଁ ଜାତୀୟ ସ୍ୱୀକୃତି ବୋର୍ଡ

ଷ୍ଟେରାଇଲ୍ ପ୍ରସ୍ତୁତି କ୍ଷେତ୍ରରେ 25 ଦିନ ମଧ୍ୟରେ ପରୀକ୍ଷା ରିପୋର୍ଟ ପ୍ରଦାନ କରିବା ଆବଶ୍ୟକ । ନୋ ଷ୍ଟାଣ୍ଡାର୍ଡ କ୍ୱାଲିଟି (ଏନ୍ଏସ୍‌କ୍ୟୁ) ରିପୋର୍ଟ କ୍ଷେତ୍ରରେ ଯୋଗାଣକାରୀ ସଂସ୍ଥା ଓଏସ୍ଏମ୍ସିଏଲ୍ ଠାରୁ ଚିଠି ପାଇବାର 60 ଦିନ ମଧ୍ୟରେ ଆଇଟମ୍ ଗୁଡ଼ିକୁ ନୂତନ ବ୍ୟାଚ୍ ସହିତ ବିଭିନ୍ନ ଗୋଦାମରେ ବଦଳାଇବେ ଏବଂ ଏଥିରେ ବିଫଳ ହେଲେ ଜୋରିମାନା ଦଣ୍ଡ ସ୍ୱରୂପ ଆଦାୟ କରାଯିବ ।

ଇ-ନିରାମୟ ଡାଟାବେସ୍‌ର ବିଶ୍ଳେଷଣରୁ ଜଣାପଡ଼ିଲା ଯେ ଓଏସ୍ଏମ୍ସିଏଲ୍ 2016-18 ମଧ୍ୟରେ ଗୁଣାତ୍ମକ ପରୀକ୍ଷଣ ପାଇଁ ସୂଚୀକୃତ ଲାବୋରାଟୋରୀକୁ 11,107 ଔଷଧର ନମୁନା ପଠାଇଥିଲେ । ଏଥିମଧ୍ୟରୁ 11106 ନମୁନା ପାଇଁ ପରୀକ୍ଷା ରିପୋର୍ଟ ଗ୍ରହଣ କରାଯାଉଥିଲା । ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଅଡିଟ୍ ଅବଲୋକନ କଲା:

- ***ପରୀକ୍ଷା ରିପୋର୍ଟ ଗ୍ରହଣ କରିବାରେ ବିଳମ୍ବ:*** 2,457 (22 ପ୍ରତିଶତ) ନମୁନା ଗୁଡ଼ିକର ପରୀକ୍ଷା ରିପୋର୍ଟ ଗୁଡ଼ିକ 15 ରୁ 25 ଦିନର ଅନୁମତି ପ୍ରାପ୍ତ ସମୟ ପରେ 16 ରୁ 244 ଦିନ ବିଳମ୍ବ ସହିତ ଗ୍ରହଣ କରାଯାଇଥିଲା । ପରୀକ୍ଷା ରିପୋର୍ଟ ପାଇବାରେ ବିଳମ୍ବ ହେତୁ ଗୋଦାମରେ ଗ୍ରହଣ କରାଯାଇଥିବା ଔଷଧ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ବିନା ଯୋଗାଣରେ ପଡ଼ିରହିଲା । ଯଦିଓ ଓଏସ୍ଏମ୍ସିଏଲ୍ ବିଳମ୍ବ ଯୋଗୁଁ ଖିଲାପକାରୀ ଲାବୋରାଟୋରୀ ମାନଙ୍କ ଠାରୁ କ୍ଷତିପୂରଣ ଆଦାୟ କରିଥିଲା, ରୋଗୀମାନଙ୍କୁ ବଣ୍ଟନ ପାଇଁ ଥିବା ଔଷଧକୁ ସକ୍ରିୟ କରିବା ପାଇଁ ପରୀକ୍ଷା ରିପୋର୍ଟ ଠିକ୍ ସମୟରେ ଗ୍ରହଣ କରିବା ପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନେଇ ନଥିଲା ।

- ***ଏନ୍ଏସ୍‌କ୍ୟୁ ଔଷଧକୁ ବଦଳ ନକରିବା:*** ଇ-ନିରାମୟ ଡାଟାବେସ୍ ଅନୁଯାୟୀ, 2017-19 ମଧ୍ୟରେ 15 ଟି ଫାର୍ମ ଦ୍ୱାରା 20 ପ୍ରକାରର ଔଷଧ (2.55 କୋଟି ୟୁନିଟ୍) ଯାହାର ମୂଲ୍ୟ 2.02 କୋଟି ଟଙ୍କା, ପରୀକ୍ଷା ଲାବୋରାଟୋରୀ ଦ୍ୱାରା ଏନ୍ଏସ୍‌କ୍ୟୁ ଭାବରେ ରିପୋର୍ଟ କରାଯାଇଥିଲା । ଏଥି ମଧ୍ୟରୁ ଯୋଗାଣକାରୀମାନେ 43.03 ଲକ୍ଷ ୟୁନିଟର ଏନ୍ଏସ୍‌କ୍ୟୁ ଔଷଧ ଫେରାଇ ନେଇଥିଲେ ଯାହା ବାବଦରେ ଡାଟାବେସରେ କୌଣସି ବଦଳା ଯାଇଥିବା ଔଷଧର ସୂଚନା ମିଳିଲା ନାହିଁ । ଆହୁରି ମଧ୍ୟ, ଓଏସ୍ଏମ୍ସିଏଲ୍ ନିମ୍ନମାନ/ ଏନ୍ଏସ୍‌କ୍ୟୁ ଔଷଧ ଗୁଡିକୁ ବଦଳାଇ ଦେବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ।

- ***ନିମ୍ନମାନ ଔଷଧର ବଦଳ ନହେବା:*** ତିନୋଟି ବ୍ୟାଚ୍ ଇଞ୍ଜେକ୍ସନ୍ ପ୍ରୋପୋଫଲ୍[40] (ଅଗଷ୍ଟ 2016 ରୁ ଫେବୃଆରୀ 2018)କୁ ଚାରୋଟି ସ୍ୱାସ୍ଥ୍ୟ ପ୍ରତିଷ୍ଠାନ[41] ଦ୍ୱାରା ନିମ୍ନମାନ ଭାବରେ ରିପୋର୍ଟ କରାଯାଇଥିଲା । ଓଏସ୍ଏମ୍ସିଏଲ୍ ଏହି ଔଷଧଗୁଡ଼ିକର ବ୍ୟବହାର ବନ୍ଦ କରିବା ଏବଂ ସେଗୁଡ଼ିକୁ ବଦଳାଇବା ପାଇଁ ତୁରନ୍ତ ପଦକ୍ଷେପ ନେଇ ନଥିଲା । ଏହି ଔଷଧର 12840 ଭିଆଲ (ମୂଲ୍ୟ 4.79 ଲକ୍ଷ ଟଙ୍କା) ପ୍ରାପ୍ତି ବିପକ୍ଷରେ କେବଳ 3982 ଭିଆଲ ବିଭିନ୍ନ ଗୋଦାମରେ ପଡ଼ି ରହିଥିଲା । ଏହିପରି, ଏହି ନିମ୍ନମାନ ଔଷଧର 8858 ଭିଆଲ ରୋଗୀଙ୍କୁ ବଣ୍ଟନ କରାଯାଇଥିଲା । ଅବଶିଷ୍ଟ ବଣ୍ଟନ ହୋଇନଥିବା ଔଷଧକୁ ବଦଳାଇବା ପାଇଁ ଓଏସ୍ଏମ୍ସିଏଲ୍ ଯୋଗାଣକାରୀ ମାନଙ୍କୁ (ଅପ୍ରେଲ 2018) କହିଥିଲା । ବଦଳାଯାଇଥିବାର ସଂପୂର୍ଣ୍ଣ ବିବରଣୀ ଅଡିଟ୍ ପାଇଁ ଉପଲବ୍ଧ ହୋଇନଥିଲା ।

---

[40] ବ୍ୟାଚ୍ ନମ୍ବର ଏନ୍-5857 ( କ୍ୟାପିଟାଲ ହସ୍ପିଟାଲ, ଅଗଷ୍ଟ 2016), ବ୍ୟାଚ୍ ନମ୍ବର ଏନ୍-6840 (ଏମ୍‌କେସିଜି, ବ୍ରହ୍ମପୁର ଜୁଲାଇ 2017) ଏବଂ ବ୍ୟାଚ୍ ନମ୍ବର ଏନ୍-7424 (ଏସ୍‌ସିବି ଏମ୍‌ସିଏଚ୍, କଟକ ଫେବୃଆରୀ 2018)

[41] ଶିଶୁଭବନ, କ୍ୟାପିଟାଲ ହସ୍ପିଟାଲ, ଏମ୍‌ସିଏଚ୍, ବ୍ରହ୍ମପୁର ଏବଂ ଏମ୍‌ସିଏଚ୍ କଟକ

ସେହିଭଳି ଏକ ଫାର୍ମ ଦ୍ୱାରା ଯୋଗାଇ ଦିଆଯାଇଥିବା (ସେପ୍ଟେମ୍ବର 2015 ରୁ ଡିସେମ୍ବର 2016) 15 ଟି ବ୍ୟାଚ[42] (7.50 ଲକ୍ଷ ୟୁନିଟ୍ ଯାହାର ମୂଲ୍ୟ 107.57 ଲକ୍ଷ ଟଙ୍କା) ରାବେପ୍ରାଜୋଲ ଇଂଜେକ୍ସନ୍ ନିମ୍ନମାନ ଭାବରେ ରିପୋର୍ଟ କରାଯାଇଥିଲା । ରାଜ୍ୟ ଡ୍ରଗ ଟେଷ୍ଟିଂ ଆଣ୍ଡ ରିସର୍ଚ୍ଚ ଲାବୋରାଟୋରୀ (ଏସ୍‌ଡିଟିଆର୍‌ଏଲ୍) ଦ୍ୱାରା ଏନ୍‌ଏସ୍‌କ୍ୟୁ ଘୋଷିତ ଔଷଧର ଚାରୋଟି ବ୍ୟାଚ୍[43] ବଦଳାଇବାକୁ ଫାର୍ମ ରାଜି ହୋଇଥିଲା ଏବଂ ଭୁଲ୍ ପରିବହନ ତଥା ସଂରକ୍ଷଣରେ ତ୍ରୁଟିଥିବା ଦର୍ଶାଇ ଅନ୍ୟ ବ୍ୟାଚ୍ ଗୁଡ଼ିକୁ ବଦଳାଇବାକୁ ମନା କରିଦେଇଥିଲା । ଯଦିଓ, ଓଏସ୍‌ଏମ୍‌ସିଏଲ୍ ଉକ୍ତ ଫାର୍ମକୁ କଳାତାଲିକାଭୁକ୍ତ (ଜୁନ୍ 2017) କରିଥିଲା ତେବେ ବଦଳା ଯାଇଥିବା ଔଷଧ/ ମୂଲ୍ୟ ଫେରିପାଇବାର ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ନଥିଲା ।

ତେଣୁ, ଏନ୍‌ଏସ୍‌କ୍ୟୁ ଔଷଧକୁ ବଦଳାଇବା ଏବଂ ପରିକ୍ଷିତ ରିପୋର୍ଟ ଗୁଡିକୁ ସଠିକ୍ ସମୟରେ ପାଇବା ପାଇଁ ଓଏସ୍‌ଏମ୍‌ସିଏଲ୍ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପର୍ଯ୍ୟାପ୍ତ ନଥିଲା । ଏନ୍‌ଏସ୍‌କ୍ୟୁ ଔଷଧ ସେବନ ହେତୁ ରୋଗୀଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବକୁ ଏଡ଼ାଇ ଦିଆଯାଇନପାରେ ।

ଏଚ୍ ଆଣ୍ଡ ଏଫ୍‌ଡବ୍ଲୁ ବିଭାଗ କହିଥିଲେ (ଅଗଷ୍ଟ 2020) ଯେ ଯଦିଓ ପରିକ୍ଷିତ ରିପୋର୍ଟ ଗୁଡିକ ବିଳମ୍ବରେ ପ୍ରାପ୍ତ ହୋଇଥିଲା ଏବଂ ଅନ୍ୟ ବ୍ୟାଚର ଷ୍ଟକ୍ ଗମନାଗମନ ସମୟ ମଧ୍ୟରେ ଉପଲବ୍ଧ ହୋଇଥିବାରୁ ବଣ୍ଟନ ଏବଂ ଏହାର ବ୍ୟବହାର ପ୍ରଭାବିତ ହୋଇନଥିଲା ଏବଂ ଏହି ଜିନିଷଗୁଡ଼ିକ ବାହାରୁ କିଣିବାର ପ୍ରଶ୍ନ ଉଠିନଥିଲା । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରୀକ୍ଷା ରିପୋର୍ଟ ଗୁଡ଼ିକ ପ୍ରାପ୍ତି ହୋଇନଥିବାରୁ ଏବଂ ବିଭିନ୍ନ ଡାକ୍ତରଖାନାରେ ଔଷଧ ଷ୍ଟକ୍ ଆଉଟ୍ ହୋଇଥିବା ଦୃଷ୍ଟାନ୍ତ ଯାହା ***ଅନୁଚ୍ଛେଦ 2.1.5*** ରେ ଆଲୋଚିତ ହୋଇଛି, ତେଣୁ ଏହାର ଉତ୍ତର ଗ୍ରହଣ ଯୋଗ୍ୟ ନୁହେଁ ।

ନିମ୍ନମାନର ଔଷଧ ବଦଳ ନହେବା ସମ୍ପର୍କରେ ବିଭାଗ କହିଥିଲେ ଯେ, ଯୋଗାଣକାରୀ 2980 ଭାଏଲ୍ ଇଞ୍ଜେକ୍‌ସନ ପ୍ରୋପୋଫୋଲର ଅବ୍ୟବହୃତ ଷ୍ଟକକୁ ବଦଳାଇ ଦେଇଛନ୍ତି ଏବଂ ଯୋଗାଣକାରୀଙ୍କ ଠାରୁ ରାପେପ୍ରୋଜଲ ଇଂଜେକ୍ସନ୍ ବାବଦକୁ 14.20 ଲକ୍ଷ ଟଙ୍କା ଆଦାୟ କରାଯାଇଛି । ପ୍ରକୃତରେ ଏହା ହେଲା ଯେ ନିମ୍ନମାନର ଔଷଧ (ରାଜେପ୍ରାଜଲ ଇଂଜେକ୍ସନ)ର ଅସୁଲ ପରିମାଣ ଯାହା ସମୁଦାୟ ମୂଲ୍ୟ (107.57 ଲକ୍ଷ ଟଙ୍କା) ର ମାତ୍ର 13 ପ୍ରତିଶତ ଥିଲା ।

### 2.1.11 ଅନ୍ୟାନ୍ୟ ପ୍ରସଙ୍ଗ

#### *2.1.11.1 ଅତ୍ୟାବଶ୍ୟକ ଔଷଧ ତାଲିକା (ଇଡିଏଲ୍) ର ସଂଶୋଧନ ନହେବା*

ଓଡ଼ିଶା ସରକାରଙ୍କ ଡ୍ରଗ ମ୍ୟାନେଜମେଣ୍ଟ ପଲିସି (2003) ଅନୁଯାୟୀ ପ୍ରତି ଦୁଇ ବର୍ଷରେ ଏକ ଇଡିଏଲ୍ ପ୍ରସ୍ତୁତ ଏବଂ ଅପଡେଟ୍ କରାଯାଇଥାଏ । ରାଜ୍ୟସ୍ତରୀୟ ବୈଷୟିକ ପରାମର୍ଶଦାତା କମିଟି (ଏସ୍‌ଟିଏଫ୍‌ସି)[44] ଯୋଗ କିମ୍ବା ବିଲୋପ ସମ୍ବନ୍ଧରେ ସ୍ୱାସ୍ଥ୍ୟ ଅନୁଷ୍ଠାନରୁ ପ୍ରାପ୍ତ ପରାମର୍ଶକୁ ଆଧାର କରି ଇଡିଏଲ୍ କୁ ଅପଡେଟ୍ କରିବାକୁ ହୋଇଥାଏ । ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକ ଇଡିଏଲ୍‌ରେ ଅନ୍ତର୍ଭୁକ୍ତ ଔଷଧରୁ ସେମାନଙ୍କର ବାର୍ଷିକ ସୂଚକାଙ୍କ ପ୍ରସ୍ତୁତ କରିବାକୁ ଥିଲା ।

---

[42] ଏନ୍-5860, ଏନ୍-5861, ଏନ୍-5862, ଏନ୍-5866, ଏନ୍-5867, ଏନ୍-6588, ଏନ୍-6598, ଏନ୍-6599, ଏନ୍-6600, ଏନ୍-6601, ଏନ୍-6794, ଏନ୍-6797, ଏନ୍-6798, ଏନ୍-5864 ଏବଂ ଏନ୍-8290

[43] ଏନ୍ 5861, 5867, 6600 ଏବଂ 6601

[44] ଏସ୍‌ଟିଏସି ଗଠନ: (i) ସ୍ୱତନ୍ତ୍ର ସଚିବ (ବୈଷୟିକ) - ଚେୟାରମ୍ୟାନ୍; (ii) ଯୁଗ୍ମ ନିର୍ଦ୍ଦେଶକ, ଏସ୍‌ଡିଏମ୍‌ୟୁ– ଆବାହକ; (iii) ନିର୍ଦ୍ଦେଶକ, ମେଡିକାଲ ଶିକ୍ଷା ଏବଂ ତାଲିମ; (iv) ଆର୍ଥିକ ପରାମର୍ଶଦାତା (ଏଚ୍‌ଆଣ୍ଡଏଫ୍‌ଡବ୍ଲୁ ବିଭାଗ); (v) ଡିଏଚ୍‌ଏସ୍; (vi) ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷ/ ଅଧିକ୍ଷକ; (vii) ଔଷଧ ନିୟନ୍ତ୍ରକ; (viii) ଯୁଗ୍ମ ନିର୍ଦ୍ଦେଶକ (ବୈଷୟିକ), ଜାତୀୟ ସ୍ୱାସ୍ଥ୍ୟ ମିଶନ; (ix) ନିର୍ଦ୍ଦେଶକ ଓ ଅଧିକ୍ଷକ (ଏଏଚ୍‌ଆର୍‌ସିସି)/ କ୍ୟାପିଟାଲ ହସ୍ପିଟାଲ/ ମାନସିକ ସ୍ୱାସ୍ଥ୍ୟ ଅନୁଷ୍ଠାନ/ ଏସ୍‌ଭିପିପିଜିଆଇ); (x) ଆବଶ୍ୟକ ମୁତାବକ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ (ଯେପରିକି ବିଭାଗୀୟ ମୁଖ୍ୟ/ ଫାର୍ମାକୋଲୋଜିର ବିଶେଷଜ୍ଞ ଇତ୍ୟାଦି)

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ ଶେଷତମ ଇଡିଏଲ୍ ଅପ୍ରେଲ 2014 (ଷଷ୍ଠ ସଂସ୍କରଣ) ରେ ପ୍ରସ୍ତୁତ ହୋଇଥିଲା, ଯେଉଁଥିରେ କି 570 ପ୍ରକାରର ଔଷଧ ଏବଂ ଚିକିତ୍ସା ଉପଯୋଗୀ ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା । ତେଣୁ ଅପ୍ରେଲ 2016 ସୁଦ୍ଧା ଇଡିଏଲ୍ ସଂଶୋଧିତ ହେବା କଥା । ଅଡିଟ୍ ଦେଖିଲେ ଯେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ (ଡିଏଚ୍ଏସ୍), ଓଡ଼ିଶା ଅକ୍ଟୋବର 2015 ରେ ସଂଶୋଧନ ଆରମ୍ଭ କରିଥିଲେ କିନ୍ତୁ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକ ପରାମର୍ଶ ଗ୍ରହଣ କରିବାରେ ବିଳମ୍ବ, ସବ୍ କମିଟି ଗୁଡ଼ିକର ଅନ୍ତର୍ଭୁକ୍ତ ନହେବା, ବୈଷୟିକ ମିଟିଙ୍ଗଗୁଡ଼ିକ ଠିକ୍ ସମୟରେ ନହେବା, ଇଡିଏଲ୍ ଅଧିନରେ ତାଲିକାଭୁକ୍ତ ଔଷଧ ତାଲିକାରେ ଚୂଡ଼ାନ୍ତକରଣରେ ବିଳମ୍ବ ହେତୁ ଏହା ସଠିକ୍ ସମୟରେ ସଂପୂର୍ଣ୍ଣ ହୋଇପାରିନଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଏସ୍‌ଟିଏସି ଚାରି ବର୍ଷ ପରେ ଇଡିଏଲ୍‌ରୁ 106 ଟି ଔଷଧ ଉଚ୍ଛେଦ ଏବଂ 213 ଟି ନୂଆ ଔଷଧ ଯୋଗ କରି (2014) ସଂଶୋଧିତ ତାଲିକାକୁ ଅନୁମୋଦନ କରିଥିଲେ (ସେପ୍ଟେମ୍ବର 2019) । ପ୍ରଚଳିତ ରୋଗର ଢାଞ୍ଚାକୁ ଦୃଷ୍ଟିରେ ରଖି ଔଷଧ ଗୁଡ଼ିକର ମିଶ୍ରଣ ଏବଂ ଅପସାରଣ କରାଯାଇଥିଲା ।  ନୂତନ ଭାବରେ ଯୋଗ କରାଯାଇଥିବା ଔଷଧ ଗୁଡିକୁ କୋଡ ପ୍ରଦାନ କରିବା ପାଇଁ ଏସ୍‌ଟିଏସି ଦ୍ୱାରା ଚୂଡ଼ାନ୍ତ କରାଯାଇଥିବା ଇଡିଏଲ ଓଏସ୍ଏମ୍‌ସିଏଲ୍‌କୁ ପଠାଯାଇଥିଲା (ଜାନୁଆରୀ 2020) ଯାହା ଜୁନ୍ 2020 ସୁଦ୍ଧା ସମ୍ପୂର୍ଣ୍ଣ ହୋଇନଥିଲା । ଡିଏଚ୍ଏସ୍ ଓଡ଼ିଶା (ଜୁନ୍ 2020) ଓଏସ୍ଏମ୍‌ସିଏଲ୍‌କୁ ନୂତନ ଭାବେ ସଂଯୁକ୍ତ ଔଷଧର କୋଡ ଅନ୍ତିମ ଯାଞ୍ଚ୍ କରିବାକୁ ଅନୁରୋଧ କରିଥିଲେ ଯାହା ପରେ ଇଡିଏଲ୍ ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଇଥାନ୍ତେ । ସଂଶୋଧିତ ଇଡିଏଲ୍‌କୁ ଜୁଲାଇ 2020 ସୁଦ୍ଧା ସରକାର ଅନୁମୋଦନ କରିନଥିଲେ । ସରକାରଙ୍କ ଦ୍ୱାରା ସଂଶୋଧିତ ଇଡିଏଲ୍‌ର ଅନୁମୋଦନ ବିଚାରାଧୀନ ଥିବା ହେତୁ ଟାବଲେଟ୍ ନାପ୍ରୋକ୍ସେନ୍ (500 ମିଗ୍ରା), ଇଂଜେକ୍ସନ ଆମ୍ପିସିଲିନ ପ୍ଲସ୍ କ୍ଲୋକ୍ସାସିଲିନ୍, କ୍ୟାପସୁଲ ଓସେଲଟାମିଭିର (75 ମିଗ୍ରା) ବ୍ୟାକ୍ଲୋଫେନ୍ ଟାବଲେଟ୍ (10 ମିଗ୍ରା) ଇତ୍ୟାଦି ଅତ୍ୟାବଶ୍ୟକ ଔଷଧ କ୍ରୟ କରାଯାଇପାରିଲା ନାହିଁ ।

ଏସ୍‌ଡିଏମ୍‌ୟୁ ଦର୍ଶାଇଛନ୍ତି (ଜୁଲାଇ 2020) ଯେ, ସଂଶୋଧିତ ଇଡିଏଲ୍‌ରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଔଷଧ ଏବଂ ବ୍ୟବହାର ସାମଗ୍ରୀ ଚୂଡ଼ାନ୍ତ ହେବା ପରେ, ଓଏସ୍ଏମ୍‌ସିଏଲ୍‌କୁ ନୂତନ ଭାବରେ ଯୋଗ କରାଯାଇଥିବା ଔଷଧଗୁଡ଼ିକର କୋଡ ନ୍ୟସ୍ତ କରିବାକୁ ଅନୁରୋଧ କରାଯାଇଥିଲା, ଯାହା ପାଇବା ପରେ ଇଡିଏଲ୍‌ର ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଯାଇଥାନ୍ତା ।

ଏଚ୍ ଆଣ୍ଡ ଏଫ୍‌ଡବ୍ଲୁ ବିଭାଗ କହିଲେ (ଅଗଷ୍ଟ 2020) ଯେ ନୂତନ ଭାବରେ ଯୋଡ଼ି ହୋଇଥିବା ଔଷଧ ମାନଙ୍କର କୋଡିଂ ସଂପୂର୍ଣ୍ଣ ହୋଇସାରିଛି ଏବଂ ଶୀଘ୍ର ଉକ୍ତ ଇଡିଏଲ୍‌କୁ ସଂଶୋଧନ କରିବା ପାଇଁ ଏସ୍‌ଟିଏସିକୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ପ୍ରକୃତରେ ଏହା ହିଁ ସତ୍ୟ ଯେ ଏହାର ଚୂଡ଼ାନ୍ତକରଣରେ ଅସ୍ୱାଭାବିକ ବିଳମ୍ବ ହେତୁ ଇଡିଏଲ୍‌ର ଠିକ୍ ସମୟରେ ସଂଶୋଧନ କରିବାର ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ ।

### *2.1.11.2 ପ୍ରେସକ୍ରିପସନ୍ ଅଡିଟ୍*

ଔଷଧର ଯୁକ୍ତିଯୁକ୍ତ ବ୍ୟବହାର ନିଶ୍ଚିତ କରିବାକୁ ପ୍ରେସକ୍ରିପସନ୍ ଅଡିଟ୍ ହେଉଛି ଏକ ପ୍ରକ୍ରିୟା । ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଥିବା ଡିଟିସି ଗୁଡ଼ିକ ପ୍ରତିମାସରେ ପ୍ରେସକ୍ରିପସନ୍ ଅଡିଟ୍ ମାଧ୍ୟମରେ ଇଡିଏଲ୍‌ରୁ ଔଷଧର ବିହିତ ନିର୍ଦ୍ଦେଶନାମା ଦିଆଯିବା, ପ୍ରେସକ୍ରିପସନ୍ ଇନଭେଣ୍ଟୋରୀ ଉପରେ ଆଧାରିତ ଜେନେରିକ ଔଷଧ ଲେଖିବା ଇତ୍ୟାଦିକୁ ଯାଞ୍ଚ କରିବା ଆବଶ୍ୟକ । ରାଜ୍ୟ ସ୍ତରୀୟ ବୈଷୟିକ ପରାମର୍ଶଦାତା କମିଟି ପ୍ରତି ତିନି ମାସରେ ସଂକଳିତ ଅଡିଟ୍ ରିପୋର୍ଟକୁ ରାଜ୍ୟସ୍ତରରେ ସମୀକ୍ଷା କରିବା ଆବଶ୍ୟକ ।

ଏସ୍‌ଡିଏମ୍‌ୟୁ ରେକର୍ଡ ଦର୍ଶାଉଛି ଯେ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକଙ୍କ ଦ୍ୱାରା ପ୍ରେସକ୍ରିପସନ୍ ଅଡିଟ୍ ନିୟମିତ ଭାବରେ କରାଯାଇନଥିଲା । 2016-17 ରେ ଏଏଚ୍‌ଆର୍‌ସିସି, କଟକ କୌଣସି ପ୍ରେସକ୍ରିପସନ୍ ଅଡିଟ୍ କରିନଥିଲେ ଏବଂ ବଲାଙ୍ଗୀର, ସୋନପୁର ଏବଂ ଏମ୍‌ସିଏଚ୍, ବ୍ରହ୍ମପୁର କେବଳ ଗୋଟିଏ ମାସ ପାଇଁ ଅଡିଟ୍

କରିଥିଲେ । ସେହିଭଳି 14 ଟି ଜିଲ୍ଲା/ ଅନୁଷ୍ଠାନ ଗୁଡିକ, ଯଦିଓ ସେମାନେ 2017-18 ରେ ଭଲ ପ୍ରଦର୍ଶନ କରିଥିଲେ, 2018-19 ରେ ବ୍ୟତିକ୍ରମ କରିଥିଲେ ।

ରେକର୍ଡ ଯାଞ୍ଚ ହୋଇଥିବା ଡାକ୍ତରଖାନାଗୁଡ଼ିକରେ କେତେ ମାସ ପାଇଁ ଅଡିଟ୍ କରାଯାଇଥିଲାରୁ ଜଣାଗଲା ଯେ 2016-19 ମଧ୍ୟରେ ଏହା 8 (ବଲାଙ୍ଗୀର) ରୁ 35 (ବୌଦ୍ଧ) ମଧ୍ୟରେ ଥିଲା । ଏହା ଦେଖାଗଲା ଯେ 24 ପ୍ରତିଶତ ପ୍ରେସକ୍ରାଇବ୍‌ଡ଼ ଔଷଧର ଜେନେରିକ୍ ନାମ ନଥିଲା । ନିର୍ଦ୍ଦିଷ୍ଟ ଔଷଧଗୁଡ଼ିକର ପାଞ୍ଚ ପ୍ରତିଶତ ବାହାରୁ କ୍ରୟ କରାଯାଉଥିଲା ଯାହା ସୂଚାଇ ଦେଇଥାଏ ଯେ ପ୍ରେସକ୍ରିପସନ୍ ଗୁଡିକ ଇଡିଏଲ୍ ଅନୁଯାୟୀ ନଥିଲା ।

ମାର୍ଗଦର୍ଶିକାରେ ନିର୍ଦ୍ଧାରିତ ନିର୍ଦ୍ଦେଶ ଥିବା ଅନୁଯାୟୀ, ନିର୍ଦ୍ଦିଷ୍ଟ ଔଷଧର ନାମ କ୍ୟାପିଟାଲ ଅକ୍ଷରରେ ଲେଖାଯାଇ ନଥିଲା ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ଡାକ୍ତରଙ୍କ ସଂପୂର୍ଣ୍ଣ ନାମ ପ୍ରେସକ୍ରିପସନରେ ଉପଲବ୍ଧ ନଥିଲା । ଯାଞ୍ଚ କରାଯାଇଥିବା ଛଅଟି ଡାକ୍ତରଖାନାରେ[45] ଡିଟିସି ମାନଙ୍କ ଦ୍ୱାରା ପ୍ରେସକ୍ରିପସନ୍ ଅଡିଟ୍ ହୋଇନଥିଲା । ଡାକ୍ତରଖାନା ଗୁଡ଼ିକର ସଂପୃକ୍ତ ଫାର୍ମାସିଷ୍ଟମାନେ ପ୍ରେସକ୍ରିପସନ୍ ସଂକଳନ କରି ନିର୍ଦ୍ଦିଷ୍ଟ ଫର୍ମାଟରେ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଔଷଧର ସଠିକ୍ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ତ୍ରୁଟିଗୁଡ଼ିକର ସମାଧାନ ପାଇଁ କୌଣସି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇନଥିଲା । ସେହିଭଳି, ରାଜ୍ୟ ସ୍ତରରେ, ଏସ୍‌ଟିଏସି ନିୟମିତ ଭାବରେ ପ୍ରେସକ୍ରିପସନ୍ ଅଡିଟର ଫଳାଫଳ ସମୀକ୍ଷା କରିନଥିଲେ । ଏହି ଅଡିଟ୍ ତ୍ରୟମାସିକ ଭିତ୍ତିରେ କରିବାର ଥିଲେ ହେଁ, 2016-19 ମଧ୍ୟରେ ଏହା କେବଳ ଥରେ ମାତ୍ର (ଜୁନ୍ 2017) ସମୀକ୍ଷା କରିଥିଲେ ।

ତେଣୁ, ପ୍ରେସକ୍ରିପସନ୍ ଅଡିଟ୍ ପ୍ରଭାବଶାଳୀ ନଥିଲା । ଅଣ-ଜେନେରିକ/ ବ୍ରାଣ୍ଡ ନାମ ସହିତ ଡାକ୍ତରମାନେ ପ୍ରେସକ୍ରିପସନ୍ ଲେଖିବା ଜାରି ରଖିଥିଲେ । ରୋଗୀମାନେ ଏହି ପ୍ରେସକ୍ରାଇବଡ୍ ଔଷଧ ଗୁଡ଼ିକୁ ଡାକ୍ତରଖାନାରୁ ପାଇପାରି ନଥିଲେ ଏବଂ ସେମାନଙ୍କୁ ନିଜ ଖର୍ଚ୍ଚରେ ଏଗୁଡ଼ିକୁ ବାହାରୁ କିଣିବାକୁ ପଡ଼ିଥିଲା ।

ଏସ୍‌ଡିଏମ୍‌ୟୁ ଦର୍ଶାଇଛି (ଜୁଲାଇ 2020) ଯେ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରେସକ୍ରିପସନ୍ ଅଡିଟ୍ କରିବାକୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକୁ ବାରମ୍ବାର ଅନୁରୋଧ କରାଯାଇଥିଲା ଏବଂ ପରବର୍ତ୍ତୀ ଏସ୍‌ଟିଏସି ବୈଠକରେ ପ୍ରେସକ୍ରିପସନ୍ ଅଡିଟର ସମୀକ୍ଷା କରାଯିବ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଛି (ଅଗଷ୍ଟ 2020) ଯେ ପ୍ରେସକ୍ରିପସନ୍ ଅଡିଟ୍ ସମୀକ୍ଷା ପାଇଁ ତ୍ରୟମାସିକ ଏସ୍‌ଟିଏସି ବୈଠକ ଡକାଇବାକୁ ପଦକ୍ଷେପ ନିଆଯାଇଛି ।

### *2.1.11.3 ଔଷଧ ବଣ୍ଟନ କାଉଣ୍ଟରର କାର୍ଯ୍ୟ*

କାର୍ଯ୍ୟକ୍ରମ ମାର୍ଗଦର୍ଶିକା ଅନୁଯାୟୀ ଔଷଧ ବଣ୍ଟନ କାଉଣ୍ଟର (ଡିଡିସି) ମାଧ୍ୟମରେ ରୋଗୀମାନଙ୍କୁ ପ୍ରତ୍ୟେକ ସୁବିଧା ପ୍ରଦାନ ଜାଗାରେ ଔଷଧ ବଣ୍ଟନ କରାଯିବା କଥା । ଡିଡିସି ଗୁଡ଼ିକ କେବଳ ପ୍ରେସକ୍ରିପସନ୍ ଅନୁଯାୟୀ ଔଷଧ ବିତରଣ କରିବା କଥା । ଔଷଧ ଏବଂ ପ୍ରେସକ୍ରିପସନ୍ ସମ୍ବନ୍ଧୀୟ ତଥ୍ୟ ରେଫରେନ୍ସ ପାଇଁ ବ୍ୟବସ୍ଥା ମଧ୍ୟରେ ରଖାଯିବ । ବ୍ୟବହାର ଧାରା ଏବଂ ପ୍ରେସକ୍ରିପସନ୍ ପଦ୍ଧତିକୁ ପର୍ଯ୍ୟାଲୋଚନା କରିବା ପାଇଁ ଡିଡିସି ଗୁଡିକରେ ରଖାଯାଇଥିବା ତଥ୍ୟ କେନ୍ଦ୍ରୀୟ ଭାବରେ ବିଶ୍ଳେଷଣ କରାଯିବ । ଡିଡିସି ଗୁଡ଼ିକର ସାମଗ୍ରିକ କାର୍ଯ୍ୟଦକ୍ଷତା ଓଏସ୍‌ଏମ୍‌ସିଏଲ୍ ଏବଂ ଏସ୍‌ଡିଏମ୍‌ୟୁ ଦ୍ୱାରା ପର୍ଯ୍ୟାଲୋଚନା କରାଯିବ । ସୁବିଧା ପ୍ରଦାନ କରାଯାଇଉଥିବା ଜାଗାଗୁଡିକରେ ଥିବା ଡିଡିସି ଗୁଡ଼ିକର ସଂଖ୍ୟା, ରୋଗୀଙ୍କ ସଂଖ୍ୟା, ଆବଶ୍ୟକତା, ସ୍ଥାନ ଉପଲବ୍ଧତା ଇତ୍ୟାଦି ଉପରେ ଆଧାରିତ ।

ଭାରତୀୟ ଜନସ୍ୱାସ୍ଥ୍ୟ ମାନକ (ଆଇପିଏଚ୍‌ଏସ୍) ଅନୁଯାୟୀ, 200 ଓପିଡି ରୋଗୀଙ୍କ ପାଇଁ ଗୋଟିଏ ଡିଡିସି ରହିବା ଉଚିତ୍ । ଅଡିଟ୍ ଯାଞ୍ଚ କରାଯାଇଥିବା ଡାକ୍ତରଖାନା ଗୁଡ଼ିକରେ ଦେଖାଗଲା ଯେ ରୋଗୀସଂଖ୍ୟା

[45] ବଲାଙ୍ଗିର, ବୌଦ୍ଧ, କଟକ, ପୁରୀ, ରାୟଗଡ଼ା ଏବଂ ସୁନ୍ଦରଗଡ଼

ତୁଳନାରେ ଡିଡିସି ସଂଖ୍ୟା କମ୍ ଥିଲା । ନମୁନା ଯାଞ୍ଚ ହୋଇଥିବା ଡାକ୍ତରଖାନା ଗୁଡ଼ିକରେ 55 ଟି ଡିଡିସିର ଆବଶ୍ୟକତା ଥିବା ବେଳେ କେବଳ 20 ଟି ଡିଡିସି କାର୍ଯ୍ୟକ୍ଷମ ଥିଲା । ଏମ୍‌ସିଏଚ୍, କଟକରେ 26 ଟି ଡିଡିସିର ଆବଶ୍ୟକତା ଥିବା ବେଳେ କେବଳ ଚାରିଟି କାର୍ଯ୍ୟକ୍ଷମ ଥିଲା, ଅନ୍ୟ ଡିଡିଏଚ୍ ଗୁଡ଼ିକରେ ଗୋଟିଏରୁ ଚାରିଟି ଡିଡିସିର ଅଭାବ ପରିଲକ୍ଷିତ ହୋଇଥିଲା । ଡିଡିସି ଗୁଡ଼ିକର ଅଭାବ ହେତୁ ନିର୍ଦ୍ଦିଷ୍ଟ ଔଷଧ ପାଇବା ପାଇଁ ରୋଗୀଙ୍କୁ ଲମ୍ବା ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥିଲା ।

ଅଧିକନ୍ତୁ, ଉପଯୋଗ ଧାରା, ପ୍ରେସକ୍ରିପସନ୍‌ରେ ଅବଲମ୍ବନ ହେଉଥିବା ପଦ୍ଧତି, ଚାହିଦା ଆକଳନ ଓ ରୋଗର ସୁବିଧା ପ୍ରଦାନ ଜାଗା/ ଅଞ୍ଚଳର ନିର୍ଦ୍ଧାରଣ ପାଇଁ ଡିଡିସି ଗୁଡ଼ିକରେ ବିତରଣ ହୋଇଥିବା ଔଷଧର ସଂପୂର୍ଣ୍ଣ ବିବରଣୀ ଇ-ନିରାମୟରେ ଡାଟାବେସ୍‌ରେ ଭର୍ତ୍ତି କରାଯାଇ ନଥିଲା ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦର୍ଶାଇଲେ (ଅଗଷ୍ଟ 2020) ଯେ ରୋଗୀ ସଂଖ୍ୟା, ମାନବ ସମ୍ବଳ, ସ୍ଥାନ ଏବଂ ଭିତ୍ତିଭୂମିକୁ ଆଧାର କରି ଡିଡିସି ସଂଖ୍ୟା ବୃଦ୍ଧି କରିବାକୁ ସମସ୍ତ ଇଣ୍ଡେଣ୍ଟିଂ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି (ଜୁଲାଇ 2020) ।

### 2.1.12 ଓଏସ୍‌ଏମ୍‌ସିଏଲ୍‌ର ଆର୍ଥିକ ପରିଚାଳନା

ଓଏସ୍‌ଏମ୍‌ସିଏଲ୍ ସରକାରଙ୍କ ଠାରୁ ଔଷଧ ସଂଗ୍ରହଣ ଓ ଯୋଗାଣ, ଚିକିତ୍ସା ଉପଯୋଗୀ ସାମଗ୍ରୀ ଓ ଇଆଇଏଫ୍ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଇତ୍ୟାଦି ପାଇଁ ପାଣ୍ଠି ଗ୍ରହଣ କରିଥିଲା । 2016-19 ମଧ୍ୟରେ, ଓଏସ୍‌ଏମ୍‌ସିଏଲ୍ ସରକାରଙ୍କ ଠାରୁ 1447.69 କୋଟି ଟଙ୍କା ପାଇଥିଲେ । ସମୁଦାୟ ଉପଲବ୍ଧ ପାଣ୍ଠି 1863.46 କୋଟି ଟଙ୍କା[46] ମଧ୍ୟରୁ (ପ୍ରାରମ୍ଭିକ ଅବଶେଷ ସହିତ) ଓଏସ୍‌ଏମ୍‌ସିଏଲ୍ 889.40 କୋଟି ଟଙ୍କା[47] (48 ପ୍ରତିଶତ ଖର୍ଚ୍ଚ କରିଥିଲେ । ବର୍ଷୱାରୀ ବ୍ୟୟ, ଉପଲବ୍ଧ ପାଣ୍ଠିର 24 ରୁ 30 ପ୍ରତିଶତ ମଧ୍ୟରେ ରହିଥିଲା ଯାହା ନିମ୍ନ ସାରଣୀରେ ବର୍ଣ୍ଣନା କରାଯାଇଛି:

**ସାରଣୀ 2.1.9: 2016-19 ମଧ୍ୟରେ ପାଣ୍ଠିର ପ୍ରାପ୍ତି ଏବଂ ବ୍ୟୟ**

| ବର୍ଷ | ପ୍ରାରମ୍ଭିକ ଅବଶେଷ | ପ୍ରାପ୍ତି | ବ୍ୟାଙ୍କ ଜମା ଉପରେ ସୁଧ | ମୋଟ ପାଣ୍ଠି ଉପଲବ୍ଧ | ଖର୍ଚ୍ଚ | ଅନ୍ତିମ ଅବଶେଷ | ଉପଲବ୍ଧ ପାଣ୍ଠିର ଖର୍ଚ୍ଚର ପ୍ରତିଶତ |
|---|---|---|---|---|---|---|---|
| | *(ସଂଖ୍ୟାଗୁଡିକ କୋଟି ଟଙ୍କାରେ)* | | | | | | |
| 2016-17 | 381.73 | 343.48 | 0 | 725.21 | 204.42 | 520.79 | 28.19 |
| 2017-18 | 520.79 | 521.64 | 34.04 | 1,076.47 | 260.86 | 815.61 | 24.23 |
| 2018-19 | 815.61 | 582.57 | 0 | 1,398.18 | 424.12 | 974.06 | 30.33 |
| ମୋଟ | **381.73** | **1,447.69** | **34.04** | | **889.40** | **974.06** | |

*(ଉତ୍ସ: ଓଏସ୍‌ଏମ୍‌ସିଏଲ୍ ଦ୍ୱାରା ତଥ୍ୟ ପ୍ରଦାନ କରାଯାଇଛି)*

ଉପାଦାନ ଅନୁଯାୟୀ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଓଏସ୍‌ଏମ୍‌ସିଏଲ୍, ଇଆଇଏଫ୍ କ୍ରୟ ପାଇଁ ଉପଲବ୍ଧ 927.03 କୋଟି ଟଙ୍କା ମଧ୍ୟରୁ ମାତ୍ର 256.28 କୋଟି ଟଙ୍କା (28 ପ୍ରତିଶତ) ଖର୍ଚ୍ଚ କରିଥିବା ବେଳେ

---

46 ଔଷଧ ଏବଂ ଉପକରଣ ପାଇଁ: 916.20 କୋଟି ଟଙ୍କା; ଇଆଇଏଫ୍: 927.03 କୋଟି ଟଙ୍କା ଏବଂ ଏଏମ୍‌ସି/ ସିଏମ୍‌ସି: 20.23 କୋଟି ଟଙ୍କା

47 ଔଷଧ ଏବଂ ଉପକରଣ ପାଇଁ: 616.11 ଔଷଧ ଏବଂ ଉପକରଣ ପାଇଁ: ଇଆଇଏଫ୍: 256.28 କୋଟି ଟଙ୍କା ଏବଂ ଏଏମ୍‌ସି/ ସିଏମ୍‌ସି: 17.01 କୋଟି ଟଙ୍କା

ଆବଣ୍ଟିତ 916.20 କୋଟି ଟଙ୍କାରୁ 616.11 କୋଟି ଟଙ୍କା (67 ପ୍ରତିଶତ) ଔଷଧ ଓ ଚିକିତ୍ସା ଉପକରଣ ଉପରେ ଖର୍ଚ୍ଚ କରିଥିଲେ । ଔଷଧ ଏବଂ ମେଡିକାଲ ଉପକରଣ ପାଇଁ ଅର୍ଥର ଉପଲବ୍ଧତା ସତ୍ତ୍ୱେ କେବଳ 64 ପ୍ରତିଶତ ଖର୍ଚ୍ଚ[48] ହୋଇଥିଲା ଯାହାକି ଖର୍ଚ୍ଚ କରିବାର ଦକ୍ଷତା ନଥିବାକୁ ସୂଚାଇଥାଏ । ଆହୁରି ମଧ୍ୟ ଔଷଧ, ମେଡିକାଲ, ଉପଯୋଗୀ ସାମଗ୍ରୀ, ଇଆଇଏଫ୍, ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ପାଇଁ ଉପଲବ୍ଧ 974.06 କୋଟି ଟଙ୍କା ବିନା ଖର୍ଚ୍ଚରେ ବହୁ ବର୍ଷ (2015-2019) ଧରି ଓଏସ୍ଏମ୍ସିଏଲ୍ ପାଖରେ ପଡ଼ି ରହିଥିଲା ।

ଏଚ୍ ଆଣ୍ଡ ଏଫ୍ଡବ୍ଲୁ ବିଭାଗ (ଅଗଷ୍ଟ 2020) ରେ ଦର୍ଶାଇଛନ୍ତି ଯେ ଓଏସ୍ଏମ୍ସିଏଲ୍ ପ୍ରତିଷ୍ଠାର ପ୍ରାରମ୍ଭିକ ଅବଧିରେ ଏହା ମାନବ ସମ୍ବଳ, ଲଜିଷ୍ଟିକ୍ ଇତ୍ୟାଦି କ୍ଷେତ୍ରରେ ସ୍ଥିରୀକରଣ ହେତୁ ଖର୍ଚ୍ଚ କମ୍ ହୋଇଥିଲା ଏବଂ 2019-20 ମଧ୍ୟରେ ଏହି ଖର୍ଚ୍ଚ 56.83 ପ୍ରତିଶତକୁ ବୃଦ୍ଧି ପାଇଥିଲା । ପ୍ରକୃତ କଥା ତଥାପି ରହିଲା ଯେ ଔଷଧ ଓ ଚିକିତ୍ସା ଉପକରଣ ଓ ଇଆଇଏଫ୍ କ୍ରୟ ପାଇଁ ଆବଣ୍ଟିତ ପାଣ୍ଠି ବ୍ୟୟ କରାଯାଇପାରିଥାନ୍ତା ଯଦି ଓଏସ୍ଏମ୍ସିଏଲ୍ କ୍ରୟ ପ୍ରକ୍ରିୟାରେ ଜଡ଼ିତ ସମସ୍ତ ପର୍ଯ୍ୟାୟକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାପ୍ତ କରିଥାନ୍ତେ ।

### 2.1.13 ପର୍ଯ୍ୟାଲୋଚନାର ଅଭାବ

ଓଏସ୍ଏମ୍ସିଏଲ୍ ହେଉଛି ଓଡ଼ିଶାର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଔଷଧ କ୍ରୟ ଏବଂ ଯୋଗାଣର ନୋଡାଲ ଏଜେନ୍ସି । ଔଷଧ ଯୋଗାଣ ଓ ବିତରଣ ଭଳି ସିଷ୍ଟମର ମନିଟରିଂ ପାଇଁ ଓଏସ୍ଏମ୍ସିଏଲ୍ ମୁଖ୍ୟତଃ କେନ୍ଦ୍ରୀୟ ଅନଲାଇନ୍ ଇନଭେଣ୍ଟୋରୀ ମ୍ୟାନେଜମେଣ୍ଟ ସିଷ୍ଟମ ଯଥା ଇ-ନିରାମୟ ଉପରେ ନିର୍ଭରଶୀଳ । ଅବଶ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ୱାରା ଏହି ବ୍ୟବସ୍ଥାର ଉପଯୋଗରେ ଦୁର୍ବଳତା ରହିଥିଲା ଯାହା ଓଏସ୍ଏମ୍ସିଏଲ୍ ଦ୍ୱାରା ଔଷଧ ଯୋଗାଣ ଓ ବିତରଣ ପ୍ରକ୍ରିୟାର ସାମଗ୍ରୀକ ମନିଟରିଂ କୁ ପ୍ରଭାବିତ କରିଥିଲା ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ 1 ଅକ୍ଟୋବର 2020 ସୁଦ୍ଧା 1,283 ଟି ଅନୁଷ୍ଠାନରୁ[49] ଷ୍ଟକ୍ ସୂଚନା ଖୋଲିବା, 120 ଟି ଅନୁଷ୍ଠାନ[50] ଇଣ୍ଡେଣ୍ଟ ତଥ୍ୟ ଏବଂ 229 ଟି ଅନୁଷ୍ଠାନ[51] ଔଷଧ ବିତରଣ ସମ୍ବନ୍ଧୀୟ ସୂଚନା ଓଏସ୍ଏମ୍ସିଏଲ୍ ପାଖରେ ଉପଲବ୍ଧ ନାହିଁ । ଅଧିକନ୍ତୁ, ଡିଡିସି, ସିଏଚ୍ସି ଏବଂ ପିଏଚ୍ସି ସ୍ତରରେ ଷ୍ଟକ୍ ସ୍ଥିତି ସମ୍ବନ୍ଧରେ ସଂପୂର୍ଣ୍ଣ ସୂଚନା ଓଏସ୍ଏମ୍ସିଏଲ୍ ପାଖରେ ନଥିଲା ଯାହକି ଔଷଧର ବଣ୍ଟନ ଏବଂ ବ୍ୟବହାରକୁ ଦକ୍ଷତାର ସହିତ ତଦାରଖ କରିବାକୁ ଅନୁମତି ଦେଇଥାଏ । ଫଳସ୍ୱରୂପ, ଓଏସ୍ଏମ୍ସିଏଲ୍ ଔଷଧର ଉପଲବ୍ଧତା ଏବଂ ଯୋଗାଣର ଏକ ସ୍ୱଷ୍ଟ ଓ ବିସ୍ତୃତ ବିବରଣୀ ପାଇବାରେ ବିଫଳ ହେଲା ଫଳତଃ ଆବଶ୍ୟକତା ଠାରୁ ଅଧିକ ଯୋଗାଣ ଏବଂ ଅଧିକ ଗୁରୁତର ଭାବରେ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଔଷଧର ଷ୍ଟକ୍ ରହିଲା ନାହିଁ ।

ସମୟାନୁବର୍ତ୍ତୀ କ୍ରୟ ପାଇଁ, ସମୟ ସୀମା ମଧ୍ୟରେ ଏଏପି ର ଅନୁମୋଦନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାମ ଯାହାକି ଓଏସ୍ଏମ୍ସିଏଲ୍ କୁ ଠିକ୍ ସମୟରେ କ୍ରୟ ତଥା ଔଷଧ, ଡାକ୍ତରୀ ଉପଯୋଗୀ ସାମଗ୍ରୀ ଏବଂ ଇଆଇଏଫ୍ ଯୋଗାଣ ପାଇଁ ଅନୁମତି ଦେଇଥାନ୍ତା । ଏଏପି ର ଅନୁମୋଦନରେ ଅସ୍ୱାଭାବିକ ବିଳମ୍ବ, ଏଏପି ଗୁଡ଼ିକର ଠିକ୍ ସମୟରେ ଅନୁମୋଦନ ନିଶ୍ଚିତ କରିବାରେ ଓଏସ୍ଏମ୍ସିଏଲ୍/ ଏସ୍ଏମ୍ୟୁ/ ଏଚଆଣ୍ଡଏଫ୍ଡବ୍ଲୁ ବିଭାଗ ଦ୍ୱାରା ଦୁର୍ବଳ ମନିଟରିଂ ହିଁ କ୍ରୟ ପ୍ରକ୍ରିୟାକୁ ବିଳମ୍ବିତ କରିଥିଲେ ।

ଦୁର୍ବଳ ମନିଟରିଂ ପ୍ରକ୍ରିୟା ଯୋଗୁଁ, 15 ରୁ 25 ଦିନର ଅନୁମତି ପ୍ରାପ୍ତ ଅବଧି ପରେ 16 ରୁ 244 ଦିନ ମଧ୍ୟରେ 2,457 (22 ପ୍ରତିଶତ) ନମୁନା ଗୁଡ଼ିକର ଗୁଣାତ୍ମକ ପରୀକ୍ଷା ରିପୋର୍ଟ ପାଇବାରେ ବିଳମ୍ବ ହେଲା ।

---

[48] 616.11 କୋଟି (ଔଷଧ ଏବଂ ଚିକିତ୍ସା ସାମଗ୍ରୀ ଉପରେ ବ୍ୟୟ)/ 963.22 କୋଟି (ଇନ୍ଜେକ୍ସନ୍ ବରାଦି ଏବଂ ଚିକିତ୍ସା ସାମାଗ୍ରୀ ପାଇଁ ଅନୁମୋଦିତ ମୂଲ୍ୟ) x 100

[49] ଡିଏଚ୍ଏଚ୍: 2; ସିଏଚ୍ସି: 24; ଏସ୍ଡିଏଚ୍: 1; ପିଏଚ୍ସି: 1,227 ଏବଂ ଅନ୍ୟାନ୍ୟ ହସ୍ପିଟାଲ: 29

[50] ସିଏଚ୍ସି: 5; ପିଏଚ୍ସି: 107 ଏବଂ ଅନ୍ୟାନ୍ୟ ହସ୍ପିଟାଲ: 8

[51] ସିଏଚ୍ସି: 22, ପିଏଚ୍ସି: 185 ଏବଂ ଅନ୍ୟାନ୍ୟ ହସ୍ପିଟାଲ: 22

ଫଳସ୍ୱରୂପ ଗୋଦାମରେ ପ୍ରାପ୍ତ କରାଯାଇଥିବା ଔଷଧଗୁଡ଼ିକ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକୁ ଯୋଗାଣ ନ ହୋଇ ପଡ଼ିରହିଲା । ରୋଗୀଙ୍କୁ ବଣ୍ଟନ ପାଇଁ ଆସିଥିବା ଅବିନିଯୋଗ ଔଷଦକୁ ପୁନଃ ସକ୍ରିୟ କରିବା ପାଇଁ ପରୀକ୍ଷା ରିପୋର୍ଟରେ ଠିକ୍ ସମୟରେ ଗ୍ରହଣ ପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇନଥିଲା ।

20 ପ୍ରତିଶତ ବଜେଟ୍ ଅଧିନରେ ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କ ଦ୍ୱାରା ସ୍ଥାନୀୟ ବଜାରରୁ କିଣାଯାଇଥିବା ଔଷଧ ସମ୍ବନ୍ଧୀୟ ସୂଚନା ବାଧ୍ୟତାମୂଳକ ଭାବେ ଇ-ନିରାମୟ ଡାଟାବେସରେ ପ୍ରବେଶ କରିବା ଆବଶ୍ୟକ ଥିଲା । ଏହି ପରିପ୍ରେକ୍ଷୀରେ ଡାଟା ଏଣ୍ଟ୍ରି ଏବଂ ଡାଟା ରକ୍ଷଣାବେକ୍ଷଣ ନିରାଶଜନକ ଥିଲା, ବେଳେ ଅଳ୍ପ କିଛି ଡିଏଚ୍ଏଚ୍ ମାନଙ୍କରେ ଅଳ୍ପ ପରିମାଣ ଔଷଧର ସୂଚନା ଡାଟାବେସରେ ପ୍ରବେଶ କରାଯାଇଥିଲା । ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡ଼ିକ ସ୍ଥାନୀୟ ଭାବରେ କିଣା ଯାଉଥିବା ସମସ୍ତ ଔଷଧର ବିବରଣୀ ଇ-ନିରାମୟ ଡାଟାବେସରେ ପ୍ରବେଶ କରାଇନଥିଲେ । ଫଳସ୍ୱରୂପ ଅନୁଷ୍ଠାନ ମାନଙ୍କରେ ଅତ୍ୟାବଶ୍ୟକ ଔଷଧ ଗୁଡ଼ିକର ସଠିକ୍ ଉପଲବ୍ଧତା ଜଣା ନପଡ଼ିବାରୁ ତାହାର ସମୀକ୍ଷା କରାଯାଇପାରିଲା ନାହିଁ ।

ଅଧିକନ୍ତୁ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକ ସରିଯାଇଥିବା ଔଷଧ ପାଇଁ ସ୍ଥାନୀୟ ସଂଗ୍ରହଣ ଅଧିନରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିପାରି ନଥିଲେ ଯାହାଫଳରେ ଆବଶ୍ୟକୀୟ ଔଷଧଗୁଡିକ ଷ୍ଟକରେ ନଥିବା ସତ୍ତ୍ୱେ ଖର୍ଚ୍ଚ ହୋଇନଥିବା ଅର୍ଥ ହରାଇବାକୁ ପଡିଥିଲା । ସ୍ୱାସ୍ଥ୍ୟ ଅନୁଷ୍ଠାନର ମୁଖ୍ୟମାନଙ୍କ ଦ୍ୱାରା ଏକ ପ୍ରଭାବଶାଳୀ ମନିଟରିଂ ଜରିଆରେ ଷ୍ଟକ ଆଉଟ୍ ମେଡିସିନ୍ କିଣିବା ପାଇଁ ଏହି ଖର୍ଚ୍ଚ ହୋଇନଥିବା ପାଣ୍ଠିକୁ ବ୍ୟବହାର କରାଯାଇପାରିଥାନ୍ତା ।

ଓଏସ୍ଏମ୍ସିଏଲ୍ ଔଷଧ ଏବଂ ଚିକିତ୍ସା ଉପଯୋଗୀ ସାମଗ୍ରୀର ଅତିରିକ୍ତ ଏବଂ ନିଅଣ୍ଟ ଷ୍ଟକକୁ ପ୍ରଭାବଶାଳୀ ଭାବରେ ପରିଚାଳନା ଏବଂ ତଦାରଖ କରିପାରିଲେ ନାହିଁ । ଆନ୍ତ-ଗୋଦାମ/ ଆନ୍ତ-ଅନୁଷ୍ଠାନରୁ ସ୍ଥାନାନ୍ତରଣକୁ କାର୍ଯ୍ୟକାରୀ କରାଇ, ଏହା ଗୋଦାମ ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନରୁ ଅତିରିକ୍ତ ଷ୍ଟକ୍ ପ୍ରତ୍ୟାହାର କରିବାରେ ବିଫଳ ହୋଇଥିଲେ । ସ୍ୱାସ୍ଥ୍ୟ ଅନୁଷ୍ଠାନ ଏବଂ ଗୋଦାମ ଘରେ ପଡ଼ିରହିଥିବା ବଳକା ଔଷଧ ଗୁଡ଼ିକର ବ୍ୟାବହାରିକ ସମୟ ଅବଧିର ପରିସମାପ୍ତି ହୋଇଥିଲା ଯାହାକି ଦୁର୍ବଳ ମନିଟରିଂ ପଦ୍ଧତିର ପରିପ୍ରକାଶ ଥିଲା ।

ତେଣୁ, ଓଏସ୍ଏମ୍ସିଏଲ୍ ଦ୍ୱାରା ତଦାରଖ ପ୍ରଭାବଶାଳୀ ନଥିଲା ଏବଂ ଏଚ୍ ଆଣ୍ଡ ଏଫ୍ଡବଲ୍ୟୁ ବିଭାଗ/ ଏସ୍ଡିଏମ୍ୟୁ/ ଓଏସ୍ଏମ୍ସିଏଲ୍ / ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସ୍ତରରେ ତଦାରଖର ଅଭାବ, ଶେଷରେ ଅତ୍ୟାବଶ୍ୟକ ଔଷଧର ଅଭାବ ଏବଂ ଅବ୍ୟବହୃତ ଔଷଧର ଅବଧି ଶେଷ ହେତୁ ସରକାରୀ ସମ୍ପଳ ନଷ୍ଟ ହୋଇଗଲା ।

## 2.1.14 ଉପସଂହାର

ଓଏସ୍ଏମ୍ସିଏଲ୍ ଇଣ୍ଡେଣ୍ଟ ଅନୁଯାୟୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ ଔଷଧ, ସରଞ୍ଜାମ ଏବଂ ଯନ୍ତ୍ରପାତି କ୍ରୟ ଓ ଯୋଗାଣରେ ବିଫଳ ହୋଇଥିଲେ । କ୍ରୟ ପ୍ରକ୍ରିୟାରେ ବ୍ୟବସ୍ଥିତ ତ୍ରୁଟି ଏବଂ ସମୟକ୍ରମେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କ୍ରୟନୀତି/ ନିର୍ଦ୍ଦେଶକୁ ପାଳନ ନ କରିବାର ଅନେକ ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥିଲା ଯାହାକି ଔଷଧ ଏବଂ ଯନ୍ତ୍ରପାତିର ଉପଲବ୍ଧତା ଉପରେ ପ୍ରଭାବ ପକାଇଥିଲା । ଡାକ୍ତରଖାନା ଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧର ଅଭାବ ରହୁଥିଲା ଯାହା ରୋଗୀମାନଙ୍କୁ ଅଯଥା ଖର୍ଚ୍ଚାନ୍ତ କରୁଥିଲା । ଇ-ନିରାମୟ ସଫ୍ଟୱେୟାର ପ୍ରୟୋଗ ମାଧ୍ୟମରେ ଭଣ୍ଡାର ପରିଚାଳନା ଉପରେ ନଜର ରଖିବା ପ୍ରଭାବହୀନ ଥିଲା ଯାହା ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଔଷଧର ଅଭାବ ଏବଂ ଔଷଧ ଅବଧିର ପରିସମାପ୍ତି ଘଟାଇଲା । ଜନସ୍ୱାସ୍ଥ୍ୟ ଅନୁଷ୍ଠାନରେ ଥିବା ରୋଗୀଙ୍କୁ ନିଜସ୍ୱ ନିର୍ଦ୍ଧାରିତ ଡ୍ରଗ ତାଲିକା ଅନୁଯାୟୀ ପ୍ରବନ୍ଧିତ ଔଷଧକୁ ଅନାବିରତ ଯୋଗାଇବାରେ ସରକାର ବିଫଳ ହୋଇଥିଲେ । ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ରୋଗୀଙ୍କୁ ମାଗଣାରେ ସମସ୍ତ ନିର୍ଦ୍ଦିଷ୍ଟ ଔଷଧ ଯୋଗାଇବାରେ ସରକାରଙ୍କର ଲକ୍ଷ୍ୟ ପ୍ରାୟତଃ ପୂରଣ ହୋଇନଥିଲା ।

## 2.1.15 ସୁପାରିଶ

ସରକାର ବିଚାର କରିପାରନ୍ତି ଯେ:

- ବାର୍ଷିକ କ୍ରୟ ଯୋଜନା ପ୍ରସ୍ତୁତି ଏବଂ ଇଣ୍ଡେଣ୍ଟର ଆବଶ୍ୟକତାକୁ ନଜରରେ ରଖି ଗୁରୁତ୍ୱପୂର୍ଣ୍ଣ ଔଷଧ ତାଲିକାରେ ପୁନରୀକ୍ଷଣ ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କରେ ଦୃଷ୍ଟାନ୍ତମୂଳକ ଭାବେ ଗୁରୁତର ଔଷଧ ଭଣ୍ଡାରର ଅଭାବ ଜନିତ ପରିସ୍ଥିତିକୁ ଦୂରେଇବା ପାଇଁ ସମସ୍ତ ଅଧିକାରୀଙ୍କୁ ବ୍ୟାପକ ପ୍ରୟାସ କରିବାକୁ ପ୍ରସ୍ତୁତ କରନ୍ତୁ ।

- ଇ-ନିରାମୟ ସଫ୍ଟୱେୟାର ପ୍ରୟୋଗ ମାଧମରେ ଅବିରତ ଯୋଗାଣ ଶୃଙ୍ଖଳା ପରିଚାଳନା ଉପରେ ନଜର ରଖିବା ପାଇଁ ପଦକ୍ଷେପ ନିଅନ୍ତୁ ଯେପରିକି ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନଙ୍କରେ ସମସ୍ତ ଅତ୍ୟାବଶ୍ୟକ ଔଷଧର ଉପଲବ୍ଧତା ଏବଂ ଆନ୍ତଃଆନୁଷ୍ଠାନିକ ସ୍ଥାନାନ୍ତର ପ୍ରଣାଳୀରେ ଅଧିକ ଗଚ୍ଛିତ ଥିବା ଔଷଧର ପରିସମାପ୍ତି ଅବଧିକୁ ଏଡ଼ାଇବାକୁ ନିଶ୍ଚିତ କରିବ ।

- ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଆବଶ୍ୟକୀୟ ଉପକରଣର ଉପଲବ୍ଧତା ଏବଂ ସଠିକ୍ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଅନଲାଇନ୍ ଇନଭେଣ୍ଟୋରୀ ମ୍ୟାନେଜମେଣ୍ଟ ସିଷ୍ଟମକୁ ବିକଶିତ କରି କେନ୍ଦ୍ରୀୟ ଭାବେ ଉପକରଣର କ୍ରୟ ସ୍ଥାପନା ଏବଂ କାର୍ଯ୍ୟକାରିତା ଉପରେ ନଜର ରଖନ୍ତୁ ।

## ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ

## 2.2 ରାଜ୍ୟରେ ଦିନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନାର କାର୍ଯ୍ୟକାରିତା

### 2.2.1 ଉପକ୍ରମ

ଗ୍ରାମୀଣ ଯୁବାଙ୍କୁ କୌଶଳ ପ୍ରଦାନ ଏବଂ ସେମାନଙ୍କୁ ନିୟମିତ ମାସିକ ମଜୁରି ଭିତ୍ତିକ ଠିକା କାମ ପ୍ରଦାନର ଲକ୍ଷ୍ୟ ନେଇ ଭାରତ ସରକାର, ଜାତୀୟ ଗ୍ରାମୀଣ ଜିବୀକା ମିଶନର ଏକ ଅଂଶ ସ୍ୱରୂପ, ଦିନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ) ନାମରେ ଏକ ଯୁବ କର୍ମନିଯୁକ୍ତି ଯୋଜନା ଆରମ୍ଭ କରିଥିଲେ (ସେପ୍ଟେମ୍ବର 2014) । ସମୁଦାୟ ପ୍ରଶିକ୍ଷଣ ଖର୍ଚ୍ଚର 60 ପ୍ରତିଶତ ଭାରତ ସରକାର ପ୍ରଦାନ କରିବେ ଏବଂ ବାକି 40 ପ୍ରତିଶତ ରାଜ୍ୟ ସରକାର ବହନ କରିଥାନ୍ତି । ବସ୍ତ୍ର, ପର୍ଯ୍ୟଟନ ଏବଂ ଆତିଥ୍ୟ, ସ୍ୱାସ୍ଥ୍ୟ ସେବା, ହିସାବ, ପ୍ରସାଧନ, ଖୁଚୁରା ବ୍ୟବସାୟ, ଯୋଗାଣ ପରିଚାଳନା ଆଦି ସମ୍ବନ୍ଧୀୟ 2,277 ପ୍ରକାର ଶିଳ୍ପ ପାଇଁ ଡିଡିୟୁଜିକେୱାଇ ପ୍ରଶିକ୍ଷଣ ପ୍ରଦାନ କରିଥାଏ ।

ମାର୍ଗଦର୍ଶିକା ଅନୁଯାୟୀ, ରାଜ୍ୟ ଜିବୀକା ମିଶନ (ଏସ୍ଆରଏଲ୍ଏମ୍) ରାଜ୍ୟ ମଧ୍ୟରେ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ କରିବ । ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ବିପଣନ ସମିତି (ଓରମାସ୍), ଏକ ପଞ୍ଜୀକୃତ ସଂସ୍ଥା[52], ଯାହାକି ଓଡ଼ିଶା ରାଜ୍ୟରେ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ କରିବାରେ ଏସ୍ଆରଏଲଏମ୍ ଥିଲା । ପଞ୍ଚାୟତିରାଜ ଓ ପାନୀୟ ଜଳ (ପିଆର ଓ ଡିଡବ୍ଲୁ) ବିଭାଗର କମିଶନର ତଥା ସଚିବ, ଏହି ପରିଚାଳନା ନିକାୟର ଅଧ୍ୟକ୍ଷ ଅଟନ୍ତି । ମୁଖ୍ୟ ନିର୍ବାହୀ ଅଧିକରୀ (ସିଇଓ), ଓରମାସର ପଦପ୍ରଯୁକ୍ତ ସଦସ୍ୟ ସଚିବ ଅଟନ୍ତି । ଓରମାସର ବିଭିନ୍ନ କ୍ରିୟାକଳାପରେ ଉଚିତ୍ ପରିଚାଳନା ଏବଂ କାର୍ଯ୍ୟାନ୍ୱୟନ ପାଇଁ ଓରମାସର ନିର୍ବାହୀ ନିର୍ଦ୍ଦେଶକ (ଜାନୁଆରୀ 2019 ଠାରୁ ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ନାମିତ) ଉତ୍ତରଦାୟୀ ଅଟନ୍ତି ।

ନିଯୁକ୍ତି ସମ୍ବନ୍ଧୀୟ କୌଶଳ ବିକାଶ ପାଠ୍ୟକ୍ରମରେ[53] ପ୍ରଶିକ୍ଷଣ ଦେବା ଏବଂ ନିଯୁକ୍ତ ପରବର୍ତ୍ତୀ ସହାୟତା[54] ତଥା ଅବ୍ୟାହତି ଅନୁସରଣ ମାଧ୍ୟମରେ ନିଯୁକ୍ତି ସୁନିଶ୍ଚିତ କରିବା ପାଇଁ ଓରମାସ୍, ପ୍ରକଳ୍ପ କର୍ଯ୍ୟକାରୀ ସଂସ୍ଥା (ପିଆଇଏ) ଙ୍କୁ ନିୟୋଜିତ କରିଥାନ୍ତି । ପିଆଇଏ ବାଛିବା ପାଇଁ, ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକ ପ୍ରାଥମିକ ସ୍ତରରେ ଏସ୍ଆରଏଲଏମ୍ର ପ୍ରକଳ୍ପ ନିର୍ଦ୍ଧାରଣ କମିଟି[55] ଦ୍ୱାରା ଯାଞ୍ଚ କରାଯାଏ ଏବଂ ନାବାର୍ଡ ପରାମର୍ଶ ସେବା ପ୍ରାଇଭେଟ୍ ଲିମିଟେଡ୍ (ଏନ୍ଏବିସିଓଏନ୍ଏସ୍) ଦ୍ୱାରା ମାନ ନିର୍ଣ୍ଣୟ ହେବା ପରେ ପ୍ରକଳ୍ପ ମଞ୍ଜୁରୀ କମିଟି[56] (ପିଏସି) ପ୍ରକଳ୍ପ ଅନୁମୋଦନ କରିଥାନ୍ତି ।

---

52 ସୋସାଇଟି ପଞ୍ଜୀକରଣ ନିୟମ 1860 ଅଧିନରେ 1991 ରେ ପଞ୍ଜୀକୃତ

53 ସିଲେଇ ମେସିନ୍ ଚାଳକ, ପର୍ଯ୍ୟଟନ ଏବଂ ଆତିଥ୍ୟ, ଖାଦ୍ୟପେୟ ସେବା (ତତ୍ତ୍ୱାବଧାୟକ), ସୁରକ୍ଷା କର୍ମୀ, ବିକ୍ରୟ କାର୍ଯ୍ୟନିର୍ବାହୀ ଇତ୍ୟାଦି

54 ନିଯୁକ୍ତିର ପ୍ରଥମ ଦୁଇ ରୁ ଛଅ ମାସ ଯାଏ ନିୟୋଜିତ ପ୍ରାର୍ଥୀମାନଙ୍କୁ ବ୍ୟାଙ୍କ ମାଧ୍ୟମରେ ନଗଦ ପ୍ରେରଣ ସହାୟତା । ଯଦି ଜିଲ୍ଲା ମଧ୍ୟରେ ନିଯୁକ୍ତି ପାଇଥାନ୍ତି ତେବେ ଏହା 1,000 ଟଙ୍କା ହିସାବରେ ଦୁଇ ମାସ ପାଇଁ, ରାଜ୍ୟ ମଧ୍ୟରେ ନିଯୁକ୍ତି ହୋଇଥିଲେ ତିନି ମାସ ପାଇଁ ଏବଂ ରାଜ୍ୟ ବାହାରେ ନିଯୁକ୍ତି ପାଇଥିଲେ ଛଅ ମାସ ପାଇଁ ଏହା ପ୍ରଦାନ କରାଯାଇଥାଏ

55 ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ସିଇଓ, ଓଡ଼ିଶା ଜିବୀକା ମିଶନ (ଓଏଲ୍ଏମ୍); ଓଏଲ୍ଏମ୍ର ଆର୍ଥିକ ପରାମର୍ଶଦାତା; ଓଏଲ୍ଏମ୍ର ଉପସଚିବ ତଥା ଅତିରିକ୍ତ ସିଇଓ (କାର୍ଯ୍ୟକ୍ରମ ସହାୟତା); ଓରମାସ୍ର ଉପସିଇଓ (କୌଶଳ); ଓରମାସ ନିର୍ବାହୀ ନିର୍ଦ୍ଦେଶକ ଏବଂ ଓଏଲ୍ଏମ୍ର ଅତରିକ୍ତ ସିଇଓଙ୍କୁ ନେଇ ଗଠିତ

56 ପିଆର ଓ ଡିଡବ୍ଲ୍ୟୁ ବିଭାଗର କମିଶନର ତଥା ସଚିବ; ଓଏଲ୍ଏମ୍ର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ସିଇଓ; ପଞ୍ଚାୟତି ରାଜ ବିଭାଗ/ ଓଏଲ୍ଏମ୍ର ଅର୍ଥ ପରାମର୍ଶଦାତା ; ଓଡ଼ିଶା ନିଯୁକ୍ତି ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ; ଓଏଲ୍ଏମ୍ର ଉପସଚିବ ତଥା ଅତିରିକ୍ତ ସିଇଓ; ଓରମାସର ନିର୍ବାହୀ ନିର୍ଦ୍ଦେଶକ ଏବଂ ଓଏଲ୍ଏମ୍ର ଅତିରିକ୍ତ ସିଇଓଙ୍କୁ ନେଇ ଗଠିତ

ପିଆଇଏ ମାନେ ନିଶ୍ଚିତ ପକ୍ଷେ 70 ପ୍ରତିଶତ ନିଯୁକ୍ତି ପ୍ରଦାନ କରିବେ । ଯଦି ଏହା 70 ପ୍ରତିଶତରୁ କମ୍ ହୁଏ ତେବେ ଆନୁପାତିକ ଦରରେ ପ୍ରଶିକ୍ଷଣ ଖର୍ଚ୍ଚ ପ୍ରଦାନ କରାଯିବ । ପିଆଇଏ, ଓରମାସ୍ ଏବଂ ନାବକନସ୍‌ର[57] ମାନ ନିର୍ଦ୍ଧାରଣ ଦଳ[58] ନମୁନା ଆଧାରରେ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନଙ୍କର ନିୟୋଜନ ବିଷୟ ଯାଞ୍ଚ କରିବେ । ମାର୍ଚ୍ଚ 2017 ସୁଦ୍ଧା ଓରମାସ୍ ଦ୍ୱାରା ମାନ ନିର୍ଦ୍ଧାରଣ କରାଯାଉଥିଲା ଏବଂ ଏହାପରେ ଅପ୍ରେଲ 7 ତାରିଖ 2017 ରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଆଧାରରେ ମାନ ନିର୍ଦ୍ଧାରଣ କାର୍ଯ୍ୟ ନାବକନ୍‌ସକୁ ପ୍ରଦାନ କରାଯାଇଥିଲା । ଉପରୋକ୍ତ ତିନି ସଂସ୍ଥା ଦ୍ୱାରା ଯାଞ୍ଚ ହୋଇଥିବାର ସଫଳତା ହାର ଆଧାରରେ ପିଆଇଏ ମାନଙ୍କୁ ଅର୍ଥ ପ୍ରଦାନ କରାଯାଇଥାଏ ।

ସେପ୍ଟେମ୍ବର 2014 ଠାରୁ ସେପ୍ଟେମ୍ବର 2019 ଅବଧି ପାଇଁ ସମୀକ୍ଷା କରାଯାଇଥିଲା (ଜୁଲାଇ 2019 ରୁ ନଭେମ୍ବର 2019) । ପ୍ରାର୍ଥୀମାନଙ୍କର ପ୍ରଶିକ୍ଷଣ ଏବଂ ନିଯୁକ୍ତି ଆଧାରରେ, ସମୀକ୍ଷା 95 ଟି ପିଆଇଏ ମଧ୍ୟରୁ 18 ଟିକୁ ଚୟନ କରିଥିଲେ । ମୁଖ୍ୟ ନିର୍ବାହୀ ଅଧିକାରୀ, ଓରମାସଙ୍କ 2018-19 ବର୍ଷର ଅନୁପାଳନା ସମୀକ୍ଷା ସମୟରେ (ମେ 2019) ଉତ୍‌ଥାପନ କରାଯାଇଥିବା ଅନିୟମିତତା ଆଧାରରେ ଉକ୍ତ ପିଆଇଏ ଗୁଡ଼ିକୁ ବଛାଯାଇଥିଲା । ମାର୍ଚ୍ଚ 2019 ସୁଦ୍ଧା ଏହି ପିଆଇଏ ଗୁଡ଼ିକୁ 436.17 କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଥିଲା ଏବଂ 231.46 କୋଟି ଟଙ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି 18 ପିଆଇଏ 2014 ରୁ 2019 ମଧ୍ୟରେ 46,097 ଜଣ ଯୁବକଙ୍କୁ ତାଲିମ୍ ପ୍ରଦାନ ଏବଂ 31,556 ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଥିବାର ଦାବି କରିଥିଲେ । ଏଥି ମଧ୍ୟରୁ, 5,160 ଜଣ ତାଲିମ୍ ପ୍ରାପ୍ତ ପ୍ରାର୍ଥୀ ଏବଂ 607 ଜଣ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କ କାଗଜ ପତ୍ର ସମୀକ୍ଷା ଯାଞ୍ଚ କରିଥିଲା । ଏତଦ୍ ବ୍ୟତୀତ ସମୀକ୍ଷା 26 ଟି କର୍ଯ୍ୟକ୍ଷମ ନଥିବା ପିଆଇଏ[59]ଙ୍କ ମଧ୍ୟରୁ ପାଞ୍ଚଟିକୁ ବାଛିଥିଲେ, ଯେଉଁମାନଙ୍କୁ 2014 ରୁ 2019 ମଧ୍ୟରେ 5.94 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଯଦିଓ 2016-17 ଓ 2017-18 ବର୍ଷରେ ରାଜ୍ୟ, ଏମ୍‌ଓଆରଡି ଦ୍ୱାରା ଡିଡିଇୟୁଜିକେୱାଇ ଅଧିନରେ କାର୍ଯ୍ୟ ସଂପାଦନାରେ ସର୍ବ ଶ୍ରେଷ୍ଠ ସଫଳ ରାଜ୍ୟର ପୁରସ୍କାର ପାଇଥିଲେ, ତଥାପି ନିମ୍ନ ଅନିୟମିତତା ଗୁଡ଼ିକ ସମୀକ୍ଷାରେ ପରିଲକ୍ଷିତ ହୋଇଥିଲା ।

### *2.2.1.1 ଅର୍ଥ ପ୍ରାପ୍ତି ଓ ଏହାର ବିନିଯୋଗ*

ଓରମାସ୍ ଡିଡିୟୁଜିକେୱାଇ ଅଧିନରେ 2014-19 ଅବଧିରେ 657.90 କୋଟି[60] ଟଙ୍କା ପାଇଥିଲେ ଏବଂ ମାର୍ଚ୍ଚ 2019 ସୁଦ୍ଧା 568.43 କୋଟି ଟଙ୍କା[61] (86 ପ୍ରତିଶତ) ବିନିଯୋଗ କରିଥିଲେ । 95 ଟି ପିଆଇଏଙ୍କ ମାଧ୍ୟମରେ ତାଲିମ୍ କାର୍ଯ୍ୟ ପରିଚାଳନା କରାଯାଇଥିଲା । ଓରମାସ୍ 2.02 ଲକ୍ଷ ଗ୍ରାମୀଣ ଯୁବକଙ୍କୁ ତାଲିମ୍ ଦେବାରେ ଲକ୍ଷ୍ୟ ଧାର୍ଯ୍ୟ[62] କରିଥିବା ସ୍ଥଳେ ମାର୍ଚ୍ଚ 2019 ସୁଦ୍ଧା ଏହା 1,31,854 (65.27 ପ୍ରତିଶତ) ଜଣ

---

57 ନାବ୍‌କନ୍‌ସ, ଜାତୀୟ ବୈଷୟିକ ସାହାଯ୍ୟକାରୀ ସଂସ୍ଥା ଭାବରେ କାର୍ଯ୍ୟ କରେ ଏବଂ ଏମ୍‌ଓଆର୍‌ଡି ତରଫରୁ ତନଖି ସହାୟକ କାମ କରିଥାଏ । ଏହା ତାଲିମ କେନ୍ଦ୍ର, ନମୁନା ପ୍ରାର୍ଥୀଙ୍କର ନିଯୁକ୍ତି ତ୍ରୟମାସିକ ଯାଞ୍ଚ କରିଥାଏ ଏବଂ ଅପ୍ରେଲ 2017 ରୁ ପ୍ରକଳ୍ପ ପ୍ରସ୍ତାବର ଗୁଣାତ୍ମକ ମୂଲ୍ୟାୟନ କରୁଥିଲା ।

58 ହିତାଧିକାରୀ ଚିହ୍ନଟ, ପ୍ରବର୍ତ୍ତାଇବା ଏବଂ ଚୟନ ମାନ ନିର୍ଦ୍ଧାରଣ, ଟିମ୍‌ର ମୁଖ୍ୟ କାର୍ଯ୍ୟ ଥିଲା । ଏହା ମଧ ତାଲିମ୍, ପ୍ରମାଣପତ୍ର ପ୍ରଦାନ, ନିଯୁକ୍ତି, ଇତ୍ୟାଦିର ପର୍ଯ୍ୟବେକ୍ଷଣ କରୁଥିଲା ।

59 ତାଲିମ୍ ଏବଂ ନିଯୁକ୍ତିର ଚୁକ୍ତି ବିଷୟକ ନୈତିକ ଦାୟିତ୍ୱ ସଂପାଦନରେ ଅସଫଳ ହୋଇଥିବା ପିଆଇଏ ।

60 ପ୍ରକଳ୍ପ ଖର୍ଚ୍ଚ: 555.55 କୋଟି ଟଙ୍କା, ନିଯୁକ୍ତି ସହାୟତା ଖର୍ଚ୍ଚ: 102.35 କୋଟି ଟଙ୍କା

61 ପ୍ରକଳ୍ପ ଖର୍ଚ୍ଚ: 527.80 କୋଟି ଟଙ୍କା, ନିଯୁକ୍ତି ସହାୟତା ଖର୍ଚ୍ଚ: 40.63 କୋଟି ଟଙ୍କା

62 ଏମ୍‌ଓଆର୍‌ଡି ତାଲିମ୍ ପାଇଁ କୌଣସି ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ କରିନଥିଲେ । ଓରମାସ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, 2014-19 ମଧ୍ୟରେ 2.02 ଲକ୍ଷ ଯୁବକଙ୍କୁ ତାଲିମ୍ ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

ଯୁବକଙ୍କୁ ତାଲିମ୍ ଦେଇଥିଲେ ଏବଂ 97,198 (73.72 ପ୍ରତିଶତ) ଜଣଙ୍କୁ ଠିକା ନିଯୁକ୍ତି ପ୍ରଦାନ କରିଥିବା ଦାବି କରିଥିଲେ, ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ସାରଣୀ 2.2.1 ଯୋଜନାର ଆର୍ଥିକ ଓ ବସ୍ତୁଗତ ଲକ୍ଷ୍ୟ ହାସଲ**

| ବର୍ଷ | ପ୍ରାରମ୍ଭିକ ଜମା (ଟଙ୍କା କୋଟିରେ) | ପ୍ରାପ୍ତି (ଟଙ୍କା କୋଟିରେ) | | ଖର୍ଚ୍ଚ (ଟଙ୍କା କୋଟିରେ) | ଶେଷ ଜମା (ଟଙ୍କା କୋଟିରେ) | ତାଲିମ୍ ପ୍ରଦାନ (ଯୁବକଙ୍କ ସଂଖ୍ୟା) | ନିଯୁକ୍ତି ପ୍ରଦାନ (ଯୁବକଙ୍କ ସଂଖ୍ୟା) (ପ୍ରତିଶତ) |
|---|---|---|---|---|---|---|---|
| | | କେନ୍ଦ୍ର ସରକାର | ରାଜ୍ୟ ସରକାର | | | ବର୍ଷୱାରୀ କାର୍ଯ୍ୟ ସମ୍ପାଦନ | |
| 2014-15 | - | 80.35 | 26.78 | 30.72 | 76.41 | 0 | 0 |
| 2015-16 | 76.41 | 39.93 | 26.62 | 61.6 | 81.36 | 749 | 0 |
| 2016-17 | 81.36 | 16.07 | 10.71 | 95.88 | 12.26 | 61,617 | 54,513 |
| 2017-18 | 12.26 | 138.36 | 92.24 | 165.03 | 77.83 | 27,850 | 11,204 |
| 2018-19 | 77.83 | 136.1 | 90.73 | 215.2 | 89.46 | 41,638 | 31,481 |
| ମୋଟ | | **410.81** | **247.08** | **568.43** | | **1,31,854** | **97,198 (73.72)** |

(ଉତ୍ସ: ଓରମାସ୍ ଦ୍ୱାରା ପ୍ରଦତ୍ତ ତଥ୍ୟ ଏବଂ ଏମ୍ଓଆର୍ଡି, କୌଶଳ ପ୍ରଗତିର ୱେବ୍ ପୋର୍ଟାଲରୁ ସଂଗୃହିତ ତଥ୍ୟ)

## 2.2.2 ପିଆଇଏ ଚୟନ ଓ ପ୍ରକଳ୍ପ ପ୍ରଦାନରେ ଅନିୟମିତତା

ପିଆଇଏ ମାନଙ୍କର ଚୟନରେ ଓରମାସ୍ ବିଧିବଦ୍ଧ ବ୍ୟବସ୍ଥାର ଉଲ୍ଲଙ୍ଘନ କରିଥିବା ଏବଂ ଅଯୋଗ୍ୟ ପିଆଇଏଙ୍କୁ ପ୍ରକଳ୍ପ ମଧ୍ୟ ପ୍ରଦାନ କରାଯାଇଥିବା ବିଷୟ ସମୀକ୍ଷାରେ ପରିଲକ୍ଷିତ ହୋଇଥିଲା ଯାହା ନିମ୍ନ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

### *2.2.2.1 ଗୁଣାତ୍ମକ ମୂଲ୍ୟାୟନ ବିନା ଅନିୟମିତ ଭାବରେ 76.34 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ପ୍ରଦାନ*

ଡିଡିୟୁଜିକେୱାଇ ର ନିର୍ଦ୍ଦେଶାବଳୀର ପାରା 4.2 ଅନୁଯାୟୀ ଏମ୍ଓଆର୍ଡି ବିଜ୍ଞପ୍ତି ପ୍ରକାରେ ଏବଂ ପଦ୍ଧତିରେ ପିଆଇଏଙ୍କ ଦ୍ୱାରା ପ୍ରକଳ୍ପ ପ୍ରସ୍ତାବର ମୂଲ୍ୟାୟନ ହେବ ଏବଂ ଆବଶ୍ୟକୀୟ ଅଙ୍କ ହାସଲ କରିଥିବା ପ୍ରସ୍ତାବ ଗୁଡ଼ିକ ପ୍ରକଳ୍ପ ଅନୁମୋଦନ କମିଟି(ପିଏସି) ଦ୍ୱାରା ବିଚାର ପାଇଁ ବିବେଚିତ ହେବ । ନିର୍ଦ୍ଦେଶାବଳୀର ପାରା 4.7(i) ବ୍ୟବସ୍ଥା ଅନୁଯାୟୀ, ଯେକୌଣସି ବର୍ଗର ହୋଇଥାନ୍ତୁ ନା କାହିଁକି, ଏମ୍ଓଆର୍ଡି ଦ୍ୱାରା ଦରଖାସ୍ତ ପାଇବା ସମୟ ସୁଦ୍ଧା ତିନିବର୍ଷ ପୂରଣ କରିଥିବା ପିଆଇଏ ଗୁଡ଼ିକ ପ୍ରକଳ୍ପ ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

ସମୀକ୍ଷା ଲକ୍ଷ୍ୟ କଲା ଯେ ଚାରିଟି ପିଆଇଏଙ୍କର 76.34 କୋଟି ଟଙ୍କାର ଚାରିଟି ପ୍ରକଳ୍ପର[63] ମାନ ନିର୍ଦ୍ଧାରଣ ବିନା ପିଏସି ଦ୍ୱାରା ଅନୁମୋଦନ କରାଯାଇଥିଲା ଏବଂ ସେପ୍ଟେମ୍ବର 2019 ସୁଦ୍ଧା 41.09 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଯାହାର ତଥ୍ୟ ନିମ୍ନ ସାରଣୀରେ ଦର୍ଶାଗଲା ।

[63] ମାନଦଣ୍ଡ ଯଥା ତାଲିମ୍ ଭିତ୍ତିଭୂମି, ଆର୍ଥିକ, ସାଗଠନିକ ଶକ୍ତି, ପୂର୍ବର ନିଯୁକ୍ତି ତଥ୍ୟ ଏବଂ ଗୁଣବତ୍ତା ନିଶ୍ଚିତ କରିବାରେ ବ୍ୟବସ୍ଥା ଗୁଡ଼ିକ ଗୁଣାତ୍ମକ ମୂଲ୍ୟାୟନ ପରିସରଭୁକ୍ତ

**ସାରଣୀ 2.2.2 ଗୁଣାତ୍ମକ ମୂଲ୍ୟାୟନ ବିନା ପିଆଇଏ ଗୁଡ଼ିକୁ ପ୍ରଦାନ କରାଯାଇଥିବା ପ୍ରକଳ୍ପର ବିବରଣ**

| କ୍ର.ସଂ. | ପିଆଇଏଙ୍କ ନାମ | ପିଏସି ଅନୁମୋଦନର ତାରିଖ ଓ ବର୍ଷ ନିର୍ଦ୍ଧାରଣ | ତାଲିମ୍ ଲକ୍ଷ୍ୟ (ସଂଖ୍ୟାରେ) | ନିଯୁକ୍ତି ଲକ୍ଷ୍ୟ | ପ୍ରକଳ୍ପ ମୂଲ୍ୟ (ଟଙ୍କା କୋଟିରେ) | ପ୍ରଦାନ କରାଯାଇ ଥିବା ରାଶି |
|---|---|---|---|---|---|---|
| i. | ଏସକର୍ଟସ ଲିମିଟେଡ୍ | ଜାନୁଆରୀ 2017 | 2,200 | 1,700 | 27.09 | 13.20 |
| ii. | ଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡ୍ | ଅଗଷ୍ଟ 2017 | 992 | 794 | 8.42 | 5.76 |
| iii. | ବ୍ଲାକ୍ ପାନ୍ଥର ଗାର୍ଡସ୍ ଏଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ | ମାର୍ଚ୍ଚ 2018 | 4,000 | 2,810 | 31.57 | 15.40 |
| iv. | କାର୍ଡିଆକ୍ ରିସର୍ଚ୍ଚ ଏଣ୍ଡ ଏଜୁକେସନ ଫାଉଣ୍ଡେସନ (ସିଏଆରଇ) | ଜାନୁଆରୀ 2017 | 850 | 595 | 9.26 | 6.73 |
| ମୋଟ | | | **8,042** | **5,899** | **76.34** | **41.09** |

*(ଉତ୍ସ: ଓରମାସରେ ନଥି ପତ୍ରରୁ ସଂଗୃହିତ)*

ଚାରିଟି ପିଆଇଏଙ୍କ ମଧ୍ୟରୁ ତିନିଟି ପିଆଇଏଙ୍କର ଚୟନରେ ପରିଲକ୍ଷିତ ତ୍ରୁଟିଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା:

***(i) ଏସକର୍ଟସ ଲିମିଟେଡର ବାଧ୍ୟତାମୂଳକ ଗୁଣବତ୍ତା ମୂଲ୍ୟାୟନକୁ ଅନିୟମିତ ଭାବେ ଛାଡ଼ କରିବା***

ପ୍ରକଳ୍ପ ସ୍କିନିଙ୍ଗ୍ କମିଟି(ପିଏସ୍‌ସି) ଡିସେମ୍ବର 2016 ରେ ଅନୁଷ୍ଠିତ ହୋଇଥିବା ଏହାର ବୈଠକରେ ଗୁଣାତ୍ମକ ମୂଲ୍ୟାୟନ ବିନା ଦୁଇଟି ପ୍ରସ୍ତାବକୁ ପିଏସିଙ୍କୁ ସୁପାରିଶ କରିଥିଲା । ଆର୍ଥିକ ସଚ୍ଛଳତା, ସମୂହ ନିଯୁକ୍ତିର ପ୍ରତିଶ୍ରୁତି ମୂଳ କମ୍ପାନି ଢାଞ୍ଚା ଏବଂ ପିଆଇଏର କୋର ସେକ୍ଟରରେ ଉପସ୍ଥିତିକୁ ଦୃଷ୍ଟିରେ ରଖି, ସମାନ ପିଆଇଏର (ଏସକର୍ଟସ୍ ଲିମିଟେଡ୍) ଏହି ଦୁଇଟି ପ୍ରକଳ୍ପର ଗୁଣାତ୍ମକ ମୂଲ୍ୟାୟନକୁ ପିଏସି ଛାଡ଼ କରିଥିଲେ । ଗୁଣାତ୍ମକ ମୂଲ୍ୟାୟନର ଆବଶ୍ୟକତାକୁ ଅଣଦେଖା କରି ପିଏସ୍‌ସିର ମତାମତକୁ ଗ୍ରହଣପୂର୍ବକ ପିଏସି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଥିଲେ (ଜାନୁଆରୀ 2017) । ଏପରି କୌଣସି ଛାଡ଼କୁ ଅନୁମତି ପ୍ରଦାନ କରୁନଥିବା ଯୋଜନା ମାର୍ଗଦର୍ଶିକାର ଏହା ଉଲ୍ଲଙ୍ଘନ କରୁଥିଲା ।

ପୁନଶ୍ଚ, ଅନ୍ୟ ଏକ ମାମଲାରେ ଭାରତ ସରକାରଙ୍କ ଏକ ସଂସ୍ଥା, ହିନ୍ଦୁସ୍ଥାନ ଲାଟେକ୍ସ ଫ୍ୟାମିଲି ପ୍ଲାନିଂ ପ୍ରମୋଶନ ଟ୍ରଷ୍ଟ ସଂପୂର୍ଣ୍ଣ ସମୂହ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ (ଜୁନ୍ 2016) ମଧ୍ୟ ତାହାର ଗୁଣାତ୍ମକ ମୂଲ୍ୟାୟନକୁ ଛାଡ଼ କରାଯାଇ ନଥିବା ବିଷୟରୁ ସ୍ପଷ୍ଟ ହୋଇଥିଲା ଯେ ପିଏସିର କାର୍ଯ୍ୟପ୍ରଣାଳୀରେ ସମାନତା ନଥିଲା ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ବୁଝାମଣା ଅନୁଯାୟୀ ପିଆଇଏ (ଏସ୍‌କର୍ଟସ ଲିମିଟେଡ୍) ମାର୍ଚ୍ଚ 2019 ସୁଦ୍ଧା 2,200 ଜଣ ପ୍ରାର୍ଥୀଙ୍କୁ ତାଲିମ୍ ପ୍ରଦାନ କରିବେ ଏବଂ 1,700 ପ୍ରାର୍ଥୀଙ୍କୁ (77 ପ୍ରତିଶତ) ନିଯୁକ୍ତି ଦେବେ । ଏହି ପ୍ରକଳ୍ପ ଅବଧିକୁ ମାର୍ଚ୍ଚ 2020 ଯାଏ ସଂପ୍ରସାରଣ କରାଯାଇଥିଲା । ଏମ୍‌ଆଇଏସ୍ ରିପୋର୍ଟ ଅନୁଯାୟୀ ସେପ୍ଟେମ୍ବର 2019 ସୁଦ୍ଧା 1,207 ଜଣଙ୍କୁ (55 ପ୍ରତିଶତ) ତାଲିମ୍ ପ୍ରଦାନ କରିଥିବା ଏବଂ 386 ଜଣଙ୍କୁ (ତାଲିମ୍ ପ୍ରାପ୍ତଙ୍କ ମଧ୍ୟରୁ 32 ପ୍ରତିଶତ) ନିଯୁକ୍ତି ପ୍ରଦାନ କରିଥିବା ପିଆଇଏ ଦାବି କରିଥିଲା । ଏହା ବ୍ୟତୀତ, ପିଆଇଏ ନିଯୁକ୍ତି ପ୍ରଦାନ ଦାବି କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର 157 ଜଣଙ୍କର ନିଯୁକ୍ତି ସପକ୍ଷରେ କାଗଜପତ୍ର ଉପସ୍ଥାପନ କରିପାରିଥିଲା ।

ଅର୍ଥାତ୍, ପ୍ରକଳ୍ପ ପ୍ରସ୍ତାବର ବାଧ୍ୟତାମୂଳକ ଗୁଣବତ୍ତା ମୂଲ୍ୟାୟନକୁ ଛାଡ଼ କରିବା କେବଳ ଯେ ଅନିୟମିତତା ଥିଲା ତାହା ନୁହେଁ ବରଂ ବୁଝାମଣାପତ୍ର ଅନୁଯାୟୀ ତାଲିମ୍ ଓ ନିଯୁକ୍ତିରେ ସଫଳତା ନଥିବା ପିଆଇଏକୁ ଅନୁଚିତ୍ ଅନୁକମ୍ପା ପ୍ରଦର୍ଶନ ମଧ୍ୟ।

ମନ୍ତବ୍ୟକୁ ଗ୍ରହଣ କରି ବିଭାଗ ଦର୍ଶାଇଥିଲେ (ଜୁନ୍ 2020) ଯେ ପିଆଇଏ ଗୁଡ଼ିକୁ ତାଲିମ୍ ଓ ନିଯୁକ୍ତି ସଂକ୍ରାନ୍ତୀୟ କାଗଜପତ୍ର ଉପସ୍ଥାପନ କରିବାକୁ ଏବଂ ପିଆଇଏଙ୍କୁ ପ୍ରଦାନ କରାଯାଇଥିବା ପ୍ରକଳ୍ପକୁ ବନ୍ଦ୍ କରିବାକୁ ଏବଂ ଅର୍ଥରାଶିକୁ ଅସୁଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

### *(ii) ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡକୁ ମନମୁଖୀ ଏବଂ ଅସ୍ୱଚ୍ଛ ଭାବରେ ପିଆଇଏ ରୂପେ ଚୟନ*

ଭାରତୀୟ ତାଲିମ୍ ସଂସ୍ଥା, ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ, ଏକ ଅଷ୍ଟ୍ରେଲିୟ ଫାର୍ମ ଓଡ଼ିଶା ସରକାରଙ୍କର ଏକ ପ୍ରତିନିଧି ମଣ୍ଡଳକୁ[64] ଅଷ୍ଟ୍ରେଲିଆକୁ ଆମନ୍ତ୍ରଣ କରିଥିଲା। ଡିଡିୟୁଜିକେୱାଇ କାର୍ଯ୍ୟକ୍ରମ ଅଧୀନରେ ତାଲିମ ଓ ନିଯୁକ୍ତି ପ୍ରଦାନ କରିବାରେ ଉକ୍ତ ଫାର୍ମ ଓଡ଼ିଶା ସରକାରଙ୍କର ସହଭାଗି ହେବାକୁ ଇଚ୍ଛା ପ୍ରକାଶ କରିଥିଲା। ପରବର୍ତ୍ତୀ ସମୟରେ ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡର ପ୍ରକଳ୍ପ ପ୍ରସ୍ତାବ ଜୁଲାଇ 2017 ରେ ପିଏସ୍‌ସିଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା, ଯାହାକି ଗୁଣବତ୍ତା ନିର୍ଦ୍ଧାରଣରୁ ଛାଡ଼ କରାଯାଇଥିଲା, ଯାହା ପଛରେ ତର୍କ କରାଯାଇଥିଲା ଯେ ଉକ୍ତ ପିଆଇଏ ମୂଳ କମ୍ପାନି, ଆରଇଏସିଏଚଇଏସ୍ ଇଣ୍ଟରନାସନାଲ, ଅଷ୍ଟ୍ରେଲିଆର ଭାରତୀୟ ଶାଖା, ଯାହାର କି ଜାତୀୟ କୌଶଳ ବିକାଶ ନିଗମର ତାଲିମ ଭାଗୀଦାର। ଓଡ଼ିଶାରେ ଏକ ଉତ୍କର୍ଷ କେନ୍ଦ୍ର (ଆଦର୍ଶ ତାଲିମ୍ କେନ୍ଦ୍ର) ସ୍ଥାପନ କରିବାକୁ ପିଆଇଏ ପ୍ରସ୍ତାବ ଦେଇଥିଲେ ଏବଂ ପିଆଇଏ ଦ୍ୱାରା ପ୍ରସ୍ତାବିତ ନିଯୁକ୍ତି ଲକ୍ଷ୍ୟର ଏକ ତୃତୀୟାଂଶ ବିଦେଶୀ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ।

ପିଏସ୍‌ସିର ସୁପାରିଶକୁ ଗ୍ରହଣ କରି ପିଏସି ବିନା ତୁଳାତ୍ମକ ମୂଲ୍ୟାୟନରେ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଥିଲେ (ଅଗଷ୍ଟ 2017)। ଜୁନ୍ 2019 ସୁଦ୍ଧା 1000 ପ୍ରାର୍ଥୀଙ୍କୁ ତାଲିମ୍ ପ୍ରଦାନ ଏବଂ 800 ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ ନିମିତ୍ତ 8.42 କୋଟି ଟଙ୍କାର ପ୍ରକଳ୍ପ ପାଇଁ ଓରମାସ ଓ ପିଆଇଏଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିଲା। ଅକ୍ଟୋବର 2019 ସୁଦ୍ଧା 955 ପ୍ରାର୍ଥୀଙ୍କୁ ତାଲିମ୍ ଏବଂ 696 ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଥିବା ବିଷୟ ଏଏସ୍‌ଡି ଏଜୁକେସନ୍ ପ୍ରାଇଭେଟ୍ ଲିମିଟେଡ୍ ଦାବି କରିଥିଲା। ଏହି ମାମଲାରେ ସମୀକ୍ଷା ନିମ୍ନଲିଖିତ ବିଷୟଗୁଡିକ ଲକ୍ଷ୍ୟ କରିଥିଲେ:

- ***ଅଯୋଗ୍ୟ ପିଆଇଏଙ୍କ ଚୟନ:*** ଯୋଜନା ମାର୍ଗଦର୍ଶିକା ଅନୁଯାୟୀ, ଏମ୍‌ଓଆର୍‌ଡିଙ୍କ ଦ୍ୱାରା ଦରଖାସ୍ତ ପ୍ରାପ୍ତ ସମୟ ସୁଦ୍ଧା ସମ୍ଭାବ୍ୟ ପିଆଇଏ ତିନି ବର୍ଷରୁ ଅଧିକ ପୁରାତନ ହୋଇଥିବେ। ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡ୍ 3 ଅଗଷ୍ଟ 2015 ରେ ସ୍ଥାପିତ ହୋଇଥିଲା ଅର୍ଥାତ୍ ଏମ୍‌ଓଆର୍‌ଡି ଦ୍ୱାରା ଦରଖାସ୍ତ ପ୍ରାପ୍ତ ହେବା ସମୟ 19 ଜୁଲାଇ 2017 ସୁଦ୍ଧା ଏହା ଉକ୍ତ ମାନଦଣ୍ଡ ପୂରଣ କରିନଥିଲା। ଏହା ସତ୍ତ୍ୱେ, ଏଏସ୍‌ଡି ଏଜୁକେସନ ପ୍ରାଇଭେଟ ଲିମିଟେଡର ଆବେଦନ ଗ୍ରହଣ କରାଯାଇଥିବା ସ୍ଥଳେ ଅନ୍ୟାନ୍ୟ ପ୍ରକଳ୍ପ ପ୍ରସ୍ତାବକୁ[65] ସମାନ ଆଧାର (ବର୍ଷ ମାନଦଣ୍ଡ)ରେ ନାକଚ କରାଯାଇଥିଲା।

- ***ଅଯୋଗ୍ୟ ଥିବା ସତ୍ତ୍ୱେ 8.42 କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ:*** ମାର୍ଗଦର୍ଶିକା ଦର୍ଶାଏ ଯେ

---

[64] ପିଆର୍ ଓ ଡିଡବ୍ଲୁ ବିଭାଗର ପ୍ରମୁଖ ସଚିବ; କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଏବଂ ଓରମାସ୍‌ର ନିର୍ବାହୀ ନିର୍ଦ୍ଦେଶକ

[65] ଖ୍ୱାଇସ୍ ଲେଦର ସ୍କିଲ୍ ଟ୍ରେନର ଏବଂ କନସଲଟାଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରକଳ୍ପ ପ୍ରସ୍ତାବ ନଭେମ୍ବର 14 ରେ ନାକଚ ହୋଇଥିଲା।

ଆବେଦନକାରୀ ପ୍ରସ୍ତାବିତ ପ୍ରକଳ୍ପର ଅନ୍ୟୁନ 25 ପ୍ରତିଶତର କାରବାର କରୁଥିବା ଆବଶ୍ୟକ । ଏମ୍‌ଓଆର୍‌ଡିକୁ ଅନଲାଇନ୍ ମାଧ୍ୟମରେ ପ୍ରେରଣ କରିଥିବା ଆବେଦନରେ ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡ୍ 2015-16 ଓ 2016-17 ରେ ଏହାର ହାରାହାରି କାରବାର 0.76 କୋଟି ଟଙ୍କା ଦର୍ଶାଇଥିଲା ଏବଂ ତଦନୁଯାୟୀ 3.04 କୋଟି ଟଙ୍କାର ପ୍ରକଳ୍ପରେ 300 ଜଣ ପ୍ରାର୍ଥୀଙ୍କୁ ତାଲିମ୍ ପ୍ରଦାନ କରିବା ପାଇଁ ଆବେଦନ କରିଥିଲେ ଯାହାକି ଯୋଗ୍ୟତା ଭିତ୍ତିକ ମାନଦଣ୍ଡ ମଧ୍ୟେ ଥିଲା । ପ୍ରକଳ୍ପ ମୂଲ୍ୟ ଏବଂ ଲକ୍ଷ୍ୟ ପରବର୍ତ୍ତୀ ସମୟରେ ବର୍ଦ୍ଧିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା ଏବଂ ପିଏସ୍‌ସି ଓ ପିଏସି, 1,000 ଜଣ ପ୍ରାର୍ଥୀଙ୍କୁ ତାଲିମ୍ ଦେବାକୁ 8.42 କୋଟି ଟଙ୍କାରେ ପ୍ରକଳ୍ପଟିକୁ ଅନୁମୋଦନ କରିଥିଲେ । ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡର ଦ୍ୱାରା ଦାଖଲ କରାଯାଇଥିବା (ଜୁଲାଇ 2017) ଏକ ଅଫଲାଇନ ଦରଖାସ୍ତ ଆଧାରରେ ଅନୁମୋଦନ ପ୍ରଦାନ କରାଯାଇଥିଲା । ପିଏସ୍‌ସି ଓ ପିଏସି ଆର୍ଥିକ କାରବାରର ମାନଦଣ୍ଡକୁ ଅଣଦେଖା କରି ଏକ ଅଯୋଗ୍ୟ ଘରୋଇ ସଂସ୍ଥାକୁ ଆର୍ଥିକ ସୁବିଧା ପ୍ରଦାନ କରିଥିଲେ ।

ପୁନଶ୍ଚ, ଏଏସ୍‌ଡି ଏଜୁକେଶନ ପ୍ରାଇଭେଟ୍ ଲିମିଟେଡ୍‌କୁ ଯୋଗ୍ୟତା ନ ଥିବା ସତ୍ତ୍ୱେ ପ୍ରକଳ୍ପ ପ୍ରଦାନ କରି ପିଆଇଏ ଭାବେ ଚୟନ କରିବା ଦ୍ୱାରା ଓରମାସ ଆନୁଷଙ୍ଗିକ ଲିଖିତ ଲିପିବଦ୍ଧ ନୀତିର ଅବଜ୍ଞା କରିଥିଲେ ।

- ***ନିଯୁକ୍ତିର ଭୁଲ ଦାବି ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହ ନକରିବା:*** ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡକୁ ପ୍ରଦାନ କରାଯାଇଥିବା ପ୍ରକଳ୍ପର ପରିସର ଏହାର ଯୋଗ୍ୟତା ପରିସୀମାର ବାହାରେ ଥିବା ହେତୁ, ପିଆଇଏର ନିଯୁକ୍ତି ପ୍ରଦାନ କ୍ଷମତା ଉପରେ ଏହାର ପ୍ରଭାବ ପଡିଥିବା ସମୀକ୍ଷା ଦେଖିବାକୁ ପାଇଥିଲା । ଅକ୍ଟୋବର 2019 ସୁଦ୍ଧା ନିଯୁକ୍ତି ପ୍ରଦାନ ଦାବି କରାଯାଇଥିବା 696 ପ୍ରାର୍ଥୀଙ୍କ ମଧ୍ୟରୁ, ପିଆଇଏ ଟିମ୍ (40), ଓରମାସ୍ (7) ଏବଂ ନାବକନସ୍ (3) ର ଗୁଣବତ୍ତା ମୂଲ୍ୟାୟନ ଦଳ ଦ୍ୱାରା ଯାଞ୍ଚ ପାଇଁ 50 ଜଣ ପ୍ରାର୍ଥୀଙ୍କର ନମୁନା ସଂଗ୍ରହ କରାଯାଇଥିଲା । ପିଆଇଏ ଏବଂ ଓରମାସ୍ ଯଥାକ୍ରମେ 40 ଓ 7 ନମୁନା ଯାଞ୍ଚ କଲେ ଏବଂ ନିଯୁକ୍ତି ପାଇଥିବା ସୁନିଶ୍ଚିତ କରିଥିଲେ । ତିନିଟି ପ୍ରାଥମିକ ନମୁନା ଏବଂ ତିନିଟି ପୁନଃପରୀକ୍ଷା[66] ନମୁନା ନେଇଥିବା (20 ନଭେମ୍ବର 2018) ନାବକନସ୍, ଏହାର ରିପୋର୍ଟ 30 ଜାନୁଆରୀ 2019 ରେ (71 ଦିନ ପରେ) ପ୍ରଦାନ କରିଥିଲା । ନାବକନସ ଏହାର ରିପୋର୍ଟରେ ତିନି ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିନଥିବା ବିଷୟ ଜଣାଇଥିଲେ । ଏହା ମଧ୍ୟରେ, ଓରମାସ୍ ଏକ ନିର୍ଦ୍ଦେଶ ଜାରି କରିଛନ୍ତି (3 ଅକ୍ଟୋବର 2018) ଯେ ନାବକନସ୍ ତାହାର ନମୁନା 15 ଦିନ ମଧ୍ୟରେ ପ୍ରଦାନ କରୁ ନଚେତ୍ ଓରମାସ୍ ତାହାର ନିଜସ୍ୱ ସିଦ୍ଧାନ୍ତକୁ ନେଇ ଅଗ୍ରସର ହେବ ।

  ଡିଡିଇଉଜିକେୱାଇ ମାର୍ଗଦର୍ଶିକାର ପାରା 4.8 ଦର୍ଶାଏ ଯେ ଏମ୍‌ଓଆର୍‌ଡି ଦ୍ୱାରା ବ୍ୟବସ୍ଥିତ ବିଧିର ଯେକୌଣସି ସଂଶୋଧନ ପାଇଁ ମନ୍ତ୍ରଣାଳୟର ଅନୁମୋଦନ ଆବଶ୍ୟକ । 15 ଦିନରୁ ଅଧିକ ବିଳମ୍ବ କ୍ଷେତ୍ରରେ ନାବକନସର ଯାଞ୍ଚ ରିପୋର୍ଟ ବିଚାରକୁ ନ ନେବା ପାଇଁ ଥିବା ଲିପିବଦ୍ଧ ବ୍ୟବସ୍ଥାର ଏହି ବ୍ୟତିକ୍ରମ ଏମ୍‌ଓଆରଡିକୁ ଅବଗତ କରାଯାଇ ନଥିବା ଲକ୍ଷ କରାଯାଇଥିଲା । ଫଳସ୍ୱରୂପ, ନାବକନସର ନମୁନା ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରାଯାଇନଥିଲା ଏବଂ ଓରମାସ ନିଜେ ଉକ୍ତ ଛଅ ନମୁନାକୁ ଯାଞ୍ଚ କରିଥିଲା (31 ଡିସେମ୍ବର 2018) ଏବଂ ସମସ୍ତ ପ୍ରାର୍ଥୀ ନିଯୁକ୍ତି ପାଇଥିବା ଦର୍ଶାଇଥିଲା ।

  ତଦନୁସାରେ, ସଫଳ ନିଯୁକ୍ତିର ହାର 70 ପ୍ରତିଶତ ବୋଲି ହିସାବ କରାଯାଇଥିଲା ଏବଂ ଦ୍ୱିତୀୟ

[66] ପିଆଇଏ ଦ୍ୱାରା ଯାଞ୍ଚ ହୋଇଥିବା ଦୁଇଟି ନମୁନା ଏବଂ ଓରମାସ ଦ୍ୱାରା ଯାଞ୍ଚ ହୋଇଥିବା ଗୋଟିଏ ନମୁନା

କିସ୍ତି ସ୍ୱରୂପ 3.91 କୋଟି ଟଙ୍କା ପିଆଇଏକୁ ପ୍ରଦାନ କରାଯାଇଥିଲା(ଫେବୃୟାରୀ 2019) । ପ୍ରକୃତ କଥା ହେଲା ଯେ ତିନି ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇନଥିବା ବିଷୟକ ନାବକନସର ନକାରାତ୍ମକ ରିପୋର୍ଟ ଓରମାସକୁ ଜଣାଇଦିଆଯାଇଥିଲା । ନାବକନସର ଏହି ସିଦ୍ଧାନ୍ତ ଆଧାରରେ 3.67 କୋଟି ଟଙ୍କା ପ୍ରଦାନ କରାଯାଇପାରି ଥାନ୍ତା । ଏହିପରି, ଓରମାସ, ଅନିୟମିତ ଭାବରେ 23.45 ଲକ୍ଷ ଟଙ୍କା ଅଧିକ ପ୍ରଦାନ କରିଥିଲା ଯାହା ଫଳରେ ଏକ ଘରୋଇ ଏଜେନ୍ସିକୁ ଆର୍ଥିକ ସୁବିଧା ପ୍ରଦାନ କରାଯାଇଥିଲା ।

- ***ଅନିୟମିତ ଓ ବେଆଇନ ଭାବେ 11.76 କୋଟି ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ପ୍ରଦାନ:*** ଓର୍ମାସର ନିଷ୍ପତ୍ତି ଅନୁଯାୟୀ (ଅକ୍ଟୋବର 2018) , ଯଦି ପିଆଇଏ ପୂର୍ବ ପ୍ରକଳ୍ପର 70 ପ୍ରତିଶତ ତାଲିମ ଲକ୍ଷ୍ୟ ହାସଲ କରିଥିବେ ଏବଂ ତାଲିମ ପ୍ରାପ୍ତ ପ୍ରାର୍ଥୀଙ୍କ ମଧ୍ୟରୁ 50 ପ୍ରତିଶତ ପ୍ରାର୍ଥୀ ନିଯୁକ୍ତି ପାଇଥିବେ ତେବେ ଦ୍ୱିତୀୟ ପ୍ରକଳ୍ପ ସେହି ପିଆଇଏକୁ ପ୍ରଦାନ କରାଯାଇପାରିବ । ସମୀକ୍ଷା ଲକ୍ଷ୍ୟ କଲା ଯେ ନାବକନସ୍ ଦ୍ୱାରା ନିଯୁକ୍ତି ସମ୍ବନ୍ଧୀୟ ଯାଞ୍ଚର ଅନୁପାଳନ ଉପସ୍ଥାପନ ସର୍ତ୍ତରେ ପିଏସି 11.76 କୋଟି ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ପିଆଇଏ (ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡ୍)କୁ ପ୍ରଦାନ କରିଥିଲା (16 ଫେବୃଆରୀ 2019) ।

  6 ମାର୍ଚ୍ଚ 2019 ର ଏମ୍‌ଆଇଏସ୍ ତଥ୍ୟ ଅନୁଯାୟୀ ତାଲିମ୍ ପ୍ରଦାନରେ ଧାର୍ଯ୍ୟ ଲକ୍ଷ୍ୟ 70 ପ୍ରତିଶତ ସ୍ଥଳେ 47.48 ପ୍ରତିଶତ ଲକ୍ଷ୍ୟ ହାସଲ କରିବା ଏବଂ 79.40 ପ୍ରତିଶତ (ତାଲିମ ପ୍ରାପ୍ତ ପ୍ରାର୍ଥୀଙ୍କ ମଧ୍ୟରୁ) ନିଯୁକ୍ତି ପ୍ରଦାନ କରିବା ହେତୁ ପିଆଇଏର ଅଯୋଗ୍ୟତା ବିଷୟରେ ଓରମାସର ସିଇଓଙ୍କୁ ଅବଗତ କରାଯାଇଥିବା ସମୀକ୍ଷା ଲକ୍ଷ୍ୟ କରିଥିଲା । ପିଆଇଏ 70 ପ୍ରତିଶତ ତାଲିମ ଲକ୍ଷ୍ୟ ହାସଲ କରିନଥିବା ହେତୁ ଦ୍ୱିତୀୟ ପ୍ରକଳ୍ପ ପ୍ରଦାନର ମାନଦଣ୍ଡ ପୂରଣ କରିନଥିଲା । କାର୍ଯ୍ୟଦକ୍ଷତା ଓ ନାବକନସର ନିଯୁକ୍ତି ଯାଞ୍ଚର ଅନୁପାଳନ ନ କରିବା ବିଷୟକୁ ଅବଜ୍ଞା କରି, ସିଇଓଙ୍କ ସୁପାରିଶ କ୍ରମେ ପିଆର ଏଣ୍ଡ ଡିଡବ୍ଲୁ ବିଭାଗ ପ୍ରକଳ୍ପର ଅନୁମୋଦନ କରିଥିଲେ (ମାର୍ଚ୍ଚ 2019) । ପୁନଶ୍ଚ, 2015-16 ଠାରୁ 2017-18 ବର୍ଷ ପାଇଁ ପିଆଇଏର ହାରାହାରି ବାର୍ଷିକ କାରବାର 1.32 କୋଟି ଟଙ୍କା ଥିବା ସମୀକ୍ଷାରେ ଲକ୍ଷ୍ୟ କରାଯାଇଥିଲା । ମାର୍ଗଦର୍ଶିକା ଅନୁଯାୟୀ, ଚାଲୁରହିଥିବା ପ୍ରକଳ୍ପର ମୂଲ୍ୟକୁ (8.42 କୋଟି ଟଙ୍କା) ବାଦ୍ ଦେଇ ହାରାହାରି କାରବାରର ଚାରିଗୁଣ (5.28 କୋଟି ଟଙ୍କା) ମୂଲ୍ୟର ପ୍ରକଳ୍ପ ପାଇବାକୁ ପିଆଇଏ ଯୋଗ୍ୟ ଥିଲା । ଏହା ବ୍ୟତିରେକେ, ଏହି ଅଯୋଗ୍ୟ ପିଆଇଏକୁ 11.76 କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଥିଲା । ଏହିପରି ଭାବରେ, ଦ୍ୱିତୀୟ ପ୍ରକଳ୍ପ ପ୍ରଦାନ ଅନିୟମିତ ଥିଲା ଏବଂ ପିଆଇଏକୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିଲା ।

- ***ପ୍ରତିଶ୍ରୁତି ଭଙ୍ଗ:*** ଯଦିଓ ଏଏସ୍‌ଡି ଏଜୁକେସନ ପ୍ରାଇଭେଟ୍ ଲିମିଟେଡର ଚୟନରେ ବିଦେଶରେ ନିଯୁକ୍ତି ସୁଯୋଗ ପ୍ରଦାନ ଏବଂ ଓଡ଼ିଶାରେ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବାର ସର୍ତ୍ତ ଥିଲା, ଏହି ସର୍ତ୍ତଗୁଡ଼ିକ ଓରମାସ୍ ଏବଂ ପିଆଇଏ ମଧ୍ୟରେ ହୋଇଥିବା ବୁଝାମଣା ପତ୍ରରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ସେପ୍ଟେମ୍ବର 2019 ସୁଦ୍ଧା ପିଆଇଏ ଦ୍ୱାରା ବିଦେଶରେ କୌଣସି ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇ ନଥିବା ଏବଂ ଓଡ଼ିଶାରେ ଏଏସ୍‌ଡି ଏଜୁକେସନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଉତ୍କର୍ଷ କେନ୍ଦ୍ର ମଧ୍ୟ ସ୍ଥାପନ କରାଯାଇନଥିବା ସମୀକ୍ଷା ଲକ୍ଷ୍ୟ କରିଥିଲା ।

ଚୟନ ଠାରୁ ନିଯୁକ୍ତି ରିପୋର୍ଟ ଗ୍ରହଣ କରିବା ଓ ପିଆଇଏକୁ ପରବର୍ତ୍ତୀ ପ୍ରକଳ୍ପ ପ୍ରଦାନ କରିବାରେ ଲିପିବଦ୍ଧ ପଦ୍ଧତିର ଅନେକଗୁଡିଏ ଉଲ୍ଲଙ୍ଘନ କରାଯାଇ ଏଏସ୍‌ଡି ଏଜୁକେଶନ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଅନୁଚିତ୍ ଅନୁଗ୍ରହ ପ୍ରଦର୍ଶନର ଏକ ମିଳିତ ପ୍ରୟାସ କରାଯାଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । ପିଆଇଏ, କାର୍ଯ୍ୟକାରୀ ଅବଧି ଓ ଆର୍ଥିକ ଦକ୍ଷତା ଆଧାରିତ ଯୋଗ୍ୟତା ମାନଦଣ୍ଡ ପୁରଣ କରିନଥିଲେ । ଏତଦ୍ ବ୍ୟତୀତ, ନିଯୁକ୍ତି ଲକ୍ଷ୍ୟ ହାସଲରେ ସ୍ୱଳ୍ପତା ବିଷୟ ସୂଚିତ କରୁଥିଲା ନାବ୍‌କନ୍‌ସର ନିଯୁକ୍ତି ସମ୍ବନ୍ଧୀୟ ରିପୋର୍ଟକୁ ମଧ୍ୟ ଓରମାସ୍

ଅଣଦେଖା କରିଥିଲା । ଏହିପରି ଭାବରେ, ଏଏସ୍‌ଡି ଏଜୁକେସନ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଚୟନ ଓ ପରବର୍ତ୍ତୀ ପ୍ରକଳ୍ପ ପ୍ରଦାନ ମନମୁଖୀ ତଥା ଅସ୍ୱଚ୍ଛ ଥିଲା ।

ଉତ୍ତରରେ ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ, ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ପିଏସି ଏଏସ୍‌ଡି ଏଜୁକେସନ୍ ପ୍ରାଇଭେଟ୍ ଲିମିଟେଡକୁ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲେ ଯିଏକି କେବଳ ବିଖ୍ୟାତ ଅଷ୍ଟ୍ରେଲିୟ କମ୍ପାନି 'ରିଚ୍' ର ତାଲିମ ପଦ୍ଧତିକୁ ଆହରଣ କରିନଥିଲା ଆହୁରି ମଧ୍ୟ ଯୁବକମାନଙ୍କୁ ବିଦେଶରେ ନିଯୁକ୍ତି ଦେବାର ପ୍ରସ୍ତାବ ରଖିଥିଲେ । ତାଲିମ୍ ପ୍ରଦାନ କରିବାର ସଂଖ୍ୟାଭିତ୍ତିକ ଦକ୍ଷତା ଆଧାରରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଏହାକୁ ପ୍ରକଳ୍ପ ପ୍ରଦାନ କରାଯାଇଥିଲା । ବିଭାଗ ପୁନଶ୍ଚ ଦର୍ଶାଇଥିଲା ଯେ ସେମାନେ ନିଯୁକ୍ତି ସଂକ୍ରାନ୍ତିୟ କାଗଜପତ୍ରର ବୈଧତା ଯାଞ୍ଚ କରିବେ ଏବଂ ଯଦି ଏହା ଭୁଲ ପ୍ରମାଣିତ ହୁଏ, ତେବେ ଅଧିକ ପ୍ରଦାନ କରାଯାଇଥିବା ରାଶିକୁ ଅସୁଲ କରାଯିବ ।

ବିଭାଗର ଉତ୍ତର ଗ୍ରହଣୀୟ ନଥିଲା କାରଣ ମାର୍ଗଦର୍ଶିକା ଅନୁଯାୟୀ ପିଆଇଏ ଚୟନ ପାଇଁ ଧାର୍ଯ୍ୟ ମାନଦଣ୍ଡରେ ଏପରି କୌଣସି କୋହଳ ଗ୍ରହଣୀୟ ନଥିଲା । ଅଧିକନ୍ତୁ, ଚୟନ ପାଇଁ ଉଦ୍ଦିଷ୍ଟ ତିନିଟି ମଧ୍ୟରୁ ଦୁଇଟି ମାପକ ଯଥା ତାଲିମ ପ୍ରଦାନରେ ଏବଂ ନିଯୁକ୍ତି ପ୍ରଦାନ ଓ ବାର୍ଷିକ କାରବାର ଧାର୍ଯ୍ୟ ଲକ୍ଷ୍ୟ ପିଆଇଏ ପୂରଣ କରିନଥିଲେ । ଯାହାଫଳରେ ଚୁକ୍ତି ଚୂଡ଼ାନ୍ତ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ପିଆଇଏ ହାସଲ କରିନଥିଲେ, ଯାହାକି ପ୍ରକଳ୍ପର ସଫଳତାରେ ପ୍ରତିକୂଳ ପ୍ରଭାବ ପକାଇଥିଲା । ମାମଲାର ଅନୁସନ୍ଧାନ ଆବଶ୍ୟକ ଏବଂ ଦାୟିତ୍ୱସମ୍ପନ୍ନ କର୍ମଚାରୀମାନଙ୍କୁ ଦାୟୀ କରାଯିବା ଆବଶ୍ୟକ ।

### *(iii) ଅଯୋଗ୍ୟ ପିଆଇଏକୁ ଅନିୟମିତ ଭାବରେ ପ୍ରକଳ୍ପ ମଞ୍ଜୁରୀ ପ୍ରଦାନ*

ଏମ୍‌ଓଆର୍‌ଡି ବିଜ୍ଞାପନ (ଜୁନ୍ 2015) ର ପାରା 4 ଅନୁଯାୟୀ, ସମସ୍ତ ଡିଡିୟୁଜିକେୱାଇ ପ୍ରକଳ୍ପ ଆବେଦନ ପାଇଁ ଗୁଣାତ୍ମକ ମୂଲ୍ୟାୟନର ପ୍ରକ୍ରିୟା ଆବଶ୍ୟକ ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ପିଆଇଏ, ବ୍ଲାକ୍ ପାନ୍ଥର ଗାର୍ଡସ ଏଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ବ୍ଲାକ୍ ପାନ୍ଥର) ଦ୍ୱାରା ତୃତୀୟ ପ୍ରକଳ୍ପ ପାଇଁ ଉପସ୍ଥାପନ କରାଯାଇଥିବା ପ୍ରକଳ୍ପ ପ୍ରସ୍ତାବର ପ୍ରାଥମିକ ଅନୁଧାନ ସମୟରେ ଓରମାସର କାର୍ଯ୍ୟକ୍ରମ ପରିଚାଳକ ଗୁଣବତ୍ତା ମୂଲ୍ୟାୟନ ପାଇଁ ସୁପାରିଶ କରିଥିଲେ (ଫେବୃଆରୀ 2018) । ତେବେ, ଓରମାସର ଇଡି, ପିଆଇଏର ଆର୍ଥିକ କାରବାର ଏବଂ ନିଟ୍ ମୂଲ୍ୟ ଜାଣିବା ପାଇଁ ଗୁଣବତ୍ତା ମୂଲ୍ୟାୟନ ନକରି ପ୍ରକଳ୍ପ ପ୍ରଦାନ ପାଇଁ ସୁପାରିଶ କରିଥିଲେ (ଫେବୃଆରୀ 2018) ଏବଂ ପିଆଇଏ ଏହାର ପୂର୍ବ କାର୍ଯ୍ୟଦକ୍ଷତା ଭିତ୍ତିରେ ବର୍ଗୀକୃତ ହୋଇଥିଲା । ବ୍ଲାକ୍ ପାନ୍ଥର ସପକ୍ଷରେ ପିଏସି 31.57 କୋଟି ଟଙ୍କା ମୂଲ୍ୟର ଏକ ପ୍ରକଳ୍ପ ମଞ୍ଜୁର କରିଥିଲେ (ମାର୍ଚ୍ଚ 2018) । ଏହିପରି ଭାବରେ, ଗୁଣବତ୍ତା ମୂଲ୍ୟାୟନ ନକରି ପ୍ରକଳ୍ପ ମଞ୍ଜୁର କରିବା ଅନିୟମିତ ଥିଲା ଏବଂ ଫଳସ୍ୱରୂପ, ପିଆଇଏ ଏହାର ଯୋଗ୍ୟତା ଠାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଥିଲା ଯାହାକି ***ଅନୁଚ୍ଛେଦ 2.2.2.2*** ରେ ଆଲୋଚନା କରାଯାଇଛି ।

ଉତ୍ତରରେ ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ ଯଦିଓ ଏମ୍‌ଓଆର୍‌ଡି ତିନିରୁ ପାଞ୍ଚ ବର୍ଷ ଅବଧିର ପ୍ରକଳ୍ପ ଅନୁମୋଦନ କରିଥିଲା, କ୍ଷତିଭୟ ହ୍ରାସ କରିବାକୁ ଓରମାସ ଏକ ବର୍ଷ ପାଇଁ ପ୍ରକଳ୍ପ ମଞ୍ଜୁର କରିଥିଲା । ଅଗ୍ରଗତି ଅନୁଧାନ କରିବା ପରେ, ଗୁଣବତ୍ତା ମୂଲ୍ୟାୟନ ନକରି ପିଆଇଏକୁ ବର୍ଗ ଅନୁଯାୟୀ ପରବର୍ତ୍ତୀ ବର୍ଷ ପାଇଁ ମଞ୍ଜୁରୀ/ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

ଉତ୍ତର ଯୁକ୍ତିଯୁକ୍ତ ନଥିଲା ଯେହେତୁ ଗୁଣବତ୍ତା ମୂଲ୍ୟାୟନ ବିନା ପ୍ରକଳ୍ପ ମଞ୍ଜୁର କରିବା ଏମ୍‌ଓଆର୍‌ଡି ବିଜ୍ଞପ୍ତି (ଜୁନ୍ 2015) ଅନ୍ତର୍ଗତ ବାଧ୍ୟତାମୂଳକ ସର୍ତ୍ତର ପରିପନ୍ଥୀ ଥିଲା ।

ଏହିପରି ଭାବରେ, ପିଆଇଏ ମାନଙ୍କର ସଫଳତାର ସହିତ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାର ଯୋଗ୍ୟତାକୁ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥିତ ମୂଲ୍ୟାୟନ ପ୍ରକ୍ରିୟା ରୂପକ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିକୁ ଉପେକ୍ଷା କରି ଓରମାସ୍ ପିଆଇଏ ମାନଙ୍କୁ ଅନୁଚିତ୍ ଅନୁଗ୍ରହ ପ୍ରଦର୍ଶନ କରିଥିଲା ।

ପୁନଶ୍ଚ, ଆର୍ଥିକ ଦକ୍ଷତା, ନିଯୁକ୍ତି ପ୍ରଦାନରେ ପ୍ରତିବଦ୍ଧତା, ମୂଳ କମ୍ପାନୀର ଗଠନ ଏବଂ ମୂଳ କ୍ଷେତ୍ର ଇତ୍ୟାଦି

ଆଧାରରେ ବାଧ୍ୟତାମୂଳକ ମୂଲ୍ୟାୟନ ପ୍ରକ୍ରିୟା ବିନା ପିଆଇଏ ଗୁଡିକୁ ମନମୁଖୀ ଭାବରେ ଚୟନ କରାଯାଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ, ଯାହାଦ୍ୱାରା କେତେକ ପିଆଇଏକୁ ଅନୁଚିତ୍ ଆର୍ଥିକ ସୁବିଧା ପ୍ରଦାନ କରାଯାଇଥିଲା । ଲିପିବଦ୍ଧ ପଦ୍ଧତିର ଏହିପରି ଉଲ୍ଲଂଘନ ଗୁଡିକର ଅନୁସନ୍ଧାନ ଆବଶ୍ୟକ ଏବଂ ଏହିପରି ଉଲ୍ଲଂଘନ ପାଇଁ ଦାୟିତ୍ୱସମ୍ପନ୍ନ କର୍ମଚାରୀମାନଙ୍କୁ ଦାୟୀ କରାଯିବା ଆବଶ୍ୟକ ।

### *2.2.2.2 ଅଯୋଗ୍ୟ ପିଆଇଏ ଗୁଡ଼ିକ ସେମାନଙ୍କର ଆର୍ଥିକ ଯୋଗ୍ୟତା ଠାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇବା*

ଡିଡିୟୁଜିକେୱାଇ ମାର୍ଗଦର୍ଶିକାର ପାରା 4.6 ଅନୁଯାୟୀ, ତାଲିମ ତଥା ନିଯୁକ୍ତି ଦକ୍ଷତା, କାରବାର, ଖ୍ୟାତିସମ୍ପନ୍ନ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟ କରିବାର ଅଭିଜ୍ଞତା ଆଧାରରେ ପିଆଇଏ ଗୁଡ଼ିକୁ ଏ, ବି ଓ ସି ବର୍ଗରେ ବର୍ଗୀକରଣ କରାଯାଇଥାଏ । ଏ, ବି ଓ ସି ବର୍ଗର ପିଆଇଏ ଗୁଡ଼ିକର ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ସୀମା ଯଥାକ୍ରମେ 50 କୋଟି, 15 କୋଟି ଓ 5 କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା । ପୁନଶ୍ଚ, ମାର୍ଗଦର୍ଶିକା ପ୍ରକଳ୍ପ ମୂଲ୍ୟକୁ ପିଆଇଏର ହାରାହାରି କାରବାରର ଚାରିଗୁଣରେ ସୀମିତ ରଖିଥିଲେ ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ସେପ୍ଟେମ୍ବର 2016 ରୁ ସେପ୍ଟେମ୍ବର 2018 ମଧ୍ୟରେ ଚାରିଟି ପିଆଇଏଙ୍କୁ 102.13 କୋଟି ଟଙ୍କା ମୂଲ୍ୟର ପାଞ୍ଚଟି ପ୍ରକଳ୍ପ ମଂଜୁର କରାଯାଇଥିଲା । ସେମାନଙ୍କର ହାରାହାରି କାରବାର ଅନୁଯାୟୀ ସେମାନେ ମାତ୍ର 25.20 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ପାଇବାକୁ ଯୋଗ୍ୟ ଥିଲେ । ଅର୍ଥାତ୍ 76.93 କୋଟି ଟଙ୍କାର ପ୍ରକଳ୍ପ ସେମାନଙ୍କର ଯୋଗ୍ୟତାକୁ ଅଣ ଦେଖା କରି ପ୍ରଦାନ କରାଯାଇଥିଲା ଯାହାର ସବିଶେଷ ତଥ୍ୟ ***ପରିଶିଷ୍ଟ 2.2.1*** ରେ ଦର୍ଶାଯାଇଛି ।

ସମୀକ୍ଷା ନିମ୍ନପ୍ରକାରେ ଅବଲୋକନ କରିଥିଲା:

- ନାଇସ୍ କମ୍ପ୍ୟୁଟର୍ ଏଜୁକେସନରେ ସୋସାଇଟି ଏବଂ ବ୍ଲାକ୍ ପାନ୍ଥର ଗାର୍ଡସ ଏଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ସେମାନଙ୍କର ତାଲିମ ପ୍ରଦାନ ଓ ନିଯୁକ୍ତି ଦକ୍ଷତା ଆଧାରରେ ଯଥାକ୍ରମେ ଏ ଓ ବି ଭାବରେ ବର୍ଗୀକୃତ ହୋଇଥିଲେ । ଏହି ବର୍ଗ ଆଧାରରେ ପିଏସି 5.21 କୋଟି ଟଙ୍କା ଓ 31.57 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପକୁ ପିଆଇଏଙ୍କୁ ମଞ୍ଜୁର କରିଥିଲେ । ସେମାନଙ୍କର ହାରାହାରି କାରବାର 1.98 କୋଟି (ନାଇସ୍) ଓ 8.07 କୋଟି ଟଙ୍କା (ବ୍ଲାକ୍ ପାନ୍ଥର) ଥିଲା ଏବଂ ସେଥିପାଇଁ ସେମାନେ ଯଥାକ୍ରମେ 4.27 କୋଟି ଏବଂ 14.61 କୋଟି ଟଙ୍କାର ପ୍ରକଳ୍ପ ପାଇବାକୁ ଯୋଗ୍ୟ ଥିଲେ । ପ୍ରକଳ୍ପ ପାଇଁ ସର୍ବୋଚ୍ଚ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ପିଆଇଏ ମାନଙ୍କର କାରବାରକୁ ଅଣଦେଖା କରି ଏହି ଦୁଇ ପିଆଇଏକୁ ଅନିୟମିତ ଭାବରେ ଯୋଗ୍ୟତା ଠାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପ୍ରଦାନ କରାଯାଇଥିଲା । ମାର୍ଗଦର୍ଶିକାର ବ୍ୟବସ୍ଥାକୁ ଅବଜ୍ଞା କରି ପିଏସି ଓ ପିଆରଏଣ୍ଡଡିଡବ୍ଲୁ ବିଭାଗ ଏହି ଦୁଇ ପିଆଇଏଙ୍କ ସପକ୍ଷରେ ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ କରିଥିଲେ ।

- ଏଡୁଜବ୍ସ୍ ଏକାଡେମି ପ୍ରାଇଭେଟ୍ ଲିମିଟେଡ୍ କ୍ଷେତ୍ରରେ, ପିଆଇଏ ଏହାର ଯୋଗ୍ୟତା ଭିତ୍ତିରେ 0.72 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ପାଇଁ ଆବେଦନ କରିଥିଲା । ପିଏସି 29.26 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ପ୍ରଦାନ ପାଇଁ ସୁପାରିଶ କରିଥିଲା ଯାହାକି ଯୋଗ୍ୟତା ସୀମାଠାରୁ ଅଧିକ ଥିଲା, ଯଦିଓ ପିଏସିର ଏପରି କରିବାର କ୍ଷମତା ନଥିଲା । ଏହି ବ୍ୟତିକ୍ରମ ସଂକ୍ରାନ୍ତରେ କୌଣସି ତଥ୍ୟ ନଥିଭୁକ୍ତ ହୋଇନଥିଲା । ପିଏସି ଦ୍ୱାରା ଏପରି ସୁପାରିଶର କାରଣ ଅନୁସନ୍ଧାନ ନକରି, ଓରମାସର ଇଡି ଏବଂ ପିଆରଏଣ୍ଡଡିଡବ୍ଲୁ ବିଭାଗର ସଚିବ, ପିଆଇଏ ଆବେଦନ କରିଥିବା ମୂଲ୍ୟଠାରୁ ଅଧିକ ମୂଲ୍ୟର (28.55 କୋଟି) ପ୍ରକଳ୍ପ ପ୍ରଦାନ ପାଇଁ ଅନୁମୋଦନ କରିଥିଲେ ।

- କର୍ତ୍ତବ୍ୟ କନସଲ୍‌ଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡକୁ 11.40 କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ ମାମଲାରେ, ପିଆଇଏ ଦର୍ଶାଇଥିଲେ ଯେ ସେମାନଙ୍କ ହାତରେ କୌଣସି କାର୍ଯ୍ୟ ଚାଲୁଥିବା ପ୍ରକଳ୍ପ ନଥିଲା (ଜାନୁଆରୀ 2017) । ଏହି ପିଆଇଏ ଆବେଦନ ତାରିଖରେ 5.75 କୋଟି ଟଙ୍କା ମୂଲ୍ୟର

ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରୁଥିବା ବିଷୟ ଲକ୍ଷ୍ୟ କରାଯାଇଥିଲା । ଏହିପରି ଭାବରେ, ପିଆଇଏର ପ୍ରକୃତ ଯୋଗ୍ୟତା ମାତ୍ର 5.61 କୋଟି ଟଙ୍କା[67] ଥିଲା । ବସ୍ତୁତଃ, ଭୁଲ ତଥ୍ୟକୁ ଗ୍ରହଣ କରି, ଓରମାସ ଅନିୟମିତ ଭାବରେ ପିଆଇକୁ ନୂତନ ପ୍ରକଳ୍ପ ପ୍ରଦାନ କରିଥିଲେ (ଜାନୁଆରୀ 2017) । ଯାହାଫଳରେ, ତାହାର ଯୋଗ୍ୟତା ଠାରୁ 5.79 କୋଟି ଟଙ୍କା ଅଧିକ ମୂଲ୍ୟର ଅନୁଚିତ୍ ସୁବିଧା ପ୍ରଦାନ କରାଯାଇଥିଲା ।

- ସମୀକ୍ଷା ଲକ୍ଷ୍ୟ କଲା ଯେ ସେହି ସମାନ ପିଆଇଏକୁ କର୍ତ୍ତବ୍ୟ କନସଲଟାଣ୍ଟ୍ସ୍ ପ୍ରାଇଭେଟ୍ ଲିମିଟେଡ) ଜୁଲାଇ 2018 ରେ 24.69 କୋଟି ଟଙ୍କାର ଅନ୍ୟ ଏକ ପ୍ରକଳ୍ପ ପ୍ରଦାନ କରାଯାଇଥିଲା । ପିଆଇଏ ତାହାର ହାରାହାରି କାରବାର 8.08 କୋଟି ଟଙ୍କା ବୋଲି ଆବେଦନରେ ଦର୍ଶାଇଥିଲା । କମ୍ପାନି ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ ହୋଇଥିବା ପିଆଇଏର 2015-18 ବର୍ଷର ହିସାବ ଖାତାରୁ ସମୀକ୍ଷା ନିଶ୍ଚିତ କଲା ଯେ କମ୍ପାନିର ହାରାହାରି କାରବାର ମାତ୍ର 4.28 କୋଟି ଟଙ୍କା ଥିଲା । ଅର୍ଥାତ୍, ପ୍ରକଳ୍ପ ପାଇଁ ଆବେଦନ କରିବା ସମୟରେ କାରବାର ରାଶି 3.80 କୋଟି ଟଙ୍କା ଅଧିକ ଦର୍ଶାଯାଇଥିଲା ।

  ସେହିପରି, ପିଆଇଏ ତାର ଚାଲୁଥିବା ପ୍ରକଳ୍ପର ମୂଲ୍ୟ 5.75 କୋଟି ଟଙ୍କା ଦର୍ଶାଇଥିଲା (ଜାନୁଆରୀ 2017), ଯଦିଓ ଆବେଦନ ତାରିଖ ସୁଦ୍ଧା ତାହା 30.42 କୋଟି ଟଙ୍କା ଥିଲା । ଏପରି ସ୍ଥଳେ, ପିଆଇଏ ଅତିରିକ୍ତ ପ୍ରକଳ୍ପ ପାଇଁ ଯୋଗ୍ୟ ନଥିଲା ।

  ଏହିପରି ଭାବରେ, କର୍ତ୍ତବ୍ୟ କନସଲ୍‌ଟାଣ୍ଟ୍ସ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଭୁଲ୍ ତଥ୍ୟ ଆଧାରରେ ଏହାର ଆର୍ଥିକ ଯୋଗ୍ୟତା ଠାରୁ ଅଧିକ 30.48 କୋଟି (5.79 କୋଟି + 24.69 କୋଟି ଟଙ୍କା) ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଥିଲା, ଯାହାଫଳରେ ଘରୋଇ ସଂସ୍ଥାକୁ ଅନୁଚିତ୍ ଆର୍ଥିକ ସୁବିଧା ପ୍ରଦାନ କରାଯାଇଥିଲା ।

ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରି ବିଭାଗ ବ୍ୟକ୍ତ କରିଥିଲେ (ଜୁନ୍ 2020) ଯେ ଭବିଷ୍ୟତରେ ପ୍ରକଳ୍ପ ମଞ୍ଜୁର ସମୟରେ ଆର୍ଥିକ ମାନଦଣ୍ଡକୁ ଓରମାସ୍ କଠୋର ଭାବରେ ପାଳନ କରିବେ ।

### *2.2.2.3 ପିଏସିର ସୁପାରିଶକୁ ଅଣଦେଖା କରି ପ୍ରକଳ୍ପ ପ୍ରଦାନରେ ଓରମାସ୍ ନିର୍ବାହୀ ନିର୍ଦ୍ଦେଶକଙ୍କ ଅହେତୁକ ଅନୁକମ୍ପା*

ଏମ୍‌ଓଆର୍‌ଡି ବିଜ୍ଞପ୍ତି (ଅପ୍ରେଲ 2017) ର ପାରା 4.1 ଅନୁଯାୟୀ, ଗୁଣବତ୍ତା ମୂଲ୍ୟାୟନ ପରେ ପ୍ରକଳ୍ପ ଦରଖାସ୍ତ ଗ୍ରହଣ କିମ୍ବା ନାକଚ ପାଇଁ ପିଏସିଙ୍କ ନିକଟରେ ଉପସ୍ଥାପନ କରାଯିବ ।

ସମୀକ୍ଷା ଲକ୍ଷ୍ୟ କଲା ଯେ ଦୁଇଟି ପିଆଇଏଙ୍କୁ[68] 39.09 କୋଟି ଟଙ୍କାର ଚତୁର୍ଥତମ୍ ପ୍ରକଳ୍ପ ଗୁଡ଼ିକ ପିଏସିର ବିନା ଅନୁମୋଦନରେ ଅନିୟମିତ ଭାବରେ ମଂଜୁର କରାଯାଇଥିଲା ଏବଂ ସେପ୍ଟେମ୍ବର 2019 ସୁଦ୍ଧା 16.45 କୋଟି ଟଙ୍କା[69] ପ୍ରଦାନ କରାଯାଇଥିଲା ।

---

[67] 2.84 କୋଟି ଟଙ୍କା (କାରବାର) x 4 ଗୁଣ -5.75 କୋଟି ଟଙ୍କା (ଚାଲୁଥିବା ପ୍ରକଳ୍ପର ମୂଲ୍ୟ) = 5.61 କୋଟି ଟଙ୍କା (ନୂଆ ପ୍ରକଳ୍ପ ପାଇଁ ଯୋଗ୍ୟ ମୂଲ୍ୟ)

[68] ଆବେ ଓ୍ୱେଷ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ : 25.99 କୋଟି ଟଙ୍କା ଏବଂ ନାଇସ୍ କମ୍ପ୍ୟୁଟର ଏଜୁକେସନାଲ ସୋସାଇଟି: 13.10 କୋଟି ଟଙ୍କା ।

[69] ଆବେ ଓ୍ୱେଷ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍: 12.94 କୋଟି ଟଙ୍କା ଏବଂ ନାଇସ୍ କମ୍ପ୍ୟୁଟର ଏଜୁକେସନାଲ ସୋସାଇଟି: 3.51 କୋଟି ଟଙ୍କା ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ ସେପ୍ଟେମ୍ବର 2017 ରେ ନାବକନସ୍, ଆବେ ଓ୍ବେଷ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡର ପ୍ରଥମ ପ୍ରକଳ୍ପରେ ନିଯୁକ୍ତି ଦକ୍ଷତା ଯାଞ୍ଚ କରିଥିଲେ ଏବଂ ଦେଖିଥିଲେ ଯେ ଛଅ ଜଣ ନମୁନା ପ୍ରାର୍ଥୀଙ୍କ ମଧ୍ୟରୁ ପାଞ୍ଚଜଣ ନିଯୁକ୍ତି ପାଇନଥିଲେ । ନାବକନସ୍‌ର ଏହି ନମୁନା ଯାଞ୍ଚ ଆଧାରରେ, ପ୍ରଥମ ପ୍ରକଳ୍ପକୁ ବନ୍ଦ କରାଯାଇଥିଲା (ମାର୍ଚ୍ଚ 2018) ଏବଂ ପିଆଇଏ ଠାରୁ 12.86 ଲକ୍ଷ ଟଙ୍କା ଅସୁଲ କରାଯିବାକୁ ପଦକ୍ଷେପ ନିଆଯାଇଥିଲା ।

ଦ୍ୱିତୀୟ ପିଆଇଏ, ନାଇସ୍ କମ୍ପ୍ୟୁଟର ଏଜୁକେସନାଲ ସୋସାଇଟି କ୍ଷେତ୍ରରେ, ନାବକନସ୍ ଜାଣିବାକୁ ପାଇଥିଲା ଯେ ତିନିଜଣ ନମୁନା ପ୍ରାର୍ଥୀ ନିଯୁକ୍ତି ପାଇନଥିଲେ (ଅଗଷ୍ଟ 2016) ଯେହେତୁ ତାଙ୍କ ସଂସ୍ଥାରେ ଏପରି କର୍ମଚାରୀ ଥିବା କଥା ନିଯୁକ୍ତିଦାତା ଅଗ୍ରାହ୍ୟ କରିଥିଲେ । ମିଥ୍ୟା ତାଲିମ ପ୍ରଦାନ ଏବଂ ନିଯୁକ୍ତି ପାଇଁ ପିଆଇଏଙ୍କ ବିରୁଦ୍ଧରେ ପାଞ୍ଚଟି ଅଭିଯୋଗ ବରଗଡ଼ ଜିଲ୍ଲାପାଳ ଓରମାସର ଇଡିଙ୍କୁ ପ୍ରେରଣ କରିଥିଲେ (ମାର୍ଚ୍ଚ 2017) ।

ଏହି ଦୃଷ୍ଟିରୁ ପିଏସି ଏହି ଦୁଇ ପିଆଇଏଙ୍କୁ ଅତିରିକ୍ତ ପ୍ରକଳ୍ପ ପ୍ରଦାନ ବନ୍ଦ କରିଥିଲେ (9 ମାର୍ଚ୍ଚ 2018) । ତେବେ, ପରବର୍ତ୍ତୀ ସମୟରେ ଓରମାସର ଇଡି ଏବଂ ପିଆର୍‌ଏଣ୍ଡଡିଡଙ୍କୁ ବିଭାଗର ପ୍ରମୁଖ ସଚିବ ଏହି ପିଆଇଏଙ୍କ ସପକ୍ଷରେ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିଥିଲେ (ଅପ୍ରେଲ 2018) । ନାଇସ୍ କମ୍ପ୍ୟୁଟର ଏଜୁକେସନାଲ ସୋସାଇଟି ବିରୁଦ୍ଧରେ ମିଥ୍ୟା ନିଯୁକ୍ତି ଅଭିଯୋଗ ଏବଂ ନିକୃଷ୍ଟ କାର୍ଯ୍ୟଦକ୍ଷତା ଯୋଗୁ ଆବେ ଓ୍ବେଷ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡରେ ପ୍ରଥମ ପ୍ରକଳ୍ପ ବନ୍ଦ କରାଯାଇଥିବା ସତ୍ତ୍ୱେ ଏମାନଙ୍କୁ ପ୍ରକଳ୍ପ ପ୍ରଦାନ କରାଯାଇଥିଲା ।

ଉତ୍ତରରେ ବିଭାଗ ଦର୍ଶାଇଥିଲେ (ଜୁନ୍ 2020) ଯେ ନାବକନସ୍‌ର ଜ୍ଞାତସାରରେ ପିଏସି ଉକ୍ତ ପିଆଇଏଙ୍କୁ ପ୍ରକଳ୍ପ ମଂଜୁର କରିଥିଲେ । ପୁନଶ୍ଚ, ପିଆଇଏ, ନାଇସ୍ କମ୍ପ୍ୟୁଟର ଏଜୁକେସନାଲ ସୋସାଇଟିକୁ ଅସୁଲି ପାଇଁ ଏକ ପତ୍ର ମଧ୍ୟ ପଠାଯାଇଥିଲା । ଏହି ଦୁଇ ପିଆଇଏଙ୍କୁ ଅତିରିକ୍ତ ପ୍ରକଳ୍ପ ନଦେବାକୁ ପିଏସିର ସୁପାରିଶ (ମାର୍ଚ୍ଚ 2018) କୁ କାର୍ଯ୍ୟକାରୀ ନକରିବାର କାରଣ ସଂପର୍କରେ ଉତ୍ତରରେ କିଛି କୁହାଯାଇନଥିଲା ।

### *2.2.2.4 ଏମ୍‌ଆଇଏସ୍ ରିପୋର୍ଟ ଆଧାରରେ ପ୍ରକଳ୍ପର ଦୋଷଯୁକ୍ତ ଅନୁମୋଦନ-33.04 କୋଟି ଟଙ୍କା*

ଓରମାସର ବିଜ୍ଞପ୍ତି ଅନୁଯାୟୀ (ଜୁନ୍ 2016), ତାଲିମର ଧାର୍ଯ୍ୟ ଲକ୍ଷ୍ୟ 70 ପ୍ରତିଶତ ସଂପୂର୍ଣ୍ଣ କରିବା ପରେ ଏବଂ ପ୍ରଥମ / ପୂର୍ବ ପ୍ରକଳ୍ପର 50 ପ୍ରତିଶତ ନିଯୁକ୍ତି ପ୍ରଦାନ ପରେ ପିଆଇଏର ଦ୍ୱିତୀୟ ପ୍ରକଳ୍ପ ପ୍ରସ୍ତାବକୁ ବିଚାରକୁ ନିଆଯିବ । ପୁନଶ୍ଚ, ମାର୍ଗଦର୍ଶିକା ନିର୍ଦ୍ଧାରଣ କରେ ଯେ ପ୍ରତ୍ୟେକ ପ୍ରକଳ୍ପର ମଞ୍ଜୁରୀ ପୂର୍ବରୁ ପ୍ରକଳ୍ପ ମୂଲ୍ୟ ନିର୍ଦ୍ଧାରଣ କରାଯିବା କଥା ।

ସମୀକ୍ଷା ଲକ୍ଷ୍ୟ କଲା ଯେ ତିନିଟି ପିଆଇଏ[70] ସେମାନଙ୍କର ପୂର୍ବତନ ପ୍ରକଳ୍ପ ସଂପାଦନ ରିପୋର୍ଟ ଉତ୍‌ଥାପନ ସମୟରେ ପରବର୍ତ୍ତୀ ପ୍ରକଳ୍ପ ପାଇଁ ଆବେଦନ କରିଥିଲେ । ସେମାନଙ୍କର ପୂର୍ବ ଦକ୍ଷତାକୁ ବିଚାର କରି, ପିଏସି ଏହି ପିଆଇଏମାନଙ୍କୁ 33.04 କୋଟି ଟଙ୍କାର ନୂତନ ପ୍ରକଳ୍ପକୁ ଅନୁମୋଦନ କରିଥିଲେ[71] (ଜାନୁଆରୀ 2016 ରୁ ନଭେମ୍ବର 2016) ।

ସମୀକ୍ଷା ଅବଲୋକନ କରିଥିଲା ଯେ ପିଆଇଏଗୁଡ଼ିକ ସେମାନଙ୍କର ପ୍ରକଳ୍ପକୁ ଅନୁମୋଦନ କରାଇବା ପାଇଁ ମିଥ୍ୟା ଏବଂ ବର୍ଦ୍ଧିତ ନିଯୁକ୍ତି ରିପୋର୍ଟ ଉତ୍‌ଥାପନ କରିଥିଲେ ଯାହାକି ନିମ୍ନରେ ଆଲୋଚନା କରାଗଲା:

- ଦୁଇଟି ପିଆଇଏ (ସେଣ୍ଟମ ଓ୍ବାର୍କସ୍କିଲସ୍ ଇଣ୍ଡିଆ ଲିମିଟେଡ୍ ଏବଂ ମଧମ ଫାଉଣ୍ଡେସନ) ନୂତନ

---

70 ସେଣ୍ଟମ୍ ଓ୍ବାର୍କସ୍କିଲ୍ ଇଣ୍ଡିଆ ଲିମିଟେଡ୍, ମଧମ ଫାଉଣ୍ଡେସନ ଆଣ୍ଡ ଏଡୁଜବ୍‌ସ ଏକାଡେମୀ ପ୍ରାଇଭେଟ୍ ଲିମିଟେଡ୍

71 ସେଣ୍ଟମ୍ ଓ୍ବାର୍କସ୍କିଲ୍ ଇଣ୍ଡିଆ ଲିମିଟେଡ୍: 11.87 କୋଟି ଟଙ୍କା, ମଧମ ଫାଉଣ୍ଡେସନ: 3.99 କୋଟି ଟଙ୍କା ଏବଂ ଏଡୁଜବ୍‌ସ ଏକାଡେମୀ ପ୍ରାଇଭେଟ୍ ଲିମିଟେଡ୍: 5.97 କୋଟି ଟଙ୍କା( ପ୍ରକଳ୍ପ-2) ଏବଂ 11.21 କୋଟି ଟଙ୍କା (ପ୍ରକଳ୍ପ -3)

ପ୍ରକଳ୍ପ ପାଇଁ ଆବେଦନ କରିବା ସମୟରେ (ଡିସେମ୍ବର 2016) ଦାବୀ କରିଥିଲେ ଯେ ସେମାନେ ଯଥାକ୍ରମେ 916 ଏବଂ 257 ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଥିଲେ । ଏହି ପିଆଇଏମାନେ ପରବର୍ତ୍ତୀ ସମୟରେ (ମାର୍ଚ୍ଚ 2017 ଏବଂ ଡିସେମ୍ବର 2018) ଜଣାଇଥିଲେ ଯେ ସେମାନେ ଯଥାକ୍ରମେ 619 ଓ 234 ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଛନ୍ତି । ଅର୍ଥାତ୍, ପିଆଇଏମାନେ ନୂତନ ପ୍ରକଳ୍ପ ମଞ୍ଜୁର କରାଇବା ଆଶାରେ ବର୍ଦ୍ଧିତ ନିଯୁକ୍ତି ସଂଖ୍ୟା ପ୍ରଦାନ କରିଥିଲେ । ପୁନଶ୍ଚ, ପିଆଇଏମାନେ ଡିଡିଇଉଜିକେୱାଇ ରିପୋର୍ଟ ବ୍ୟବସ୍ଥାର ଅପବ୍ୟବହାର କରିଥିଲେ ଯାହାକି ସେମାନଙ୍କୁ ସେମାନଙ୍କ ଏମ୍ଆଇଏସ୍ ସଂଖ୍ୟାର ପୁନଃ ପରିବର୍ତ୍ତନ କରିବାକୁ ଅନୁମତି ପ୍ରଦାନ କରିଥିଲା ।

- ଏଡୁଜବ୍ସ ଏକାଡେମୀ ପ୍ରାଇଭେଟ୍ ଲିମିଟେଡ୍ କ୍ଷେତ୍ରରେ, ଦ୍ୱିତୀୟ ପ୍ରକଳ୍ପ ପାଇଁ ପ୍ରକଳ୍ପ ପ୍ରସ୍ତାବର ସମ୍ୟକ୍ ପରୀକ୍ଷା କରିବା ସମୟରେ ଓରମାସର ପରାମର୍ଶଦାତା ଏକ ଫାଇଲରେ ଉଲ୍ଲେଖ କରିଥିଲେ ଯେ ଏମ୍ଆଇଏସ୍ ରିପୋର୍ଟ ଅନୁଯାୟୀ ପିଆଇଏର ପ୍ରଥମ ପ୍ରକଳ୍ପର ନିଯୁକ୍ତି ସୁଯୋଗ 47 ପ୍ରତିଶତ ଥିଲା । ମାତ୍ର ପିଆଇଏ ଓରମାସକୁ ଅବଗତି କରାଇଥିଲେ (ଅକ୍ଟୋବର 2015) ଯେ ତାଲିମ ପ୍ରଦାନ ଓ ନିଯୁକ୍ତି ପ୍ରଦାନ ସଂଖ୍ୟା ବହୁତ ଅଧିକ ଥିଲା ଏବଂ ଏମ୍ଆଇଏସ୍‌ରେ ତ୍ରୁଟି ଯୋଗୁ ଏହାର ସଠିକ୍ ଉତ୍‌ଥାପନ ହୋଇପାରି ନଥିଲା । ଏହି ଆଧାରରେ, ଓରମାସର ଇଡି, ଜୁନ୍ 2016 ରେ ଜାରି ହୋଇଥିବା ବିଜ୍ଞପ୍ତିରେ ଅବମାନନା କରି 5.97 କୋଟି ଟଙ୍କା ମୂଲ୍ୟର ଏକ ପ୍ରକଳ୍ପ ପ୍ରଦାନ କରିଥିଲେ (ଅକ୍ଟୋବର 2015) । ଅର୍ଥାତ୍ ପିଆଇଏ ଦ୍ୱାରା କରାଯାଇଥିବା ଦାବୀର ପରତାଳ ନକରି, ଓରମାସ ପ୍ରକଳ୍ପର ମଞ୍ଜୁର କରୁଥିଲେ ଫଳରେ ଏହା ଆର୍ଥିକ ଅନୁକମ୍ପା ଥିଲା ।

ସମୀକ୍ଷା ଅବଲୋକନ କରିଥିଲା ଯେ ଏହି ପ୍ରକଳ୍ପଗୁଡ଼ିକୁ ଅନିୟମିତ ଭାବରେ ମଂଜୁର ହେବାର କାରଣ ଦକ୍ଷତା ମୂଲ୍ୟ ନିର୍ଦ୍ଧାରଣ ମାପ ସ୍ୱରୂପ ପିଆଇଏମାନେ ଏମ୍ଆଇଏସ୍‌ରେ ଦରଜ କରୁଥିବା ତଥ୍ୟକୁ ପରତାଳ ନକରି ଓରମାସ୍ କେବଳ ଏମ୍ଆଇଏସ୍ ଅଙ୍କକୁ ବିଚାରକୁ ନେବାକୁ ନିଷ୍ପତ୍ତି ନେଇଥିଲେ, ଯାହାଫଳରେ ପିଆଇଏମାନେ ନୂତନ ପ୍ରକଳ୍ପ ମଂଜୁରୀ ଲାଭ କରିବାକୁ ବର୍ଦ୍ଧିତ ତଥ୍ୟ ଏମ୍ଆଇଏସରେ ଲିପିବଦ୍ଧ କରୁଥିଲେ ।

ବିଭାଗ ଦର୍ଶାଇଥିଲା ( ଜୁନ୍ 2020) ଯେ ଏମ୍ଓ ଆରଡିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏମ୍ଓଆର୍‌ଡି ଦ୍ୱାରା ବିକଶିତ ଏମ୍ଆଇଏସ ମଞ୍ଚରେ ସମସ୍ତ ପିଆଇଏ ସେମାନଙ୍କର ତାଲିମ ପ୍ରଦାନ ଏବଂ ନିଯୁକ୍ତି ସଂପର୍କୀୟ ତଥ୍ୟ କୌଶଳ ପ୍ରଗତିରେ ଦରଜ କରିବେ ଏବଂ ପିଆଇଏମାନଙ୍କର ଅଗ୍ରଗତି ନିରୂପଣ କରିବାକୁ ରାଜ୍ୟ ଏହାରି ଉପରେ ନିର୍ଭର କରିଥାନ୍ତି । ପୁନଶ୍ଚ, ବିଭାଗ ଆଶ୍ୱାସନା ଦେଇଥିଲେ ଯେ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ (ଇଆରପି) ଆଧାରିତ ପର୍ଯ୍ୟାଲୋଚନା ଢାଞ୍ଚା ଏବଂ ଜିଓ ପୋଜିସନିଂ ସିଷ୍ଟମ (ଜିପିଏସ୍) ଆଧାରିତ ପ୍ରୟୋଗ ବିକଶିତ କରାଯାଇ କ୍ଷେତ୍ର ପରିଦର୍ଶନ ଓ ମନ୍ତବ୍ୟର ଅନୁସରଣ କରାଯିବ ।

## 2.2.3 ତାଲିମ ପ୍ରଦାନ ଓ ନିଯୁକ୍ତି ପ୍ରଦାନରେ ଅନିୟମିତତା

### *2.2.3.1 ପିଆଇଏମାନଙ୍କ ଦ୍ୱାରା 27.89 କୋଟି ଟଙ୍କାର ପ୍ରକଳ୍ପ ପାଇବା ପାଇଁ ଜାଲ ବ୍ୟାଙ୍କ ବିବରଣୀ/ ଶୂନ୍ୟ ବ୍ୟାଙ୍କ ବିବରଣୀର ବ୍ୟବହାର*

ଡିଡିୟୁଜିକେୱାଇ ମାର୍ଗଦର୍ଶିକାର ଅନୁପୂରକ ଭାବରେ ଏମ୍ଓଆର୍‌ଡି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ଼ୁଅର (ଏସ୍‌ଓପି) I ଏବଂ II ଜାରି କରିଥିଲେ (ସେପ୍ଟେମ୍ବର 2015) । ପ୍ରକଳ୍ପ ସଂପାଦନରେ ଷ୍ଟେକ୍ ହୋଲଡରମାନଙ୍କ ଦ୍ୱାରା ସବିଶେଷ ସର୍ବନିମ୍ନ ସାଧାରଣ ମାନ୍ୟକ୍ରମର ପାଳନ କରିବା ଏସ୍‌ଓପିର ପ୍ରାଥମିକ ଉଦ୍ଦେଶ୍ୟ ଥିଲା । ଏସ୍‌ଓପି-II ଅନୁଯାୟୀ, ପ୍ରାର୍ଥୀମାନଙ୍କର ନିଯୁକ୍ତିର ସତ୍ୟତା ସୁନିଶ୍ଚିତ କରିବାକୁ ଦରମା ଚିରକୁଟ/ ଦରମା ପ୍ରମାଣ ପତ୍ର ଏବଂ ନିଯୁକ୍ତି ସ୍ଥଳକୁ ଓରମାସ ଯାଞ୍ଚ କରିବାର ଥିଲା । ଏସ୍‌ଓପି ଆହୁରି ମଧ୍ୟ ଦର୍ଶାଏ ଯେ ପ୍ରଦାନ କରାଯାଇଥିବା ଦରମା ପ୍ରକୃତରେ ବ୍ୟାଙ୍କ ଖାତାରେ ଜମା କରାଯାଉଛି କି ନାହିଁ ସୁନିଶ୍ଚିତ କରିବାକୁ ସମସ୍ତ କ୍ଷେତ୍ରରେ ବ୍ୟାଙ୍କ ବିବରଣୀ ସହିତ ଦରମା ବିବରଣୀର ପ୍ରତି-ସତ୍ୟାପନ ହେବା ଆବଶ୍ୟକ ।

ସମୀକ୍ଷା, 12 ପିଆଇଏଙ୍କର 481 ପ୍ରାର୍ଥୀଙ୍କର ନିଯୁକ୍ତ ନଥିପତ୍ର ଯାଞ୍ଚ୍ କରିଥିଲା ଏବଂ ତିନି ପିଆଇଏଙ୍କର[72] 112 ଜଣ ପ୍ରାର୍ଥୀଙ୍କର (23 ପ୍ରତିଶତ) ନିଯୁକ୍ତି ସନ୍ଦେହାତ୍ମକ ଥିଲା ଯେପରି, ବ୍ୟାଙ୍କ ସଂଖ୍ୟାରେ ଅଧିକ ଅଙ୍କ ରହିଥିବା, ଗାଣିତିକ ଅମେଳ, କାରବାରର ତାରିଖରେ କାଳାନୁକ୍ରମ ନରହିବା, ପିଆଇଏ ଦ୍ୱାର ଦର୍ଶାଯାଇଥିବା ମୂଳ ବ୍ୟାଙ୍କ ଖାତାରେ ଅକ୍ଷରର ଭିନ୍ନତା ଆଦି ଅନିୟମିତତା, ସମୀକ୍ଷାକୁ ପ୍ରଦାନ କରାଯାଇଥିବା ତଥ୍ୟରେ ପରିଲକ୍ଷିତ ହୋଇଥିଲା (22 ଜଣ ପ୍ରାର୍ଥୀଙ୍କର ବିବରଣ ***ପରିଶିଷ୍ଟ 2.2.2*** ରେ ଦର୍ଶାଯାଇଛି)।

ୟୁକୋ ବ୍ୟାଙ୍କରେ ଖୋଲାଯାଇଥିବା 112 ଜଣଙ୍କର ଦରମା ଖାତାରୁ 40 ଜଣଙ୍କ କ୍ଷେତ୍ରରେ ପ୍ରକୃତରେ ଦରମା ବ୍ୟାଙ୍କରେ ପଇଠ ହେଉଛି କି ନାହିଁ ସୁନିଶ୍ଚିତ କରିବା ପାଇଁ ସବିଶେଷ ତଥ୍ୟ ମଗାଇଥିଲେ । ଏହାର ଉତ୍ତରରେ, ୟୁକୋ ବ୍ୟାଙ୍କ୍ ଜଣାଇଥିଲେ ଯେ ଛଅଟି ବ୍ୟାଙ୍କ ଖାତାର ଅସ୍ତିତ୍ୱ ନଥିଲା ଏବଂ 33 ଟି ହିସାବ ଖାତାରେ କୌଣସି କାରବାର ହୋଇନଥିଲା । ଅର୍ଥାତ୍, ଏହି ପ୍ରାର୍ଥୀଙ୍କର ନିଯୁକ୍ତି ଦାବୀ ଅସଲି ନଥିଲା । ଏହି ତିନିଟି ପିଆଇଏ ମାର୍ଚ୍ଚ 2019 ସୁଦ୍ଧା ତାଲିମ ପ୍ରଦାନ ଏବଂ ନିଯୁକ୍ତି ପ୍ରଦାନ ବାବଦକୁ 27.89 କୋଟି ଟଙ୍କା[73] ନେଇଥିଲେ ।

**ମାମଲା ଅଧ୍ୟୟନ**

ସାଫେକ୍ସ ପ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍,ଏକ ପିଆଇଏ, ଜଣେ ପ୍ରାର୍ଥୀଙ୍କର ବ୍ୟାଙ୍କ ବିବରଣ ଉପସ୍ଥାପନ କରି ଦାବୀ କରିଥିଲେ ଯେ ଉକ୍ତ ପ୍ରାର୍ଥୀ ନଭେମ୍ବର 2017 ରେ ମେସର୍ସ ଜେନା ଇଂଜିନିୟରିଂ, ଝାରସୁଗୁଡ଼ାରେ ନିଯୁକ୍ତି ପାଇଥିଲେ । ବ୍ୟାଙ୍କ ଖାତାର ସବିଶେଷ ବିବରଣ ଦର୍ଶାଇଥିଲା ଯେ ଏହି ଖାତାଟି ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଥିଲା, ଏହା ଭିତର ଫର୍ଦ୍ଦରେ ଫଟୋ ଲଗାଯାଇଥିବା ସ୍ଥାନର ନିମ୍ନ ବିବରଣୀରେ କାରବାର ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆର ଲୋଗୋ ଥିଲା ।







ସମୀକ୍ଷାର ମନ୍ତବ୍ୟକୁ ଗ୍ରହଣ କରି, ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ ଦୁଇଟି ପିଆଇଏଙ୍କ[74] କ୍ଷେତ୍ରରେ ଅସୁଲି ପ୍ରକ୍ରିୟା ଆରମ୍ଭ କରାଯାଇଛି ଏବଂ ତୃତୀୟ ପିଆଇଏକୁ[75] ବନ୍ଦ କରିବାକୁ ନିର୍ଦ୍ଦେଶ ସହିତ ଦଣ୍ଡରାଶି ଅସୁଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

72 ଏଡୁଜବ ଏକାଡେମି ପ୍ରାଇଭେଟ୍ ଲିମିଟେଡ୍, ସାଫେକସ ପ୍ରେସ ପ୍ରାଇଭେଟ୍ ଲିମିଟେଡ ଏବଂ ସନ୍ତୁ ଧନେଶ୍ୱର ଶିକ୍ଷା ସଂସ୍ଥାନ

73 ଏଡୁଜବ ଏକାଡେମି ପ୍ରାଇଭେଟ୍ ଲିମିଟେଡ୍- 21.11 କୋଟି ଟଙ୍କା, ସନ୍ତୁ ଧନେଶ୍ୱର ଶିକ୍ଷା ସଂସ୍ଥାନ- 2.87 କୋଟି ଟଙ୍କା ଏବଂ ସାଫେକସପ୍ରେସ ପ୍ରାଇଭେଟ୍ ଲିମିଟେଡ୍-3.91 କୋଟି ଟଙ୍କା

74 ଏଡୁଜବ ଏକାଡେମି ଏବଂ ସନ୍ତୁ ଧନେଶ୍ୱର ଶିକ୍ଷା ସଂସ୍ଥାନ

75 ସାଫେକସ ପ୍ରେସ ପ୍ରାଇଭେଟ୍ ଲିମିଟେଡ

### *2.2.3.2 ଓରମାସ ଦ୍ୱାରା ମିଥ୍ୟା ଦରମା ପତ୍ରିକା ଏବଂ ନିଯୁକ୍ତି ପ୍ରମାଣପତ୍ରର ସ୍ୱେଚ୍ଛାକୃତ ଗ୍ରହଣ ଫଳରେ ପିଆଇଏମାନଙ୍କୁ 17.05 କୋଟି ଟଙ୍କାର ଅନୁଚିତ୍ ଅନୁଗ୍ରହ ପ୍ରଦର୍ଶନ*

ଏସ୍ଓପି-II ଅନୁଯାୟୀ, ଦରମା ଚିରକୁଟ/ ଦରମା ପ୍ରମାଣ ପତ୍ର ଏବଂ ପିଆଇଏଙ୍କ ଦ୍ୱାରା ଦାବୀ କରାଯାଇଥିବା ପ୍ରାର୍ଥୀମାନଙ୍କର ନିଯୁକ୍ତି ପ୍ରାପ୍ତ ସ୍ଥାନ, ମୋଟ ଦରମା, ଅତିରିକ୍ତ ଆୟ, ବୈଧାନିକ କାଟ, ଅନ୍ୟାନ୍ୟ କାଟ ଏବଂ ଦରମା ବିବରଣ ଅନୁଯାୟୀ ପ୍ରକୃତ ପ୍ରଦାନ ଦରମାକୁ ଓରମାସ ଯାଞ୍ଚ କରିବାକୁ ଥିଲା ।

ଦୁଇଟି ପିଆଇଏଙ୍କ ଦ୍ୱାରା ପ୍ରଦତ୍ତ ଦରମା ଚିରକୁଟର ସମ୍ୟକ ପରୀକ୍ଷାରେ ସମୀକ୍ଷା ନିମ୍ନ ପ୍ରକାରେ ପରିଲକ୍ଷିତ କରିଥିଲା ।

- ଡାଟା ପ୍ରୋ କମ୍ପ୍ୟୁଟରସ୍ ପ୍ରାଇଭେଟ୍ ଲିମିଟେଡ୍, ପିଆଇଏଟି, ଦାବୀ କରିଥିଲେ ଯେ ଇନସପାଭୋ କନସଲଟାନ୍ସୀ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ, ଭୁବନେଶ୍ୱର ନାମକ ଏକ କମ୍ପାନି ଜୁନରୁ ନଭେମ୍ବର 2016 ମଧ୍ୟରେ 75 ଜଣ ତାଲିମ ପ୍ରାପ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ । ଓରମାସର ଏକ ଯୁଗ୍ମ କମିଟି[76] ଦ୍ୱାରା ସରଜମିନ୍ ତଦନ୍ତ (15 ସେପ୍ଟେମ୍ବର 2018) ରେ କମ୍ପାନି (ଇନସପାଭୋ) ଦ୍ୱାରା କୌଣସି ନିଯୁକ୍ତି ପ୍ରମାଣ କରାଯିବା ବିଷୟକୁ କେବଳ ଯେ ଅଗ୍ରାହ୍ୟ କରିଥିଲେ ତାହାନୁହେଁ ବରଂ ଓରମାସକୁ ଜଣାଇଥିଲେ ଯେ ସେମାନେ ଉକ୍ତ ପିଆଇଏ ବିରୁଦ୍ଧରେ ଏକ ମକଦ୍ଦମା ଦାଏର କରିଛନ୍ତି (9 ଅଗଷ୍ଟ 2018) । ନିଯୋକ୍ତାଙ୍କ ନଥିପତ୍ରକୁ ଜାଲିଆତି କରିବା ପାଇଁ ଏବଂ ନିଯୁକ୍ତିକୁ ଜାଣିଶୁଣି କାରସାଦି କରି ଦାବୀ ଉପସ୍ଥାପନ କରିବା ବିଷୟରେ ଓରମାସ ଦ୍ୱାରା ପିଆଇଏ ବିରୁଦ୍ଧରେ ପ୍ରଥମେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିଲେ । ପରନ୍ତୁ 3.51 କୋଟି ଟଙ୍କାର ତୃତୀୟ ପ୍ରକଳ୍ପ ପାଇଁ ଗୋଟିଏ ଅତିରିକ୍ତ ଧାର୍ଯ୍ୟ ଲକ୍ଷ୍ୟକୁ ମଂଜୁର କରାଯାଇଥିଲା (ଫେବୃଆରୀ 2019) ଏବଂ ତୃତୀୟ ପ୍ରକଳ୍ପ ପାଇଁ ପ୍ରଥମ କିସ୍ତିରେ 0.85 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ଅପ୍ରେଲ 2019) । ସମୀକ୍ଷାକୁ ଉତ୍ତରରେ ଜୁନ୍ 2020 ରେ ବିଭାଗ ଦର୍ଶାଇଥିଲା ଯେ ପିଆଇଏ (ଡାଟା ପ୍ରୋ କମ୍ପ୍ୟୁଟରସ ପ୍ରାଇଭେଟ୍ ଲିମିଟେଡ୍) ବିରୁଦ୍ଧରେ ବନ୍ଦ କରିବାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ।

- ଅନ୍ୟ ଏକ ପିଆଇଏ(ନୋଇସ୍ କମ୍ପ୍ୟୁଟର ଏଜୁକେସନାଲ ସୋସାଇଟି) ଦାବୀ କରିଥିଲା (ଜୁଲାଇ 2016) ଯେ ତାତୱା ଟେକନୋଲୋଜି ଏବଂ ଡି3ଏକ୍ସ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଦୁଇଟି କମ୍ପାନୀରେ ପ୍ରାର୍ଥୀମାନଙ୍କର ନିଯୁକ୍ତି ହୋଇଥିଲା ଏବଂ ଏହି ପିଆଇଏ ସପକ୍ଷରେ 11.21 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ନାବକନସ୍ ମାଧ୍ୟମରେ ଓରମାସ ଦ୍ୱାରା ଯାଞ୍ଚ ସମୟରେ ଉଭୟ କମ୍ପାନୀ ଦର୍ଶାଇଥିଲେ (ସେପ୍ଟେମ୍ବର 2016) ଯେ ପିଆଇଏ ଦ୍ୱାରା ଦାବୀ କରାଯାଇଥିବା ସମସ୍ତ ନିଯୁକ୍ତି ଜାଲ୍ ଏବଂ ଉପସ୍ଥାପନ କରାଯାଇଥିବା ସମସ୍ତ ନଥିପତ୍ର ଗୁଡ଼ିକ ମନଗଢ଼ା ।

  ସମୀକ୍ଷା ଲକ୍ଷ୍ୟ କଲା ଯେ ନାଇସ୍ କମ୍ପ୍ୟୁଟର ଏଜୁକେସନରେ ସୋସାଇଟିର ଜାଲ ନିଯୁକ୍ତି ଦାବୀ ବିଷୟରେ ନାବକନସ୍ ଓରମାସକୁ ଅବଗତ କରିଥିଲା ଏବଂ ପିଆଇଏ ବିରୁଦ୍ଧରେ ଖିଲାପ ସଂପର୍କରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓରମାସକୁ ଉପଦେଶ ଦେଇଥିଲେ । ନାବକନସକୁ ଓରମାସ ଜଣାଇଥିଲେ (ସେପ୍ଟେମ୍ବର 2016) ଯେ ସମସ୍ତ ପ୍ରାର୍ଥୀ ନିଯୁକ୍ତି ପାଇସାରିଛନ୍ତି । ଓରମାସର ନିର୍ବାହୀ ନିର୍ଦ୍ଦେଶକ (ଇଡି) ମଧ୍ୟ ଦାବୀ କରିଥିଲେ ଯେ ଗୁଗଲ ଡ୍ରାଇଭ୍ ମାଧ୍ୟମରେ ନାବକନସକୁ ନିଯୁକ୍ତିର ପ୍ରମାଣ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ, ଓରମାସକୁ ନାବକନସ୍ ଜଣାଇଥିଲେ (19 ଅକ୍ଟୋବର 2016) ଯେ ଗୁଗଲ ଡ୍ରାଇଭ୍‌ରେ ପହଞ୍ଚିବା ସୁଗମ ନଥିଲା ଏବଂ ନିଯୁକ୍ତିକୁ ଯଥାର୍ଥ ମଣିନଥିଲେ ।

---

[76] ସହ ନିର୍ଦ୍ଦେଶକ (ଇଡି), ଉପ ସିଇଓ, ଓଏଲ୍ଏମ୍ ଏବଂ ସହ ନିର୍ଦ୍ଦେଶକ, ଓରମାସଙ୍କୁ ନେଇ ଗଠିତ କମିଟି

ଓରମାସ ଦ୍ୱାରା ସମୀକ୍ଷାକୁ ନିଯୁକ୍ତିର ପ୍ରମାଣ ପ୍ରଦାନ କରାଯାଇନଥିଲା । ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଓରମାସର ସେହି ସମୟର ଇଡି ଏହି ଜାଲ ନଥିପତ୍ରକୁ ଗ୍ରହଣ କରିଥିଲେ ଏବଂ ପିଆଇଏକୁ 3.67 କୋଟି ଟଙ୍କାର ସଂପୂର୍ଣ୍ଣ ରାଶି ପ୍ରଦାନ କରିଥିଲେ, ଯାହାକି ଅନିୟମିତ ଥିଲା । ସମୀକ୍ଷାରେ ମନ୍ତବ୍ୟକୁ ଗ୍ରହଣ କରି, ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ 2.33 କୋଟି ଟଙ୍କାର ଅସୁଲ କରିବାକୁ ପିଆଇଏକୁ (ନାଇସ୍ କମ୍ପ୍ୟୁଟର ଏଜୁକେସନାଲ ସୋସାଇଟି) ନିର୍ଦ୍ଦେଶ ଦିଆଯାଇଛି ।

### 2.2.3.3 ତାଲିମ ନଥିପତ୍ରରେ କାରସାଦି ଏବଂ ତାଲିମ ଦେୟର ପ୍ରବଞ୍ଚନା ପୂର୍ଣ୍ଣ ଉଠାଣ

ଡିଡିଇଉଜିକେୱାଇ ମାର୍ଗଦର୍ଶିକା ଦର୍ଶାଏ ଯେ ଗ୍ରାମୀଣ ଗରିବ ପରିବାରର ବେକାର ଯୁବକମାନଙ୍କୁ, ନିଯୁକ୍ତି ଯୋଗ୍ୟ ତାଲିମ ପ୍ରଦାନ ପାଇଁ ପିଆଇଏମାନେ ପ୍ରବର୍ତ୍ତାଇବେ, ବୁଝାଇବେ ଏବଂ ବାଛିବେ । ପିଆଇଏମାନେ ପ୍ରାର୍ଥୀମାନଙ୍କୁ ତିନିରୁ ନଅ ମାସ ପର୍ଯ୍ୟନ୍ତ ଶ୍ରେଣୀଗୃହ ଏବଂ ଠିକା କାମ (ଓଜେଟି)ର ତାଲିମ ପ୍ରଦାନ କରିବେ । ପ୍ରାର୍ଥୀମାନଙ୍କର ତାଲିମ, ନିଯୁକ୍ତି ଏବଂ ସେମାନଙ୍କର ବର୍ତ୍ତମାନର ସ୍ଥିତି ସଂପର୍କୀୟ ତଥ୍ୟ ପ୍ରତିମାସର 9 ତାରିଖ ସୁଦ୍ଧା ଭାରତ ସରକାରଙ୍କ ଏମ୍‌ଓଆରଡି ଦ୍ୱାରା ନାମିତ ଅନ୍‌ଲାଇନ୍ ପୋର୍ଟାଲରେ ଉପସ୍ଥାପନ କରାଇବେ । ପ୍ରକୃତ ତାଲିମ ଦେବା ବିଷୟକୁ ତନଖି କରିବାକୁ ଓରମାସ ଦୁଇମାସିଆ ନିରୀକ୍ଷଣ କରିବାର ଥିଲା ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଏମ୍‌ଆଇଏସ୍ ରିପୋର୍ଟ ଅନୁଯାୟୀ ଗୋଟିଏ ପିଆଇଏ (କର୍ତ୍ତବ୍ୟ କନସଲଟାଣ୍ଟ ପ୍ରାଇଭେଟ୍ ଲିମିଟେଡ୍) 4,285 ଜଣ ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲା ଏବଂ 2016-19 ମଧ୍ୟରେ 1,929 ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା । ଏହି ପ୍ରାର୍ଥୀମାନଙ୍କ ପାଇଁ ପିଆଇଏ ତାଲିମ ଏବଂ ନିଯୁକ୍ତି ବାବଦକୁ ଦେୟ ସ୍ୱରୂପ 22.69 କୋଟି ଟଙ୍କା ପାଇଥିଲା । ଡିସେମ୍ବର 2016 ରୁ ଡିସେମ୍ବର 2017 ମଧ୍ୟରେ ସଂସ୍ଥା ନିଯୁକ୍ତି ପ୍ରଦାନ ଦାବୀ କରିଥିବା 1,929 ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଓରମାସ 1,286 ଜଣଙ୍କର ସବିଶେଷ ତଥ୍ୟ ପ୍ରଦାନ କରିଥିଲା ।

ଭାରତ ସରକାରଙ୍କ ଶ୍ରମ ଓ ନିଯୋଜନ ମନ୍ତ୍ରାଳୟ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ଦ୍ୱାରା ପରିଚାଳିତ ୱେବସାଇଟ୍‌ରେ[77] ଉପଲବ୍ଧ ତଥ୍ୟ ସହିତ ପ୍ରାର୍ଥୀମାନଙ୍କର/ ନିଯୋକ୍ତା ସଂସ୍ଥାର ତଥ୍ୟକୁ ସମୀକ୍ଷା ପରତାଳ କରିଥିଲା । ଏହା ଦେଖାଯାଇଥିଲା ଯେ 1,286 ପ୍ରାର୍ଥୀଙ୍କ ମଧ୍ୟରୁ 705 ଜଣ (55 *ପ୍ରତିଶତ*) ସେମାନଙ୍କର ତାଲିମ୍ ସମୟ ମଧ୍ୟରେ ନିଯୁକ୍ତି ପାଇସାରିଥିଲେ । ପୁନଶ୍ଚ, ସମୀକ୍ଷା ସବିଶେଷ ନିରୀକ୍ଷଣ କରିଥିଲା ଏବଂ ପରିଲକ୍ଷିତ କରିଥିଲା ଯେ 424 ଜଣ ପ୍ରାର୍ଥୀଙ୍କର ଇପିଏଫ୍ ରାଶି ସେମାନଙ୍କର ନିଯୁକ୍ତି ପାଇଥିବା ତାରିଖ ପୂର୍ବରୁ ଦୁଇମାସରୁ ଅଧିକ ଥର କଟାଯାଇଥିଲା ।

ଯେତେବେଳେ କୌଶଳ ବିକାଶ ତାଲିମ ଶ୍ରେଣୀଗୃହ ତଥା ଓଜେଟି ଥିଲା, ଏକ ସମୟରେ ଜଣେ ପ୍ରାର୍ଥୀ ପକ୍ଷରେ ଜଣେ ପ୍ରଶିକ୍ଷାର୍ଥୀ ଏବଂ କର୍ମଚାରୀ ହେବା ସମ୍ଭବ ନଥିଲା । ପୁନଶ୍ଚ, ପିଆଇଏ ପ୍ରାର୍ଥୀମାନଙ୍କୁ ପ୍ରକୃତରେ ତାଲିମ ପ୍ରଦାନ ସଂସ୍ଥା ଦାବୀ କରୁଥିବା ବିଷୟକୁ ସତ୍ୟାପନ କରିବାକୁ ଓରମାସ ଦୁଇମାସିଆ ନିରୀକ୍ଷଣ କରିନଥିଲା ।

ସମୀକ୍ଷାରେ ଏହା ସୂଚିତ ହେବା ପରେ, ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ 340 ଜଣ ପ୍ରାର୍ଥୀଙ୍କର ଇପିଏଫ୍ ଅଂଶଦାନ ଯାଞ୍ଚ କରାଯାଇଥିଲା ଏବଂ ଏହା ଦେଖାଯାଇଥିଲା ଯେ ଶ୍ରେଣୀଗୃହ ତାଲିମ ସମୟରେ ଇପିଏଫ୍ ଅଂଶଦାନ କଟାଯାଇ ନଥିଲା, ହେଲେବି ଓଜେଟି ସମୟରେ ଇପିଏଫ୍ ପଇଠରେ କୌଣସି କଟକଣା ନଥିଲା । ଅନ୍ୟ ମାମଲା ପାଇଁ ଓରମାସ ଜଣାଇଥିଲା ଯେ ଏହା ସେମାନଙ୍କର ନଥିପତ୍ର ଯାଞ୍ଚ କରିନଥିଲା ନା ତାଲିମ ଦେୟ ବାବଦକୁ କୌଣସି ରାଶି ପ୍ରଦାନ କରିଥିଲେ ।

[77] https://unifiedportal-epfo.epfindia.gov.in

ସମୀକ୍ଷା ପରିଲକ୍ଷିତ କରିଥିଲା ଯେ ତାଲିମ ପାଇଁ ଅନ୍ୟାନ୍ୟ ପ୍ରମାଣ ଯେପରିକି ଶ୍ରେଣୀ ଗୃହର ଚଳନ୍ତି ଫଟୋ, ଯାଞ୍ଚ ପାଇଁ ପ୍ରାର୍ଥୀମାନଙ୍କର ବ୍ୟାପକ ଖାତା ସଂଖ୍ୟା ଆଦି ଓରମାସ ପ୍ରଦାନ କରିନଥିବା ସ୍ଥଳେ, ପିଆଇଏ ଦ୍ୱାରା 705 ଜଣ ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇଥିବା ତାଲିମର ସତ୍ୟତା ସୁନିଶ୍ଚିତ କରିପାରି ନଥିଲା । ଅର୍ଥାତ୍ ଏହି ନିଯୁକ୍ତି ପ୍ରଦାନ ଆଧାରରେ ପ୍ରବଞ୍ଚନା ପୂର୍ଣ୍ଣ ଦାବୀ ଉପରେ ଅର୍ଥ ପ୍ରଦାନ ବିଷୟକୁ ଅସ୍ୱୀକାର କରାଯାଇ ନପାରେ ।

### *2.2.3.4 ପ୍ରକଳ୍ପ ଅର୍ଥ ଦାବୀରେ ପିଆଇଏ ଦ୍ୱାରା ନକଲି ଇଏସ୍ଆଇସି ନମ୍ବରର ବ୍ୟବହାର*

ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଥିବା ଏସ୍ଓପି-II ଅନୁଯାୟୀ, କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ଏବଂ ଭବିଷ୍ୟନିଧି ପାଣ୍ଠିକୁ ପ୍ରଦାନ ଅର୍ଥକୁ ଦରମା ପ୍ରଦାନ ପ୍ରମାଣ ସ୍ୱରୂପ ଗ୍ରହଣ କରାଯିବ ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଗୋଟିଏ ପିଆଇଏ (ଆବେଓ୍ୱେଷ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍) ସେମାନଙ୍କ ଦ୍ୱାରା ନିଯୁକ୍ତି ପ୍ରଦାନ କରାଯାଇଥିବା 19 ଜଣଙ୍କ ଦରମା ଚିରକୁଟରେ (ଡିସେମ୍ବର 2016 ଏବଂ ଅଗଷ୍ଟ 2017) ନକଲି ଇଏସ୍ଆଇସି ସଂଖ୍ୟା ଥିଲା । ସମୀକ୍ଷା, ଦରମା ଚିରକୁଟର ଇଏସ୍ଆଇସି ସଂଖ୍ୟା ସହିତ ଇଏସ୍ଆଇସି ପୋର୍ଟାଲର ସଂଖ୍ୟାକୁ ପରତାଳ କରିଥିଲା ଏବଂ ପାଇଥିଲା ଯେ ଦରମା ଚିରକୁଟରେ ଥିବା ପ୍ରାର୍ଥୀଙ୍କ କାମରେ ଇଏସ୍ଆଇସି ସଂଖ୍ୟାଗୁଡ଼ିକ ନଥିଲା । ସମୀକ୍ଷା ଲକ୍ଷ୍ୟ କଲା ଯେ ପିଆଇଏ 4.18 କୋଟି ଟଙ୍କା ପାଇଥିଲା (ନଭେମ୍ବର 2015 ଏବଂ ମାର୍ଚ୍ଚ 2018) ।

ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରି ବିଭାଗ ଦର୍ଶାଇଥିଲେ (ଜୁନ୍ 2020) ଯେ ପିଆଇଏଙ୍କ ଠାରୁ 2.74 କୋଟି ଟଙ୍କା ଅସୁଲ କରାଯାଇସାରିଛି ।

ଯାହାହେଉ, କଥା ଏହା ଥିଲା ଯେ ଓରମାସ ଦ୍ୱାରା ଅନୁସରଣ କରାଯାଉଥିବା ଯାଞ୍ଚ ସମୟରେ ବଡ଼ ଅଭାବ ରହିଥିଲା ଏବଂ ଭବିଷ୍ୟତରେ ସମାନ ପ୍ରକାର ଜାଲିଆତି ମାମଲା ବିରୁଦ୍ଧରେ ଜାଗରୁକ ରହିବାକୁ ଏପରି ପଦ୍ଧତିଗତ ଅନ୍ତରର ସମାଧାନ କରାଯିବା ଆବଶ୍ୟକ ।

## 2.2.4 ଦୁର୍ବଳ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତି

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଓରମାସର ଦୁର୍ବଳ କାର୍ଯ୍ୟ ପଦ୍ଧତିର ସୁଯୋଗ ନେଇ ପିଆଇଏଗୁଡ଼ିକ ନୂତନ ପ୍ରକଳ୍ପ ପାଇବାକୁ ସେମାନଙ୍କର ପ୍ରକଳ୍ପର ପ୍ରବଞ୍ଚନାତ୍ମକ/ ବର୍ଦ୍ଧିତ ନିଯୁକ୍ତି ସଂଖ୍ୟା ପ୍ରଦାନ କରିବାକୁ ସମର୍ଥ ହେଉଥିଲେ । ଦୁର୍ବଳ ଆଭ୍ୟନ୍ତର ନିୟନ୍ତ୍ରଣ ପଦ୍ଧତି ଉପରେ କେତେକ ମାମଲା ନିମ୍ନରେ ଆଲୋଚନା କରାଗଲା:

### *2.2.4.1 ଅନୁଚିତ୍ ଅନୁକମ୍ପା ପ୍ରଦାନ କରିବାକୁ ଓରମାସ ଦ୍ୱାରା ନମୁନା ସଂଗ୍ରହ ପଦ୍ଧତିରେ କାରସାଦି- 1.26 କୋଟି ଟଙ୍କା*

ଏସ୍ଓପି-II ଅନୁଯାୟୀ, ପିଆଇଏ ଦ୍ୱାରା ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ପ୍ରଦାନ ପରେ, ପ୍ରାର୍ଥୀମାନଙ୍କର ଅନ୍ୟୁନ 50 ଟି ନମୁନା, ପିଆଇଏର ଗୁଣବତ୍ତା ଦଳ (40), ଓରମାସ (ସାତ) ଓ ନାବକନସ୍(ତିନି) ଦ୍ୱାରା ଯାଞ୍ଚ କରାଯିବା କଥା । ନମୁନା ନିରୀକ୍ଷଣ ଶେଷ ହେବା ପରେ, ବଛାଯାଇଥିବା ନମୁନା ଗୁଡ଼ିକ ନାବକନସ୍ ଓ ଓରମାସ୍ ଦ୍ୱାରା ପୁନଃ ନିରୀକ୍ଷଣ କରାଯିବାର ଥିଲା ଏବଂ ନିଯୁକ୍ତି ପ୍ରଦାନର ସଫଳତା ହାରକୁ କରିବାର ଥିଲା । ଯଦି ନିଯୁକ୍ତି ପ୍ରଦାନ ସଫଳତା ହାର 70 ପ୍ରତିଶତ ତେବେ ସଂପୂର୍ଣ୍ଣ ଅର୍ଥ ପ୍ରଦାନ କରାଯିବ ଏବଂ ଯଦି ନିଯୁକ୍ତି ସଫଳତା ହାର 50 ଏବଂ 70 ପ୍ରତିଶତ ମଧ୍ୟରେ ଥାଏ ତେବେ ଆନୁପାତିକ ଅର୍ଥ ପ୍ରଦାନ କରାଯିବ । ଯଦି ସଫଳତା ହାର 50 ପ୍ରତିଶତରୁ କମ୍ ଥାଏ, ତେବେ କୌଣସି ଅର୍ଥ ପ୍ରଦାନ କରାଯିବ ନାହିଁ ଏବଂ ପ୍ରକଳ୍ପକୁ ବନ୍ଦ କରିବାକୁ ପ୍ରକ୍ରିୟା ଆରମ୍ଭ କରାଯିବ ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଗୋଟିଏ ପିଆଇଏ (ବ୍ଲାକ୍ ପାନ୍ଥର ଗାର୍ଡଏଣ୍ଡସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍) 79 ଜଣ ପ୍ରାର୍ଥୀଙ୍କର ନିଯୁକ୍ତି ତଥ୍ୟ ପ୍ରଦାନ (ଫେବୃଆରୀ 2016) କରିଥିଲେ । ସର୍ବନିମ୍ନ 50 ଟି ନମୁନା ଆବଶ୍ୟକୀୟ ସ୍ଥଳେ ଓରମାସ ଯାଞ୍ଚ ପାଇଁ ମାତ୍ର 12 ଟି ନମୁନା ବାଛିଥିଲେ ଏବଂ ସମସ୍ତ 12 ଜଣ ପ୍ରାର୍ଥୀ ନିଯୁକ୍ତି ପାଇଥିବା ସୁନିଶ୍ଚିତ କରିଥିଲେ ଏବଂ ଅନିୟମିତ ଭାବେ 1.26 କୋଟି ଟଙ୍କାର ଦ୍ୱିତୀୟ କିସ୍ତି ପ୍ରଦାନ କରିଥିଲେ (ମାର୍ଚ୍ଚ 2016) ।

ସମୀକ୍ଷା ଏହା ସୂଚୀତ କଲା ପରେ, ବିଭାଗ ଦର୍ଶାଇଥିଲେ (ଜୁନ୍ 2020) ଯେ ଜୁନ୍ 2016 ରେ ଓରମାସ୍ ଦ୍ୱାରା ଆରମ୍ଭ କରାଯାଇଥିବା ପଦ୍ଧତିରେ ନମୁନା ସଂଗ୍ରହର କୌଣସି ଔପଚାରିକ ପ୍ରକ୍ରିୟା ନଥିବାରୁ ଓରମାସ ଅନିୟତ ଆଧାରରେ 79 ପ୍ରାର୍ଥୀଙ୍କ ମଧ୍ୟରୁ 15 ପ୍ରତିଶତ (12 ପ୍ରାର୍ଥୀ) ଯାଞ୍ଚ କରିଥିଲେ ।

ଉତ୍ତର ଗ୍ରହଣୀୟ ନଥିଲା କାରଣ ପିଆଇଏ ନିଯୁକ୍ତି ତଥ୍ୟ ଫେବୃଆରୀ 2016 ରେ ଉପସ୍ଥାପନ କରିଥିବା ସ୍ଥଳେ ନମୁନା ସଂଗ୍ରହ ପଦ୍ଧତି ଏସ୍ଓପି (ଅଗଷ୍ଟ 2015) ରେ ପ୍ରାଞ୍ଜଳ ଭାବରେ ଉଲ୍ଲେଖ କରାଯାଇଥିଲା ।

### *2.2.4.2 କେନ୍ଦ୍ର ପ୍ରସ୍ତୁତି ରିପୋର୍ଟକୁ ଅଣଦେଖାକରି 2.90 କୋଟି ଟଙ୍କାର ଅନୈତିକ ଆର୍ଥିକ ସୁବିଧା ପ୍ରଦାନ*

ଏସ୍ଓପି-I ଅନୁଯାୟୀ, ତାଲିମ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ, କେନ୍ଦ୍ରର ପ୍ରସ୍ତୁତି ଉପରେ ଏକ ଉପଯୁକ୍ତ ଉଦ୍ୟମୀ ରିପୋର୍ଟ ଗୁଣବତ୍ତା ଦଳ ଦ୍ୱାରା ପ୍ରସ୍ତୁତି କରାଯିବ ଏବଂ ତାଲିମ ଗୃହ ପାଇଁ ଉପଲବ୍ଧ ସ୍ଥାନ, କମ୍ପ୍ୟୁଟର ପରୀକ୍ଷାଗାର, ଶୌଚାଳୟ, ପାନୀୟ ଜଳ ଇତ୍ୟାଦି ବିଷୟ ଓରମାସ୍ ଦ୍ୱାରା ପୁନଃ ନିରୀକ୍ଷଣ କରାଯିବ । ପୁନଶ୍ଚ, ଓରମାସର ନିର୍ଦ୍ଦେଶ ଅନୁଯାୟୀ, କେନ୍ଦ୍ର ପ୍ରସ୍ତୁତି ରିପୋର୍ଟ ପାଇଲା ପରେ ପ୍ରଥମ କିସ୍ତି ପ୍ରଦାନ କରାଯିବା କଥା ।

ସମୀକ୍ଷା ଲକ୍ଷ୍ୟ କଲା ଯେ 1000 ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ ପାଇଁ ପିଆଇଏ (ସୂର୍ଯ୍ୟ ୱାଆରସ୍ ପ୍ରାଇଭେଟ୍ ଲିମିଟେଡ୍) କୁ ପ୍ରଥମ କିସ୍ତି ସ୍ୱରୂପ 2.90 କୋଟି ଟଙ୍କା ଓରମାସର ଇଡି ପ୍ରଦାନ କରିଥିଲେ (ସେପ୍ଟେମ୍ବର 2018) । ବୈଷୟିକ ସହାୟକ ସଂସ୍ଥା[78] ଦ୍ୱାରା ତାଲିମ କେନ୍ଦ୍ରର ତନଖି କରାଯାଇଥିଲା (16 ଓ 17 ଜୁଲାଇ 2018 ରେ) ଏବଂ କେନ୍ଦ୍ରର[79] ପ୍ରସ୍ତୁତିରେ ଅନେକ ଅଭାବ ଥିବା ଉକ୍ତ ସଂସ୍ଥା ଏକ ରିପୋର୍ଟ ପ୍ରଦାନ କରିଥିଲା । ଦର୍ଶାଯାଇଥିବା ଏହି ଅଭାବଗୁଡ଼ିକ ସତ୍ତ୍ୱେ, ପ୍ରକଳ୍ପ ପାଇଁ ପ୍ରଥମ କିସ୍ତି ସ୍ୱରୂପ 2.90 କୋଟି ଟଙ୍କା ପିଆଇଏକୁ ଦେବାକୁ ଇଡି ପ୍ରସ୍ତାବ ଦେଇଥିଲେ (4 ସେପ୍ଟେମ୍ବର 2018) । ପ୍ରସ୍ତାବ ଉପରେ ଓରମାସର ସଭ୍ୟସଚିବ (15 ସେପ୍ଟେମ୍ବର 2018) ଏବଂ ମୁଖ୍ୟ ସଚିବ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ (18 ସେପ୍ଟେମ୍ବର 2018) ଙ୍କ ଦ୍ୱାରା ସହମତି ପ୍ରକାଶ କରାଯାଇଥିଲା । ପରେ, ତାଲିମ କେନ୍ଦ୍ରର ପରବର୍ତ୍ତୀ ନିରୀକ୍ଷଣ ସମୟରେ (ଡିସେମ୍ବର 2018), କେନ୍ଦ୍ର ଗୁଡ଼ିକ ଆଦୌ କାର୍ଯ୍ୟକ୍ଷମ ନଥିବା ଓରମାସ ଦେଖିବାକୁ ପାଇଥିଲା । ପିଆଇଏ ସହିତ ହୋଇଥିବା ବୁଝାମଣାକୁ ରଦ୍ଦ କରିବାକୁ ଓରମାସ ନିଷ୍ପତ୍ତି କରିଥିଲା (ଫେବୃଆରୀ 2019) । ତେବେ ବି ସମୀକ୍ଷା ତାରିଖ ସୁଦ୍ଧା (ନଭେମ୍ବର 2019) ଦଣ୍ଡନୀୟ ସୁଧ[80] ସହିତ ପ୍ରଦାନ କରାଯାଇଥିବା 3.57 କୋଟି ଟଙ୍କାକୁ ଅସୁଲ କରିବାକୁ ଓରମାସ୍ ଦ୍ୱାରା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା ।

78 ପିଆଇଏର ପ୍ରସ୍ତାବର ମୂଲ୍ୟ ନିର୍ଦ୍ଧାରଣ ଏବଂ ତାଲିମ କେନ୍ଦ୍ର ନିରୀକ୍ଷଣରେ ସାହାଯ୍ୟ କରିବାକୁ ଏସଆରଏଲ୍ଏମ୍ ଦ୍ୱାରା ବୈଷୟିକ ସହାୟକ ସଂସ୍ଥା ନିଯୁକ୍ତ ହୋଇଥାଏ

79 ପ୍ରମାଣୀକୃତ ତାଲିମ ପ୍ରଦାନକାରୀ, ପ୍ରଭାବୀ କ୍ଷେତ୍ର ତାଲିମ ପ୍ରଦାନକାରୀ ଓ ମନ୍ତ୍ରଣାଦାତାଙ୍କ ଅଭାବ, ଦ୍ୱିଭାଷିକ ବହିର ଅଭାବ, ପ୍ରଭାବୀ କ୍ଷେତ୍ର ଓ ପ୍ରଭାବୀ କ୍ଷେତ୍ର ବହିର ଅଭାବ ଏବଂ ଆଧାର ସଂଶ୍ଳିଷ୍ଟ ବାୟୋମେଟ୍ରିକ ଉପସ୍ଥାନ ପଦ୍ଧତିର ଆବଶ୍ୟକୀୟ ସଂଖ୍ୟାରେ ଅଭାବ

80 2.90 କୋଟି ଟଙ୍କା ସେପଟ୍ଟର 2018 ରେ ପ୍ରଦାନ କରାଯାଇଥିଲା । ବାର୍ଷିକ 10 ପ୍ରତିଶତ ଦରରେ ମଇ 2020 ସୁଦ୍ଧା 28 ମାସ ପାଇଁ ହିସାବ କରାଯାଇଥିବା ଦଣ୍ଡନୀୟ ସୁଧ

ସମୀକ୍ଷାର ମନ୍ତବ୍ୟକୁ ଗ୍ରହଣ କରି, ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ ଅଣସଂପାଦନ ପାଇଁ ପିଆଇଏକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ଏବଂ 72.70 ଲକ୍ଷ ଟଙ୍କାର ବ୍ୟାଙ୍କ ପ୍ରତ୍ୟାଭୂତିକୁ ବିଖଣ୍ଡିତ କରାଯାଇ ଅବଶିଷ୍ଟ ରାଶିକୁ ଅସୁଲ କରିବାକୁ ଓରମାସ ଦ୍ୱାରା ଏକ ପତ୍ର ଲେଖାଯାଇଛି ।

### 2.2.4.3 ପ୍ରଥମ କିସ୍ତିର ଅଧିକ ପ୍ରଦାନ ଦ୍ୱାରା ପିଆଇଏକୁ ଅନୁଚିତ୍ ଅନୁକମ୍ପା 3.30 କୋଟି ଟଙ୍କା

ଓରମାସର ବିଜ୍ଞପ୍ତି ଅନୁଯାୟୀ (ଜୁନ୍ 2016) ପ୍ରକଳ୍ପର ଅବଧି ଏକ ବର୍ଷରୁ ଅଧିକ ଥିବା ସ୍ଥଳେ, ପ୍ରକଳ୍ପ ମୂଲ୍ୟ ବାର୍ଷିକ ଆଧାରରେ ପ୍ରଦାନ କରାଯିବ । ପ୍ରଥମ ବର୍ଷର କାର୍ଯ୍ୟଦକ୍ଷତା ଭିତ୍ତିରେ, ପରବର୍ତ୍ତୀ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି କରାଯିବ । ପୁନଶ୍ଚ, ପ୍ରତ୍ୟେକ ବର୍ଷ ତାଲିମ ପାଉଥିବା ପ୍ରାର୍ଥୀଙ୍କ ଆଧାରରେ ଅର୍ଥ ପ୍ରଦାନ କରାଯିବ ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ 2,200 ପ୍ରାର୍ଥୀଙ୍କୁ ତାଲିମ୍ ପ୍ରଦାନ ପାଇଁ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ପିଆଇଏ (ଏସ୍‌କର୍ଟ ଲିମିଟେଡ୍) କୁ ଏକ ପ୍ରକଳ୍ପ ପାଇଁ ପିଏସି 27.08 କୋଟି ଟଙ୍କା ମଂଜୁର କରିଥିଲେ (ଜାନୁଆରୀ 2017) । ପିଆଇଏ ଦ୍ୱାରା ଉପସ୍ଥାପନ କରାଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଥମ ବର୍ଷର 1,100 ପ୍ରାର୍ଥୀ ତାଲିମ ପାଇବେ । ଏହି କ୍ରମରେ, ପ୍ରଥମ କିସ୍ତି ସ୍ୱରୂପ 3.30 କୋଟି ଟଙ୍କା ପ୍ରଦାନ କରାଯିବାର ଥିଲା । ନିଜସ୍ୱ ବିଜ୍ଞପ୍ତିର ବ୍ୟବସ୍ଥାର ବିରୁଦ୍ଧାଚରଣ କରି ଓରମାସ ଗୋଟିଏ ବର୍ଷ ପରିବର୍ତ୍ତେ ଦୁଇ ବର୍ଷର ଧାର୍ଯ୍ୟ ଲକ୍ଷ୍ୟ 2,200 କୁ ବିଚାରକୁ ନେଇ 6.60 କୋଟି ଟଙ୍କା ପ୍ରଦାନ କରିଥିଲେ । ପ୍ରଥମ କିସ୍ତିରେ ଅଧିକ ପରିମାଣ ରାଶି ପ୍ରଦାନ କରିବା ଦ୍ୱାରା ପିଆଇଏକୁ 3.30 କୋଟି ଟଙ୍କାର ଅନୁଚିତ୍ ଅନୁକମ୍ପା ପ୍ରଦାନ କରାଯାଇଥିଲା ।

ସମୀକ୍ଷାର ମନ୍ତବ୍ୟକୁ ଗ୍ରହଣ କରି, ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ, ବନ୍ଦ ପ୍ରକ୍ରିୟା ଆରମ୍ଭ କରାଯାଇଛି ଏବଂ ଦିଆଯାଇଥିବା ଅତିରିକ୍ତ ପରିମାଣକୁ ଅସୁଲ କରାଯିବ ।

### 2.2.4.4 ମିଥ୍ୟା ନିଯୁକ୍ତି ରିପୋର୍ଟ ଆଧାରରେ କିସ୍ତିର ଅନିୟମିତ ପ୍ରଦାନ ଫଳରେ 10.83 କୋଟି ଟଙ୍କା ଅଧିକ ପ୍ରଦାନ

ଯୋଜନାର ସଂଶୋଧିତ ମାର୍ଗଦର୍ଶିକା ଅନୁଯାୟୀ (ଅଗଷ୍ଟ 2016), ନିଯୁକ୍ତି ପ୍ରତିଶତ 70 ରୁ ଅଧିକ ହେଲେ ଦ୍ୱିତୀୟ କିସ୍ତିର ସଂପୂର୍ଣ୍ଣ ରାଶି ପ୍ରଦାନ କରାଯିବ । ଯଦି ନିଯୁକ୍ତି 70 ପ୍ରତିଶତରୁ କମ୍ ହେବ, ଅନୁପାତିକ ଭିତ୍ତିରେ ରାଶି ପ୍ରଦାନ କରାଯିବ । ଏହା 50 ପ୍ରତିଶତରୁ କମ୍ କ୍ଷେତ୍ରରେ, ତୁରନ୍ତ ପ୍ରକଳ୍ପକୁ ରଦ୍ଦ କରାଯିବ ଏବଂ ଆନୁପାତିକ ଅର୍ଥ ପ୍ରଦାନକୁ ଅନୁମତି ଦିଆଯିବ ।

ଓରମାସର ବିଜ୍ଞପ୍ତି (ଅକ୍ଟୋବର 2018) ଅନୁଯାୟୀ, ପିଆଇଏ ଯଦି କୌଣସି ନମୁନା ରିପୋର୍ଟ ଉପରେ ଆପତ୍ତି କରନ୍ତି, ଓରମାସ ଏବଂ ନାବକନସ୍‌ଙ୍କର ସଭ୍ୟମାନଙ୍କ ଦ୍ୱାରା ଗଠିତ ଯୁଗ୍ମ ସମିତି ଏହି ନମୁନାକୁ ନିରୀକ୍ଷଣ କରିବେ ଏବଂ ପୁନଃ ନିରୀକ୍ଷଣ ରିପୋର୍ଟ ଚୂଡ଼ାନ୍ତ ବୋଲି ଧରାଯିବ ।

ପାଞ୍ଚଟି ପିଆଇଏଙ୍କର[81] ଛଅଟି ପ୍ରକଳ୍ପକୁ ପ୍ରଦାନ କରାଯାଇଥିବା ଅର୍ଥ ସମ୍ପର୍କୀୟ ନଥିପତ୍ରକୁ ସମୀକ୍ଷା ଯାଞ୍ଚ କରିଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ କିସ୍ତି ପ୍ରଦାନ ପୂର୍ବରୁ ନିରୀକ୍ଷଣ କରାଯାଇଥିବା ପ୍ରକ୍ରିୟାରେ ଅନେକ ଅନିୟମିତତା ଥିଲା । ଏହି ଅନିୟମିତତାଗୁଡ଼ିକ ଭିତରେ ମିଥ୍ୟା ଇଏସ୍ଆଇସି ସଂଖ୍ୟା, ବ୍ୟାଙ୍କ ଫର୍ଦ୍ଦର ଉପସ୍ଥାପନ ନହେବା, ଯୋଜନା ମାର୍ଗଦର୍ଶିକା ବିପରୀତରେ ନଗଦ ଅର୍ଥ ପ୍ରଦାନ, ଜାଲିଆତି ବ୍ୟାଙ୍କ ଫର୍ଦ୍ଦ ଉପସ୍ଥାପନ, ନିଯୁକ୍ତିରେ ନାବକନସ୍‌ର ରିପୋର୍ଟର ଅବହେଳା କରିବା ଆଦି ଅନ୍ତର୍ଭୁକ୍ତ ଥିଲା ।

[81] ସେଣ୍ଟମ ୱାର୍କସ୍କିଲ ଇଣ୍ଡିଆ ଲିମିଟେଡ୍, ଏଡୁଜବସ୍ ଏକାଡେମୀ ପ୍ରାଇଭେଟ୍ ଲିମିଟେଡ୍, ନିଆମ ଏଜୁକେସନାଲ ଫାଉଣ୍ଡେସନ, ନାଇସ୍ କମ୍ପ୍ୟୁଟର ଏଡୁକେସନାଲ ସୋସାଇଟି ଏବଂ ଆବେ ୱେଷ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍

ଯୋଜନା ମାର୍ଗଦର୍ଶିକା ଅନୁଯାୟୀ, ନିଯୁକ୍ତି ଆଧାରରେ ପ୍ରଦାନ କରାଯାଇଥିବା ଅର୍ଥର ପୁନଃହିସାବ ସମୀକ୍ଷା ପ୍ରସ୍ତୁତ କରିଥିଲେ ଏବଂ ଦେଖିଥିଲେ ଯେ ଏହି ପାଞ୍ଚଟି ପିଆଇଏଙ୍କୁ 10.83 କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା (***ପରିଶିଷ୍ଟ 2.2.3***) । ଏହି ଅଧିକ ରାଶି ପ୍ରଦାନ, ଓରମାସ୍ ଅଧିକାରୀଙ୍କ ଦ୍ୱାରା ଅବହେଳା କରାଯିବା ଫଳରେ ହୋଇଥିଲା ଏବଂ ଏହା ଯେ କେବଳ ରାଜକୋଷକୁ କ୍ଷତି ପହଞ୍ଚାଇଥିଲେ ତାହା ନୁହେଁ ଆହୁରି ମଧ୍ୟ ପିଆଇଏମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଯେଉଁମାନେ କି ତାଲିମ୍ ଏବଂ ନିଯୁକ୍ତି ପ୍ରଦାନ କାର୍ଯ୍ୟ ପାଇଁ ଯୋଗ୍ୟ ନଥିଲେ ।

**ମାମଲା ଅଧ୍ୟୟନ**

ପିଆଇଏର (ସେଣ୍ଟମ୍ ୱାର୍କସ୍କିଲ୍ ଇଣ୍ଡିଆ ଲିମିଟେଡ୍) ନିଯୁକ୍ତିକୁ ଯାଞ୍ଚ କରିବା ସମୟରେ, ଓରମାସକୁ ନାବକନସ୍ ରିପୋର୍ଟ ଦେଇଥିଲେ (ଜାନୁଆରୀ 2017) ଯେ ଛଅ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ପାଞ୍ଚ ଜଣ ପ୍ରାର୍ଥୀ ନିଯୁକ୍ତି ପାଇନଥିଲେ । ପିଆଇଏଙ୍କ ଅପିଲ ଉପରେ ଓରମାସ୍, ନାବକନସ୍ ଓ ପିଆଇଏର ପ୍ରତିନିଧିମାନଙ୍କୁ ନେଇ ଓରମାସ ଏକ କମିଟି ଗଠନ କରିଥିଲେ (16 ଫେବୃଆରୀ 2017) ଏବଂ ପୁନଶ୍ଚ ସୁନିଶ୍ଚିତ କରିଥିଲେ ଯେ ଚାରିଜଣ ନିଯୁକ୍ତି ପାଇନଥିଲେ । ପରେ, ନାବକନସ୍‌କୁ ବାଦ୍ ଦେଇ ଓରମାସର ଇଡି 3 ଅପ୍ରେଲ 2017 ରେ ଅନ୍ୟ ଏକ କମିଟି ଗଠନ କରି ଏକ ରିପୋର୍ଟ ଉପସ୍ଥାପନ କରିଥିଲେ ଯେ ଚାରି ଜଣଙ୍କ ମଧ୍ୟରୁ ତିନି ଜଣ ନିଯୁକ୍ତି ପାଇସାରିଛନ୍ତି । ନିଯୁକ୍ତି ମିଳି ନଥିବା ପରେ ଏପରି ଏକ କମିଟି ଗଠନ କରିବା ଅନିୟମିତ ଏବଂ ଯୋଜନା ମାର୍ଗଦର୍ଶିକାର ପରିପନ୍ଥୀ ଥିଲା ଏବଂ ଯୁକ୍ତିଯୁକ୍ତ ନଥିଲା । ପୁନଶ୍ଚ, ଓରମାସର ଇଡିଙ୍କର ଏପରି କମିଟି ଗଠନ କରିବାର କ୍ଷମତା ନଥିଲା ।

ଅର୍ଥାତ୍, ଓରମାସ ଦ୍ୱାରା ଛଅଟି ପ୍ରକଳ୍ପର ନିଯୁକ୍ତିର ଦୋଷଯୁକ୍ତ ଯାଞ୍ଚ ଫଳରେ ପାଞ୍ଚଟି ପିଆଇଏଙ୍କୁ 10.83 କୋଟି ଟଙ୍କା ଅତ୍ୟଧିକ ପ୍ରଦାନ କରାଯାଇଥିଲା ।

ସମୀକ୍ଷା ମନ୍ତବ୍ୟକୁ ଗ୍ରହଣ କରି ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ ଆବେ ୱେଷ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଠାରୁ 68.81 କୋଟି ଟଙ୍କା ଅସୁଲ କରାଯାଇ ସାରିଛି 6.27 କୋଟି ଟଙ୍କାର ଅସୁଲି ପାଇଁ ଏଜୁବିକ ଏକାଡେମୀ ପ୍ରାଇଭେଟ୍ ଲିମିଟେଡ୍ ସେଣ୍ଟମ୍ ୱାର୍କସ୍କିଲ୍ ଇଣ୍ଡିଆ ଲିମିଟେଡି ଓ ନାଇସ୍ କମ୍ପ୍ୟୁଟର ଏଜୁକେସନାଲ ସୋସାଇଟିକୁ ଚିଠି କରାଯାଇ ସାରିଛି ।

### *2.2.4.5 ଏମ୍ଓଆରଡି ମାର୍ଗଦର୍ଶିକାକୁ ଅବମାନନା କରି ଅନିୟମିତ ଭାବରେ ଅଧିସୂଚନା ପ୍ରକାଶ କରିବା ଦ୍ୱାରା ପିଆଇଏଙ୍କୁ ଅନୁଚିତ ସୁବିଧା ପ୍ରଦାନ*

ଏମ୍ଓଆରଡି ଦ୍ୱାରା 26 ଅଗଷ୍ଟ 2016 ରେ ଅଧିସୂଚୀତ, ଏସ୍ଓପି ଅନୁଯାୟୀ, ଯେଉଁ ପିଆଇଏ ଗୁଡ଼ିକ ତାଲିମ ପ୍ରାପ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ଅନ୍ୟୁନ 70 ପ୍ରତିଶତ ନିଯୁକ୍ତି ପ୍ରଦାନ କରିଥିବେ ସେମାନେ ଦ୍ୱିତୀୟ କିସ୍ତି ସ୍ୱରୂପ ପ୍ରକଳ୍ପ ମୂଲ୍ୟର 50 ପ୍ରତିଶତ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ପୁନଶ୍ଚ, ମାର୍ଗଦର୍ଶିକାରେ ତାଲିକାଭୁକ୍ତ ଅନେକ ପ୍ରକ୍ରିୟା ଏବଂ କାର୍ଯ୍ୟ ପାଇଁ ମାନ୍ୟକ୍ରମ ପ୍ରସ୍ତୁତ କରିବାକୁ ପାରା 4.8 ଏସ୍ଆର୍ଏଲ୍ଏମ୍‌କୁ କ୍ଷମତା ପ୍ରଦାନ କରିଥାଏ । ମାର୍ଗଦର୍ଶିକା ଅନୁସାରେ ଏସ୍ଆରଏଲ୍ଏମ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମାନ୍ୟକ୍ରମକୁ ଏମ୍ଓଆରଡିର କ୍ଷମତାପ୍ରାପ୍ତ କମିଟି ଦ୍ୱାରା ଅନୁମୋଦନ କରାଯିବ ।

ସମୀକ୍ଷା ଲକ୍ଷ୍ୟ କଲା ଯେ ଓରମାସ୍, ରାଜ୍ୟର ଏସ୍ଆରଏଲ୍ଏମ୍ ହୋଇ ମଧ୍ୟ ପୂର୍ବୋକ୍ତ ଏସ୍ଓପିକୁ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ (ଅକ୍ଟୋବର 2018), ଯାହାକି ଅନ୍ୟାନ୍ୟ ବିଷୟ ମଧ୍ୟରେ ଦ୍ୱିତୀୟ କିସ୍ତିର 50 ପ୍ରତିଶତ ପ୍ରଦାନ କରିବାର ବ୍ୟବସ୍ଥା ଥିଲା ଯଥା: ଆବଶ୍ୟକୀୟ ନଥିପତ୍ର ଉପସ୍ଥାପନ ପରେ ପିଆଇଏ ମାନଙ୍କୁ ପ୍ରକଳ୍ପ ମୂଲ୍ୟର 25 ପ୍ରତିଶତ ଅଗ୍ରୀମ ସ୍ୱରୂପ ପ୍ରଦାନ କରାଯିବ । ଯଦି ଡେସ୍କ ନିରୀକ୍ଷଣ ଏବଂ/ କିମ୍ବା ନିଯୁକ୍ତି ସ୍ଥଳ ନିରୀକ୍ଷଣ ପରେ କୌଣସି ପିଆଇଏ ଅଗ୍ରୀମ ପାଇଁ ଅଯୋଗ୍ୟ ବିବେଚିତ ହୁଏ, ଉକ୍ତ ରାଶି 10 ପ୍ରତିଶତ ବାର୍ଷିକ ସୁଧ ସହିତ ଅସୁଲ କରାଯିବ । ଶୀଘ୍ର ଅଗ୍ରୀମ ପ୍ରଦାନ ମାଧ୍ୟମରେ ପିଆଇଏ ମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧନ ଅଣାଯାଇଥିଲା । ଏହି ସଂଶୋଧନ ଆଧାରରେ, ସେପ୍ଟେମ୍ବର 2019 ସୁଦ୍ଧା

ସମୀକ୍ଷା ଦ୍ୱାରା ପରତାଳ କରାଯାଇଥିବା, 18 ଟି କ୍ରିୟାଶୀଳ ପିଆଇଏଙ୍କ ମଧ୍ୟରୁ, 9 ଟି ପିଆଇଏକୁ ଦ୍ୱିତୀୟ କିସ୍ତିର 50 ପ୍ରତିଶତ ରାଶି ବାବଦକୁ 30.42 କୋଟି ଟଙ୍କା ଓରମାସ ପ୍ରଦାନ କରିଥିଲା । ଅଗ୍ରୀମ ପ୍ରଦାନ କରାଯାଇଥିବା 9 ଟି ପିଆଇଏଙ୍କ ମଧ୍ୟରୁ, ନିଯୁକ୍ତି ପ୍ରଦାନ ସପକ୍ଷରେ ଦୁଇଟି ପିଆଇଏ[82] ଦ୍ୱାରା ଦାଖଲ କରାଯାଇଥିବା ନଥିପତ୍ର ଡେସ୍କ ନିରୀକ୍ଷଣ ସମୟରେ ଅସଂପୂର୍ଣ୍ଣ ଥିବା ମିଳିଥିଲା ଏବଂ ଅନ୍ୟ ଏକ ପିଆଇଏ (କର୍ତ୍ତବ୍ୟ କନସଲଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍) କ୍ଷେତ୍ରରେ, ନିରୀକ୍ଷଣ ପରେ ନିଯୁକ୍ତିର ନିରୀକ୍ଷଣ ହୋଇନଥିଲା ।

ଅଡିଟ୍ ଅବଲୋକନ କରିଥିଲେ ଯେ, ଆବଶ୍ୟକ ଥିଲେ ମଧ ଓରମାସ୍ ଏହି ସଂଶୋଧନ ବିଜ୍ଞପ୍ତିକୁ ଏମ୍‌ଡିଆର୍‌ଡିର କ୍ଷମତାପନ୍ନ କମିଟି ଠାରୁ ଅନୁମୋଦନ କରିନଥିଲେ । ପୁନଶ୍ଚ, ଏମ୍ ଓଆର୍‌ଡି ଦ୍ୱାରା ଜାରି କରାଯାଇଥିବା ଏସ୍‌ଓପିର ସଂଶୋଧନ, ଅଭିଳକ୍ଷିତ ସେବା ପ୍ରଦାନ ନକରି ସ୍ୱଳ୍ପ ଦକ୍ଷତା ସଂପନ୍ନ ପିଆଇଏଙ୍କୁ ଧନଗତ ସୁବିଧା ଲାଭ ପାଇଁ ସୁଯୋଗ ଉନ୍ମୁକ୍ତ କରିଥିଲା । ଯାହାଫଳରେ, ତାଲିମ ପ୍ରାପ୍ତ ପ୍ରାର୍ଥୀଙ୍କର ଅନ୍ୟୁନ 70 ପ୍ରତିଶତକୁ ନିଯୁକ୍ତି ପ୍ରଦାନର ଧାର୍ଯ୍ୟ ଲକ୍ଷ୍ୟକୁ ପ୍ରକୃତରେ ହାସଲ କରାଯାଇଛି କି ନାହିଁ ସୁନିଶ୍ଚିତ କରିବା ପୂର୍ବରୁ ସେଇ ତିନିଟି ପିଆଇଏଙ୍କୁ 15.51 କୋଟି ଟଙ୍କା[83] ପ୍ରଦାନ କରାଯାଇଥିଲା । ଅର୍ଥାତ୍, 50 ପ୍ରତିଶତ ଅଗ୍ରୀମ ପ୍ରଦାନ କରି ପିଆଇମାନଙ୍କୁ ପ୍ରୋତ୍ସାହିତ କରିବାର ଉଦ୍ଦେଶ୍ୟ ଫଳତଃ ପିଆଇଏଙ୍କର କାର୍ଯ୍ୟ ଦକ୍ଷତାର ଉନ୍ନତି କରିପାରି ନଥିଲା ।

ସମୀକ୍ଷାରେ ଏହା ଉଲ୍ଲେଖ ହେବାରୁ, ବିଭାଗ ଦର୍ଶାଇଥିଲେ (ଜୁନ୍ 2020) ଯେ ରାଜ୍ୟ ଦ୍ୱାରା ମାର୍ଗଦର୍ଶିକାରେ କରାଯାଇଥିବା ପରିବର୍ତ୍ତନକୁ ଅନୁସମର୍ଥନ କରିବାକୁ ସେମାନେ ଏମ୍‌ଓଆର୍‌ଡିର କ୍ଷମତାପନ୍ନ କମିଟିକୁ ଅନୁରୋଧ କରିଛନ୍ତି ।

ଉତ୍ତର ଗ୍ରହଣୀୟ ନଥିଲା ଯାହାକି ମାର୍ଗଦର୍ଶିକାର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ଏମ୍‌ଓଆର୍‌ଡି ର କ୍ଷମତାପନ୍ନ କମିଟିର ବିନା ଅନୁମୋଦନରେ ବିଜ୍ଞପ୍ତିକୁ କାର୍ଯ୍ୟକାରୀ କରାଯାଇଥିଲା ।

### *2.2.4.6 ପ୍ରଥମ କିସ୍ତି ପାଇବା ପରେ ପିଆଇଏ ମାନଙ୍କ ଦ୍ୱାରା ପ୍ରକଳ୍ପ ବନ୍ଦ/ ପରିତ୍ୟାଗ*

ଡିଡିୟୁଜିକେୱାଇ ମାର୍ଗଦର୍ଶିକାର ପାରା 3.2.2.20 ବ୍ୟବସ୍ଥା କରେ ଯେ ଯଦି ଏକ ପିଆଇଏର ନିଯୁକ୍ତି ଲକ୍ଷ୍ୟର ସଫଳତା 50 ପ୍ରତିଶତରୁ କମ୍ ଥିବ, ସେହି ପିଆଇଏକୁ ତାଲିମ୍ ବନ୍ଦ କରିବାକୁ କୁହାଯିବ ଏବଂ ପ୍ରକୃତ ନିଯୁକ୍ତି ଅନୁଯାୟୀ ଅନୁପାତିକ ହାରରେ ଅର୍ଥ ପ୍ରଦାନ କରାଯିବ । ବଳକା ଅର୍ଥ, ଯଦି ପିଆଇଏଠାରୁ କିଛି ପାଇବାକୁ ଥାଏ ତେବେ ଏମ୍‌ଓଆର୍‌ଡି ବିଜ୍ଞପ୍ତି (ଫେବୃଆରୀ 2014) ର ଧାରା 61 ଅନୁଯାୟୀ ବାର୍ଷିକ 10 ପ୍ରତିଶତ ସୁଧ ସହିତ ଏହା ଅସୁଲ କରାଯିବ । ପିଆଇଏ ଦ୍ୱାରା ଅର୍ଥ ଫେରସ୍ତର ବିଫଳତା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ସରକାରୀ ଅର୍ଥ ଅସୁଲି ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅଡିଟ୍ ଅବଲୋକନ କଲା ଯେ, 2014-19 ମଧ୍ୟରେ ଓରମାସ୍ ଦ୍ୱାରା 95 ରୁ 26 ପିଆଇଏଙ୍କୁ ଦକ୍ଷତା ନଥିଲା ବୋଲି ଘୋଷଣା କରାଯାଇଥିଲା । ଅଡିଟ୍ ଦର୍ଶାଇଲା ଯେ 26 ଟି ଦକ୍ଷତା ନଥିବା ପିଆଇଏଙ୍କ ମଧ୍ୟରୁ ଛଅଟିକୁ ଓରମାସ୍, ଅଡିଟ୍ ଆରମ୍ଭ ପୂର୍ବରୁ, ବନ୍ଦ କରିବାକୁ ଆଦେଶ ପ୍ରଦାନ କରିଥିଲେ । ପୁନଶ୍ଚ, ବଳକା 20 ଟି ଦକ୍ଷତା ନଥିବା ପିଆଇଏ, ଯାହାଙ୍କୁ 20.11 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, 6,526 ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ଦାବୀ କରିଥିଲେ, ହେଲେ ବି ସେମାନଙ୍କ ଦାବୀ ସପକ୍ଷରେ କୌଣସି ନଥିପତ୍ର ଉପସ୍ଥାପନ କରିପାରି ନଥିଲେ ।

ସମୀକ୍ଷା ମନ୍ତବ୍ୟ ଆଧାରରେ, ବିଭାଗ ଗୋଟିଏ ପିଆଇଏର ପ୍ରକଳ୍ପକୁ ବନ୍ଦ କରିଥିଲେ ଏବଂ ଅବଶିଷ୍ଟ 19

[82] ଏସକର୍ଟ ଲିମିଟେଡ୍ ଏବଂ ଏଡୁଜବ୍‌ସ ଏକାଡେମୀ ପ୍ରାଇଭେଟ୍ ଲିମିଟେଡ୍

[83] ଏସକର୍ଟ ଲିମିଟେଡ୍ (6.60 କୋଟି ଟଙ୍କା), ଏଡୁଜବ୍‌ସ ଏକାଡେମୀ ପ୍ରାଇଭେଟ୍ ଲିମିଟେଡ୍ (2.78 କୋଟି ଟଙ୍କା) ଏବଂ କର୍ତ୍ତବ୍ୟ କନସଲଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ (6.13 କୋଟି ଟଙ୍କା)

ପିଆଇଏ ଗୁଡ଼ିକର ନିରୀକ୍ଷଣ ପ୍ରକ୍ରିୟା ଚାଲିଥିଲା । 20 ନିକୃଷ୍ଟ କ୍ଷମତା ସମ୍ପନ୍ନ ପିଆଇଏଙ୍କର ସବିଶେଷ ତଥ୍ୟ, ତାରିଖ ଏବଂ ସେମାନଙ୍କୁ ପ୍ରଦାନ କରାଯାଇଥିବା ରାଶି ଏବଂ ଏମ୍‌ଆଇଏସ୍ ତଥ୍ୟ ଅନୁଯାୟୀ ସେମାନଙ୍କର ତାଲିମ ଦକ୍ଷତା ***ପରିଶିଷ୍ଟ 2.2.4*** ରେ ଦର୍ଶାଯାଇଛି ।

ସମୀକ୍ଷା, 20 ଟି ନିକୃଷ୍ଟ ଦକ୍ଷତା ସମ୍ପନ୍ନ ପିଆଇଏଙ୍କ[84] ମଧ୍ୟରୁ ଦୁଇଟିର ନଥିପତ୍ର ଯାଞ୍ଚ କରିଥିଲା ଏବଂ ନିମ୍ନ ପ୍ରକାରେ ପାଇଥିଲା:

- ଅର୍‌ଭିଏସ୍ ରାଇଜ ସ୍କିଲସ ସେମାନଙ୍କର ପ୍ରକଳ୍ପ ପ୍ରସ୍ତାବ ଉତ୍‌ଥାପନ ସମୟରେ, ଗୋଟିଏ ଆର୍‌ଭିଏସ୍ ଏଜୁକେସନାଲ ଟ୍ରଷ୍ଟର ପଞ୍ଜୀକରଣ ପ୍ରମାଣପତ୍ର ଉପସ୍ଥାପନ କରିଥିଲେ । ଏହି ପାର୍ଥକ୍ୟ ଯୋଗୁଁ, ପିଏସ୍‌ସି ସଂସ୍ଥାର ପ୍ରସ୍ତାବକୁ ଗ୍ରହଣ କରିନଥିଲେ । ପରବର୍ତ୍ତୀ ସମୟରେ, ସେହି ସମାନ ପ୍ରସ୍ତାବ ଆର୍‌ଭିଏସ୍ ଏଜୁକେସନ ଟ୍ରଷ୍ଟ ନାମରେ ଉପସ୍ଥାପନ କରାଯାଇଥିଲା ଯାହାକି ପିଏସି ଦ୍ୱାରା ଅନୁମୋଦିତ ହୋଇଥିଲା (ଡିସେମ୍ବର 2014) ଏବଂ 1,000 ପ୍ରାର୍ଥୀଙ୍କର ତାଲିମ୍ ଓ ନିଯୁକ୍ତି ପାଇଁ ପିଆଇଏ ସହିତ ବୁଝାମଣା ପତ୍ର ସ୍ୱାକ୍ଷର (ଅପ୍ରେଲ 2015) କରାଯାଇ 3.16 କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଥିଲା । ଓରମାସ ପ୍ରଥମ କିସ୍ତିରେ 72.46 ଲକ୍ଷ ଟଙ୍କା ପିଆଇଏକୁ ଜାନୁଆରୀ 2016 ରେ ପ୍ରଦାନ କରିଥିଲା । ତାଲିମ ଏବଂ ନିଯୁକ୍ତି କାର୍ଯ୍ୟକୁ ପିଆଇଏ ଡିସେମ୍ବର 2016 ସୁଦ୍ଧା ସଂପୂର୍ଣ୍ଣ କରିବାର ଥିଲା ଯଥା: ପ୍ରଥମ କିସ୍ତି ପ୍ରଦାନର 12 ମାସ ମଧ୍ୟରେ ।

  ଓରମାସ 2 ଅଗଷ୍ଟ 2015 ରେ ଏକ ଅସମର୍ଥିତ ସୂତ୍ରରୁ ଏକ ଇ-ମେଲ ସୂଚନା ପାଇଥିଲା ଯେ ରାଇଜ୍ ଇଣ୍ଡିଆ ଦ୍ୱାରା ପରିଚାଳିତ, ଆର୍‌ଭିଏସ୍ ରାଇଜ୍ ସ୍କିଲ୍ ସମେତ ତିନିଟି କମ୍ପାନି ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ ଅଭିଯୋଗରେ ପ୍ରଧାନ ମନ୍ତ୍ରୀ କୌଶଳ ବିକାଶ ଯୋଜନାରୁ ନିଲମ୍ବିତ ହୋଇଛନ୍ତି । ଆହୁରି ମଧ୍ୟ ସୂଚନା ଦିଆଯାଇଥିଲା ଯେ ଆର୍‌ଭିଏସ୍ ଏଜୁକେସନାଲ ଟ୍ରଷ୍ଟ ମଧ୍ୟ ରାଇଜ୍ ଇଣ୍ଡିଆ ଦ୍ୱାରା ପରିଚାଳିତ । ଆରଭିଏସ୍ ଏଜୁକେସନାଲ ଟ୍ରଷ୍ଟ (ପିଆଇଏ) କଦାପି ନିଲମ୍ବିତ ହୋଇନଥିବା ସୂଚନା ଏମ୍‌ଓଆରଡି ଠାରୁ ପାଇଲା ପରେ (20 ଅକ୍ଟୋବର 2015) ଓରମାସ, ଆରଭିଏସ୍ ଏଜୁକେସନାଲ ଟ୍ରଷ୍ଟ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇଥିଲେ ।

  ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଆରଭିଏସ୍ ରାଇଜ୍ ସ୍କିଲର ଜଣେ ନିର୍ଦ୍ଦେଶକ (ଭାରତ ସରକାରଙ୍କ ଦ୍ୱାରା ନିଲମ୍ବିତ ) ଆର୍‌ଭିଏସ୍ ଏଜୁକେସନାଲ ଟ୍ରଷ୍ଟର ମଧ୍ୟ ନ୍ୟାସୀ ଥିଲେ । ଅର୍ଥାତ୍, ଓରମାସ୍ ଦ୍ୱାରା ଚୟନ କରାଯାଇଥିବା ପିଆଇଏ ନିଲମ୍ବିତ ଫାର୍ମର ଅନ୍ୟ ଏକ ୟୁନିଟ୍ ଥିଲା । ଅପ୍ରେଲ 2015 ରେ ପିଆଇଏକୁ ପ୍ରଦାନ କରାଯାଇଥିବା ପ୍ରକଳ୍ପର ଚୂଡ଼ାନ୍ତ ଫଳାଫଳ ଏହା ଥିଲା ଯେ, ତାଲିମ ଓ ନିଯୁକ୍ତିର ଧାର୍ଯ୍ୟ ଲକ୍ଷ୍ୟ ଏଜେନ୍ସୀ ଦ୍ୱାରା ଅଙ୍ଗୀକୃତ ହୋଇନଥିଲା । ପ୍ରଦତ୍ତ ରାଶି ଫେରସ୍ତ କରିବାକୁ ଅନେକ ପତ୍ର ବିନିମୟ ପରେ, ପିଆଇଏ 15 ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ (ମାର୍ଚ୍ଚ 2017) । ଦାତାଙ୍କ ଖାତାରେ ପର୍ଯ୍ୟାପ୍ତ ରାଶି ନଥିବାରୁ ଚେକ୍‌ଟି ଫେରିଆସିଥିଲା ।

- ଖୋର୍ଦ୍ଧା ଏବଂ ପୁରୀରେ ପ୍ରାର୍ଥୀମାନଙ୍କୁ ତାଲିମ ଏବଂ ନିଯୁକ୍ତି ପ୍ରଦାନ ପାଇଁ (ମେଇ 2015) 7.90 କୋଟି ଟଙ୍କା ମୂଲ୍ୟର ଏକ ପ୍ରକଳ୍ପ ପାଇଁ ଏଭିରନ୍ ସ୍କିଲ୍ ଡେଭଲପମେଣ୍ଟ ସହିତ ଏକ ବୁଝାଣା ପତ୍ର ସ୍ୱାକ୍ଷର କରାଯାଇଥିଲା (ଜୁନ୍ 2014) । କେନ୍ଦ୍ର ପ୍ରସ୍ତୁତି ରିପୋର୍ଟ ହସ୍ତଗତ ହେବା ପରେ ଓରମାସ୍ ପ୍ରଥମ କିସ୍ତିର 1.49 କୋଟି ଟଙ୍କା ପ୍ରଦାନ କରିଥିଲେ (ନଭେମ୍ବର 2014) । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଖୋର୍ଦ୍ଧା ଏବଂ ପୁରୀରେ ଓରମାସର ଜିଲ୍ଲା ମୁଖ୍ୟମାନେ କେନ୍ଦ୍ର ନିରୀକ୍ଷଣ କରି (ମେଇ 2014) ବିଭିନ୍ନ ନିଅଣ୍ଟ ଯେପରିକି ଭବନର ଭଡ଼ା ଚୁକ୍ତିନାମା ନଥିବା, ହଷ୍ଟେଲରେ ଶଯ୍ୟା ନଥିବା, ତାଲିମ କେନ୍ଦ୍ରରେ ସିସିଟିଭି ନଥିବା ଆଦି ବିଷୟରେ ରିପୋର୍ଟ ପ୍ରଦାନ କରିଥିଲେ ।

[84] ଆର୍‌ଭିଏସ୍ ଏଜୁକେସନାଲ ଟ୍ରଷ୍ଟ ଏବଂ ଏଭରନ୍ ସ୍କିଲ୍ ଡେଭଲପ୍‌ମେଣ୍ଟ ଲିମିଟେଡ୍

କେନ୍ଦ୍ରଟି ସଂପୂର୍ଣ୍ଣ ଭାବରେ ଉପଯୁକ୍ତ ନଥିବା ସତ୍ତ୍ୱେ, ଓରମାସର କାର୍ଯ୍ୟକ୍ରମ ପରିଚାଳକ (କୌଶଳ ବିକାଶ) ପ୍ରଥମ କିସ୍ତି ପ୍ରଦାନ ପାଇଁ ଫାଇଲ୍ ଅଗ୍ରଗତି ସମୟରେ ତାଲିମ କେନ୍ଦ୍ର ଉପଯୁକ୍ତ ଥିବା ଦର୍ଶାଇଥିଲେ ଏବଂ ପ୍ରଥମ କିସ୍ତି ଦେୟ ପ୍ରଦାନ କରାଯାଇଥିଲା । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ତାଲିମ୍ ଏବଂ ନିଯୁକ୍ତି ପାଇଁ ଯଥାକ୍ରମେ 590 ଏବଂ 216 ଜଣଙ୍କ ପାଇଁ ଦାବୀ ଥିବା ସତ୍ତ୍ୱେ, ଓରମାସର ଡେସ୍କ ନିରୀକ୍ଷଣରେ ଏହି ସଂଖ୍ୟାକୁ ଯଥାକ୍ରମେ 305 ଏବଂ 84 ରୂପେ ସତ୍ୟାପନ କରାଯାଇଥିଲା । ପିଆଇଏକୁ ବନ୍ଦ କରିବାକୁ ଓରମାସ ଜାନୁଆରୀ 2017 ରେ ନୋଟିସ୍ ପଠାଇଥିଲେ ।

ସମୀକ୍ଷାର ମନ୍ତବ୍ୟକୁ ଗ୍ରହଣ କରି ବିଭାଗ ଦର୍ଶାଇଥିଲା (ଜୁନ୍ 2020) ଯେ ସାତଟି ପ୍ରକଳ୍ପକୁ ବନ୍ଦ୍ କରାଯିବା ସହିତ ନଅଟି ପିଆଇଏଙ୍କଠାରୁ 2.55 କୋଟି ଟଙ୍କା ଫେରସ୍ତ ଅଣାଯାଇଥିଲା ଏବଂ ଅନ୍ୟ ସ୍ୱଳ୍ପ ଦକ୍ଷତା ସମ୍ପନ୍ନ ପିଆଇଏଙ୍କ ଠାରୁ ଫେରସ୍ତ ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ଯାହାହେଉ, ସ୍ୱଳ୍ପ କାର୍ଯ୍ୟ ଦକ୍ଷତା ଥିବା ଅବଶିଷ୍ଟ 19 ଟି ପିଆଇଏକୁ ବନ୍ଦ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଥିଲା ଏବଂ ଏହି ସ୍ୱଳ୍ପ କାର୍ଯ୍ୟଦକ୍ଷତା ଥିବା ପିଆଇଏ ଗୁଡ଼ିକୁ ଦିଆଯାଇଥିବା ରାଶି ସହିତ ଦଣ୍ଡନୀୟ ସୁଧ ମଧ୍ୟ ଅସୁଲ କରିବା ଆବଶ୍ୟକ ଥିଲା ।

### *2.2.4.7 ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିର ବିଫଳତା*

କେନ୍ଦ୍ର ଦୁର୍ନୀତି ନିବାରଣ ଆୟୋଗର ଓଏମ୍ ଅନୁଯାୟୀ (ସେପ୍ଟେମ୍ବର 2013), ସଂସ୍ଥାରେ ଜାଲିଆତିର ସୁଯୋଗକୁ ପରିହାର କରିବାକୁ ସମ୍ବେଦନଶୀଳ ପଦ ଗୁଡ଼ିକ କ୍ଷେତ୍ରରେ ଅଧିକାରୀମାନଙ୍କର ତିନି ବର୍ଷ ପରେ ପର୍ଯ୍ୟାୟ ଭିତ୍ତିରେ ସ୍ଥାନାନ୍ତର କରାଯିବା ଆବଶ୍ୟକ । ସମୀକ୍ଷା ପରିଲକ୍ଷିତ କଲା ଯେ ଓରମାସ୍‌ର ନିର୍ବାହୀ ନିର୍ଦ୍ଦେଶକ ତାଙ୍କ ପଦରେ ସେପ୍ଟେମ୍ବର 1997 ରୁ ଜାନୁଆରୀ 2019 (21 ବର୍ଷ) ଯାଏ ରହିଥିଲେ ।

ସଂସ୍ଥାରେ ସମନ ଅଧିକାରୀଙ୍କର ଦୀର୍ଘ କାଳ ପାଇଁ ରହଣୀ, ନ୍ୟସ୍ତ ସ୍ୱାର୍ଥର ଜାଗ୍ରତ କରିବା ଆଶଙ୍କା ସୃଷ୍ଟି କରିଥାଏ ଏବଂ ସଂସ୍ଥାରେ ଅଣଯାଞ୍ଚ ପ୍ରଣାଳୀରେ ସଂଗଠିତ ଅନିୟମିତତା ପାଇଁ ଖୋରାକ ଯୋଗାଇଥାଏ । ବିଭାଗ କୌଣସି ଉତ୍ତର ଦେଇନଥିଲେ ।

## 2.2.5 ଉପସଂହାର

ଗ୍ରାମୀଣ ଯୁବାଙ୍କୁ କୌଶଳ ପ୍ରଦାନ କରିବା ଏବଂ ସେମାନଙ୍କୁ ନିୟମିତ ମାସିକ ମଞ୍ଜୁରୀରେ ଠିକା କାମ ପ୍ରଦାନ କରିବା ଉଦ୍ଦେଶ୍ୟ ନେଇ ସେପ୍ଟେମ୍ବର 2014 ରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଡିଡିୟୁଜିକେୱାଇକୁ ଓରମାସ କାର୍ଯ୍ୟାନ୍ୱୟନ କରିଥାଏ । 2014-19 ମଧ୍ୟରେ ଓରମାସ୍ 95 ପିଆଇଏଙ୍କ ମାଧ୍ୟମରେ 1.32 ଲକ୍ଷ ଏବଂ 0.97 ଲକ୍ଷ ଯୁବାଙ୍କୁ ଯଥାକ୍ରମେ ତାଲିମ ଏବଂ ନିଯୁକ୍ତି ପ୍ରଦାନ କରିଥିଲେ ।

ନିଯୁକ୍ତି ସଂକ୍ରାନ୍ତୀୟ ନଥିପତ୍ର ଏବଂ ଏମ୍ଆଇଏସ୍ ରିପୋର୍ଟର ଯାଞ୍ଚ ପରେ, ସମୀକ୍ଷା ଦେଖିବାକୁ ପାଇଲେ ଯେ ଓରମାସ ଦ୍ୱାରା ଦାବୀ କରାଯାଇଥିବା ତଥ୍ୟର ତାଲିମର 14 ପ୍ରତିଶତ[85] ଏବଂ ନିଯୁକ୍ତିର 77 ପ୍ରତିଶତ[86] ମିଥ୍ୟା ଏବଂ ମନଗଢ଼ା ଦେଖାଯାଇଥିଲା । ପିଆଇଏଙ୍କ ଦ୍ୱାରା ବହୁଳ ଭାବରେ ସନ୍ଦେହାତ୍ମକ ଜାଲିଆତି କରାଯାଇଥିବା ଫଳରେ ତାଲିମ ଓ ନିଯୁକ୍ତିର ସନ୍ତୋଷଜନକ ସଫଳତା ବିଷୟରେ ସମୀକ୍ଷା କୌଣସି ଭରସା କରିପାରି ନଥିଲା । ପିଆଇଏ ମାନେ ପ୍ରଣାଳୀରେ ଥିବା ଦୁର୍ବଳତାରେ କାରସାଦି କରିବା ଫଳରେ ଘରୋଇ

[85] ସମୀକ୍ଷା 5,160 ଜଣ ତାଲିମ ପ୍ରାପ୍ ପ୍ରାର୍ଥୀଙ୍କ ରେକର୍ଡ ଯାଞ୍ଚ କରିଥିଲା ଏବଂ 705 ଜଣଙ୍କ (14 ପ୍ରତିଶତ) କ୍ଷେତ୍ରରେ ସୁନିଶ୍ଚିତ ହୋଇପାରି ନଥିଲେ ଯେ ସେମାନଙ୍କୁ ପ୍ରକୃତରେ ତାଲିମ୍ ପ୍ରଦାନ କରାଯାଇଥିଲା ***(ଅନୁଚ୍ଛେଦ 2.2.3.3*** ରେ ଆଲୋଚିତ) ।

[86] ସମୀକ୍ଷା 607 ଜଣଙ୍କର ନିଯୁକ୍ତି ସଂକ୍ରାନ୍ତ କାଗଜପତ୍ର ଯାଞ୍ଚ୍ କରିଥିଲା ଏବଂ 465 ଜଣଙ୍କ ନିଯୁକ୍ତି କ୍ଷେତ୍ରରେ (77 ପ୍ରତିଶତ) ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ, ଇଏସ୍ଆଇସି ସଂଖ୍ୟା, ଦରମା ଚିରକୁଟ ଏବଂ ନିଯୋକ୍ତା ପ୍ରମାଣପତ୍ରରେ ଅଭାବ ପରିଲକ୍ଷିତ କରିଥିଲା (***ଅନୁଚ୍ଛେଦ 2.2.3*** ରେ ଆଲୋଚିତ)

ସଂସ୍ଥାଙ୍କୁ ଅନୁଚିତ୍ ଆର୍ଥିକ ସୁବିଧା ପ୍ରଦାନ କରାଯାଇଥିଲା ।

ଜାଲିଆତିର ଅନେକ ଗୁଡ଼ିକ ଦୃଷ୍ଟାନ୍ତ ଯେପରିକି ଜାଲ ବ୍ୟାଙ୍କ ବିବୃତ୍ତି, ମିଥ୍ୟା ଇଏସ୍ଆଇସି ସଂଖ୍ୟାର ଉପସ୍ଥାପନ ଏବଂ ଜାଲ ଦରମା ଚିରକୁଟ ଗୁଡ଼ିକ ସଂକେତ କରୁଥିଲା ଯେ ଆବଶ୍ୟକୀୟ ଆଭ୍ୟନ୍ତରୀଣ ପଦକ୍ଷେପ, ବିଶେଷତଃ ଠିକା ନିଯୁକ୍ତି ଯାଞ୍ଚ୍ ସମ୍ବନ୍ଧୀୟ, ଦକ୍ଷହୀନ ଏବଂ ପ୍ରଭାବହୀନ ଥିଲା ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଯୋଜନା ମାର୍ଗଦର୍ଶୀକାରେ ମନନ ହୋଇଥିବା ଉପଯୁକ୍ତ ପ୍ରକ୍ରିୟାକୁ ଅଣଦେଖା କରି ପରତାଳ କରାଯାଇଥିବା ପିଆଇଏଙ୍କୁ ଓରମାସ ଦ୍ୱାରା ଅନିୟମିତତ ଭାବରେ 197.05 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ପ୍ରଦାନ କରାଯାଇଥିଲା । ପୁନଶ୍ଚ, 2014-19 ମଧ୍ୟରେ ପରତାଳ କରାଯାଇଥିବା ପିଆଇଏମାନଙ୍କୁ ପ୍ରଦାନ କରାଯାଇଥିବା 237.40 କୋଟି ଟଙ୍କା ମଧ୍ୟରୁ 59.83 କୋଟି ଟଙ୍କା ଦଣ୍ଡନୀୟ ସୁଧ ସହିତ ଅସୁଲ କରାଯିବା ଆବଶ୍ୟକ ଥିଲା ।

ଅର୍ଥାତ୍, ଓରମାସ ଦ୍ୱାରା ଓଡ଼ିଶାରେ ଡିଡିୟୁଜିକେୱାଇର କାର୍ଯ୍ୟାନ୍ୱୟନ ବହୁଳ ଆଭ୍ୟନ୍ତରୀଣ ଦୁର୍ବଳ ନିୟନ୍ତ୍ରଣ ଏବଂ ସାଙ୍ଘାତିକ ଅନିୟମିତତା ସହିତ ପଙ୍କିଳ ଥିଲା ।

### 2.2.6 ସୁପାରିଶ

ସରକାର:

- ପିଆଇଏମାନଙ୍କ ଦ୍ୱାରା କରାଯାଉଥିବା ନିଯୁକ୍ତି ତଥା ତାଲିମ୍ ସମ୍ବନ୍ଧୀୟ ଦାବୀଗୁଡ଼ିକର ସତ୍ୟାସତ୍ୟ ସୁନିଶ୍ଚିତ କରିବାକୁ ସମସ୍ତ ପିଆଇଏମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଉଥିବା ସମସ୍ତ ନିଯୁକ୍ତି କାଗଜପତ୍ରର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ଆବଶ୍ୟକ ।
- ସୁନିଶ୍ଚିତ କରିବେ ଯେ ଯାଞ୍ଚ୍ ସରିଲା ପରେ ନିଯୁକ୍ତି ପ୍ରତିଶତ ପୁନଃ ହିସାବ କରାଯାଇଛି ଏବଂ ଅଧିକ ପ୍ରଦାନ କରାଯାଇଥିବା ଯେକୌଣସି ରାଶି ଦଣ୍ଡନୀୟ ସୁଧ ସହିତ ଅସୁଲ କରାଯାଇଛି ।

## 2.3 ପାଣ୍ଠିର ସନ୍ଦେହଜନକ ଅପବ୍ୟବହାର

**ମୃତ ହିତାଧିକାରୀଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା (ଓଏପି) ବଣ୍ଟନ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ଦ୍ୱାରା ବର୍ଷ ବର୍ଷ ଧରି ଟଙ୍କା ଫେରସ୍ତ ନକରିବା ଏବଂ ନଥିର କାରସାଦି କରିବା ଫଳରେ 10.72 ଲକ୍ଷ ଟଙ୍କା ସରକାରୀ ଅର୍ଥର ଅପବ୍ୟବହାର ସନ୍ଦେହ ଘେରରେ ରହିଥିଲା ।**

### *2.3.1 ମୃତ ହିତାଧିକାରୀଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା (ଓଏପି) ଅର୍ଥ ପ୍ରଦାନ*

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ହେଉଛି ଭାରତ ସରକାରଙ୍କ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଯାହା ବୃଦ୍ଧ, ବିଧବା ଏବଂ ଭିନ୍ନକ୍ଷମମାନଙ୍କୁ ସାମାଜିକ ପେନ୍ସନ୍ ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ମଧୁବାବୁ ପେନ୍ସନ୍ ଯୋଜନା (ଏମ୍ବିପିୱାଇ) ହେଉଛି, ଓଡ଼ିଶା ସରକାରଙ୍କ ଏକ ଯୋଜନା ଯେଉଁଥିରେ 60 ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ବିଧବା (ବୟସ ନିର୍ବିଶେଷରେ), ଏଡ୍ସ ରୋଗୀ ଏବଂ ବିକଳାଙ୍ଗ ବ୍ୟକ୍ତି (ଯାହାର ବାର୍ଷିକ ଆୟ 12,000 ଟଙ୍କାରୁ କମ୍) ମାନଙ୍କୁ ଭତ୍ତା ଯୋଗାଇ ଦିଆଯାଇଥାଏ । ଏନ୍ଏସ୍ଏପିର ଗାଇଡ୍ଲାଇନ୍ ଏବଂ ଏମ୍ବିପିୱାଇ ନିୟମ 2008 ଅନୁଯାୟୀ, ପ୍ରତିବର୍ଷ ଗ୍ରାମ ପଞ୍ଚାୟତ/ ପଞ୍ଚାୟତ ସମିତି ପେନ୍ନ୍ଭୋଗୀଙ୍କ ମୃତ୍ୟୁ ମାମଲାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବେ । ପୁନଶ୍ଚ, ଭତ୍ତାଭୋଗୀଙ୍କ ବାର୍ଷିକ ଯାଞ୍ଚ କ୍ଷମତାପନ୍ନ ପ୍ରାଧିକରୀଙ୍କ

ଦ୍ୱାରା ସଞ୍ଚାଳନ କରି ସୁନିଶ୍ଚିତ କରିବାକୁ ହେବ ଯେ ଭତ୍ତାଭୋଗୀ ଜୀବିତ ଏବଂ ସମସ୍ତ ସର୍ତ୍ତ ପୂରଣ କରିବା ଜାରି ରଖିଛନ୍ତି । ଭତ୍ତାଭୋଗୀଙ୍କ ମୃତ୍ୟୁ ପରେ ଭତ୍ତା ବନ୍ଦ କରାଯିବ ।

ସମୀକ୍ଷା (ଜୁଲାଇ 2018 ରୁ ମାର୍ଚ୍ଚ 2019) 317 ପଞ୍ଚାୟତ ସମିତି ମଧ୍ୟରୁ 49ଟି ଏବଂ 6,798 ଗ୍ରାମ ପଞ୍ଚାୟତ ମଧ୍ୟରୁ 268 ଟି ପେନ୍‌ସନ୍ ବିତରଣ ରେକର୍ଡ ଯାଞ୍ଚ କଲା ଏବଂ ଦେଖିଲା ଯେ 11 ପଞ୍ଚାୟତ ସମିତି[87] ଏବଂ 9 ଗ୍ରାମ ପଞ୍ଚାୟତର[88] ସଂପୃକ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନଙ୍କ[89] ଦ୍ୱାରା ମଇ 2011 ରୁ ମାର୍ଚ୍ଚ 2018 ମଧ୍ୟରେ 1,700 ହିତାଧୀକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ । ହରିଶ୍ଚନ୍ଦ୍ର ସହାୟତା ଯୋଜନାର[90] ରୋକଡ଼ ବହି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର/ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭତ୍ତା ପ୍ରଦାନ ରେକର୍ଡର ପୁନଃ ଯାଞ୍ଚ ଦ୍ୱାରା ଜଣାଗଲା ଯେ ମୃତ ସମ୍ପର୍କୀୟମାନଙ୍କୁ ଅନୁକମ୍ପାମୂଳକ ଦେୟ ପ୍ରଦାନ କରାଯାଇଛି । ସମୀକ୍ଷା ଅବଲୋକନ କଲା ଯେ 167 ଜଣ ହିତାଧିକାରୀ, ଯେଉଁମାନଙ୍କୁ 2.33 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା, ସେମାନେ ଭତ୍ତା ଦେବା ଦିନ ଜୀବିତ ନଥିଲେ । ତଥାପି, ସେମାନଙ୍କ ମୃତ୍ୟୁ ପରେ 1 ରୁ 22 ମାସ ପର୍ଯ୍ୟନ୍ତ ସେମାନଙ୍କ ନାମରେ ଭତ୍ତା ପ୍ରଦାନ ନିରବଚ୍ଛିନ୍ନ ଭାବରେ ଚାଲୁରହିଲା । ତେଣୁ ଏହି ଅର୍ଥର ଅପବ୍ୟବହାର କରାଯାଇଥିବା ସନ୍ଦେହ କରାଯାଇଥିଲା ।

ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ହିତାଧିକାରୀଙ୍କ ମୃତ୍ୟୁ ମାମଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ/ ଉପ-ଜିଲ୍ଲାପାଳଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ ନହେବା ପାଇଁ ସମ୍ଭବ ହୋଇଥିଲା । ସମୀକ୍ଷାରେ ଏହା ସୂଚିତ କରାଯାଇଛି ଯେ କୋରାପୁଟ ଏବଂ ନନ୍ଦାହାଣ୍ଡିର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ କହିଥିଲେ ଯେ 11 ଜୁନ୍ 2019 ସୁଦ୍ଧା ସଂପୃକ୍ତ କର୍ମଚାରୀଙ୍କ ଠାରୁ 0.41 ଲକ୍ଷ ଟଙ୍କା ପୁନରୁଦ୍ଧାର କରାଯାଇଛି । ସେହିପରି ଅନ୍ୟ ବିଡିଓ/ଜିପିଇଓମାନେ ନିଶ୍ଚିତ କରିଛନ୍ତି ଯେ ସେମାନେ ତଥ୍ୟଗୁଡ଼ିକ ଯାଞ୍ଚ କରିବେ ଏବଂ ଏହିପରି ଦେୟ ଅର୍ଥ ପାଇଁ ଦାୟୀ ବ୍ୟକ୍ତିଙ୍କଠାରୁ ପୁନରୁଦ୍ଧାର କରିବେ ।

### *2.3.2 ସରକାରୀ ଅର୍ଥର ଅନଧିକୃତ ଧାରଣ*

ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମ 2014 ର ଧାରା 93(2) ଅନୁଯାୟୀ, ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ/ ସରପଞ୍ଚ ସେହି ଦିନରେ ଯେଉଁ ଅର୍ଥ ଗ୍ରହଣ କରିବେ କିମ୍ବା ପ୍ରଦାନ କରିବେ, ସମସ୍ତ କାରବାରକୁ ସେହି ଦିନରେ ରୋକଡ଼ ବହିରେ ନଥିଭୁକ୍ତ କରିବେ । ଧାରା 93(4) ଅନୁଯାୟୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ) ରୋକଡ଼ ବହି ଏବଂ ହାତରେ ଥିବା ଅର୍ଥକୁ ଅତି କମରେ ମାସରେ ଥରେ ଯାଞ୍ଚ କରିବେ । ପୁନଶ୍ଚ, ଧାରା 96(3) ଅନୁଯାୟୀ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀମାନେ ପ୍ରତି ମାସରେ ପଞ୍ଚାୟତର ହିସାବ ଯାଞ୍ଚ କରିବେ, ଯଦି କୌଣସି ଅସାମଞ୍ଜସ୍ୟ, ଅନିୟମିତତା, ଆତ୍ମସାତକରଣ କିମ୍ବା ତୋଷରଫ ହୋଇଥିବେ, ସେମାନେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବେ । ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମ 2014 ଧାରା 58(2) ଅନୁଯାୟୀ, ଯାଞ୍ଚ କିମ୍ବା ଅଡିଟ୍ ସମୟରେ ଅର୍ଥ ସନ୍ତୁଳନ ଦେଖାଯାଉଥିବା ଅଭାବକୁ ଅପବ୍ୟବହାର କରାଯିବ ତେବେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଓଡ଼ିଶା ସ୍ଥାନୀୟ ପାଣ୍ଠି (ଓଏଲ୍‌ଏଫ୍) 1948 ଧାରା 9 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅପରାଧିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ।

---

87 ପଞ୍ଚାୟତ ସମିତି: ଆନନ୍ଦପୁର, ହାଟଡିହି, ବଆଁରପାଳ, ନନ୍ଦାହାଣ୍ଡି, କଟକ ସଦର, ଅନୁଗୁଳ, ତେଲକୋଇ, ନର୍ଲା, ଖଇରପୁଟ, କୋକସରା ଏବଂ ଟାଙ୍ଗୀ

88 ଗ୍ରାମ ପଞ୍ଚାୟତ: ପିପାଲପଦର, ମହାଦେଇପୁଟ, ଥୁସୁବା, ଲମତାପୁଟ, ଲଟିଗୁଡ଼ା, ଗଡ଼ପଦର, ଓଡ଼ିଆପେଣ୍ଠ ଏବଂ ଗୁଣେଇପଡ଼ା

89 କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ବଣନ ନୀରିକ୍ଷକ ଏବଂ ଗ୍ରାମ ପଞ୍ଚାୟତ ସମ୍ପ୍ରସାରମ ଅଧିକାରୀ ଇତ୍ୟାଦି

90 ଅଗଷ୍ଟ 2013 ମସିହାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିର ଗରିବ ଏବଂ ନିରାଶ୍ରୟମାନଙ୍କର ପରିବାର ସଦସ୍ୟଙ୍କ ଶେଷକୃତ୍ୟ ତଥା ମୃତ ଦେହର ଶବଦାହ ପାଇଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା ।

ଅକ୍ଟୋବର 2017 ରୁ ମାର୍ଚ୍ଚ 2019 ମଧ୍ୟରେ 11 ଟି ପଞ୍ଚାୟତ ସମିତିର 12 ଟି ଗ୍ରାମ ପଞ୍ଚାୟତରେ[91] ବାର୍ଦ୍ଧକ୍ୟ ଭତ୍ତା କ୍ୟାସ୍ ବହି ଯାଞ୍ଚରୁ ଜଣାପଡ଼ିଲା ଯେ ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ପୂର୍ବତନ ସରପଞ୍ଚ/ ନାଏବ ସରପଞ୍ଚ/ ପୂର୍ବତନ ସଂପାଦକ 5 ମାସରୁ 6 ବର୍ଷ ପର୍ଯ୍ୟନ୍ତ ଅବ୍ୟବହୃତ ପାଣ୍ଠିର 6.16 ଲକ୍ଷ ଟଙ୍କା (***ଅନୁଚ୍ଛେଦ 2.3.1***) ରଖିଥିଲେ । ଏହି ଅର୍ଥ ନଗଦ/ ସଂପାଦକଙ୍କ ପାଖରେ/ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପାଖରେ ଥିଲା ବୋଲି କ୍ୟାସ୍ ବହିରେ ଦର୍ଶାଯାଇଥିଲା । ଅଡିଟ୍ ସୂଚାଇ ଦେଇଥିଲା ଯେ ଯଦିଓ ଅଧିକାରୀମାନେ ପୂର୍ବରୁ ସ୍ଥାନାନ୍ତରିତ ହୋଇଥିଲେ କିମ୍ବା ସରକାରୀ ପଦବୀରେ ନଥିଲେ, ସେମାନଙ୍କର ଉତ୍ତରାଧିକାରୀଙ୍କୁ 6.16 ଲକ୍ଷ ଟଙ୍କା ହସ୍ତାନ୍ତର କରାଯାଇ ନଥିଲା । ପୁନଶ୍ଚ, (ଉପରୋକ୍ତ ନିୟମ ଅନୁଯାୟୀ) ସଂପୃକ୍ତ ବ୍ଲକଗୁଡ଼ିକର ଗ୍ରାମ ପଞ୍ଚାୟତ ଅଧିକାରୀମାନେ ଗ୍ରାମ ପଞ୍ଚାୟତର ହିସାବ ଯାଞ୍ଚ କରିନଥିଲେ । ଜୁଲାଇ 2020 ସୁଦ୍ଧା ସେମାନଙ୍କଠାରୁ ଏହି ଅର୍ଥ ଫେରସ୍ତ ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ।

